MSME
UDYAM-OD-13-0044620

ତ୍ରୈ-ମାସିକ ଇ-ପତ୍ରିକା

# ନବପ୍ରଭା

ଏକ ନୂତନ ସକାଳର ଅଥ୍ରମାରମ୍ଭ...

ମାର୍ଚ୍ଚ - ୨୦୨୬ ସଂକଳନ

"ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ ।
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ୟ୍ୟେଷୁ ସର୍ବଦା ।।"

# ମହ୍ଲାର

## ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



"ମହ୍ଲାର" ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା ,
ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ
ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..
ଓଡ଼ିଶାରେ ଏମିତି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି
ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ
ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ "ମହ୍ଲାର" କୁ ଭେଟି ଦେଉଛୁ ....

ଏହା ସମ୍ପୂର୍ଣ୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିଥର ଏହାର ଲେଖା ଦାଖଲ କରିବାର ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ, ସେହି ଫର୍ମାଟ ମାଧ୍ୟମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ଦ୍ୟେଶ ...

-: ଶିଶିର କୁମାର ସାମଲ
( ପ୍ରତିଷ୍ଠାତା / ମୁଖ୍ୟ ସମ୍ପାଦକ : ମହ୍ଲାର ଇ-ପତ୍ରିକା )





# ପାଠକୀୟ ମତାମତ



ତ୍ରୈମାସିକ ମହ୍ଲାର ଇ-ପତ୍ରିକା "ସ୍ମୃତି ତୀର୍ଥ" ନବବର୍ଷର ଏକ ସମୃଦ୍ଧ ସାରସ୍ୱତ ଉପହାର। ପତ୍ରିକାର ମନଲୋଭା ପ୍ରଛଦ ସହିତ ସାରସ୍ୱତ ପ୍ରତିଭା ମାନଙ୍କର ବିଭିନ୍ନ ରୁଚିର ପ୍ରଭାବଶାଳୀ ଏବଂ ଉପାଦେୟ ଲେଖାମାନ ପତ୍ରିକାକୁ ଆହୁରି ସରସ ସୁନ୍ଦର ଏବଂ ସୌମ୍ୟ ସୁମଞ୍ଜୁଳ କରି ବାଣୀ ଭଣ୍ଡାରକୁ ଶ୍ରୀ ମଣ୍ଡିତ କରିପାରିଛି। ମହ୍ଲାର ପରିବାର ର ବଳିଷ୍ଠ ମାନସିକତା ଏବଂ ବଦାନ୍ୟତା ନିକଟରେ ମୁଁ ସଦା କୃତଜ୍ଞ ।

ବେଣୁଧର ସୂତାର
(କେଶଦୁରାପାଳ, କେନ୍ଦୁଝର)

ପ୍ରିୟ ପତ୍ରିକା ମହ୍ଲାର'ର ଡିସେମ୍ବର ସଂସ୍କରଣ ପଢିବାର ସୁଯୋଗ ପାଇଲି । "ସ୍ମୃତିତୀର୍ଥ" କୁ ନେଇ ମାସିକ ପତ୍ରିକାର କଳେବର କଳ୍ପନା ଓ ତାହାର କ୍ରିୟାନୟନ ବାସ୍ତବରେ ସାହିତ୍ୟ ପୃଥିବୀ ପାଇଁ ହିତକର ବାର୍ତ୍ତା ଓ ପ୍ରେରଣାଦାୟୀ ମୂହୁର୍ତ୍ତ। ଆପଣମାନଙ୍କ ଅଣୁ ଅଣୁ ମିଠା ସହଯୋଗରେ "ସ୍ମୃତିତୀର୍ଥ" ର କାରୁକାର୍ଯ୍ୟ ଭରା କୋଣାର୍କ ଅନୁପମ ଶୋଭାରାଜିରେ ଭରା । ପ୍ରତ୍ୟେକ ସୃଷ୍ଟି ଓ ସ୍ରଷ୍ଟା ଏଇ ସଂସ୍କରଣରେ ଆପଣଙ୍କ ମୁଠାକୁ ସଶକ୍ତ କରିଛନ୍ତି ସେମାନଙ୍କ ପ୍ରତିଶ୍ରୁତି ଭରା ଲେଖନୀ ଚାଳନାରେ । ପ୍ରତ୍ୟେକ କବିତାର ପ୍ରଚ୍ଛଦପଟ ଚିତ୍ର କବିତା ଗୁଡିକର ମାନକୁ ବହୁଗୁଣିତ କରୁଛି ଯାହାର ହକଦାର ମହ୍ଲାର ପତ୍ରିକାର କର୍ମକର୍ତ୍ତା ମାନେ ନିଃସନ୍ଦେହରେ। ଏକ ଅନନ୍ୟ ଉପଲବ୍ଧି ହେଲା ଆପଣ ମାନଙ୍କ କବିତା ଚୟନର ନିରପେକ୍ଷତାକୁ ଦେଖି । ବାସ୍ତବରେ ଆପଣ ମାନେ ଗୁଣଗ୍ରାହୀ ନହେଲେ ଏ ଚୟନରେ ଏତେ ସ୍ୱଚ୍ଛତା ଆସିଥାନ୍ତା କେମିତି? ଆଗକୁ ଆହୁରି ନୂଆ ନୂଆ କାର୍ଯ୍ୟକ୍ରମକୁ ହାତକୁ ନେଇ ସାରସ୍ୱତ ଆକାଶରେ ମେଘ ମହ୍ଲାର ସୃଷ୍ଟି କରନ୍ତୁ ଓ ଶ୍ରଦ୍ଧା ଭାଜନ ହୁଅନ୍ତୁ ଏତିକି ଶ୍ରଦ୍ଧା ଓ ଶୁଭ କାମନା। ମୋତେ ସାମିଲ କରିଥିବାରୁ ଆପଣ ମାନଙ୍କ ସାହିତ୍ୟର ପରିଧି ଭିତରେ ଆନ୍ତରିକ କୃତଜ୍ଞତା ଜଣାଉଛି ।

ସୁଜିତ କୁମାର ମିଶ୍ର.
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର.

"ମହ୍ଲାର" ଇ_ପତ୍ରିକା ସୃଷ୍ଟି ଅନବଦ୍ୟ ସୃଷ୍ଟି।

"ବଣମଲ୍ଲୀ" ବଣରେ ଫୁଟି ମଉଳିଲା ପରି ପ୍ରତ୍ୟେକ ବ୍ୟକ୍ତି ପାଖରେ ଥିବା ପ୍ରତିଭା ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଥାଏ। କିନ୍ତୁ ଆପଣଙ୍କର ମହ୍ଲାର " ଇ_ପତ୍ରିକା ମାଧ୍ୟମରେ ପ୍ରତ୍ୟେକ କୋଣ ଅନୁକୋଣରେ ଥିବା କବି, ସାହିତ୍ୟିକ ଓ ଗାଳ୍ପିକ ମାନଙ୍କର ପ୍ରତିଭାକୁ ଆପଣ ଲୋକାଭିମୁଖୀ କରି ସେମାନଙ୍କ ଭିତରେ ଥିବା ପ୍ରତିଭା ପ୍ରସ୍ଫୁଟିତ କରିପାରୁଛନ୍ତି। ଏହି ଅନୁଷ୍ଠାନ ମାଧ୍ୟମରେ ପ୍ରତ୍ୟେକ ପାଠକଙ୍କ ନିକଟକୁ ପହଞ୍ଚାଇବାର ଶ୍ରେଷ୍ଠ ଉତ୍ସ ହୋଇପାରିଛନ୍ତି। ଏହା ଏକ ଅଭିନବ ପ୍ରୟାଶ। ପ୍ରତିଟି ଲେଖା ଅନୁଷ୍ଠାନ ମାଧ୍ୟମରେ ଆଗକୁ ବଢିବାର ଦିଗ୍ ଦର୍ଶନ। ସମସ୍ତ ଲେଖକ ଲେଖିକା ମାନଙ୍କର ମନର ଭାବକୁ ସର୍ବସମ୍ମୁଖରେ ପହଞ୍ଚାଇ ପାରୁଛନ୍ତି। ଆପଣଙ୍କର ଏହି ଲୋକପ୍ରିୟ ଅନୁଷ୍ଠାନସହ ମୁଁ ଜଡ଼ିତ। " ମହ୍ଲାର " ଇ_ପତ୍ରିକାରୁ ଅନେକ ଲେଖା ପାଠ କରିବାର ସୁଯୋଗ ଆପଣ ମୋତେ ଦେଇଛନ୍ତି। ବହୁ ଶିକ୍ଷଣୀୟ ସୂଚନା ମିଳିଲା। ବିଭିନ୍ନ ପ୍ରକାରର କବିତା, ଗଳ୍ପ, ପ୍ରବନ୍ଧ ଏହି ପତ୍ରିକାରେ ସ୍ଥାନିତ ହୋଇଛି।ଓଡ଼ିଆ ଭାଷାର ପ୍ରଗତି ପାଇଁ ଆପଣ ଙ୍କ ର ପ୍ରୟାଶ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ।

"ମହ୍ଲାର " ଇ_ପତ୍ରିକାର ସମ୍ପାଦକ ମହୋଦୟ ତଥା ସମସ୍ତ ସଦସ୍ୟ ମାନଙ୍କୁ ମୋର ସାରସ୍ବତ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

ସୁଭାଗିନୀ ସିଂହ
ବଡଝରା ସରକାରୀ ଉ.ପ୍ରା ବିଦ୍ୟାଳୟ, ପର୍ଜଙ୍ଗ,ଢେଙ୍କାନାଳ




- "ମହ୍ଲାର ଇ-ପତ୍ରିକା" ଦ୍ୱାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା |
- ଯଦି ଲେଖାରେ କିଛି ତ୍ରୁଟି କିମ୍ବା ନକଲ ହୋଇଥାଏ ସେଥିପାଇଁ ଆମ ମହ୍ଲାର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି , ଲେଖା ପଠାଇଥିବା ଲେଖକ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ |

*ନମସ୍କାର,*

ପୁଣିଥରେ ଆମର ଇ-ପତ୍ରିକା "ମହ୍ଲାର" ର ୧୩ତମ ସଂସ୍କରଣ "ନବପ୍ରଭା" କୁ ଆପଣ ମାନଙ୍କୁ ଭେଟିଦେଉଛୁ. ଯାହାକି କିଛି ବିଶେଷ ଓ ଆକର୍ଷଣୀୟ ରୂପରେ | ଆଶାକରୁ ଏହା ଅନେକ ଓଡ଼ିଆ କୁ ଭଲପାଉଥିବା ପାଠକ ଓ ପାଠିକାଙ୍କ ହୃଦୟକୁ ନିଶ୍ଚିତ ରୂପେ ଛୁଇଁବ |

ଏହି ସଂସ୍କରଣରେ ମୋଟ ୯୭ଟି ଲେଖା ସ୍ଥାନ ପାଇଛି | ସେଥି ମଧ୍ୟରୁ ୧୩ଟି ପ୍ରବନ୍ଧ ଏବଂ ୮୪ ଟି କବିତା ରହିଛି .

## -: ଯୋଗାଯୋଗ :-

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା

Www.MalharOdia.Com

malharmagazine@gmail.com

8328951229

malhar_magazine/

malharmagazine/

malhar_entertainment

*ନମସ୍କାର,*

*"ମହ୍ଲାର" ଇ-ପତ୍ରିକାର ୧୩ ତମ ସଂସ୍କରଣ "ନବପ୍ରଭା" ଆପଣଙ୍କୁ କେମିତି ଲାଗିଲା, କମେଣ୍ଟ ମାଧ୍ୟମରେ ଆପଣଙ୍କର ମୂଲ୍ୟବାନ ମତାମତ ଦେବାକୁ ଆଦୌ ଭୁଲିଯିବେ ନାହିଁ...*

*"ନବପ୍ରଭା" ସଂସ୍କରଣର ମତାମତ ଦେବା ନିମନ୍ତେ :-*

malharmagazine@gmail.com

8328951229 malhar_magazine/

# ମହ୍ଲାର

## ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ମୁଖ-ବନ୍ଧ



ତ୍ରିନାଥ ନନ୍ଦୀ.
(ସଂଯୋଜକ, ମହ୍ଲାର ଇ-ପତ୍ରିକା)

।। ଜୟ ଶ୍ରୀ ଜଗନ୍ନାଥ ।।

।।ନିଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ।।

" ନବପ୍ରଭା "ଏକ ନୂଆ ଆଲୋକର ଆରମ୍ଭ । ପ୍ରଚଳିତ ବାର୍ଷିକ କ୍ୟାଲେଣ୍ଡର ର ପୁନଃ ପ୍ରଚଳନ ଏବଂ ବର୍ଷ ୨୦୨୬ ଆରମ୍ଭ ଏବଂ ଆଗତ ନବ ବର୍ଷ ପଣା ସଂକ୍ରାନ୍ତି ଅବସରରେ ଆପଣ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ମହ୍ଲାର ଇ-ପତ୍ରିକା ୨୦୨୬ ର ପ୍ରଥମ ତ୍ରୈମାସିକ ପତ୍ରିକା ଆପଣମାନଙ୍କୁ ଭେଟି ଦେଉଛି । ଯେପରି ଏକ ପରିବାରରେ ଏକାଧିକ ପୁଅ ଥିଲେ ତାଙ୍କୁ ଆମେ ୟାଙ୍କ ପୁଅ ବୋଲି ସାଧାରଣରେ କହିଲେ ମଧବ୍ୟକ୍ତି କୈନ୍ଦ୍ରିକ କରି ବଡ଼ପୁଅ , ମଝିଆଁ ପୁଅ ସାନ ପୁଅ ବୋଲି ସମ୍ବୋଧନ କରୁ, ସେଇ କ୍ରମରେ ଆମ ପତ୍ରିକାର ସାଧାରଣ ଭାବେ ମହ୍ଲାର ଇ-ପତ୍ରିକା ଭାବେ ପରିଚିତ। ଏବଂ ବ୍ୟକ୍ତି କୈନ୍ଦ୍ରିକ ଭାବେ ତ୍ରୈମାସିକ ପତ୍ରିକା ମାନର ନାଁ ବଦଳେଇଥାଉ । ସେଇ କ୍ରମରେ ଏ ସଂସ୍କରଣର ପରିଚୟ "ନବପ୍ରଭା" ।

ସମୟ କେବଳ ଘଡ଼ିର କାଠିରେ ବନ୍ଧା ନୁହେଁ; ସମୟ ମଣିଷର ଚିନ୍ତାରେ, ଚେତନାରେ ଓ ସୃଜନଶୀଳତାରେ ବହି ଚାଲିଥାଏ। ସମୟର ଏହି ଅବିରତ ସ୍ରୋତ ମଧ୍ୟରେ କେବେ କେବେ ଜନ୍ମ ନେଇଥାଏ ଏକ ନୂଆ ଆଲୋକ , ଯାହା ପୁରୁଣା ଅନ୍ଧକାରକୁ ଭେଦ କରି ଆଗକୁ ପଥ ଦେଖାଏ। ମହ୍ଲାର ଇ-ପତ୍ରିକାର "ନବପ୍ରଭା" ସଂସ୍କରଣ ସେହି ନୂଆ ଆଲୋକ ମାନଙ୍କୁ ଏକତ୍ରିତ କରିବାର ପ୍ରୟାସ। ଏହା ଆମର ସାର୍ଥକ ହୋଇଛି କି ନାହିଁ ତାହା ପାଠକେ ବିଚାର କରିବେ ।

ନବପ୍ରଭା କେବଳ ଏକ ଶବ୍ଦ ନୁହେଁ ଏହା ଏକ ଦୃଷ୍ଟି, ଏକ ଦାୟିତ୍ୱ ଓ ଏକ ସୃଜନାତ୍ମକ ସଂକଳ୍ପ। "ନବ" ଅର୍ଥ ନୂଆ, ପରିବର୍ତ୍ତନଶୀଳ ଓ ସଚେତନ; "ପ୍ରଭା" ଅର୍ଥ ଆଲୋକ, ଆଶା ଓ ପଥପ୍ରଦର୍ଶନ। ଏହି ଦୁଇଟି ଶବ୍ଦ ଏକାଠି ହୋଇ ଯେଉଁ ଅର୍ଥ ଗଢ଼ି ତୋଳେ, ସେହି ଅର୍ଥ ହେଉଛି ନୂଆ ସମୟରେ ନୂଆ ଚିନ୍ତାକୁ ଆଲୋକିତ କରିବା।ଆଜିର ସମାଜ ଏକ କ୍ରାନ୍ତିକାଳରେ ଧାଆଁଦଉଡ ମଧ୍ୟରେ ଆଗେଇଛି । ଆଧୁନିକତା, ବିଶ୍ୱୀକରଣ, ପ୍ରଯୁକ୍ତିର ବିକାଶ ଓ ସୂଚନା ବିସ୍ଫୋରଣ ମଧ୍ୟରେ ମଣିଷର ଜୀବନ ଅଧିକ ସହଜ ହେବା ସହିତ ସହିତ ଅଧିକ ଜଟିଳ ମଧ ହୋଇପଡ଼ିଛି। ଏହି ପରିବର୍ତ୍ତିତ ସମୟରେ ସାହିତ୍ୟ ଓ ମାଧ୍ୟମର ଭୂମିକା କେବଳ ମନୋରଞ୍ଜନରେ ସୀମିତ ନୁହେଁ; ଏହା ସମାଜକୁ ଦିଗଦର୍ଶନ ଦେବା, ସଚେତନ କରିବା ଓ ସଂବେଦନଶୀଳତାକୁ ଜାଗ୍ରତ କରିବାର ଏକ ମାଧ୍ୟମ ।

ମହ୍ଲାର ଇ-ପତ୍ରିକା ଆରମ୍ଭ ଦିନରୁ ଏହି ଦାୟିତ୍ୱକୁ ବହନ କରି ଆଗେଇ ଆସିଛି। ଏହା କେବଳ ଏକ ନିର୍ଦ୍ଦିଷ୍ଟ ଭାବ କେନ୍ଦ୍ରିକ ପତ୍ରିକା ନୁହେଁ; ଏହା ମୁକ୍ତ ଚେତନା, ସମାଜ ଚିନ୍ତା ଓ ସୃଜନଶୀଳ ଅଭିବ୍ୟକ୍ତିର ଏକ ଖୋଲା ମଞ୍ଚ। "ନବପ୍ରଭା" ସଂସ୍କରଣରେ ଆମେ ସେହି ଚେତନାକୁ ଆହୁରି ବିସ୍ତୃତ ଓ ଗଭୀର କରିବାକୁ ଚେଷ୍ଟା କରିଛୁ। ସ୍ରଷ୍ଟା ର ସୃଜନ ଯେପରି ପୃଷ୍ଠା ମଧ୍ୟରେ ସୀମାରେ ବନ୍ଧା ନ ରହୁ ; ସେ ସମାଜ, ରାଷ୍ଟ୍ର ଓ ବିଶ୍ୱର ପ୍ରତ୍ୟେକ କ୍ଷେତ୍ରରେ ନିଜର ଦୃଢ଼ ଉପସ୍ଥିତି ପ୍ରମାଣ କରୁ। ଏହି ଧାରାରେ ପରଦା ପଛରେ ଏଯାଁ ମଧ୍ୟ ଅନେକ ଅଦୃଶ୍ୟ ସଂଘର୍ଷ, ଅନୁକଥା ଓ ଅବ୍ୟକ୍ତ ଯନ୍ତ୍ରଣା ଲୁଚି ରହିଛନ୍ତି। "ନବପ୍ରଭା" ସେଇ ଅନୁକଥାକୁ ଆଲୋକରେ ଆଣିବାର ଏକ ସାହସୀ ପ୍ରୟାସ।

ଏହି ସଂସ୍କରଣରେ ସାହିତ୍ୟ, ସମାଜ, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ନାରୀଜୀବନ ସହ ସମ୍ପୃକ୍ତ ବିଭିନ୍ନ ଲେଖା, କବିତା, ଗଳ୍ପ, ପ୍ରବନ୍ଧ ଓ ଅନୁଭୂତିମୂଳକ ରଚନା ସ୍ଥାନ ପାଇଛି। ପ୍ରତ୍ୟେକ ସ୍ରଷ୍ଟା ନିଜ ନିଜ ସୃଷ୍ଟି ନିଜ ନିଜ ଭାବରେ ସମୟର ସତ୍ୟକୁ ଉଜାଗର କରିବାକୁ ଚେଷ୍ଟା କରିଛନ୍ତି। ଆଜିର ଯୁବପିଢ଼ୀ ସ୍ୱପ୍ନ ଦେଖୁଛି, ପ୍ରଶ୍ନ କରୁଛି, ଏବଂ ପରମ୍ପରାକୁ ନୂଆ ଭାବରେ ବୁଝିବାକୁ ଚାହୁଁଛି। ସେମାନଙ୍କ ଚିନ୍ତାଧାରାରେ କେବେ କେବେ ଅସ୍ଥିରତା ଥାଏ, କିନ୍ତୁ ସେହି ଅସ୍ଥିରତା ମଧ୍ୟରେ ଲୁଚି ରହିଥାଏ ଏକ ନୂଆ ସମ୍ଭାବନା। "ନବପ୍ରଭା" ସଂସ୍କରଣ ସେଇ ସମ୍ଭାବନାକୁ ସ୍ୱୀକାର କରି, ତାହାକୁ ସଠିକ୍ ଦିଗରେ ନେବାକୁ ଚେଷ୍ଟା କରେ।

ସାହିତ୍ୟର ସତ୍ୟ ଶକ୍ତି ତାହାର ସଂବେଦନଶୀଳତାରେ। ଏହା ମଣିଷକୁ ମଣିଷ ସହ ଯୋଡ଼ିଥାଏ, ଯନ୍ତ୍ରଣାକୁ ଭାଷା ଦେଇଥାଏ, ଓ ଆଶାକୁ ଶବ୍ଦର ଆକାର ଦେଇଥାଏ। ଏହି ସଂସ୍କରଣରେ ସେଇ ସଂବେଦନଶୀଳତାକୁ ପ୍ରାଧାନ୍ୟ ଦିଆଯାଇଛି ଯାହା ପାଠକଙ୍କୁ କେବଳ ପଢ଼ିବାକୁ ନୁହେଁ, ଭାବିବାକୁ ମଧ୍ୟ ବାଧ କରିବ। ଡିଜିଟାଲ ଯୁଗରେ ଇ-ପତ୍ରିକାର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ଏହା ଭୌଗୋଳିକ ସୀମାକୁ ଭାଙ୍ଗି ଚିନ୍ତାକୁ ସମଗ୍ର ବିଶ୍ୱରେ ପହଞ୍ଚାଇ ପାରୁଛି। ମହ୍ଲାର ଏହି ସୁଯୋଗକୁ ବ୍ୟପକ କରି ଓଡ଼ିଆ ସାହିତ୍ୟ ଓ ଚିନ୍ତା ଚେତନାକୁ ବିଶ୍ୱ ମଞ୍ଚରେ ପରିଚିତ କରାଇବାର ଏକ ସଂକଳ୍ପ ନେଇଛି।

"ନବପ୍ରଭା" ସଂସ୍କରଣ କେବଳ ଏକ ସାହିତ୍ୟିକ ପ୍ରୟାସ ନୁହେଁ; ଏହା ଏକ ସାମୂହିକ ଯାତ୍ରା ଲେଖକ, ସମ୍ପାଦକ ଓ ପାଠକଙ୍କ ମଧ୍ୟରେ ଏକ ଭାବନାତ୍ମକ ସେତୁ। ପାଠକଙ୍କର ପ୍ରତିକ୍ରିୟା, ଆଲୋଚନା ଓ ସୁପାରିଶ ଆମ ପାଇଁ ସବୁଠାରୁ ବଡ଼ ପ୍ରେରଣା। ଆମର ଆଶାଏହି ସଂସ୍କରଣ ପାଠକଙ୍କ ମନରେ ନୂଆ ପ୍ରଶ୍ନ ଜନ୍ମ ଦେବ, ନୂଆ ଚିନ୍ତାକୁ ଉତ୍ସାହିତ କରିବ ଓ ସକାରାତ୍ମକ ପରିବର୍ତ୍ତନ ପାଇଁ ପ୍ରେରଣା ଦେବ। ଯଦି "ନବପ୍ରଭା"ର  ସୃଷ୍ଟି ମାନ କାହାର ମନକୁ ସ୍ପର୍ଶ କରିପାରିବ, ତେବେ ଆମର ପ୍ରୟାସ ସାର୍ଥକ ହେବ।

ଶେଷରେ, ଏହି ସଂସ୍କରଣ ପ୍ରସ୍ତୁତିରେ ଯେଉଁ ସମସ୍ତ ଲେଖକ, ସହଯୋଗୀ, ପରାମର୍ଶଦାତା ଓ ପାଠକ ଆମ ସହ ରହିଛନ୍ତି, ସେମାନଙ୍କୁ ହୃଦୟର ଗଭୀରତମ ସ୍ଥାନରୁ ଧନ୍ୟବାଦ। ଆପଣମାନଙ୍କର ସ୍ନେହ, ସମର୍ଥନ ଓ ଆସ୍ଥା ହେଉଛି ମହ୍ଲାର ଇ-ପତ୍ରିକାର ସବୁଠାରୁ ବଡ଼ ଶକ୍ତି। ଆସନ୍ତୁ, ଏହି "ନବପ୍ରଭା" ସଂସ୍କରଣ ସହ ଆମେ ସମସ୍ତେ ମିଶି ଆଗକୁ ଚାଲିବା ନୂଆ ଆଲୋକ, ନୂଆ ଚିନ୍ତା ଓ ନୂଆ ଆଶାକୁ ସାଥି କରି।

-: ତ୍ରିନାଥ ନନ୍ଦୀ.

(ସଂଯୋଜକ, ମହ୍ଲାର ଇ-ପତ୍ରିକା)



ଆଜିର ଦ୍ରୁତଗତି ସମାଜରେ  ମଣିଷର ମନକୁ ସ୍ଥିରତା ଓ ସଚେତନତା ନିହାତି ଜରୁରୀ। ସେଥିପାଇଁ ଓଡ଼ିଆ ସାହିତ୍ୟ ଏକ ମାଧମ ।ଆଉ ଏଥିରୁ ମହ୍ଲାର ଇ-ପତ୍ରିକା ବାଦ୍ ପଡ଼ନ୍ତା କେମିତି। ପତ୍ରିକାର ଏହି ସଂସ୍କରଣରେ ଆମେ ନୂଆ ଓ ପୁରୁଣା ଚିନ୍ତାଧାରାର ସମନ୍ୱୟ ସହିତ ସାହିତ୍ୟ, ସଂସ୍କୃତି ଓ ସମାଜଜୀବନ ସଂପର୍କିତ ଚିନ୍ତନମୂଳକ ଲେଖାଗୁଡ଼ିକୁ ସମାବେଶ କରିଛୁ। ପାଠକମାନେ ଏହାରୁ ଜ୍ଞାନ, ଆନନ୍ଦ ଓ ପ୍ରେରଣା ପାଇବେ ବୋଲି ଆମର ଆଶା। ମହ୍ଲାର ଇ-ପତ୍ରିକା  ଓଡ଼ିଆ ଭାଷା ଓ

କ୍ଷୀରାବ୍ଧି ଦାସ.
(ସହ-ସମ୍ପାଦିକା, ମହ୍ଲାର ଇ-ପତ୍ରିକା)

ସାହିତ୍ୟ କୁ ସବୁ ସମୟରେ ପ୍ରୋତ୍ସାହନ କରି ଆସିଛି ଏବଂ ଆଗକୁ ମଧ କରିବ। ନୂଆ ପ୍ରତିଭା ମାନଙ୍କୁ ମାର୍ଗଦର୍ଶନ କରିବା ଓ ଅନୁଭବୀ ଲେଖକ ଲେଖିକା ମାନଙ୍କୁ ଅନୁପ୍ରାଣୀତ କରିବା ହିଁ ଏହି ସଂସ୍କରଣ ର ମୁଖ୍ୟ ଉଦ୍ଦେଶ୍ୟ।

ପରିଶେଷରେ ମହ୍ଲାର ଇ-ପତ୍ରିକାର ସମସ୍ତ କାର୍ଯ୍ୟକର୍ତ୍ତା ଓ ପ୍ରତ୍ୟେକ ଲେଖକ ଲେଖିକା ମାନଙ୍କୁ ହୃଦୟ ରୁ ଶୁଭେଛା ଓ ଅଭିନନ୍ଦନ। ସମସ୍ତଙ୍କର ସାହିତ୍ୟ ପ୍ରତି ଗଭୀର ଆଗ୍ରହ ହିଁ ଏ ସଙ୍କଳନ କୁ ଆଲୋକିତ କରିଛି। ଆଶା ସମସ୍ତ ଶ୍ରଦ୍ଧାଶିଳ ପାଠକ ପାଠିକା ନିହାତି ସେମାନଙ୍କ ମୂଲ୍ୟବାନ ମତାମତ ଦେଇ ଉପକୃତ କରିବା ହେବେ।

-: କ୍ଷୀରାବ୍ଧି ଦାସ.

(ସହ-ସମ୍ପାଦିକା, ମହ୍ଲାର ଇ-ପତ୍ରିକା)

# ସୂଚୀ-ପତ୍ର


| କ୍ରମ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ବିଭାଗ | ପୃଷ୍ଠା. |
|---|---|---|---|---|
| ୦୧ | ଧିରୋଜ କୁମାର ପାତ୍ର | ପାର୍ବଣ ପାର୍ବଣ ବାସେ | କବିତା | ୧୩ |
| ୦୨ | ଅଲିଶା ବି.ମହାରଣା | ସେ ଝିଅଟା ଆଜି ବଡ ହେଇଯାଇଛି | କବିତା | ୧୪ |
| ୦୩ | ଲକ୍ଷ୍ମୀଧର ଯେନା | ଜୋଛନା କି ଛାଡିପାରେ ଜହ୍ନକୁ' | କବିତା | ୧୬ |
| ୦୪ | ସୁଶାନ୍ତ କୁମାର ସାସମଲ | କ୍ଷୀର ସାଗରର ନୀରବତାରେ ଶୟନର ରହସ୍ୟ | କବିତା | ୧୭ |
| ୦୫ | ଶୁଭଶ୍ରୀ ଶୁଭସ୍ମିତା | ସ୍ୱୟଂସିଦ୍ଧା | କବିତା | ୧୯ |
| ୦୬ | ଶିକ୍ସାଲିପି ବେହେରା | କଲମ | କବିତା | ୨୦ |
| ୦୭ | ସୁଭଦ୍ରା ସାହୁ | ଭାରି ଅଭିମାନୀ ଟିଏ ମୁଁ | କବିତା | ୨୧ |
| ୦୮ | ସୁଭାଗିନୀ ସିଂହ | ପୂଣ୍ୟତୋୟା ମହୋଦଧି | କବିତା | ୨୨ |
| ୦୯ | ପ୍ରତିମା ପାତ୍ର | ଇଏ କେମିତିକା ନ୍ୟାୟ | କବିତା | ୨୪ |
| ୧୦ | ଅଜୟ କୁମାର ମହାନ୍ତି | ଚୁନା ଚୁନା ତାରାଫୁଲ | କବିତା | ୨୫ |
| ୧୧ | ସୁନନ୍ଦା ମହାନ୍ତି | ମୋ'ମାଆ କୋଳ | କବିତା | ୨୬ |
| ୧୨ | ସୁଷମା ହୋତା | ଦେବ ଦେବ ମହାଦେବଙ୍କ ଜାଗର | ପ୍ରବନ୍ଧ | ୨୮ |
| ୧୩ | ମିର୍ଜା ସନୁଅର ବେଗ | କାକର ର ଏକ ବୋତଲ | ପ୍ରବନ୍ଧ | ୩୦ |
| ୧୪ | ଶିବାନୀ ଦାସ୍ | ବାପା | କବିତା | ୩୩ |
| ୧୫ | ସ୍ୱାତିଶ୍ରୀ ପରିଜା | ସତେଜ କ୍ଷତ ଓ ପୁରୁଣା କ୍ଷତ | ପ୍ରବନ୍ଧ | ୩୪ |
| ୧୬ | ହରପ୍ରିୟା ସାହୁ | ଭଗବାନ ଦେଉଥିବା ଦୁଃଖ ପଛର ଭୂମିକା | ପ୍ରବନ୍ଧ | ୩୫ |
| ୧୭ | ସତ୍ୟବ୍ରତ ବେହେରା | ତୁମେ ଦୂର ଆକାଶରେ ଜହ୍ନ | କବିତା | ୩୯ |
| ୧୮ | ଦିବ୍ୟଦର୍ଶନ ବିଶ୍ୱାଳ | ବାର୍ଦ୍ଧକ୍ୟ ଭତ୍ତା | କବିତା | ୪୦ |
| ୧୯ | ସ୍ୱର୍ଣ୍ଣ ରଥ ମହାପାତ୍ର | ଶଶ୍ମାନ | କବିତା | ୪୧ |
| ୨୦ | ବିକ୍ରମାଦିତ୍ୟ ପୁରୋହିତ | ତେଲିଆ ମୁଣ୍ଡରେ ତେଲ | କବିତା | ୪୨ |

| | | | | |
|---|---|---|---|---|
| ୨୧ | ପ୍ରତିମା ଶତପଥି | ଶହୀଦ' ବୀର ବାଜି ରାଉତ | କବିତା | ୪୩ |
| ୨୨ | ସୁଶ୍ରୀ ରୁପାଲି ପଲେଇ | ଗଲାଣି ବୃତି, ନାହିଁ ସଂସ୍କୃତି | କବିତା | ୪୫ |
| ୨୩ | ବିକାଶ ରଞ୍ଜନ ନାୟକ | ଫେରିଆସ ବାପା | କବିତା | ୪୬ |
| ୨୪ | ପାରଦ କୁମାର ପାଢୀ | ଦୁଃଖ, ସୁଖ | କବିତା | ୪୭ |
| ୨୫ | ସୀମାଞ୍ଚଳ ପଣ୍ଡା | ବୟସ୍କଙ୍କୁ ବୋଝ, କଦାପି ନ'ବୁଝ | କବିତା | ୪୮ |
| ୨୬ | ପ୍ରଶାନ୍ତ କୁମାର ଜେନା | ଲୁହର ସମୀକରଣ | କବିତା | ୪୯ |
| ୨୭ | ଆଶିଷ କୁମାର ସାହୁ | ନ'ପାରିଲେ ଆବଶ୍ୟକତା ପୂର୍ଣ୍ଣ କରି | କବିତା | ୫୦ |
| ୨୮ | ରଞ୍ଜନ ଗୌଡ଼ | ତ୍ରିରଙ୍ଗା | କବିତା | ୫୧ |
| ୨୯ | ଜିତେନ୍ଦ୍ର ସାହୁ | ପୁଣ୍ୟତୋୟା ଋଷିକୂଲ୍ୟାର ଦେଶ | କବିତା | ୫୩ |
| ୩୦ | ଶୁଭଙ୍କର ସାହୁ | ଅକୁହା ପ୍ରେମ | କବିତା | ୫୪ |
| ୩୧ | ଦୁର୍ଗା ଚରଣ ମଲ୍ଲ | ମୁଁ କବିତା କାହିଁକି ଲେଖେ ? | କବିତା | ୫୫ |
| ୩୨ | ଦେବବ୍ରତ ସ୍ୱାଇଁ | ହାଟ | କବିତା | ୫୬ |
| ୩୩ | ଅସିତ ମହାନ୍ତି | ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ମହିଳା ମୁକ୍ତି | କବିତା | ୫୭ |
| ୩୪ | ରାଜେଶ କୁମାର ଗୁରୁ | ଗର୍ବ | କବିତା | ୬୧ |
| ୩୫ | ଶ୍ରୀକ୍ଷେତ୍ର ସୁନ୍ଦର | ଶେଷ ସାହାରା | କବିତା | ୬୨ |
| ୩୬ | ତ୍ରିନାଥ ନନ୍ଦୀ | ନିରବରେ | କବିତା | ୬୩ |
| ୩୭ | ମମତା ବଗର୍ତ୍ତୀ | ପେନସନ | କବିତା | ୬୪ |
| ୩୮ | ଆକୁଳାନନ୍ଦ ପୃଷ୍ଟି | ଶିଖି ଶିଖାଇବା | କବିତା | ୬୫ |
| ୩୯ | ଅଭୟ କୁଣ୍ଡ | ହଜିଲା ଦିନର ଅଭୁଲା କଥା | ପ୍ରବନ୍ଧ | ୬୬ |
| ୪୦ | ରାଜଶ୍ରୀ ଓଝା | ପୁସ୍ତକ ମୋ ପ୍ରେମ | କବିତା | ୬୯ |
| ୪୧ | ତାରାପ୍ରସାଦ ଜେନା | ଶ୍ୟାମା ଗୋରୀ ହେଲୁ ମନ ଛନ'ଛନ' | କବିତା | ୭୦ |
| ୪୨ | କାର୍ତ୍ତିକେଶ୍ୱର ନାୟକ | କାହାକୁ କହିବି | କବିତା | ୭୧ |
| ୪୩ | ତିରଣ ମଣ୍ଡା | ପ୍ରଶ୍ନପତ୍ର ଲିକ୍ | କବିତା | ୭୨ |
| ୪୪ | ବେଣୁଧର ସୂତାର | ଦୁର୍ବାର ଲୀପ୍ସା | କବିତା | ୭୩ |
| ୪୫ | ବିଶ୍ୱନାଥ କର | ରାସ୍ତା | କବିତା | ୭୪ |

| | | | | |
|---|---|---|---|---|
| ୪୬ | ଆକାଶ ରଣା | ନାରୀ କ'ଣ ସ୍ୱାଧୀନ ? | କବିତା | ୭୫ |
| ୪୭ | ଦୀପକ କୁମାର ନାୟକ | ହେ' ସରକାର | କବିତା | ୭୬ |
| ୪୮ | ମାନସୀ ପ୍ରିୟଦର୍ଶିନୀ ବେହେରା | ସାଧୁତା | ପ୍ରବନ୍ଧ | ୭୭ |
| ୪୯ | ବୃନ୍ଦାବନ ପ୍ରଧାନ | ଶୀତ ତୁ' ଯାଆନା ଛାଡ଼ି | କବିତା | ୮୦ |
| ୫୦ | ଡ଼.ମନୋରଞ୍ଜନ ପ୍ରଧାନ | ବହୁରୂପୀ | କବିତା | ୮୧ |
| ୫୧ | ତୃପ୍ତିମୟୀ ବେହେରା | ଅତୁଟ ବନ୍ଧନ | କବିତା | ୮୨ |
| ୫୨ | ସ୍ମୃତି ସଙ୍ଗୀତା | ବାପା | କବିତା | ୮୩ |
| ୫୩ | ଅରୁଣ କୁମାର ଦାସ | ବୁଥ ସ୍ତରୀୟ ଅଧିକାରୀ ଓ ଗଣତନ୍ତ୍ର | ପ୍ରବନ୍ଧ | ୮୪ |
| ୫୪ | ଚିତ୍ତରଞ୍ଜନ ମେହେର | ସମାଜ ପାଇଁ କାର୍ଯ୍ୟ କର ହେ' | କବିତା | ୮୫ |
| ୫୫ | ଡ଼.ଶୁଭେନ୍ଦୁ ମେହେର | ନୀରବତାର ସ୍ୱର | କବିତା | ୮୬ |
| ୫୬ | ରାଜେଶ୍ ରାୟ | କଙ୍କାଳର ହସ | ପ୍ରବନ୍ଧ | ୮୭ |
| ୫୭ | ଜାଗୃତି ସାହୁ | ଉପହାର | କବିତା | ୮୯ |
| ୫୮ | ଗୋଲୋକବିହାରୀ ବେହେରା | ପ୍ରତୀକ୍ଷା | କବିତା | ୯୦ |
| ୫୯ | ପ୍ରିୟଙ୍କା ସାହୁ | ଧନ୍ୟ ତୋ'ର ଲୀଳା ଜଗା | କବିତା | ୯୧ |
| ୬୦ | ମନ୍ଦାକିନୀ ପାଢ଼ୀ | ସମୟ ଏକାକୀତ୍ୱର | କବିତା | ୯୨ |
| ୬୧ | ଶ୍ରଦ୍ଧାଞ୍ଜଳି ବେହେରା | ପ୍ରେମର ଜ୍ୱାଳା | କବିତା | ୯୩ |
| ୬୨ | ସୁହାସିନି ପଟ୍ଟନାୟକ | ସେ' ଲୁଚି ରହି ସ୍ୱପ୍ନ ପୁରା କରେ | କବିତା | ୯୪ |
| ୬୩ | ସୁନିଲ କୁମାର ନାୟକ | ବିରହ'ର ବିଡମ୍ବନା | କବିତା | ୯୬ |
| ୬୪ | ବିଶ୍ୱଜିତ ନାୟକ | ପ୍ରମାଣ | କବିତା | ୯୯ |
| ୬୫ | ମଦନ ହରିଜନ | ଚିନ୍ତାର ମଣିଷ | କବିତା | ୧୦୦ |
| ୬୬ | ବଦ୍ରୀ ମହାନ୍ତି | ବ୍ରହ୍ମ ବସ୍ତୁ | ପ୍ରବନ୍ଧ | ୧୦୧ |
| ୬୭ | ଗୁରୁ ଚରଣ ମହାକୁଡ଼ | ସଭ୍ୟତାର ପ୍ରହସନ | କବିତା | ୧୦୬ |
| ୬୮ | ସୁବ୍ରତ କୁମାର ଦାସ | ମାୟାଜାଲ | ପ୍ରବନ୍ଧ | ୧୦୯ |
| ୬୯ | ସିଦ୍ଧେଶ୍ୱର ପଣ୍ଡା | ଜୀବନ ବିନିମୟରେ | ପ୍ରବନ୍ଧ | ୧୧୧ |
| ୭୦ | ଜାନକୀ ମହାନ୍ତ | ଝୁମା ଝୁମା ଏଇ ଗୋଲାପୀ ବେଳାରେ | କବିତା | ୧୧୨ |
| ୭୧ | ତୁଷାରକାନ୍ତ ବଳବନ୍ତରାୟ | ବୁଲେଇବି ଫଗୁଣରେ | କବିତା | ୧୧୩ |

| | | | | |
|---|---|---|---|---|
| ୭୨ | କୁଞ୍ଜବିହାରୀ ରାଉତ | ଜରି ଗୋଟାଳି | କବିତା | ୧୧୪ |
| ୭୩ | ପୁଷ୍ପାଞ୍ଜଳୀ ସ୍ୱାଇଁ | ବିଜ୍ଞାନ'ର ଆଲୋକ | କବିତା | ୧୧୫ |
| ୭୪ | ଜ୍ଞାନ ରଞ୍ଜନ ବାରିକ | ଜଞ୍ଜାଳ | ପ୍ରବନ୍ଧ | ୧୧୬ |
| ୭୫ | ଜୟଶ୍ରୀ କ୍ରାନ୍ତିପୂରଭି | ନାରୀ ସ୍ୱାଧିନତା ଚାହେଁ | କବିତା | ୧୧୮ |
| ୭୬ | ଅନିତା ପାତ୍ର | ସ୍ୱପ୍ନଟିଏ ଥିଲା ମୋର | କବିତା | ୧୧୯ |
| ୭୭ | ଅଭିଷିକ୍ତା ପୃଷ୍ଟି | ଦୁଷ୍ଟରୁ ଶିଷ୍ଟ | ପ୍ରବନ୍ଧ | ୧୨୧ |
| ୭୮ | ମୋନାଲିସା ସାମଲ | ପୁଣ୍ୟତୋୟା ଉତ୍କଳ | ପ୍ରବନ୍ଧ | ୧୨୩ |
| ୭୯ | ଆଲୋକ କୁମାର ମୁଦୁଲି | ଭଲପାଇବା ଟା ସରିଗଲା କି | କବିତା | ୧୨୬ |
| ୮୦ | ଶାଶ୍ୱତୀ ହୋତା | ପ୍ରିୟତମା | କବିତା | ୧୨୭ |
| ୮୧ | ଅର୍ପିତା ଜେନା | ଘର ନା' ଗୋଟିଏ ପ୍ରଶ୍ନବାଚୀ ? | କବିତା | ୧୨୮ |
| ୮୨ | ଡ଼ଃ ଅନୁପମା ବିଶ୍ୱାଳ | ବୀର ମାରେ ଅବା ମରେ କରି ରଣ | କବିତା | ୧୨୯ |
| ୮୩ | ଆକାଂକ୍ଷାମୟୀ ଦାଶ | କବି ଗଙ୍ଗାଧର ସ୍ମରଣେ | କବିତା | ୧୩୦ |
| ୮୪ | ପ୍ରଶାନ୍ତ କୁମାର ଦାଶ | ଦୁଃଖିନୀର ଆଖିଲୁହ | କବିତା | ୧୩୨ |
| ୮୫ | ଦୀପାଲି ବେହେରା | ପ୍ରିୟା ପାଇଁ କିଛି କବିତା | କବିତା | ୧୩୩ |
| ୮୬ | ପୁଷ୍ପାଞ୍ଜଳି ପଣ୍ଡା | ଆସ ପ୍ରିୟତମ | କବିତା | ୧୩୪ |
| ୮୭ | ଚନ୍ଦନ କୁମାର ବେହେରା | ଅଧିକାର | କବିତା | ୧୩୫ |
| ୮୮ | ସୋନାଲୀ ସ୍ୱାଇଁ | ସମୟ'ର ଦାସ | କବିତା | ୧୩୬ |
| ୮୯ | ସ୍ମୃତି ବନାନୀ ପଟନାୟକ | ଅଧା ଆଖିର ସୌନ୍ଦର୍ଯ୍ୟ | କବିତା | ୧୩୮ |
| ୯୦ | ଲିପିକା ବେହେରା | ଶୀତ ମିଆଦ | କବିତା | ୧୩୯ |
| ୯୧ | ସୀମାଲତା ସାହୁ | ନାରୀ ତୁ' ମହାନ୍ | କବିତା | ୧୪୦ |
| ୯୨ | ସୁନିତା ଦାଶ | କେତେ ଦୁଃଖ ଆଉ ଦେବ | କବିତା | ୧୪୧ |
| ୯୩ | ସୁଜିତ୍ କୁମାର ମିଶ୍ର | ଉଦୟ ରାଗ | କବିତା | ୧୪୨ |
| ୯୪ | ସଂଯୁକ୍ତା ପୃଷ୍ଟି | ଆମେ ମୟୂରଭଞ୍ଜିଆ | କବିତା | ୧୪୩ |
| ୯୫ | ଲୋପାମୁଦ୍ରା ମହାପାତ୍ର | ସତୀ କିଏ ? | ପ୍ରବନ୍ଧ | ୧୪୪ |
| ୯୬ | ଗୋବର୍ଦ୍ଧନ ସେନାପତି | ଜୀବନ ରେଖା | କବିତା | ୧୪୬ |
| ୯୭ | ସୁବ୍ରତ କୁମାର ଜେନା | ଫରକ | କବିତା | ୧୪୭ |

# ପାର୍ବଣ ପାର୍ବଣ ବାସେ...



ଧିରୋଜ କୁମାର ପାତ୍ର
କୁସୁର୍ଲା,କଳାହାଣ୍ଡି

କିଏ ଦେଲା ଏଇ  ଧରଣୀ ରାଣୀକୁ
ହୀରାର ମୁକୁଟ ପିନ୍ଧାଇ ।
କାହା ପାଇଁ ପିନ୍ଧେ ସବୁଜ ପାଟକୁ
ନିଜକୁ ନିଜେ ହିଁ ଗୁଡ଼ାଇ । ।୧ ।

ପାର୍ବଣ ପାର୍ବଣ ବାସୁଅଛି ମହି
କାଶତଣ୍ଡି ଦେଖ ହସୁଛି ।
କାଚ କେନ୍ଦୁ ପରି ନଈ ପାଣି ଦିଶେ
କାହାକୁ ଅପେକ୍ଷା ରଖିଛି । ।୨ ।
ସଜବାଜ ଆଜି ଗଗନ ପବନ
ନଦୀ ନାଳ ଗାଁ ପୋଖରୀ ।
ସଫା ସଫା ଲାଗେ ଆକାଶଠୁ ଧରା
ଶୁଭେ ଯୋଡ଼ି ବାଜା ମହୁରି । ।୩ ।

ଶରତ ଓହ୍ଲାଇ ଆସିଛି ଧରାରେ
ପୂଜାର ସମ୍ଭାର ସଜାଇ ।
ପ୍ରକୃତି ଗାଉଛି ସ୍ବାଗତ ସଙ୍ଗୀତ
ମା'ର ଆବାହନୀ ପାଇଁ । ।୪ ।

ନାନା ଜାତି ଫୁଲ ପାଦପ ଡାଳରେ
ମା'ପାଇଁ କେତେ ସରାଗ ।
ବାଡ଼ିରେ ମନ୍ଦାର ଟଗର ଟରାଟ
ମଲ୍ଲୀ ଆଣେ କେତେ ଆବେଗ । ।୫ ।

ଆଶ୍ୱିନ ଆକାଶ ଦିଶେ ନିରିମଳ
ଭେଳା ଭେଳା ଭାସେ ବଉଦ ।
ନୀଳ ସବାରୀରେ ଆସିବେ ମୋ ମା'
ବାଜିଲାଣି ଢୋଲ ବାଇଦ । ।୬ ।

ଟୋପା ଟୋପା ହୋଇ ଶିଶିର ସଡେକି
ହୀରାର ମେଳଣ ଧରାରେ ।
ଘାସର ଗାଲିଚା କିଏ ବିଛାଇଛି
ଏଇ ପାର୍ବଣର ବେଳାରେ । ।୭ ।

ମା' ଆମ ପାଇଁ ଭକ୍ତି ଶାନ୍ତି ଶ୍ରଦ୍ଧା
ମା' ହିଁ ଆମର ଶକତି ।
ପାତକନାଶିନୀ  ମା ଦୁଃଖ ହାରିଣୀ
ମା' ଶିବା ଉମା ପାର୍ବତୀ । ।୮ ।

ମା' ଆସେ ଆମ ଭାବ ଭକତିରେ
ମା' ଆସେ ଆମ ପୂଜାରେ ।
ମାଆ  ଆସୁଅଛି ଚହଳ ପଡୁଛି
ଏବେ ଏ ମରତ ଭୂଇଁରେ । ।୯ ।

ଦେଖ ଏ ଶରତ ଆକାଶ ନିର୍ମଳ
ଶୋଭା ଅଟଇ ମନୋହର ।
ମା'ର ଆଶିଷେ ସଭିଙ୍କ ଜୀବନ
ହେଉ ସତ୍ୟ ଶିବ ସୁନ୍ଦର । ।୧୦ ।

# ସେ ଝିଅଟା ଆଜି ବଡ ହେଇଯାଇଛି...



ଅଲିଶା ବି.ମହାରଣା
ଅନନ୍ତପୁର,ସିମୁଳିଆ, ବାଲେଶ୍ୱର

ଦେଖ, ସେ ଝିଅଟି ଆଜି ବଡ ହେଇଯାଇଛି,
ଖେଳନା ବଦଳରେ ସେ ଆଜି ଜୀବନର ଅଙ୍କ କଷୁଛି..
ଦେଖ ସେ କୁନି ଝିଅଟି ଆଜି କେତେ ବଡ ହେଇଯାଇଛି...

ଆଜି ତାକୁ ରାତି ରାତି ଚେଇଁବାକୁ ପଡୁଛି ,
ଦେହ ଖରାପ କି'ପ୍ରେମ ଫ୍ରେମ ନୁହଁ
ତାକୁ ପ୍ରତିଯୋଗିତା  ପରୀକ୍ଷାର ନିଶା ଘାରିଛି
ସେ ରିଜୋଇନିଙ୍ଗ, ଜି.କେ. କୁ ବାଉଳି ହେଉଛି
ଗୋଟେ ଗୋଟେ ମାର୍କ ପାଇଁ ସେ ରାତି ତମାମ କାନ୍ଦୁଛି
ନୂଆ ନୂଆ କରେଣ୍ଟ ଆଫଆଇଆର୍ସ ଡେଲି ଖୋଜୁଛି
ଦେଖ ସେ ଆଜି କେତେ ବଡ ହୋଇଯାଇଛି ।

ଏଠି ସମାଜ ଆଉ ସମୟ ବି ଦାଉ ସାଜୁଛି
ଦେଖେଇ ଶିଖେଇ କେତେ କଥା ସିଏ କହୁଛି
ସମୟ ବି କଟା ଘା ରେ ଚୂନ ଦେଉଛି
ଦେଖ ସେ ଟିକି ଝିଅଟା ଆଜି ଗୁମୁରି କାନ୍ଦୁଛି ।

ସେଦିନ କହିପାରୁଥିଲି କାନ୍ଦିବାର କାରଣ....
ଅବା ବୟସର ବାସ୍ତବରେ ପ୍ରେମରେ ହାରିଥିଲେ,
ବଖାଣିପାରିଥାନ୍ତି କରୁଣ ଗାଥାମାନ,
ହେଲେ ଏତ ଜୀବନ ଯୁଦ୍ଧର ଯୋଗ, ବିୟୋଗ
ମୁହଁ ଖୋଲି କହି କାହାଆଗେ ଅପଦସ୍ଥ ହେବାକୁ ଚାହେଁନା,
ସାହିପାରେନା ମିଛ ଅପବାଦ ଆଉ ଲାଞ୍ଛନା ।

କେହି କେହି ପଚାରନ୍ତି ଆଖିତଳ କଳା କାହିଁକି
ପୁଣି କେହି ଛୁରୀ ଧାର ପରି ଦେଖେଇ କୁହନ୍ତି'
 ରାତିରେ ମୋବଇଲ ଚାଟିଙ୍ଗ ନୁହଁକି....
ତାଙ୍କୁ କି ଉତ୍ତର ଦେବି କୁହ....??
ସେମାନଙ୍କୁ କଣ ସତ ଆଉ ଭଲରେ ଦୁଇପଦ କଥା କହିହେବ..

ଯେଉଁମାନଙ୍କ କଥା ଛାତିରେ ଛୁରୀ ପରି ଲାଗେ
ଅହରହ...!!

ନିଜ ବାସ୍ତବତା ହରେଇବାକୁ ଚାହେଁନା
ସମୟ ଆଜି ନିସ୍ତେଜ କରିଦେଉଛି ମନ, ପ୍ରାଣ ଆଉ
ହୃଦୟକୁ...!!
ନିଜକୁ ମଧ୍ୟ ସମ୍ଭାଳିହୁଏନା କେଜାଣି
କେତେବେଳେ କଣ କହିଦେଉଛି କାହାକୁ...!!
ସେ ବି ଆଉ ଫରକ ପଡୁନି କିଏ କଣ ଭାବୁଛି,
କେଜାଣି ଏଇ ଝିଅଟା ଆଜି କେତେବଡ
ହେଇଯାଇଛି..!!

ଲକ୍ଷ ଲକ୍ଷ ପିଲାଙ୍କର ପ୍ରତିଯୋଗିତା ଚାଲିଛି
ତାଙ୍କରି ମଧ୍ୟରେ ମୁଁ ବି ଗଣା ହେଉଛି
କିଏ ଜାଣେ କେତେ ଚିନ୍ତା ଏଇ ମୁଣ୍ଡକୁ ଘାରୁଛି
ତଥାପି ହସିବାକୁ ପଡୁଛି
ଦେଖ ସେ ଶିଶୁ ଆଜି ବଡ ଝିଅଟିଏ ହେଇଯାଇଛି ।

ଆଉ ସେ ଚକୋଲେଟ ଖାଉନି
କି ଗୁପଚୁପ ପାଇଁ ଇଚ୍ଛା ବଳାଉନି
ସେ ଟଙ୍କାଟେ ଟଙ୍କାଟେ ଯୋଡି ରଖୁଛି,
ଫର୍ମ ଭରିବାକୁ ଆଉ ବହିଟିଏ କିଣିବାକୁ
ଖାଇବାକୁ ବି ଆଉ ଇଚ୍ଛା ନାହିଁ ତାର

ସେ ବଞ୍ଚିବା ପାଇଁହିଁ ଖାଉଛି ।
ସେଇଥିରେ  ବେରୋଜଗାର ବୋଲି
କେତେ କଥା ସିଏ ଶୁଣୁଛି,
ଦେଖ ଟିକେ ହାତ କାଟିଗଲେ ଚିଲାଉଥିବା
ଝିଅଟି ନିଜସହ କେମିତି ଲଢୁଛି ।



ବୋଝ ଉପରେ ନଳିତା ବିଡା ପରି
ଦୁଃଖ ସବୁ ମାଡି ପଡୁଛି
ସମୟ ସହ ଆପଣାର ବି କେତେ ପର ସାଜିଯାଉଛି
ଆଉ ବି କାହାକୁ ପାଖେ ରୁହ ବୋଲି ଅନୁରୋଧ କେତେ କରୁଛି
ମୁଁ ବି ଭାବୁଛି ଆଜି ମୁଁ ବଡ ହେଇଯାଇଛି ।

ତଥାପି ଜାଣିଛି ଏଠି ପଡି ଉଠି ପୁଣି ଦୌଡିବାକୁ ହେବ
ସହି ସହି ଯିଏ ଆଗକୁ ବଢିବ ସିଏ ଏଠି ଜିତିଯିବ ।
ବୟସ ସହ ଆଜି ମସ୍ତିସ୍କ ବି ବଡ ହେଇଛି
ଦେଖ ସେ ଝିଅଟା ଆଜି କେତେ ବଡ ହେଇଯାଇଛି.... ।

କୌଣସି ମଣିଷର ବର୍ତ୍ତମାନ ଅବସ୍ଥାକୁ ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ ନୁହେଁ, କାରଣ ଭବିଷ୍ୟତର ଏପରି ଏକ ଶକ୍ତି ରହିଛି ଯେ' କୋଇଲାକୁ ମଧ୍ୟ ସୁନାରେ ପରିଣତ କରିପାରେ...

ଚାଣକ୍ୟ ବାଣୀ :-

# ଜୋଛନା କି' ଛାଡିପାରେ ଜହ୍ନକୁ ...



ଲକ୍ଷ୍ମୀଧର ଯେନା
ବାଲେଶ୍ୱର

ନୀଳ ଆକାଶରେ ପୂର୍ଣ୍ଣିମା ରାତିରେ
ଜହ୍ନ ଶୋଭା ସୁଷମାରେ ,
ତୋଫା ଚାନ୍ଦିନୀରେ ଜହ୍ନ ଠାରୁ ଦୂରେ
ଜୋଛନା କି ରହିପାରେ । ୧

ଜହ୍ନ ଅଗଣାରେ ତାରକା ମେଳରେ
ଜହ୍ନ ଶୋଭା ହାତ ଠାରେ ,
ଚାନ୍ଦିନୀ ରାତିରେ ଚିତ୍ତ ଚୋରି କରେ
ଜୋଛନା ଆଲୋକ ଧାରେ । ୨

ଜହ୍ନ ଜୋଛନାରେ ଆକର୍ଷଣ ଭରେ
କବିକୁ ଭାବୁକ କରେ ,
ଜହ୍ନର ପ୍ରେମରେ କବି ପଡିବାରେ
ଜୋଛନା ଆକର୍ଷି ଧରେ । ୩

ଜହ୍ନ ର ଥାଟରେ ବିପଣୀ ମାଳାରେ
ଜହ୍ନରୁ ଜୋଛନା ଝରେ ,
ଜୋଛନା ହାଟରେ ତାରା ଫୁଲ ଭରେ
ସୌନ୍ଦର୍ଯ୍ୟରେ ମନ ହରେ । ୪

ଜହ୍ନ ଉଇଁବାରେ ଗଗନ ବିସ୍ତାରେ
ମରତକୁ ଉଙ୍କି ମାରେ ,
ଜହ୍ନକୁ ଆବୋରେ ରୂପ ମାଧୁରୀରେ
ଜୋଛନା ଯୌବନ ଭାରେ । ୫

ଜହ୍ନ ପ୍ରକାଶରେ ଜୋଛନାଟା ଝରେ
ଜହ୍ନ ବିନା ଅନ୍ଧକାରେ ,
ଜହ୍ନ ଠାରୁ ଦୂରେ ଅମାବାସ୍ୟା ଟିରେ
ଜୋଛନା କି ବାଜି ମାରେ ? ।୬

ଜହ୍ନର ରୂପରେ ଜୋଛନା ବିହରେ
ଜହ୍ନ ବିନା ଜ୍ୟୋସ୍ନା ହାରେ ,
ଜହ୍ନ ରାଇଜରେ ଜହ୍ନ ର ସାଥିରେ
ଜୋଛନା କି ଛାଡିପାରେ ?। ୭



ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## କ୍ଷୀର ସାଗରର ନୀରବତାରେ ଶୟନର ରହସ୍ୟ...



ସୁଶାନ୍ତ କୁମାର ସାସମଲ
ହନୁମାନ ନଗର, ଆସ୍କା ରୋଡ଼,
ବ୍ରହ୍ମପୁର, ଗଞ୍ଜାମ

କ୍ଷୀର ସାଗର ମଧ୍ୟରେ ଗଭୀର ନୀରବତା,
ତରଙ୍ଗ ଧୀରେ ଧୀରେ କହେ ସୃଷ୍ଟିର କଥା।
ସେଇ ଶାନ୍ତ ଜଳରେ ଶୟନ କରନ୍ତି
ଭଗବାନ ବିଷ୍ଣୁ
ଦେଖାଯାଏ ନିଦ୍ରା, ଭିତରେ ଜାଗ୍ରତ ଜ୍ଞାନ,
ନୀରବତା ମଧ୍ୟରେ ଲୁଚିଛି ଗଭୀର ଅର୍ଥ।

ତଳେ ଶୟନାସନ, ଅନନ୍ତ ଶରୀର,
ଶେଷନାଗ
ଶେଷ ନଥିବା ସମୟର ପ୍ରତୀକ ସେ
କାଳ ଘୁରୁଛି ଚକ୍ର ପରି, ଦିନ-ରାତି ମିଶି,
ଜନ୍ମ ଓ ମୃତ୍ୟୁ ଏକାଠି ଚାଲି।
ବିଷ୍ଣୁ ତା' ଉପରେ ଶୟନ କରି କହନ୍ତି
"ସମୟ ମୋର ଅଧୀନ,
ଭୟ କରନି ହେ ମଣିଷ,
ସବୁ ବଦଳିଯାଏ, ଧୈର୍ଯ୍ୟ ଧର।"

ଶେଷନାଗର ଅନେକ ଫଣା,
ମଣିଷ ମନର ଅନେକ ଆଶା-ଆକାଂକ୍ଷା ପରି।
କେଉଁଠି ଭୟ, କେଉଁଠି ଦୁଃଖ,
କେଉଁଠି ଅପୂର୍ଣ୍ଣ ସ୍ୱପ୍ନର ଜ୍ୱାଳା।
ସେ'ସବୁ ମଧ୍ୟରେ ବିଷ୍ଣୁ ଶାନ୍ତ,
ନା ହଲଚଲ,ନ ଚିନ୍ତା।
ଏହି ଶୟନ ଆମକୁ କହେ
ଜୀବନ ଯେତେ ବଡ଼ ସମସ୍ୟା ଆଣୁ,

କ୍ଷୀର ସାଗର ସୁଖର ଚିହ୍ନ,
ଶେଷନାଗ ଭୟ ଓ ବିଷର ରୂପ।
ଦୁହେଁ ଏକାଠି ଥିବା ଦୃଶ୍ୟ କହେ
ସଂସାର ସୁଖ-ଦୁଃଖର ମିଶ୍ରଣ।
କେବଳ ସୁଖ ନାହିଁ, କେବଳ ଦୁଃଖ ମଧ ନାହିଁ,
ଯିଏ ସନ୍ତୁଳନ ରଖିପାରେ
ସେଇ ଜୀବନକୁ ସୁନ୍ଦର କରେ।
ବିଷ୍ଣୁ ହେଉଛନ୍ତି ସଂରକ୍ଷକ,
ସନ୍ତୁଳନର ଶିକ୍ଷକ।

ଦେଖାଯାଏ ଯେ ସେ ଶୁଇଛନ୍ତି,
କିନ୍ତୁ ଏହା ସାଧାରଣ ନିଦ୍ରା ନୁହେଁ।
ଏହା ଯୋଗନିଦ୍ରା
ଦେହ ନିଶ୍ଚଳ, ମନ ସଚେତନ।
ବିଶ୍ୱର ପ୍ରତ୍ୟେକ କାର୍ଯ୍ୟ,
ପ୍ରତ୍ୟେକ କର୍ମନ ସେ ଦେଖୁଛନ୍ତି।


ଏହି ଶିକ୍ଷା ଆମ ପାଇଁ
କାମ କର, କର୍ତ୍ତବ୍ୟ ପାଳନ କର,
କିନ୍ତୁ ମନକୁ ଆଶା-ଭୟରେ ବାନ୍ଧନି।

ପାଖରେ ବସିଛନ୍ତି ମା ଲକ୍ଷ୍ମୀ,
ପ୍ରେମ ଓ ସମ୍ମାନରେ ପାଦ ସେବା କରନ୍ତି।
ଏହା ଗୃହସ୍ଥ ଜୀବନର ଆଦର୍ଶ ଚିତ୍ର
ସହଯୋଗ, ସମ୍ମାନ, ବିଶ୍ୱାସ।
ମନ ଶାନ୍ତ ରହିଲେ
ସମାଧାନ ନିଜେ ଆସେ।
ଯେଉଁଠି ସ୍ୱାମୀ-ସ୍ତ୍ରୀ
ଏକାଠି ଚାଲନ୍ତି,
ସେଠାରେ ସଂସାର ଶାନ୍ତିରେ ଚାଲେ।

ଶେଷରେ ଏହି ଦୃଶ୍ୟ ଆମକୁ ଶିଖାଏ
ଜୀବନର ବିଷାକ୍ତ ସର୍ପ ମଧ୍ୟରେ
ଶାନ୍ତ ଓ ସ୍ଥିର ରୁହ।
ସମୟକୁ ବୁଝ, ସନ୍ତୁଳନ ଧର,
କର୍ତ୍ତବ୍ୟ କରି ଚାଲ ନିର୍ଭୟରେ।
କ୍ଷୀର ସାଗରର ନୀରବତା ପରି
ମନ ଶାନ୍ତ ରଖିଲେ,
ଜୀବନ ନିଜେ ତୁମକୁ
ପଥ ଦେଖାଇ ଦେବ।

- ଅନ୍ଧ'କୁ ଦୁନିଆଁ ଦେଖାଯାଏ ନାହିଁ ...
- କାମାନ୍ଧ'କୁ ବିବେକ ଦେଖାଯାଏ ନାହିଁ ...
- ଅହଂକାରିକୁ ନିଜ ଠୁ' ଶ୍ରେଷ୍ଠ ଦେଖାଯାଏ ନାହିଁ ...
- ସ୍ୱାର୍ଥପରକୁ ନିଜର କୌଣସି ଦୋଷ  ଦେଖାଯାଏ ନାହିଁ ...

## ସ୍ୱୟଂସିଦ୍ଧା...




ଶୁଭଶ୍ରୀ ଶୁଭସ୍ମିତା
ଅଡଶପୁର, କଟକ

ତତେ ଅପେକ୍ଷା କରିଛି ଆକାଶ ତା' ଛାତିରେ ଉଡିବୁ ବୋଲି,
ତୁ' କେମିତି କହି ପାରୁଛୁ ମୁଁ ପାରୁନାହିଁ ଆଉ ପାଦେ ଚାଲି । ।।୧।।
ତତେ ଅପେକ୍ଷା କରିଛି ମାଟି ତାକୁ ଶୀତଳ କରିବୁ ବୋଲି,
ତୁ' କେମିତି କହି ପାରୁଛୁ ମୁଁ ଆଉ ପାରିବି ନାହିଁ ଝରି। ।।୨।।
ତତେ ଅପେକ୍ଷା କରିଛି ସୃଷ୍ଟି ତାକୁ ଆଶାର କିରଣ ଦେବୁ ବୋଲି ,
ତୁ' କେମିତି କହି ପାରୁଛୁ ମୁଁ ତ ଅନ୍ଧାରରେ ଛନ୍ଦି ହେଇ ଯାଇଛି ବୋଲି।
।।୩।।
ତତେ ଅପେକ୍ଷା କରିଛି କିଏ ତା ଓଠରେ ହସ ଭରିଦେବୁ ବୋଲି,
ତୁ' କେମିତି କହି ପାରୁଛୁ ମୁଁ ଖାଲି ଲୁହ ଦେଇ ଜାଣେ ବୋଲି। ।।୪।।
ତତେ ଅପେକ୍ଷା କରିଛି ସଂସାର ଭଲ ଯୋଦ୍ଧା ହେବୁ ବୋଲି,
ତୁ' କେମିତି କହୁଛୁ ମୁଁ ପାରିବି ନାହିଁ ଆଉ ଖଣ୍ଡା  ଧରି । ।।୫।।
ତତେ ଅପେକ୍ଷା କରିଛି ଜଗତଜନନୀ ମା' ଦୁର୍ଗା ହେବୁ ବୋଲି,
ତୁ' କେମିତି କହୁଛୁ ନାରୀ ସବୁବେଳେ ଅବଳା, ଦୁର୍ବଳା ଆଉ ଆଶ୍ରିତା ବୋଲି। ।।୬।।

**ସମୟକୁ ମୂଲ୍ୟ ଦିଅ, ନଚେତ ଗୋଟିଏ ଦିନ**
**ଏହା ତୁମକୁ ମୂଲ୍ୟ ଦେବା ବନ୍ଦ କରିଦେବ ...**

# କଲମ ...





ଶିଳ୍ପାଲିପି ବେହେରା
ଜଗତସିଂହପୁର

'କଲମ'
କେବେ ଆଙ୍କିଦିଏ ମନର ନକ୍ସା ତ'
କେବେ ବୁଝିନିଏ କବିର ଭାଷା ,
କେବେ ବଞ୍ଚିବାର ଦେଖାଏ ରାସ୍ତା ତ'
କେବେ ଫେଡିନିଏ ଦୁଃଖ ଦୁର୍ଦ୍ଦଶା ।

'କଲମ'
ଛୋଟ ହେଲେବି ସେ ଭାରି ଦରକାରୀ
ରଙ୍ଗବେରଙ୍ଗର ବେଶକୁ ଧରି,
ହିସାବ କିତାବରେ ପଡେ ଜରୁରୀ
ପିଲାଙ୍କ ମନକୁ କରଇ ଚୋରି।

'କଲମ'
ଲେଖନୀ ଭାବେ ଆଗେ ଥିଲାତା ନାମ
କାଳି ପିଇ କରୁଥିଲା ହଜମ,
ଦାମୀ ଦାମୀ ରିଫିଲର ଆବରଣ
ଏବେ ତାର ବଦଳିଛି ନାମ।

'କଲମ'
ତା'ର ସାହାର୍ଯ୍ୟରେ ଶତ୍ରୁ ହୁଏ ଲୀନ
କଟୁ ଲେଖା ବକ୍ଷେ ଆଣେ କମ୍ପନ,
ଦୋହୋଲାଇଦିଏ ମେରୁଦଣ୍ଡମାନ
ଜଟିଳତାକୁ କରେ ସମାଧାନ।

'କଲମ'
ଦିବାରାତ୍ର ଯିଏ ନକରି ବିଶ୍ରାମ
ଅହରହ ଚଳାଏ ତା ସଂଗ୍ରାମ,
ପ୍ରତି କାର୍ଯ୍ୟ ନିର୍ଦ୍ଧାରଣେ ଆଗେ ଯାର କାମ
ନାଆଁଟି ତାର ଅଟଇ କଲମ।

## ଭାରି ଅଭିମାନୀ ଟିଏ ମୁଁ ...



**ସୁଭଦ୍ରା ସାହୁ**
ଜଳେଶ୍ୱର, ବାଲେଶ୍ୱର

ଦେଲୁ ନାହିଁ ବୋଲି ମମତା ଟିକିଏ
ରାଗିବି  କି' ତୋ ଉପରେ ,
ତୋ ନେତରେ ପରା ଘୋଡ଼େଇ ରଖିଛୁ
ଆଉ ଅବା କଣ ଲୋଡ଼ା ରେ।

ଦେଲୁ ନାହିଁ ବୋଲି ତୋ ସହରେ  ସ୍ଥାନ
ରାଗିବି  କି'  ତୋ ଉପରେ ,
ସାରା ଜଗତକୁ ନିଜର କରିଛୁ
ଆଉ ଅବା କଣ ଲୋଡ଼ା ରେ।

ଦେଲୁ ନାହିଁ ବୋଲି  ଅବଡ଼ା ମୁଠାଏ
ରାଗିବି  କି'  ତୋ ଉପରେ ,
ଦେଇଛୁ ପରା ମୋ ବକ୍ଷରେ ନିଶ୍ୱାସ
ଆଉ ଅବା କଣ ଲୋଡ଼ା ରେ।

ଦେଲୁ ନାହିଁ ବୋଲି ଶ୍ୱେତ ରଙ୍ଗ ଟିକେ
ରାଗିବି  କି' ତୋ ଉପରେ ,
ଦେହେ ବୋଳି ଅଛୁ ତୋର ଶ୍ୟାମ ରଙ୍ଗ
ଆଉ ଅବା କଣ ଲୋଡ଼ା ରେ।

ଦେଲୁ ନାହିଁ ବୋଲି ଧନ ଜନ ମୋତେ
ରାଗିବି  କି'  ତୋ ଉପରେ ,
ଦେଇଛୁ ପରା ତୋ ଚରଣେ ଆସରା
ଆଉ ଅବା କଣ ଲୋଡ଼ା ରେ।

ଦେଲୁ ନାହିଁ ବୋଲି ଭେଟିବା ଡାକରା
ରାଗିବି  କି'  ତୋ ଉପରେ ,
ଡାକୁଚୁ ପରା ତୋ ହାତ ଦୁଇ ମେଲି
ଆଉ ଅବା କଣ ଲୋଡ଼ା ରେ।

ଯାହା ତୁ ଦେଇଛୁ ତୋ କରୁଣା ଜଗା
ଆଉ କିଛି ଲୋଡ଼ା ନାହିଁ ରେ
ତୋହରି ମଳୟ ମୋ ପାଇଁ ଅମୃତ
ଆଉ କିଛି ଲୋଡ଼ା ନାହିଁ ରେ।
ଆଉ କିଛି ଲୋଡ଼ା ନାହିଁ ରେ ...

# ପୂଣ୍ୟତୋୟା ମହୋଦଧି ...



ସୁଭାଗିନୀ ସିଂହ
ବଡଝରା, ପର୍ଜଙ୍ଗ, ଢେଙ୍କାନାଳ

ପୂଣ୍ୟ ମହୋଦଧି ପବିତ୍ର ଅଟଇ
ଶ୍ରୀ ମନ୍ଦିର ଠୁ ଦୂରେ
ନାମ ପଞ୍ଚ ତୀର୍ଥ ସେହି
ମହୋଦଧି ଜଳେ ବୁଡ଼ ଦେଲେ
ଜଗା ଦରଶନ କଲେ
ସବୁ ଦୁଃଖ ଦୂର ହୁଏ ।।

ମହୋଦଧି ଜଳେ ଯାହା ପଡ଼ିଗଲେ
କୂଳରେ ସେ ଥୋଇ ଦିଏ
ତା' ଦେହରେ ଢେଉ,ଦିଶେ କି ସୁନ୍ଦର
ସତେ ଅବା ଧଳା ପାହାଡ଼ର ।।

ଢେଉ ମାଳ ମାଳ , ମାଡି ଆସେ କୂଳ
ଦର୍ଶକ ହୁଅନ୍ତି ଭୋଳା
ସେ ଢେଉ ରେ ଥରେ
ଦେବାପାଇଁ ବୁଡ଼ ପରା
ଜନ-ସମାଗମ ସମୁଦ୍ର ବେଳା ।।

ମହୋଦଧି କୂଳେ କେତେ ମଜା ଲାଗେ
କିଣାବିକା ପୁଣି ହୁଏ
ଗ୍ରୀଷ୍ମପ୍ରବାହର ଉପଶମ ପାଇଁ
ସନ୍ଧ୍ୟା ସମୟରେ , ବାଲୁକା ରାଶିରେ
ଧୀର ସମୀର ଯେ ଦେହେ ଛୁଇଁ
ସଭିଏଁ ଆନନ୍ଦେ ବିଭୋର ତହିଁ ।।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ର
ମହୋଦଧି ରେ ଆରତୀ
ଅମାବାସ୍ୟା ନୀତି
ବିଧି ଅନୁଯାୟୀ ପାଳନ୍ତି ।।

ମହୋଦଧି ପରେ ବ୍ରହ୍ମ ଦାରୁ ପରା
ଭାସୁ ଥିଲା ତାର ଜଳେ
ଚତୁର୍ଦ୍ଧା ବିଗ୍ରହ ହୋଇଲା ନିର୍ମିତ
ପୂଜା ପାଇଲେ ଶ୍ରୀକ୍ଷେତ୍ର ।।

ଶ୍ରୀ କ୍ଷେତ୍ରରୁ କିଛି ଦୂରରେ
ସ୍ୱର୍ଗ ଦ୍ୱାର ଟି ଯେ ସ୍ଥିତ
ଶବକୁ ସେଠାରେ ସତ୍କାର କରିଲେ
ଆତ୍ମା ହୋଇ ଥାଏ ମୁକ୍ତ ।।

ମହୋଦଧି ଜଳେ ଅସ୍ଥି ବିସର୍ଜନ
ପିତୃପୁରୁଷଙ୍କ ଆତ୍ମା ଶାନ୍ତି
ମହୋଦଧି ଜଳେ ବୁଡ଼ ପକାଇ
ହୃଦୟରୁ ମୁଠେ ସବୁ ଭ୍ରାନ୍ତି ।।

ମାଘ ସପ୍ତମୀ ତ ଅଟେ ମହା ପୂଣ୍ୟ
ମହୋଦଧି ଜଳେ ବୁଡ଼ ପକାଇ
ହସ୍ତରେ ଜଳ ଆଞ୍ଜୁଳି କୁ ଟେକି
ମନରେ ଭରେ କେତେ ଶାନ୍ତି ।।

ପୂର୍ଣ୍ୟତୋୟା ମହୋଦଧି ବେଳା ରେ
ବାଲୁକା ଶିଳ୍ପୀ ସୁଦର୍ଶନ
ଶ୍ରୀଜଗନ୍ନାଥଙ୍କର ବାଲି ରେ ତିଆରି ମୂରତି
ନିଦର୍ଶନ ଦିଏ କଳା ନିପୁଣତା କୃତି ।।

ବାଲିରେ ତିଆରି ଦିଅନ୍ତି ଶୁଭେଚ୍ଛା ବାର୍ତ୍ତା
ନାନା ପରବ ଜନ୍ମ ଦିବସର ସ୍ମୃତି
ବେଳାଭୂମି ପର୍ଯ୍ୟଟନର ସ୍ଥଳୀ
ସୁନ୍ଦର ବାଲୁକା କଳାକୃତି

ସୁନ୍ଦର ଶୋଭା ପୂର୍ଣ୍ୟତୋୟା ମହୋଦଧି
ସୈ। ନ୍ଦର୍ଯ୍ୟ ମଣ୍ଡିତ ବେଳାଭୂମି ଆଦି
ସୂର୍ଯ୍ୟ ଦେବତାଙ୍କୁ ଭକ୍ତିରେ ପ୍ରଣାମ କରି
ଶାନ୍ତି ରେ ଜୀବନ ଯାଉ ସରି ।।

ପୂର୍ଣ୍ୟ ପବିତ୍ର ମହୋଦଧି ତହିଁ
ଇଛା ହୁଏ ପ୍ରଭୁ ମହୋଦଧିନୀରେ
ଯାଇ ଥରେ ବୁଡ଼ ଦେଇ
ଜଗା ଦରଶନ ପୂର୍ଣ୍ୟ ଅରଜନ
କରୁଣା କର ହେ ଭାବଗ୍ରାହୀ ।।

**ନିଜକୁ ଉନ୍ନତ କରିବାକୁ ଏତେ ପରିସହରୀମ କର ଯେ,ଅନ୍ୟମାନଙ୍କୁ ସମାଲୋଚନା କରିବାକୁ ତୁମକୁ ସମୟ ମିଳିବ ନାହିଁ.**
**ଏତେ ଯେ ଚିନ୍ତା ତୁମକୁ ସ୍ପର୍ଶ କରିପାରିବ ନାହିଁ ଏବଂ ନିଜ ମନକୁ ଏତେ ନିୟନ୍ତ୍ରଣ କର ଯେ' କ୍ରୋଧ ତୁମକୁ ସ୍ପର୍ଶ କରିପାରିବ ନାହିଁ...**

# ଇଏ କେମିତିକା ନ୍ୟାୟ...




ପ୍ରତିମା ପାତ୍ର
ବରଗଡ

କହିବା କାହାକୁ ଏଠାରେ ସମସ୍ତେ
ନିଜ ନିଜ କାର୍ଯ୍ୟେ ବ୍ୟସ୍ତ ,
ନ୍ୟାୟ ଅନ୍ୟାୟ ପରଖିବାକୁ ଗଲେ
ହେବ ସେହି ଅପଦସ୍ତ ।
କିଛି ଟଙ୍କା ବାଣ୍ଟି ନିରୀହ ଲୋକଙ୍କୁ
କରାଗଲା କର୍ମ କୋଢ ,
ଘରେ ବସି ରହି ହେଲେ ସେହିମାନେ
ନିଶା ପିଇ ଗଡପଡ ।
ନିଶାଶକ୍ତ ବ୍ୟକ୍ତି ନ'ଥାଏ ଚେତନା
କୁକର୍ମ ଗୁଡିକ କଲା ,
ଅପରାଧ ବଢି ସମାଜରେ ଆଜି
କ୍ଷୟ ଦିଗେ ଆଗେଇଲା ।
ଯେଉଁ ନେତା ମାନଙ୍କୁ ସୁରକ୍ଷା
ନିମନ୍ତେ ପଦବୀ ଦେଲେ ,
ଗାଦିରେ ବସି ସେହିମାନେ ଲୋକଙ୍କୁ
ଲୁଣ୍ଠନ ଧର୍ଷଣ କଲେ ।
ଅନ୍ୟାୟକୁ ପ୍ରତିବାଦ କରି ଯେହି
କହିଲା ଲୋକ ମାନଙ୍କୁ ,
ଦୋଷାରୋପ କରି ଉପହାସ କଲେ
ସେହି ନିରିହ ଦୁଃଖିକୁ ।
ଇଏ କେମିତିକା ନ୍ୟାୟ କୁହ ଭାଇ
ଭଲରେ ବିଚାର କରି ,
ସମାଜ ଯାଉଛି ଆଜି କେଉଁଆଡେ
ଉତ୍ତର ପିଢିକୁ ଧରି ।



# ଚୁନା ଚୁନା ତାରାଫୁଲ...





ଅଜୟ କୁମାର ମହାନ୍ତି
ହରିପୁର, କବୀର ପୁର,
ଯାଜପୁର

ଚୁନା ଚୁନା ତାରା ଫୁଲେ
ଆକାଶ ଯେ ହସୁଛି ,
ଟିକି ଟିକି ଫୁଲ ଫୁଟି
ଚାରି ଆଡ଼ ବାସୁଛି ।
ନେଛି ନେଛି ବଉଳ ଯେ
ଆମ୍ବ ଡାଳେ ହସଇ ,
ମିଠା ମିଠା ବାସନାରେ
ଭାରି ଭଲ ଲାଗଇ ।
ଛୋଟ ଛୋଟ ପିଲାମାନେ
ବଗିଚାରେ ଖେଳନ୍ତି ,
ଦଳ ଦଳ ହୋଇ ପକ୍ଷୀ
ଆକାଶରେ ଉଡ଼ନ୍ତି ।
ମଠ ମଠ ଚାଲି ଦେଖ
ବୁଢ଼ା ଅଜା ଆସଇ ,
କଳା କଳା ମେଘ ମାଳା
ଆକାଶରେ ଘୋଟଇ ।
ଝିପି ଝିପି ବରଷାରେ
ମାଟି ହୁଏ ଶୀତଳ ,
ଖଟି ଖଟି ଚଷା ଭାଇ
କରିଥାଏ ଅମଳ ।





ଭଲ ଭଲ କାମ କରି
ହେବା ଆମେ ଭଲରେ ,
ବଡ଼ ବଡ଼ ସପନକୁ
ସଫଳ କରିବାରେ ।
କେତେ କେତେ ଭଲ କାମ
ମିଳିମିଶି କରିବା ,
ଜାତି ଜାତି ଭେଦଭାବ
କାହିଁକି ଯେ ରଖିବା ।
ଉଠ ଉଠ ସାଥୀ ମାନେ
ମଠ ଆଉ କରନା ,
ମିଳିମିଶି କର ଦେଶ
ଉନ୍ନତିର କାମନା ।

# ମୋ'ମାଆ କୋଳ...




**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ

ମୋ' ଗାଁ' ଆଜି ବି ହସୁଛି ବିଲ ବଣ
ସାଙ୍ଗକୁ ତୋଟମାଳ,
ଚାଳ ଉପରେ ପୋଇ ଲଟା ଡାଳ
ତଳେ କଅଁଳା ବାଛୁରୀ ଖେଳ
ଶୀତ ଟା କୋଉଠି ଲୁଚିଛି ଗାଁ ଦାଣ୍ଡେ
ଖୋଜ କେତେ ଖଟ ତଳ
ସୁନା ନୁହଁ ରୁପା ନୁହଁ ଫୁଲର ଫରୁଆ
ଗାଁ' ଘର ଶୁଶୀତଳ
ଗେଣ୍ଡୁ ମଣ୍ଡା ମାଣିକି ଚାନ୍ଦି ଫୁଲରେ
ଖଟୁଲିରେ ମାଆଲକ୍ଷ୍ମୀ ପୂଜାକାଳେ କୋଳ
ଗାଁ' ଦାଣ୍ଡ ପରିମଳ
ଜାନି ଯାତ୍ରା ପର୍ବ ପର୍ବାଣୀ ରେ ଲୋକେ
ହେବେ ଘରେ ଘରେ ଠୁଳ
ଶୀତ ଡରି ଯିବ ଫେରି କରିବାକୁ
ପରିବେଶ ସମତଳ
ଶାଶୁ ବୋହୁ ଝିଅ ପାହାନ୍ତି ଉଠନ୍ତି
ଛାଡ଼ି ଉଷୁମ ସକଳ
ମାଆ ମାଉସୀଏ ଶିଖାଇଛନ୍ତି ଯାହା
ମାନିବାକୁ ବେଳ କାଳ ଗହଳ
କେତେ ପନିପରିବା ଶାଗ ମୂଳା କୋଶଳା
ମିଳଇ ଶୀତ ସକାଳ
ସୋଏଟର ମଫଲର ବାନ୍ଧି ଗଲାବେଳେ
ଡାକ ପ୍ରଭୁଙ୍କୁ ଚିରକାଳ ବେଳ ଭାଳ
ଭବନ୍ତୁ ସର୍ବେ ସୁଖିନଃ ତତ୍କାଳ



କୁମି ଆଇ ବୁଢ଼ୀ ଭାଙ୍ଗେ ଖିଲି ପାନ
ଚଉଷଠି ପାନ ମସଲା ବାସେ କଳ
ନେତି ମାଉସୀ ସାଉଁଟି ରଖୁଛି ନଡ଼ିଆ
ବରଡ଼ା ବାହୁଙ୍ଗୀ ଜାଳ
କୁନି ଅପା ବୁଣେ ଚାଞ୍ଚ ଚଟେଇ ବିଞ୍ଚଣା
ମାଟି ମାଆ କୋଳେ କେତେ ମୂଳ
ନଡ଼ିଆ ଗଛରେ ପଇଡ଼ କଷି ତୋଳୁଛି
ହରିଆ ଭାଇର କାତି ଚଳ ଚଞ୍ଚଳ
ବୃନ୍ଦାବନ ଅଜା ଗାଁ' ଦାଣ୍ଡେ ଟାଲି ଟ୍ରଲି ଠେଲି
କହନ୍ତି ମାଟି ମାଆ ଆମ ଡ଼ାଳ ମୂଳ ଫଳ
ଆମେ ଓଡ଼ିଆ ଆମ ମାଟି ମାଆ ଭାଷା ବଢିଆ
ପରିଚୟ ଆମ ଆମେ ଉତ୍କଳ
ସଂସ୍କୃତି ପ୍ରୀତି ପରମ୍ପରା ମୈତ୍ରୀ ସଂହତି ଶାନ୍ତିରେ
ଆମେ ମାଟିବୃକ୍ଷ ବକଳ
ସ୍ନେହ ପ୍ରେମ ପ୍ରୀତି ଫଲ୍ଗୁ ଭରା ନଈ ନାଳ
ମାଟି ବକ୍ଷେ ଆମ ସୁନା ରୁପା ଗଛ
ସୁନା ଫଳ ଧାନ ତୋଳ
ଆସୁଛି କାଟିବା ବେଳ
ଆମ ପ୍ରଭୁ ଜଗନ୍ନାଥ ସାଥେ ମାଆ ସମଲେଇ
ବାଢିବେ ଟଙ୍କ ତୋରାଣୀ ଅବଢ଼ା ପଖାଳ
ନୂଆଖାଇ ଦେଖେଇବ ଖେଳ
ପଶ୍ଚିମ ଓଡିଶାବାସୀଙ୍କ ସଙ୍ଗେ ପୂର୍ବ ଦକ୍ଷିଣ
ଉତ୍ତର ଓଡିଶାବାସୀଏ ମେଳ
ସରସ୍ୱତୀ ପୂଜା ଆସୁଛି ଆଖି ପଖାଳ
ବିଦ୍ୟା ଧନ ନେଇ ଆସେ ନୂଆ ସକାଳ



# ଦେବ ଦେବ ମହାଦେବଙ୍କ ଜାଗର...



**ସୁଷମା ହୋତା**
ଗୁଲୁଣ୍ଡା, ମାନେଶ୍ୱର, ସମ୍ବଲପୁର

ଜାଗର ବା ଶିବ ରାତ୍ରିର ମୁଖ୍ୟ ଅର୍ଥ ହେଲା ଅନ୍ଧକାରରେ ଅନ୍ତର୍ନିହିତ ମଙ୍ଗଳମୟତାକୁ ସୂଚାଇବା ସହିତ ଅଜ୍ଞାନତା ଭିତରେ ଲୁଚିଥିବା ଜ୍ଞାନକୁ ଚିହ୍ନାଇବା ।

ମନୁଷ୍ୟ ଅନେକ ଉପବାସ ବ୍ରତ କରିଥାଏ, ତା ଭିତରୁ ଶିବରାତ୍ରୀ ଗୋଟିଏ, ଯାହାକି ମନୁଷ୍ୟ ମନ ଓ ଭଗବାନ ଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରିବାର ସମୟଟିଏ | ଏହା ମନୁଷ୍ୟ ମନରେ ଶୁଦ୍ଧତା ଓ ଭଗବାନ ଙ୍କ ଠାରେ ତାର ସମର୍ପଣ ଭାବ ତଥା ଧ୍ୟାନକୁ କେନ୍ଦ୍ରିତ କରିବାକୁ ନିର୍ଦ୍ଦେଶିତ କରିଥାଏ | ଏଥିରେ ରାତ୍ରୀ ସାରା ଉଜାଗର ରହି ଭଗବାନ ଶିବଙ୍କ ଆରାଧନା ରେ ନିଜକୁ ସମର୍ପିତ କରି ନିଜ ମନକୁ କିଛି ସମୟ ପାଇଁ ସ୍ଥିର କରାଯାଇ ପାରିଥାଏ | ଏହି ଶିବ ରାତ୍ରୀ ବା ଜାଗର ଅତ୍ୟନ୍ତ ମହାନ ବୋଲି ଏହାକୁ ' ମହାଶିବରାତ୍ରି ' ମଧ୍ୟ କୁହାଯାଇଥାଏ |
କଳୁଷିତ ଆବେଗ ଓ ବାସନା କୁ ନିଜ ମନରୁ ଅପସାରିତ କରିବାକୁ ହେଲେ ଉପବାସ ମାଧ୍ୟମରେ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ଆଣିବା ଆମର କର୍ତ୍ତବ୍ୟ |
ଶିବ ହେଉଛନ୍ତି କାଳତତ୍ତ୍ୱ, ଏହି ଶିବ ତତ୍ତ୍ୱ ହେଉଛି " ଆମର ଯାହାକୁ ହୃଦୟଙ୍ଗମ କରିବାକୁ ଆମେ ଚେଷ୍ଟିତ ହେବା ଦରକାର, ବନ୍ଧନ ପରିବର୍ତ୍ତେ ମୋକ୍ଷ ପ୍ରାପ୍ତି ପ୍ରତି ଅଭିମୁଖୀ କରାଇବାରେ ସକ୍ଷମ ହେବ, ସଂସାର ମୁଖୀ ନ ହୋଇ ଭଗବତ ମୁଖୀ ଓ ଅନ୍ତରମୁଖୀ ହେବା ଉଚିତ " ।

ଶିବ ରାତ୍ରୀ ସମୟରେ ଯଦି ଜଣେ ଭଗବାନ ଶିବଙ୍କ ଠାରେ ନିଜ ଧ୍ୟାନ କେନ୍ଦ୍ରିତ କରେ ତେବେ ସେ ଦିବ୍ୟ ତତ୍ତ୍ୱ ର ନିକଟବର୍ତ୍ତୀ ହୋଇ ପାରିବେ | ଦିବ୍ୟ ତତ୍ତ୍ୱର ଉପଲବ୍ଧି ଓ ମୋକ୍ଷ ଲାଭ ନିମନ୍ତେ ମନ ଓ ଇନ୍ଦ୍ରିୟ ମାନଙ୍କ ଉପରେ ଅଙ୍କୁଶ ଲଗାଇବା ହେଉଛି ପ୍ରାଥମିକ ଆବଶ୍ୟକତା | ଇନ୍ଦ୍ରିୟ ମାନଙ୍କୁ ବଶୀଭୂତ କରିବା ପାଇଁ ମୁନି ଋଷି ମାନେ ଶିବରାତ୍ରିରେ ଭଗବତ ଚିନ୍ତନ ରେ ସର୍ବଦା ତନ୍ମୟ ରହି ଭଗବାନ ଙ୍କ ନାମ ଜପ କରିବା ସହ ତାଙ୍କ ମହିମା ଉପରେ ଧ୍ୟାନ ଦେଇଥାନ୍ତି | ମନକୁ ଅନ୍ୟ ପାର୍ଥିବ ବା ଜାଗତିକ ବସ୍ତୁ ଠାରୁ ଦୂରେଇ ରଖିଲେ ଇନ୍ଦ୍ରିୟ ମାନେ ନିଶ୍ଚୟ ବଶୀଭୂତ ହେବେ |

ମହାଶିବରାତ୍ରି ବା ଜାଗର ବ୍ରତ ଶୈବ ଧର୍ମା ବଲମ୍ବୀ ମାନଙ୍କ ପାଇଁ ଏକ ମହାର୍ଘ ପର୍ବ | ଫାଲ୍ଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀରେ ଏହି ପର୍ବର ମାହାତ୍ମ୍ୟ ସଂପର୍କ ରେ ଉଲ୍ଲେଖ ରହିଛି |

ଏହି ଦିନ ଦେବ ଦେବ ମହାଦେବ ଶଙ୍କର ' ଲିଙ୍ଗ ' ରୂପରେ ଆବିର୍ଭୁତ ହୋଇଥିଲେ | ଏଣୁ ଏହି ତିଥିର ସ୍ମରଣାର୍ଥେ ମହାଶିବରାତ୍ରି ର ସ୍ୱତନ୍ତ୍ର ପୂଜା ଅର୍ଚନା ପାଳନ କରାଯାଇଥାଏ |

ଏହିଦିନ ଉପବାସ ବା ରାତ୍ରୀ ଉଜାଗର ରହି ମହାଦେବଙ୍କୁ ଆରାଧନା କଲେ ଗୋଟିଏ ବର୍ଷର ପୁଣ୍ୟ ଫଳ ଅକ୍ଳେଶ ରେ ଲାଭ ହୋଇଥାଏ ବୋଲି କୁହା ଯାଇଥାଏ | ଶିବ ସ୍ୱୟଂ ପ୍ରକୃତିର ପ୍ରତୀକ, ପଞ୍ଚଭୁତରେ ମୂର୍ତ୍ତିମନ୍ତ | ସତ୍ୟ, ଶୁଭ ଓ ସୁନ୍ଦର ର ଅଧିକର୍ତ୍ତା | ସେ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ବାଧା ବିଘ୍ନ ଓ ବିପର୍ଯୟ କୁ ଟାଳି ଗୋଟିଏ ସୁନ୍ଦର ଜୀବନ ଅତିବାହିତ କରିବା ଦିଗରେ ପ୍ରେରିତ କରିଥାନ୍ତି |

ଫାଲ୍ଗୁନ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ରାତ୍ରୀ ଅର୍ଥାତ ମହାଶିବ ରାତ୍ରି ନିମିତ୍ତ ସର୍ବୋ୍କୃଷ୍ଟ ସମୟ | ଏହି ପୁଣ୍ୟ ତିଥିର ଅର୍ଥ ଆମେ ବୁଝୁ ଭକ୍ତିପୂତ ହୋଇ ସ୍ୱଛ, ପବିତ୍ର ମନ ପ୍ରାଣରେ ଉପବାସ କରି ଦେବ ଦେବ ମହାଦେବ ଙ୍କର ପୂଜା ବିଲ୍ୱ ପତ୍ର, ଦୁଗ୍ଧ, ପୁଷ୍ପ, ଦୀପ ରେ ଯଦି କରାଯାଏ ସେ ନିଷ୍ଠା ଅନୁଯାୟୀ ପୁଣ୍ୟ ଫଳ କରି ଥାଏ |

ଶେଷରେ ଆମେ ଜାଣିଲା ମହାଶିବରାତ୍ରି ଯଥାର୍ଥରେ ଶିବ ଭକ୍ତ ଓ ଭଗବାନ ଶଙ୍କର ଅର୍ଥାତ ଜୀବତ୍ମା ଓ ପରମାତ୍ମା ଙ୍କ ମହାମିଳନ ର ଏକ ଶ୍ରେଷ୍ଠ ଅବସର | ତାଙ୍କ ପାଦେ କୋଟୀ କୋଟୀ ନମସ୍କାର |



# କାକର ର ଏକ ବୋତଲ...

(ମୂଳ ଇଂରାଜୀ: ସୁଧା କୁଲକର୍ଣ୍ଣୀ ମୂର୍ତ୍ତି )



ମିର୍ଜା ସନୁଅର ବେଗ
କୋରେଇ, ଯାଜପୁର

ରାମନାଥ ଜଣେ ଧନୀ ଜମିଦାରଙ୍କ ପୁଅ ଥିଲେ।  ତାଙ୍କ ବାପା ବହୁତ ଜମି ଛାଡି ଯାଇଥିଲେ।କିନ୍ତୁ ରାମନାଥ କେବେବି ତାଙ୍କ ଜମି ପ୍ରତି ଚିନ୍ତା କରି ନ ଥିଲେ, କାରଣ ତାଙ୍କର ଏକ ଅଜବ ଧାରଣା ଥିଲା ଯାହା ନିଶାରେ ପରିଣତ ହୋଇ ଯାଇ ଥିଲା - ସେ ବିଶ୍ୱାସ କରୁଥିଲେ ଯେ ଏକ ଯାଦୁକରୀ  ଅଲୌକିକ ଔଷଧ (ପୁଷ୍ଟିକର ଔଷଧ/ କୁହୁକ ଜଡ଼ିବୁଟି ସହ ସିଦ୍ଧ ମନ୍ତ୍ର ) ଅଛି | ଯାହା ଯେକୌଣସି ଜିନିଷକୁ ସୁନାରେ ପରିଣତ କରିପାରିବ। ସେ ଏହି ଔଷଧ ବିଷୟରେ ଜାଣିବା ପାଇଁ ତାଙ୍କର ସମସ୍ତ ସମୟ ଅତିବାହିତ କରିବାକୁ ଲାଗିଲେ। ଏହାର ସୁଯୋଗ ନେଇ ଲୋକମାନେ ତାଙ୍କୁ ପ୍ରତାରଣା କରିବାରେ ହେଳା କରି ନ ଥିଲେ ତାହା ସହ ଉକ୍ତ ବିଷୟରେ  କହିବାକୁ କେତେ କଅଣ ମିଛ ପ୍ରତିଶ୍ରୁତି  ବି ଦେଉଥିଲେ, କିନ୍ତୁ ସେ  ନିଜ ଜିଦ୍ ରେ ଅଟଳ ହାର ମାନିବାକୁ ପ୍ରସ୍ତୁତ ନ ଥିଲେ । ତାଙ୍କ ସ୍ତ୍ରୀ ମଧୁମତୀ କ୍ଲାନ୍ତ ଏବଂ ଚିନ୍ତିତ  ଥିଲେ କାରଣ ଯେମିତି କଥା ଫରୁଆରେ କୁହା ଯାଇଛି- ଏକାକ୍ଷରରେ ର଼ ,ଇଏ ଲୋକ ବି ଠିକ୍ ସେଇଭଳି ଏକା ଜିଦିଆ। ସେ ଦେଖିଥିଲେ ଯେ ରାମନାଥ କେତେ ଟଙ୍କା ଅଯଥା ଅର୍ଥହୀନ ଭାବେ ଖର୍ଚ୍ଚ କରୁଛନ୍ତି। କାରଣ ବସି ଖାଇଲେ ନଇ ବାଲି ସରେ। ସେ ନିଶ୍ଚିତ ଥିଲେ ଯେ ସେମାନେ ଖୁବ୍ ଶୀଘ୍ର ଦେବାଳିଆ ହୋଇଯିବେ।

ଦିନେ, ମହୀପତି ନାମକ ଜଣେ ପ୍ରସିଦ୍ଧ ଋଷି ତାଙ୍କ ଗାଁକୁ ଆସିଲେ। ରାମନାଥ ତାଙ୍କର ଶିଷ୍ୟ ହୋଇ ତାଙ୍କୁ  ଉକ୍ତ ଔଷଧ ବିଷୟରେ ପଚାରିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ଋଷି ଉତ୍ତର ଦେଲେ, "ହଁ, ବତ୍ସ !ମୁଁ ହିମାଳୟରେ ମୋର ଭ୍ରମଣ ସମୟରେ ଏପରି ଅଲୌକିକ ଔଷଧ ବିଷୟରେ ଶୁଣିଛି। କିନ୍ତୁ ଏହା ତିଆରି କରିବା କଷ୍ଟକର ବ୍ୟାପାର କାଠି କର ପାଠ ବାପା।"

"କହ ବତ୍ସ!" ରାମନାଥ ନିଜ ଭାଗ୍ୟକୁ ବିଶ୍ୱାସ କରି ନ ପାରି କହିଲେ। ଋଷି କହିଲେ, "ତୁମେ ଏକ କଦଳୀ ଗଛ ଲଗାଇବାକୁ ପଡିବ ଏବଂ ନିଜ ହାତରେ ନିୟମିତ ପାଣି ଦେବାକୁ ବି ପଡିବ।

ଶୀତଦିନେ, ସକାଳର କାକର ଗଛର ପତ୍ରରେ ରହିଥାଏ। ତୁମେ ଏହି କାକରକୁ ସଂଗ୍ରହ କରି ଏକ ବୋତଲରେ ରଖିବା ଉଚିତ୍ ହେବ। ଯେତେବେଳେ ତୁମର ପାଞ୍ଚ ଲିଟର କାକର ହୋଇଯିବ,ତେବେ ତାହାକୁ ମୋ ପାଖକୁ ଆଣିବ। ମୁଁ କିଛି ଯାଦୁକରୀ ଶବ୍ଦ ଜପ କରିବି ଯାହା ଏହାକୁ ଏକ ଯାଦୁକରୀ ଅଲୌକିକ ଔଷଧରେ ପରିଣତ କରିଦେବ। ସେତେବେଳେ ଏହି ଔଷଧର ଗୋଟିଏ ବୁନ୍ଦା ଯେକୌଣସି ଜିନିଷକୁ ସୁନାରେ ପରିଣତ କରି ପାରିବାରେ ସକ୍ଷମ ହୋଇଯିବ। "ରାମନାଥ ଚିନ୍ତିତ ହୋଇଗଲେ। "କିନ୍ତୁ ଶୀତ କେବଳ କିଛି ମାସ ରହେ। ପାଞ୍ଚ ଲିଟର କାକର ସଂଗ୍ରହ କରିବାକୁ ମୋତେ ବର୍ଷ ବର୍ଷ ଲାଗିଯିବ ଯାହା ଜଣା ପଡୁଛି।" ଋଷି କହିଲେ, "ତୁମେ ଯେତେ ଇଚ୍ଛା ସେତେ କଦଳୀ  ଗଛ ଲଗାଇପାରିବ। କିନ୍ତୁ ମନେରଖ, ତୁମକୁ ନିଜେ ସେଗୁଡ଼ିକର ଯତ୍ନ ନେବାକୁ ପଡିବ ଏବଂ ନିଜ ହାତରେ ହିଁ କାକର ସଂଗ୍ରହ କରିବାକୁ ପଡିବ। "ରାମନାଥ ଘରକୁ ଫେରି ତାଙ୍କ ସ୍ତ୍ରୀଙ୍କ ସହ ଏ ବିଷୟରେ କଥା ହେବା ପରେ, ବହୁ ବର୍ଷ ଧରି ଖାଲି ପଡ଼ିଥିବା ତାଙ୍କର କ୍ଷେ ତଗୁଡ଼ିକୁ ସଫା କରିବା ଆରମ୍ଭ କଲେ।ଏବେ ଏହା କେବଳ ଆଉ ପଡ଼ିଆ ବା  ଡିହ ହୋଇ ରହିବ ନାହିଁ ବରଂ ଫଳ ବଗାଏତ (ବଗିଚା) ରେ ପରିଣତ ହୋଇଯିବ।

ସେଠାରେ ସେ ଅନେକ ଧାଡି କଦଳୀ ଗଛ ଲଗାଇବାକୁ ଲାଗି ପଡ଼ିଲେ ଏବଂ ସେଗୁଡ଼ିକର ଯତ୍ନ ନେବାକୁ ବି କେବେ ଭୁଲିଲେ ନାହିଁ। ଶୀତଦିନେ, ସେ ଗଛଗୁଡ଼ିକରୁ କାକରକୁ ଯତ୍ନର ସହିତ ସଂଗ୍ରହ ବି କରୁଥିଲେ। ତାଙ୍କ ସ୍ତ୍ରୀ ମଧ୍ୟ ଏଥିରେ ତାଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ। କଦଳୀ କାନ୍ଦି ବହୁତ ହେଉ ଥିଲା ଯେପରି ଆଲ୍ଲାହ ଦିଅନ୍ତି ତ ଛପର ଫାଡ଼ି। ମଧୁମତୀ କଦଳୀ ବିକ୍ରି କରିବାକୁ ବରାବର ବଜାରକୁ ଯାଉଥିଲେ ଏବଂ ଭଲ ମୂଲ୍ୟ ପାଉଥିଲେ। ଧୀରେ ଧୀରେ, ସେମାନେ ଏକ ବଡ଼ କଦଳୀ ବଗିଚା ବିକଶିତ କରି ପାରିଥିଲେ। ଛଅ ବର୍ଷ ଶେଷରେ, ରାମନାଥ ଶେଷରେ ପାଞ୍ଚ ଲିଟର କାକର ସଂଗ୍ରହ କରିବାକୁ ପୂର୍ଣ୍ଣ ସକ୍ଷମ ହୋଇଥିଲେ।

ରାମନାଥ ବଡ଼ ଖୁସିରେ କାକର ବୋତଲକୁ ସାଧୁଙ୍କ ପାଖକୁ ନେଇଗଲେ। ସାଧୁ ହସି ହସି ବୋତଲ ଉପରେ କିଛି ମନ୍ତ୍ର ଉଚ୍ଚାରଣ କଲେ ଏବଂ କହିଲେ, " ବସ୍!ଏହାକୁ ନେଇ ଚେଷ୍ଟା କରି ଦେଖ,ତୁମ ମନସ୍କାମନା ଅଚିରେ ପୂରଣ ହୋଇ ଯିବ ନିଶ୍ଚୟ।" ରାମନାଥ ଏକ ତମ୍ବା ପାତ୍ରରେ କିଛି ବୁନ୍ଦା ଛିଞ୍ଚି ତାହା ସୁନାରେ ପରିଣତ ହେବା ପର୍ଯ୍ୟନ୍ତ ଅପେକ୍ଷା କଲେ। କିନ୍ତୁ କିଛି ହେଲା ନାହିଁ!

"ଏହା ଠକେଇ। ମୁଁ ମୋ ଜୀବନର ଛଅ ବର୍ଷ ନଷ୍ଟ କରିଦେଲି," ରାମନାଥ ରାଗି କହିଲେ। କିନ୍ତୁ ଋଷି ମହୀପତି ହସି ହସି ମଧୁମତୀଙ୍କୁ ଡାକିଲେ। ସେ ଏକ ବଡ଼ ବାକ୍ସ ଆଣିଲେ। ଯେତେବେଳେ ସେ ଏହାକୁ ଖୋଲିଲେ, ସେଥିରେ ଚମକୁଥିବା ସୁନାମୁଦ୍ରାର ଗଦା ଭରି ରହି ଥିଲା!

ଏବେ ଋଷି ଆଶ୍ଚର୍ଯ୍ୟ ହୋଇ ରାମନାଥଙ୍କୁ କହିଲେ, "ଏପରି କୌଣସି ଯାଦୁକରୀ ଅଲୌକିକ ଔଷଧ ନାହିଁ ଯାହା ଜିନିଷଗୁଡ଼ିକୁ ସୁନାରେ ପରିଣତ କରିପାରିବ। ତୁମେ ତୁମର କଠିନ ପରିଶ୍ରମରେ ଏକ କଦଳୀ ବଗିଚା ତିଆରି କଲ, ଏବଂ ତୁମ ସ୍ତ୍ରୀ ବଜାରରେ ତାହାର ଫଳ ବିକ୍ରି କରି ଏହି ଟଙ୍କା ରୋଜଗାର କରିଛନ୍ତି। ଏହା ତୁମର କଠିନ ପରିଶ୍ରମର ଫଳାଫଳ, କୌଣସି ଯାଦୁର ଫଳ ନୁହେଁ। ଯଦି ମୁଁ ଏହା ତୁମକୁ ପୂର୍ବରୁ କହିଥାଆନ୍ତି, ତେବେ ତୁମେ ମୋ କଥା ବିଶ୍ୱାସ କରି ନ ଥାଆନ୍ତ,ତେଣୁ ମୁଁ ତୁମ ସହିତ ଏକ ଚାଲ ଖେଳିଲି।" ରାମନାଥ ଏହି କଥାଗୁଡ଼ିକର ଗୂଢ଼ ଉଦ୍ଦେଶ୍ୟ ବୁଝିପାରିଲେ ଏବଂ ସେହି ଦିନଠାରୁ ସେ ତାଙ୍କ ଚାଷ କାମରେ ଆହୁରି ମନୋନିବେଶ କରି କଠିନ ପରିଶ୍ରମ କରିବା ଆରମ୍ଭ କରି ଦେଲେ।

(ଶିକ୍ଷା: ସଫଳତା ପାଇଁ ନିରନ୍ତର କଠିନ ପରିଶ୍ରମ ଆବଶ୍ୟକ କୌଣସି ଶର୍ଟକଟ ନୁହେଁ ।)

(ମୁଖ୍ୟପାତ୍ର: ରାମନାଥ, ମଧୁମତୀ ଏବଂ ଋଷି ମହୀପତି)

**ନିଜକୁ ଛୋଟ ମନେକରି କାହା ଗୋଡ଼ ଧରିବା ଅପେକ୍ଷା, ଚେଷ୍ଟା କରନ୍ତୁ ନିଜେ କେମିତି ବଡ ହେବା...**

**କାରଣ ,**

**ନିଜ ଭିତରେ ଥିବା ଆତ୍ମବିଶ୍ୱାସ ହିଁ ସଫଳତାର ଶୀର୍ଷ ଛୁଆଇଁ**

# ବାପା...



**ଶିବାନୀ ଦାସ୍**
ରାଜଗାଙ୍ଗପୁର



ମୋ ବାପା ଜଣେ ଅଭିନେତ୍ରୀ ନୁହନ୍ତି,
କିନ୍ତୁ, ତାଙ୍କୁ ଅଭିନୟ କଳା ଟା ବେଶ୍ ଜଣା..
ହଁ ମୋ ବାପା ଜଣେ ଅଭନେତ୍ରୀ ନୁହନ୍ତି,
କିନ୍ତୁ ତାଙ୍କୁ ଅଭିନୟ କଳା ଟା ବେଶ୍ ଜଣା..

ମୋ ବାପା ଉପର କୁ ନଡ଼ିଆ ଭଳି କୋଠର

କିନ୍ତୁ, ଭିତରେ ନରମ,
ହଁ ମୁଁ ମୋ ବାପା ଙ୍କୁ ଡ଼ରେ, ତାଙ୍କ ସବୁ କଥା ରେ ହଁ ମାରେ
ସେଥିପାଇଁ ବୋଧେ ମୁଁ ତାଙ୍କର ସୁନା ଝିଅ...


ମୋ ବାପା କେବେ ନିଜ ପାଇଁ ଭଲ ପୋଷାକ କିଣିବେ ନାହିଁ,
କିନ୍ତୁ ତାଙ୍କ ପୁଅ ଝିଅ କେମିତି ଖୁସି ରେ ରହିବେ,
ସେଇଟା ତାଙ୍କୁ ଅଭିନୟ କରି ଦେଖେଇ ବା ବେଶ୍ ଜଣା....

ମୋ ବାପା ନା ଭାରି ମିଛୁଆ,
ଯେତେ ବେଳେ ବାପା ତାଙ୍କ ପୁଅ ଝିଅ ଙ୍କ ପାଇଁ କିଛି ଜିନିଷ ଆଣିବେ,
ବୋଉ ପଚାରିଲେ କେତେ କଣ ନେଲା,
ବାପା କହିବେ ତୁମର ତ ଜିନିଷ ଦରକାର, ଦର ରୁ କଣ ହେବ...
ହଁ ମୋ ବାପା ଭାରି ମିଛୁଆ,

ମୋ ବାପା ସବୁ ବେଳେ କୁହନ୍ତି ,
ଅନ୍ୟ କୁ କେବେ ସାହାଯ୍ୟ ପାଇଁ ମନା କରିବନି..
ଆମେ ଯଦି କାହାକୁ ଦେଇ ଥିବା,
ଭଗବାନ୍ ଆମକୁ ଦୁଇ ଗୁଣା ଦେବେ..

ମୋ ବାପା ସବୁ ବେଳେ କୁହନ୍ତି, ବଡ଼ ମାନଙ୍କୁ ବଡ଼ ଭଳି ଦେଖିବାକୁ
ଏବଂ ଛୋଟ ମାନ ଙ୍କୁ ଛୋଟ ଭଳି ଦେଖିବାକୁ,
କେବେ କାହାକୁ  ନୀଚ ଦୃଷ୍ଟି ରେ ଦେଖିବା କୁ ମନା କରନ୍ତି,
ଆଉ ସେ କେହି ନୁହନ୍ତି, ସିଏ ହେଉଛନ୍ତି ମୋ ବାପା...ହଁ ମୋ ବାପା.....

# ସତେଜ କ୍ଷତ ଓ ପୁରୁଣା କ୍ଷତ...



**ସ୍ୱାତିଶ୍ରୀ ପରିଡ଼ା**
ବାଲିଚନ୍ଦ୍ରପୁର, ଯାଜପୁର

ଆଶାର ସେ ଦିଗନ୍ତରେ ଆଜି ଆଉଥରେ ଏକ ଉଜ୍ଜ୍ୱଳ ଚମକ ଦେଖିଲି। ଅବାଟିମରା ହୋଇ ପଡ଼ିଥିବା ସେ ଦଗ୍ଧ ପ୍ରାୟ ଭାବନାକୁ ଆଜି ସନ୍ତର୍ପଣରେ ଲାଜେଇ ଯିବାର ଦେଖିଲି। ଆଶାତୀତ ମଳିନ ଆଖିରେ ଆଜି ଏକ ନୂଆ ରଙ୍ଗ ଦେଖିଲି। ମଉଳି ଯାଇଥିବା ସେ ଧୂସର ଗୋଲାପକୁ ଆଜି ପୁଣିଥରେ ଲାଲ୍ ହୋଇଥିବାର ଦେଖିଲି। ବୋଧହୁଏ ଅମଳିନ ସ୍ମୃତିର ସେ ଭଙ୍ଗା କୋଠା ଉହାଡରେ ଏତେ ଦିନ ପରେ ନିଜ ପ୍ରେୟସୀକୁ ଦେଖିଲି | ନିସ୍ତେଜ ଭାବନା ସବୁ ସତେଜ ହେବାକୁ ଲାଗିଲେ ଓ ମଳିନ ପଡିଥିବା କ୍ଷତଟା ହଠାତ୍ ଚିତ୍କାର କରି ଉଠିଲା...

ନିଜ ମନର କାନଭାସ୍ ରେ ଭାବନାର ତୁଳୀ ଧରି ତୁମକୁ ଆଙ୍କିଥିଲି। ତୁମକୁ ରଙ୍ଗରେ ରଙ୍ଗାୟିତ କରିବା ମୋ ପକ୍ଷେ ବୋଧହୁଏ ଅସମ୍ଭବ, କାରଣ ତୁମେ ଏକ ବହୁରୂପୀ। କେତେବେଳେ ଯେ ରଙ୍ଗ ବଦଳାଅ ତାହା ମୋ ପକ୍ଷେ ଜାଣିବା କାଠିକର ପାଠ।

ଫୁଲରୁ ଫୁଲକୁ ଉଡ଼ି ବୁଲିବା ତୁମର ଏକ ନିତିଦିନିଆ ବ୍ୟାପାର। ତୁମ ହୃଦୟରେ ତ ମୁଁ କେବେ ଆଧିପତ୍ୟ ଚାହିଁ ନଥିଲି କି ତୁମ ମନ ଉପରେ ନିଜର ଅକ୍ତିଆର ଜାରି କରିନଥିଲି , ତାହେଲେ ମୋ ପ୍ରତି ଏତେ ନିଷ୍ଠୁରତା କାହିଁକି ?

ତୁମ ପ୍ରିତୀ ସାହିତ୍ୟର ସେ ଅମିତ୍ରାକ୍ଷର ଛନ୍ଦ ବୁଝିବା ମୋ ପକ୍ଷେ ଅସମ୍ଭବ। ମୁଁ ଏସବୁ ଠୁ ବହୁତ ଦୂରରେ। "ଭଲପାଇବା" ମୋ ପାଇଁ ଏକ ଉତ୍କୃଷ୍ଟ ଚିତ୍ତାକର୍ଷକ ଗଳ୍ପ ହେଇପାରେ କିନ୍ତୁ ବାସ୍ତବ ଜୀବନରେ ବଞ୍ଚିବାର ଆଧାର ହେଇପାରିବ ନାହିଁ,  ପ୍ରେମର ସଂଜ୍ଞା ସମସ୍ତଙ୍କ ପାଇଁ ଭିନ୍ନ। ମୋ ପାଇଁ ବୋଧହୁଏ ଏହା "ନିୟତି"।

ଇଂରାଜୀ ସାହିତ୍ୟର ପ୍ରୟୋଗ ମୁଁ ଏଥିପାଇଁ ଅଧିକ କରେ କି ମୁଁ ସବୁ ଜିନିଷରେ ସରଳତା ଚାହେଁ ଓ କମ୍ ସମୟରେ ସବୁ ସାରିବାକୁ ଚାହେଁ......ତୁମେ କହିପାର- "ପ୍ରେମକୁ ବୁଝିପାରିବି ତା'ର ସକ୍ଷମତା ଆସିନି ମୋ ଭିତରେ" ପ୍ରେମ ଏକ ଅବର୍ଣ୍ଣନୀୟ ଭାବନା ଯାହା ସଂଜ୍ଞାହୀନ।

## ଭଗବାନ ଦେଉଥିବା ଦୁଃଖ ପଛର ଭୂମିକା...



ହରପ୍ରିୟା ସାହୁ
ସିଂହାରପୁର, ଜଗତସିଂପୁର

ସଭ୍ୟ ସମାଜ ଜୀବନ ଜଞ୍ଜାଳ ମଧ୍ୟରେ ମନୁଷ୍ୟ ଭୁଲି ଯାଉଛି ନିଜ ଜୀବନ ର ଅସ୍ତିତ୍ୱକୁ। ସେ କିଏ, କେଉଁଠୁ ଆସିଛି, କାହା ନିର୍ଦ୍ଦେଶ ରେ ଏ ଧରା ଧାମ କୁ ଆସିଛି, କାହା ଇଙ୍ଗିତ ରେ ତା ଜୀବନ ର ଗତି ପଥ ଚାଲୁଛି, ତା ' ଜୀବନ ର ଲକ୍ଷ୍ୟ କ'ଣ, ଅନ୍ତିମ ନିଃଶ୍ୱାସ ପରେ ସେ କେଉଁଠାକୁ ଯିବ? Computer, Internet, science, technology ଯୁଗରେ ରହି ସେ ଦୂରେଇ ଯାଉଛି ତାକୁ ସୃଷ୍ଟି କରିଥିବା ସେହି ପରମାତ୍ମା ପରମ ପୁରୁଷ ଙ୍କ ଠାରୁ। ଆଧ୍ୟାତ୍ମିକତା ଠାରୁ ମୁହଁ ବୁଲାଇ ନେଇ ସେ ଉଗ୍ର ଆଧନିକତାକୁ ଆପଣେଇ ନେଉଛନ୍ତି। ସେଥିପାଇଁ ତ ସମାଜ ରେ ଅନୈତିକ ଅଭାବନୀୟ ଘଟଣା ସବୁ ପରିଲକ୍ଷିତ ହେଉଛି। ଅନେକ ନାସ୍ତିକବାଦୀ ମଧ୍ୟ ପାଲଟି ଯାଉଛନ୍ତି। ଭଗବାନ ଙ୍କୁ ନିନ୍ଦା,ଭୁଲ୍ ବୋଲି କହିବା ସହିତ ଭଗବାନ ନାହାନ୍ତି ବୋଲି କହିବା ପାଇଁ ପଛାଉ ନାହାଁନ୍ତି। ନିଜ ସ୍ୱାର୍ଥ ରେ ଟିକେ ଦୁଃଖ,କଷ୍ଟ ବା ଆଞ୍ଚ ଆସିଲେ ସେ ଭଗବାନ ଙ୍କୁ ଦୋଷ ଦେବାକୁ କୁଣ୍ଠବୋଧ କରୁ ନାହାଁନ୍ତି। କିଛି ଲୋକ ଏମିତି ବି ଅଛନ୍ତି ଅସୁବିଧା ସମୟ ରେ ଭଗବାନ ଙ୍କୁ ଡାକୁଛନ୍ତି , ଭଗବାନ ଯଦି ଶୁଣିବାରେ ବିଳମ୍ବ କରି ଦେଉଛନ୍ତି ଧର୍ଯ୍ୟହରା ହେଇ କି ହେଉ ଅବା ଲୋଭ ର ପ୍ରଲୋଭନ ରେ ପଡ଼ି ଧର୍ମ ପରିବର୍ତ୍ତନ କରିବା ସହିତ ଭଗବାନ ଙ୍କୁ ନିନ୍ଦା ଅପବାଦ ମଧ୍ୟ ଦେଉଛନ୍ତି। ହେଲେ ଏହା ଜାଣି ରଖିବା ଉଚିତ୍ ଯେ କର୍ମ ର ଫଳ ଦିନେ ନା ଦିନେ ସମସ୍ତ ଙ୍କୁ ଭୋଗିବା ପାଇଁ ପଡ଼େ। ସେଠି ଭଗବାନ ଚାହିଁଲେ ବି କିଛି କରି ପାରିବେ ନାହିଁ କାରଣ ଶ୍ରୀକୃଷ୍ଣ, ଶ୍ରୀ ରାମ ଭଗବାନ ହେଇ ସୁଦ୍ଧା ସମୟ ଏବଂ କର୍ମ ପାଖରେ ବନ୍ଧା ପଡ଼ିଥିଲେ। ତା ବୋଲି ନୁହେଁ ଯେ ଭଗବାନ ଙ୍କୁ ମାନିବା ନାହିଁ କି ଭଗବାନ ନାହାଁନ୍ତି। ଭଗବାନ ସବୁ ବେଳେ ସମସ୍ତ ଙ୍କ ସାଥୀରେ ଅଛନ୍ତି ବାସ୍ ସତ୍ କର୍ମ କରିଚାଲ।

କିଛି ଲୋକ କୁହନ୍ତି ମୁଁ ଠିକ୍ ରେ ଅଛି ହେଲେ ଭଗବାନ ମତେ ଏତେ କଷ୍ଟ ଦେଉଛନ୍ତି। ଭଗବାନ ନିର୍ଦ୍ଦୟ,କଠୋର, ସେ କିଛି ଦେଖି ପାରୁନାହାନ୍ତି। ଭକ୍ତ ର ଦୁଃଖ ଦେଖିଲେ ସେ ଖୁସି ହୁଅନ୍ତି।
ସେଥିପାଇଁ ତ ସେ ବଡ଼ ଦେଉଳ ରେ ବସିଛି ଆଉ ମୁଁ ଏଠି ଭଙ୍ଗା କୁଡ଼ିଆରେ
ସେ ସେଠି ଛପନ ପୌଟି ଭୁଞ୍ଜୁଛି
ମତେ ଏଠି ଛପନ ପୌଟି ଦୂରେ ଥାଉ

ବାସି ପେଜ ମୁନ୍ଦା କାହିଁ ମିଳୁଛି?

ମଣିଷ ଯେମିତି ଭାବୁଥାଏ ପ୍ରକୃତ ରେ ଭଗବାନ ଏତେ କଠୋର କି ନିଷ୍ଠୁର ନୁହଁନ୍ତି, ସେ କୃପାଳୁ,ଦୟାର ସାଗର ବେଳେ ବେଳେ ସେ ତାଙ୍କ ଭକ୍ତ ର ପରୀକ୍ଷା ନିଅନ୍ତି। ସେଇ ପରୀକ୍ଷା ଦ୍ୱାରା ଭକ୍ତ କୁ ସେ ପରଖି ଥାଆନ୍ତି। ଯେମିତି ହୀରା ବନିବା ପୂର୍ବ ରୁ ସେ ହୀରା ଦୀର୍ଘ ଦିନ ଧରି କୋଇଲା ଖଣି ରେ ଚାପ, ତାପ ପାଇ ପରବର୍ତ୍ତୀ ମୁହୂର୍ତ୍ତ ହୀରା ଭଳି ମୂଲ୍ୟବାନ ପଥର ହୋଇଥାଏ।ଆବଶ୍ୟକ ସ୍ଥଳେ ମଣିଷମାନେ ଭଗବାନ ଙ୍କ ହାତ ଛାଡ଼ି ଦିଅନ୍ତି ,ହେଲେ ଭଗବାନ ଙ୍କ ଶରଣ କୁ ଯିଏ ଥରେ ଯାଇଥାଏ ଭଗବାନ କେବେ ତା ହାତ ଛାଡ଼ି ନାହାଁନ୍ତି। ଭଗବାନ ସବୁ ବେଳେ ଯାହା କରନ୍ତି ପ୍ରାଣୀ ର ମଙ୍ଗଳ ପାଇଁ। ସେ ଦେଉଥିବା ପ୍ରତ୍ୟେକ ଟି କଷ୍ଟ,ଦୁଃଖ,ଯନ୍ତ୍ରଣା ପଛରେ ତାଙ୍କ ଭକ୍ତ ର ମଙ୍ଗଳ ରହସ୍ୟ ଲୁଚି ରହିଥାଏ। ତେଣୁ ମୋର ଏକ କ୍ଷୁଦ୍ର ଗଳ୍ପ ମାଧ୍ୟମ ରେ ଭଗବାନ ଯାହା ସବୁ କରନ୍ତି କିପରି ପ୍ରାଣୀ ର ମଙ୍ଗଳ ପାଇଁ ତାହା ଉପସ୍ଥାପନ କରୁଛି।

ଏକାଦା ଏକ ରାଜ୍ୟ ରେ ଘୋଡ଼ା ପାଳକ ରହୁଥିଲା। ଘରେ ତା'ର ପତ୍ନୀ, ପୁଅ, ଝିଅ ସହ ବସବାସ କରୁଥିଲା। ଜୀବିକା ନିର୍ବାହ ପନ୍ଥା କହିଲେ ଏକମାତ୍ର ଘୋଡ଼ା। ସେ ଘୋଡ଼ା ଟି ହିଁ ତା'ର ଏକମାତ୍ର ସମ୍ବଳ ଥିଲା। ଘୋଡ଼ା ପାଳକ ଜଣଙ୍କ ଈଶ୍ୱରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଭରସା ରଖିଥିଲା। ନିଜର ଦୈନନ୍ଦିନ କର୍ମ ମଧ୍ୟରେ ଈଶ୍ୱର ଙ୍କୁ କେବେ ଭୁଲି ନଥିଲା। ଘୋଡ଼ା ପାଳକ ପ୍ରତିଦିନ ନିଜ ଘୋଡ଼ାକୁ ଚରାଇବାକୁ ଜଙ୍ଗଲ କୁ ଛାଡ଼ି ଦେଉଥାଏ। ଘୋଡ଼ାଟି ସନ୍ଧ୍ୟା ପୂର୍ବ ରୁ ଚରିକି ଆସି ଘରେ ପହଞ୍ଚି ଯାଏ। କିନ୍ତୁ ଦୁର୍ଭାଗ୍ୟ ବଶତଃ ଦିନେ ଚରିବାକୁ ଯାଇ ଆଉ ଘରକୁ ଫେରି ନଥିଲା। ଘୋଡ଼ା ପାଳକ ଏପଟେ ବହୁତ ଖୋଜା ଖୋଜି କଲା।କିନ୍ତୁ ନିରାଶ ହୋଇ ଘୋଡ଼ାଟି କୁ ହରାଇବା ଦୁଃଖ ରେ ଘରକୁ ଫେରିଲା । ଘରେ ଘୋଡ଼ା ପାଳକ ର ସ୍ତ୍ରୀ କହିଲା " ତୁମେ ତ ଭଗବାନ ଙ୍କୁ ଏତେ ପୂଜା ଅର୍ଚ୍ଚନା କରୁଛ ଏତେ ଶ୍ରଦ୍ଧା,ଭକ୍ତି, ବିଶ୍ୱାସ କରୁଛ, ତେବେ ତମର ସେ ଭଗବାନ ଆମର ଏକମାତ୍ର ରୋଜଗାର ପନ୍ଥା କିପରି ଛଡ଼ାଇ ନେଇ ପାରିଲେ। ଏବେ ଆମେ କିପରି ଚଳିବା? ବ୍ୟକ୍ତି ଟି କିଛି କ୍ଷଣ ପାଇଁ ତା 'ସ୍ତ୍ରୀ ର କଥା କୁ ମାନି ଯାଇଥିଲା। ପୁନଶ୍ଚ ଭାବିଲା ଈଶ୍ୱର ଙ୍କୁ ମୁଁ ଏତେ ଡାକିଛି ସେ କିଛି ତ ଚାମତ୍କାର କରିବେ ଏ ବିଶ୍ୱାସ ମୋର ଅଛି। ଏହା ପରେ ସେ ତାଙ୍କ ପତ୍ନୀ ଙ୍କୁ ବୁଝାଇ କହିଥିଲା ଯେ "ତୁମେ ବ୍ୟସ୍ତ ହୁଅନି,  ଈଶ୍ୱର କେବେ କାହାର ଅମଙ୍ଗଳ କରନ୍ତି ନାହିଁ। ଏହା ପଛରେ କିଛି ନା କିଛି ମଙ୍ଗଳ ଲୁଚି ରହିଛି। ଧୈର୍ଯ୍ୟ ଧର ଠିକ୍ ସମୟ କୁ ଅପେକ୍ଷା କର।

ଯା ଭିତରେ କିଛି ଦିନ ବିତି ଗଲା, ଘୋଡ଼ା ପାଳକ ମଧ ଏହା ଭିତରେ କିଛି ଅର୍ଥ ସଞ୍ଚୟ କରି ନୂତନ ବ୍ୟବସାୟ କରିଛି। କିନ୍ତୁ ହଟାତ୍ ଦିନେ ତା' ର ହଜି ଯାଇଥିବା ଘୋଡ଼ା ସହ ଆଉ ତିନୋଟି ଜଙ୍ଗଲି ଘୋଡ଼ାଙ୍କୁ ସାଥୀରେ ନେଇ ଘୋଡ଼ା ପାଳକ ଘରକୁ ଫେରିଛି। ଏହା ଦେଖି ଘୋଡ଼ା ପାଳକ ପତ୍ନୀ ଆଶ୍ଚର୍ଯ୍ୟ ହୋଇଗଲା! ସାହି ପଡ଼ୋଶୀ କହିଲେ, ଆରେ ଏ ତ ଚମତ୍କାର ହେଇଗଲା!ତମ ମାନ ଙ୍କର ତ ଭାଗ୍ୟ ଫେରିଗଲା! ତୁମ ଘୋଡ଼ା ତ ଆଉ ତିନୋଟି ଜଙ୍ଗଲି ଘୋଡ଼ା ଙ୍କୁ ନେଇକି ଆସିଛି। ତମର ବ୍ୟବସାୟ ତ ଏବେ ବହୁତ୍ ଭଲରେ ଚାଲିବ।

ଏହା ଭିତରେ ପୁଣି କିଛି ଦିନ ବିତି ଯାଇଥିଲା। ଘୋଡ଼ା ର ପୁଅ ଜଙ୍ଗଲି ଘୋଡ଼ା ଙ୍କୁ ତାଲିମ୍ ଦବା ପାଇଁ ମନସ୍ଥ କଲା। ତେଣୁ ଘୋଡ଼ା ପାଳକ ପୁଅ ଘୋଡ଼ା ପିଠି ରେ ବସି ତାଲିମ୍ ଦବା ପାଇଁ ବାହାରି ପଡ଼ିଲା। ଜଙ୍ଗଲି ଘୋଡ଼ା ହୋଇଥିବାରୁ ସେ ବହୁତ୍ ଯୋରେ ଦୌଡିବା କୁ ଲାଗିଲେ ତତ୍ ଦ୍ଵାରା ଘୋଡ଼ା ପାଳକ ପୁଅ ତଳେ ପଡ଼ି ଗଲା। ଯାହା ଫଳରେ ପୁଅ ଟି ର ଗୋଡ଼ ହାତ ଭାଙ୍ଗି ଗଲା।ସେ ବିଛଣା ରେ ପଡ଼ି ରହିଲା। ବହୁତ ବୈଦ୍ୟ ଆସି ଔଷଧ ଦେଲେ ମଧ ଘୋଡ଼ା ପାଳକ ପୁଅ ର ସ୍ୱାସ୍ଥ୍ୟ ରେ କିଛି ସୁଧାର ଆସିଲ ନାହିଁ। ତଥାପି ଘୋଡ଼ା ପାଳକ ମନ ରେ ଦୃଢ଼ ବିଶ୍ୱାସ ରହିଥାଏ।
ଭଗବାନ ଦେଇଥିବା ଏ କଷ୍ଟ ପଛରେ କିଛି ନା କିଛି ଭଲ ଉଦ୍ଦେଶ୍ୟ ଲୁଚି ରହିଛି।
ହଟାତ୍ ସେ ରାଜ୍ୟ ରେ ରାଜା ଯୁଦ୍ଧ ଘୋଷଣା କଲେ। ଯୁଦ୍ଧ ଚାଲିଥିବା ସମୟରେ ସୈନ୍ୟମାନ ଙ୍କ ଅଭାବ ପଡ଼ିବାରୁ ରାଜା ଆଦେଶ ଦେଲେ ଯେ ନିଜ ରାଜ୍ୟ ରେ ଯେତେ ନୌଯବାନ ଅଛନ୍ତି ସେମାନଙ୍କୁ ଆଣି ଯୁଦ୍ଧରେ ସୈନ୍ୟ କରିବା ପାଇଁ। ରାଜା ଙ୍କ ଆଦେଶ ଥିଲା କି ପ୍ରତ୍ୟେକ ପରିବାର ର କେହି ଜଣେ ନୌଯବାନମାନଙ୍କ ମଧ ରେ ଜଣେ ଲେଖା ଆସିବାକୁ ବାଧ। କେହି ଜଣେ ହେଲେ ନୌଯବାନ ଚାହିଁଲେ ବି ରହି ପାରିବେ ନାହିଁ। ରାଜା ଙ୍କ ଦୂତ ମାନେ ସାରା ରାଜ୍ୟ ରେ ନୌଯବାନ ସଂଗ୍ରହ କରିବା ରେ ଲାଗିଲେ । ଯେତେବେଳେ ଘୋଡ଼ା ପାଳକ ଘର କୁ ଦୂତ ମାନେ ଆସି ଦେଖନ୍ତି ଘୋଡ଼ା ପାଳକ ପୁଅ ଅସୁସ୍ଥ ଅବସ୍ଥା ରେ ଅଛି, ବସି ଉଠି ପାରୁ ନାହିଁ। ତେଣୁ ଘୋଡ଼ା ପାଳକ ପୁଅ କୁ ଛାଡ଼ିଦେବା ପାଇଁ ଅନୁମତି ଦିଆ ଗଲା। ଘୋଡ଼ା ପାଳକ ଙ୍କ ପଡ଼ୋଶୀ ଘର ମାନଙ୍କ ନୌଯବାନ ପୁଅ ମାନଙ୍କୁ ନେଇ ଗଲେ।

କିଛି ଦିନ ପରେ ଘୋଡ଼ା ପାଳକ ପୁଅ ସୁସ୍ଥ ହେଇ ଗଲା ନିଜେ ନିଜେ ଚଲା ବୁଲା କଲା । ସେତେବେଳକୁ ରାଜ୍ୟ ରେ ମଧ୍ୟ ଯୁଦ୍ଧ ସରି ଯାଇଛି, ଦୁଃଖ ର ବିଷୟ କି ଯାଇଥିବା ନୌଯବାନ ମାନେ ଯୁଦ୍ଧ ରେ ସହିଦ୍ ହେଇ ଯାଇଛନ୍ତି। ଘୋଡ଼ା ପାଳକ ଜଣଙ୍କ ଭଲ ରେ ବୁଝି ଯାଇଥିଲା ଯେ ,ଏ ସବୁ ଈଶ୍ୱରଙ୍କ ଲୀଳା। ସେ ଜାଣିଥିଲେ ରାଜ୍ୟ ରେ ଯୁଦ୍ଧ ହେବ, ସୈନ୍ୟ ଭାବେ ନୌଯବାନ ଙ୍କ ଆବଶ୍ୟକତା ପଡ଼ିବ ଏବଂ ଅଂଶ ଗ୍ରହଣ କରିଥିବା ନୌଯବାନ ସୈନ୍ୟ ଆଉ ଜୀବନ ନେଇ ପୁନର୍ବାର ଘରକୁ ଫେରି ଆସିବେ ବୋଲି କୌଣଷି ଗ୍ୟାରେଣ୍ଟି ନାହିଁ।

ତେଣୁ ଏ ଗଳ୍ପରୁ ଶିଖିଲେ କ'ଣ?

ଈଶ୍ୱର ଦେଉଥିବା ପ୍ରତ୍ୟେକ ଟି କଷ୍ଟ ,ଦୁଃଖ,ଯନ୍ତ୍ରଣା ପଛରେ ମଙ୍ଗଳ ଲୁଚି ରହିଛି।

ଶେଷରେ ଏତିକି ଲେଖିବି। ଭଗବାନ ପ୍ରତିଟି ସ୍ଥାନ ରେ ପ୍ରତିଟି ମୁହୂର୍ତ୍ତ ରେ ଆମ ସାଥୀରେ ଅଛନ୍ତି। ଥରେ ନିଜ ଅତୀତ ରେ ପାଇଥିବା ଦୁଃଖ,ଯନ୍ତ୍ରଣା,କଷ୍ଟ ରୁ କିଛି ତ ଲାଭ ମିଳିଛି ଯାହାକୁ ଥରେ ହୃଦୟଗମ କର, ବର୍ତ୍ତମାନ ଯଦି ତୁମ ଖୁସି ରେ ଅଛ ସେଥିପାଇଁ ମଧ୍ୟ ଭଗବାନ ଙ୍କୁ thank God କୁହ।ଭବିଷ୍ୟତରେ ଈଶ୍ୱର ଙ୍କ ଉପରେ ବିଶ୍ୱାସ ରଖି ଭଗବାନ ଙ୍କୁ trust God କୁହ।ବର୍ତ୍ତମାନ ଭଗବାନ ଙ୍କୁ ଅନୁଭବ କରି feel God କୁହ। ଥରେ ନିଜ ଭିତରେ ଧ୍ୟାନର ସହ ଦେଖି find God କୁହ। ଦେଖିବ ଭଗବାନ ଙ୍କୁ କେବଳ ମନ୍ଦିର ରେ ନୁହେଁ ବରଂ ସର୍ବତ୍ର ସ୍ଥାନ ମାନଙ୍କ ରେ ନିଶ୍ଚିନ୍ତ ପାଇ ପାରିବ।

ବାରମ୍ବାର ଅସଫଳ ହେଲେ ଭାଙ୍ଗି
ପଡ଼ିବା ଠିକ ନୁହେଁ , କାରଣ ପେଣ୍ଡାର
ଶେଷ ଚାବିରେ ହିଁ ତାଲା ଖୋଲିଥାଏ ...

# ତୁମେ ଦୂର ଆକାଶରେ ଜହ୍ନ...



**ସତ୍ୟବ୍ରତ ବେହେରା**
ବିରିଡ଼ି , ଜଗତସିଂହ ପୁର

ମୁଁ ପୂର୍ଣ୍ଣିମା ନିଶିର ସରୋବରରେ,
ଚାହିଁ ରହିଥିବା ଝଲମଲ ନୀର ପରି,
ତୁମେ ଦୂର ଆକାଶରେ ଜହ୍ନ...
ତୁମକୁ ଆଙ୍କିପାରେ ମୁଁ ନିଜ ଛାତି ଚିରିଦେଇ

ହେଲେ କେବେ ନିଜର କରିପାରେ ନାହିଁ..

ମୁଁ ଶାନ୍ତ ଶରସୀ ରେ ଅପେକ୍ଷା କରିଥିବା
ପାଗଳ ନୀଳ କଇଁ ପରି,
ତୁମେ ଦୂର ଆକାଶରେ ଜହ୍ନ...
ତୁମକୁ ମନେ ମନେ ଭଲପାଇ ପାରେ ମୁଁ
ହେଲେ କେବେ ଛୁଇଁବାକୁ ମୋର ହାତ ପାଏ ନାହିଁ..

ମୁଁ ନିଷ୍ପାପ ଶିଶୁର ଅଝଟ ମନରେ ଅବୁଝା କ୍ରନ୍ଦନ ପରି,
ତୁମେ ଦୂର ଆକାଶରେ ଜହ୍ନ...
ତୁମକୁ ଦେଖି ମୁଁ ତୁନି ହୋଇ ପାରେ ସତ
ହେଲେ କେବେ ପାଖକୁ ଯାଇ ପାରେ ନାହିଁ..

ମୁଁ କଳଙ୍କିତ ଅମାବାସ୍ୟା ଯାମିନୀ ରେ ଘନ ଅନ୍ଧାର ପରି,
ତୁମେ ଦୂର ଆକାଶରେ ଜହ୍ନ...
ତୁମ ସ୍ପର୍ଶ ପାଇଁ ମୁଁ ଆଲୋକିତ ହୋଇ ପାରେ ସତ
ହେଲେ କେବେ ନିଜକୁ ଫେରି ପାଏ ନାହିଁ..

ମୁଁ ବାମନ ତୁମ ପ୍ରେମକୁ ପାଇବା ପାଇଁ, ନିଜ
ବାସ୍ତବତା ଭୁଲିଗଲି,
ତୁମେ ଦୂର ଆକାଶରେ ଜହ୍ନ..
ମୋ ପାଇଁ, ଜାଣିବା ପରେ ନିଜକୁ ବୁଝେଇବାକୁ
ବହୁତ ଚେଷ୍ଟା କଲି,
ହେଲେ କେବେ ତୁମକୁ ଭୁଲି ପାରିଲି ନାହିଁ..

ତୁମେ ଦୂର ଆକାଶର ଜହ୍ନ..
ତୁମେ ଦୂର ଆକାଶର ଜହ୍ନ ମୋ ପାଇଁ....

# ବାର୍ଦ୍ଧକ୍ୟ ଭଉଣୀ...





**ଦିବ୍ୟଦର୍ଶନ ବିଶ୍ୱାଳ**
ରୂପଖଣ୍ଡ,, ବାଲେଶ୍ୱର

ଜୀବନ ର ଗୋଧୂଳି ରେ,
ଛିଞ୍ଚା ସୁରୁଜ କିରଣ,
ଇଚ୍ଛା ହୁଏ ଧାଇଁ ଯିବି,
ହେଲେ ମୋତେ ଚାଲିବା କୁ ବାରଣ।

ମନେ ପଡେ ପାହାନ୍ତା ସକାଳ ଛବି,
କେବେ ମେଘୁଆ ଆକାଶେ ଭଷା ମେଘ ଖଣ୍ଡ ଖଣ୍ଡ,
ପୁଣି ମନେ ପଡେ ଗାଁ ଗୁହୁରି, ଝୁଟି ପକା ଦାଣ୍ଡ।

କେତେ ଆମ୍ବ ଚୋରି ,କେତେ କାଗଜ ଗୁଡ଼ି,
ନଇ ପହଁରା, ବହି ବସ୍ତାନି, ସିଲଟ ଖଡ଼ି।
ଗୁଟି ଡାବୁଲ, କବାଡି ଖେଳ,
ବିଲ ରୁଆ, କଳେଇ ବୁହା,
ଶୀତ ସରୁ ସରୁ ଆସେ ଧାନ କଟା ବେଳ।

ବାରବୁଲା ଟୋକା , ଭାରି ଅମାନିଆ,
ଦୁଷ୍ଟାମୀ କଲେ ସେ, ସାରା ପୁର ଛାନିଆ।
ଧୋତି ଖଣ୍ଡେ ବେଢେଇ ଅଣ୍ଟା ରେ,
ଚୌକି ପକେଇ ପିଣ୍ଡା ରେ,
ସେ ଟୋକା ଏବେ ନୀରବ ବସେ,
କଲମ ଧରି ଗାରାଏ ଗାର,
ପିଲା ଦିନ କଥା ଭାବି ମୁରୁକି ହସେ।



ଆସିଛି ଜୀବନେ ସପ୍ତମ ଋତୁ,
ଶେଷ ଋତୁ ରେ ନଇଁ ଗଲା ଅଣ୍ଟା,
କଳା ବାଳ ସବୁ ହେଲାଣି ଫିକା,
ଓଠ ଥରୁଛି, ଆଖି କହୁଛି କଥା,
ପିଠି ଥାପୁଡ଼ାଏ ବାର୍ଦ୍ଧକ୍ୟ ସିନା,
ମୋ ପିଲା ଦିନ ଖୁସି ମୋ ବାର୍ଦ୍ଧକ୍ୟ ଭଉଣୀ।

# ଶ୍ମଶାନ...





**ସ୍ୱର୍ଣ୍ଣ ରଥ ମହାପାତ୍ର**
ବିଜୟା ଗାର୍ଡେନ, ଜାମଶେଦପୁର, ଟାଟା

ତା' ଆଖିକୁ ନିଦ ନ ଥାଏ କେବେ
ପାଉଁଶର କନ୍ଥା ଘୋଡ଼ି ହେଇ
ଜରରେ ଦେହ ଫୁଟୁ ଥାଏ
ତଥାପି ଜାଗ୍ରତ ପ୍ରହରୀ ସାଜି
ସୁଷୁରୀ ବଜାଇ ଆମନ୍ତ୍ରଣ କରେ
ଗୋଟେ ପରେ ଗୋଟେ କୋକେଇ
ପଥୁରିଆ ପିଠିଟା ଦେଖେଇ ଦିଏ
ନୀର୍ଲିପ୍ତ ନିର୍ବିକାର ଭାବରେ
ଜଳି ଜଳେଇବା ପାଇଁ ।



କାହାକୁ ପାତର ଅନ୍ତର କରେନି ସେ
ଧନୀ ଦରିଦ୍ର ପ୍ରତିପତ୍ତି ନିର୍ବିଶେଷରେ
ତିନି ପାଦ ଭୂମି ସମର୍ପି ଦିଏ
ମୋହ ମାୟା ଆବରଣରୁ ମୁକ୍ତ ସତ୍ତା
ବିଲୀନ ହୋଇଯାଏ ପଞ୍ଚଭୂତରେ
ସତ୍ୟର ମୁହଁରେ ଲୁଗା ପକେଇ ଦେଲେ କି ରହିବ ?
ସତ୍ୟ ତ ଆଜନ୍ମ ଲଙ୍ଗଳା
ଆସିଛି ଲଙ୍ଗଳା ସେ ଯିବ ବି ଲଙ୍ଗଳା
ଧୂଆଁ ହେଇ ମିଶିଯାଏ ମହାଶୂନ୍ୟରେ
ସବୁ ସ୍ୱାଭିମାନ ଅହଙ୍କାର ମାନ ସମ୍ମାନ
ଆଭିଜାତ୍ୟ ଯଶ କୀର୍ତ୍ତି ଘୃଣା ବୈରାଗ୍ୟ ।
ସନ୍ୟାସୀ ଗୃହସ୍ଥ , ଯୋଗୀ ଭୋଗୀ
ରାଜା ଭିଖାରୀ, ବିଶ୍ୱବିଜୟୀ ସର୍ବହରା
ସମସ୍ତଙ୍କର ଠିକଣା ଗୋଟିଏ ଗ୍ରାହକ ନାମରେ
ସୁନ୍ଦରବନ ମରୁଭୂମି, ନିଦାଘ ବସନ୍ତ
ସମସ୍ତେ ଗୋଟିଏ ସ୍ୱର ଦୋହରାନ୍ତି
ରାମ ନାମ ସତ୍ୟ ।

ଶ୍ମଶାନ ସବୁ ଦେଖେ ଚୁପ ରହେ
ଭାଇ ବନ୍ଧୁ ପରିଜନଙ୍କ ଦୁଃଖର ପୁରାଣ ଶୁଣେ
କିଛି ସତ କିଛି ମିଛର ବିଳାପକୁ
ଶୁଣି ନିଏ ସମବେଦନା ଜଣେଇ
କ୍ରନ୍ଦନର କେତେ ନାମ
କେତେ ରୂପ ରଂଗ ତାର
ଏ ସବୁ ଦେଖିବା ଶୁଣିବା ତାର ନିୟତି ।
ପରିଜନମାନେ ଆଙ୍କି ଦିଅନ୍ତି
ତା ଛାତିରେ କିଛି ସ୍ମୃତିର ଛବି
ସାଇତି ରଖେ ସେ କିଛି ଦିନ ପାଇଁ
ଦେହରେ ଲେସି ପୋଛି ଦେଇ
ସମୟର ପାଦ ଚିହ୍ନ ସବୁ
ପବନରେ ଉଡେଇ ଦେଇ
କ୍ରନ୍ଦନର ଧ୍ୱନି ପ୍ରତିଧ୍ୱନି ସବୁ
ପୁଣି ଝାଡି ଝୁଡ଼ି ହେଇ ଠିଆ ହୁଏ
ନୂଆ ଅତିଥିର ସ୍ୱାଗତ ପାଇଁ ।

# ତେଲିଆ ମୁଣ୍ଡରେ ତେଲ...




ବିକ୍ରମାଦିତ୍ୟ ପୁରୋହିତ
ଜଗନ୍ନାଥ କଲୋନୀ, ବୁଢ଼ାରଜା,
ସମ୍ବଲପୁର

ଝାଟିମାଟି ରେ ବତା ମାଟି ଲେସି
କରିଥିବା ଝୁମ୍ପୁଡି ଘର ଓ ନୁଖୁରା
ମୁଣ୍ଡରେ ଅଲରା ବାଳରେ ପଶୁନି
ଚିନ୍ତନ,ମାଟି କାଦୁଅ ନେସି ଠିଆ
ହେଲା ଘରକୁ ଟେକି ନେଲା ବତାସ ।

ଅଲୁରା ଚାଳ ଘର କେତେ କଲବଲ
ଖାଇ ପାଣି କନ୍ଦା ତଳପା ଫଟା ସତ
ଗରିବଙ୍କ ପାଇଁ ହିଁ ସାତ ସପନ ଏଠି
ପାଇବାକୁ ସରକାରୀ ଘର ଖଣ୍ଡେ ତ
ଶୋଇ ପଡ଼େ ହିଁ ଗରିବ ମାଟି ତଳେ ।

ହୋଇ ଉଠେ ଚଳଚଞ୍ଚଳ ଅଯୋଗ୍ୟ
ଧନୀକର ମନ ପାଇବ ଖଣ୍ଡେ ଘର
ଅଦାନୀ ଅମ୍ବାନୀ ନିରବ ମୋଦି ଓ
ବିଜୟ ମାଲ୍ୟା ପାଇବେ ହିଁ ତ ଋଣ
ବ୍ୟାଙ୍କରୁ, ଚାଲିଯିବେ ଦେଶ ଛାଡି ।

ଗରିବ ଝୁମ୍ପୁଡି ଘର ରହିବ ଅନ୍ଧାର
ଡିବା ବା ଲଣ୍ଠନ ଟିଏ ବି ତ ଜଳିବନି
କଣ୍ଟ୍ରୋଲ ଦୋକାନ ହେବ ସାତ ସ୍ବପ୍ନ
ପାଞ୍ଚ କିଲୋ ଚାଉଳରୁ ଯିବ କେତେ
ଦିନ,ବଞ୍ଚିତ ମାରି ପେଟର ଭୋକକୁ ।

ଘୁଷୁରି ଘୁଷୁରି ଯିବା ତ ପଞ୍ଚାୟତ
ଅଫିସ୍,ପାଇବାକୁ ଘର ଖଣ୍ଡେ ସାହୁ
କାର ଆସି ମାଗିବ ତାର ସୁଧ ମୂଳ
କନ୍ତର,ଗରିବ ହେବ ସେହି ଗରିବ
ଧନୀକ ତୋଳିବ ତିନି ଚାରି ତାଲା ।

ତେଲିଆ ମୁଣ୍ଡରେ ତେଲ ଏହାର କି
ବ୍ୟବସ୍ଥା,ଥିଲା ବାଲାକୁ ମେଞ୍ଚାଏ ଓ
ନଥିଲା ବାଲାକୁ କେଞ୍ଚାଏ ବା ଜମା
ତ ନାହିଁ, ଆଖିରେ ଆଖିଏ ହିଁ ଲୁହ
ନେଇ ବଞ୍ଚୁଛି ଆତ୍ମସନ୍ତୋଷ ଜୀବନ ।

ମାଗଣା ନିଶାରେ ମସଗୁଲ ମଣିଷ
ଜୀବନ, ଅଣନିଃଶ୍ବାସୀ ହୋଇ ଧାଇଁ
ଚାଲୁଛି ମଣିଷ ପ୍ରାପ୍ତି ଅପ୍ରାପ୍ତିର ଚିନ୍ତା
ଘାରୁଛି ତାକୁ, ମଣିଷ ବାପୁଡ଼ା ପଡି
ଚକ୍ରବ୍ୟୁହରେ ପାରୁନି ଭେଦ କରି ।

ଉପହାସିତ ହେଉଛି ହିଁ ତ ବିଚରା
ମଣିଷ ଜୀବନ ଠିଆ ହୋଇ ଧ୍ବଂସ
ସ୍ତୁପରେ କରି ଦେଉଛି ହିଁ ପଙ୍ଗୁ ଓ
ବିପର୍ଯ୍ୟସ୍ତ,ସାଉଣ୍ଟୁଛି ମୁନାଫା ଧନୀ
ଦେଇ ତେଲିଆ ମୁଣ୍ଡରେ ହିଁ ତେଲ ।।

# ଶହୀଦ୍ ବୀର ବାଜି ରାଉତ...



**ପ୍ରତିମା ଶତପଥି**
ଭାଗବତ ପୁର, ଯାଜପୁର

ନୀଳକଣ୍ଠ ପୁର ଛୋଟିଆ ଗାଆଁଟି
ବ୍ରାହ୍ମଣୀ ନଦୀର କୂଳେ,
ଚାରିପଟେ ତାର ସବୁଜ ବନାନୀ
ଫସଲ ଲହରି ଖେଳେ ||



ଉଣେଇଶି ଶହ ଛବିଶ ମସିହା
ଅକ୍ଟୋବର ମାସ ପାଞ୍ଚ ,
ପିତା ହରି ମାତା ରାଣୀଆଙ୍କ ଗର୍ଭୁ
ହୋଇଣ ଥିଲା ଭୂମିଷ୍ଠ ||

ଅତି ଶରଧାରେ ବାଜିଆ ବୋଲିଣ
ଦେଇଥିଲେ ତାର ନାମ ,
ଜନ୍ମ ହେଲା ପରେ କିଛି ଦିନ ପରେ
ପିତା ଗଲେ ସ୍ୱର୍ଗ ଧାମ ||

ଚାରୁ ସୁଷମାରେ ଭୂଷିତ ସେ ଗାଆଁ
ବର୍ଣ୍ଣିବାକୁ ନାହିଁ ଭାଷା ,
ନଦୀ ପାର କରିବାକୁ ଲୋକଙ୍କୁ ଯେ
ନାବିକ ଙ୍କର ବେଉସା ||

ରାଜାଙ୍କର ଅତ୍ୟାଚାରରେ ଗଠିତ
ହୋଇଲା ପ୍ରଜା ମଣ୍ଡଳ ,
ଭୁବନ ଗ୍ରାମରେ ରୁଣ୍ଡ ହେଲେ ସର୍ବେ
ଜଳି ଉଠିଲା ଅନଳ ||

ପ୍ରଜା ମଣ୍ଡଳର ଆଦେଶ ରହିଲା
ଡଙ୍ଗା କରିବନି ପାର ,
ନଦୀ ପାର ହେଲେ ଆସିବେ ଫିରିଙ୍ଗି
ଚଳାଇବେ ଅତ୍ୟାଚାର ||

ପ୍ରତି ଘରୁ ଜଣେ କରି ଚାରି ଜଣ
ଡଙ୍ଗା ଘାଟ ଜଗୁଥିଲେ ,
ସେହିଦିନ ଥିଲା ବାଜିଆର ପାଳି
ଚାରି ଜଣ ସେଠି ଥିଲେ ||

ସମସ୍ତଙ୍କ ଠାରୁ ଥିଲା ସେହି ସାନ
ଫିରିଙ୍ଗି ଡାକିଲେ ଆସି ,
ପାର କରିଦିଅ ଆମକୁ ନାବିକ
କରିଦେବୁ ମନ ଖୁସି ||

ଗୋରା ଫଉଜଯେ ଡ଼ାକ ଦେଉଛନ୍ତି
ପାର ହେବେ ବୋଲି ନଈ ,
ନାନା ଉପଦ୍ରବ କରିବେ ଗାଆଁରେ
ଗଲେ ନଈ ପାରି ହୋଇ ||

ଶୀଘ୍ର ଆଣି ଡଙ୍ଗା ପାରି କରି ଦିଅ
ନ' ହେଲେ ଖାଇବ ଗୁଳି ,
ପ୍ରଜାମଣ୍ଡଳର ହୁକୁମ ନାହିଁ ଟି
କହି କଥା ଦେଲେ ଟାଳି ||

ଗୁଡୁମ୍ ଗୁଡୁମ୍ ଆବାଜ୍ ଶୁଭିଲା
ସମସ୍ତେ ପଡ଼ିଲେ ଟଳି ,
ବାର ବରଷର ବାଳକ ବାଜିଆ
ଜୀବନକୁ ଦେଲା ବଳି ||


ଫେରିଲେ ଫିରିଙ୍ଗି ହତାଶ ହୋଇଣ
ବାଜିଆ ହେଲା ଅମର ,
ବାଜି ରାଉତର କୀର୍ତ୍ତି ରହିଅଛି
ସାରା ଭାରତ ବର୍ଷର ||

ଅକ୍ଟୋବର ମାସ ଏଗାର ତାରିଖ
କେହି ନ ପାରନ୍ତି ଭୁଲି ,
ବ୍ରାହ୍ମଣୀ ଘାଟରେ ବାଜି ରାଉତଙ୍କୁ
ଦେଉଛନ୍ତି ଶ୍ରଦ୍ଧାଞ୍ଜଳି ||

କଲେଜ, ପାର୍କ, ସେତୁ, ହୋଇ ଅଛି
ବାଜି ରାଉତଙ୍କ ନାମେ ,
ଢେଙ୍କାନାଳ ବୀର ରହିଲ ଅମର
ଭାରତ ବାସୀଙ୍କ ମନେ ||



# ଗଲାଣି ବୃତି, ନାହିଁ ସଂସ୍କୃତି...



ସୁଶ୍ରୀ ରୁପାଲି ପଲେଇ
ଡିଛିଣି, ପାରିକୁଦ, ପୁରୀ

ସଂସ୍କୃତି ଗଲାଣି ଦ୍ରବ୍ୟ ପାଲଟି
ମଧୁରତା ନାହିଁ ସେଥିରେ ,
ଜନ-ଜାତିର ଏ ଉନ୍ନତ ପଣରେ
ମିଶିଗଲାଣି ସେ ମାଟିରେ ||

ଯା' ମାଟି ପବିତ୍ର ଧରି ଜଗନ୍ନାଥ
ଚଉଦ ଭୁବନ ପତି ,
ଏ ଓଡ଼ିଆ ଜାତି ଭୁଲିତ ଗଲାଣି
ଅଛି ଯେତେ ରୀତି ନୀତି ||

ଚଷା ପୁଅ ଆଉ ଚାଷ କରୁନାହିଁ
ଖଟୁଚି ବିଦେଶେ ଯାଇ ,
ଗାଆଁ ଦାଣ୍ଡେ ଆଉ ସୁଖୁ ନାହିଁ ଧାନ
ସପନ ହେଲାଣି ଖଇ ||

ଛଉ ଓଡ଼ିଶୀ ରେ ମନ ନାଚିଯାଏ
କିଣିନିଏ କେତେ ମନ ,
ସେ କାଳେ କୁହନ୍ତି ମୋ ଓଡ଼ିଶା କୁ
ଆହାଃ କି ସୁନ୍ଦର ଭୁବନ ||

ଇଂରାଜୀ ଭାଷାରେ ଚଳଚ୍ଚିତ୍ର ଏବେ
ପିଲାରୁ ଦେଖନ୍ତି ବଡ଼ ,
ଓଡ଼ିଆ ଭାଷାର ଚଳଚ୍ଚିତ୍ର ଦେଲେ
ଦେଖି ତାକୁ ମୁହଁ ମୋଡ ||

ପାନ ଖିଲ ଆଉ ମାରୁ ନାହିଁ ଆଇ
ଦାନ୍ତ ହୋଇଯିବ ନଷ୍ଟ ,
ରଜ ଦୋଳି ଆଉ ଖେଳୁନାହିଁ ଝିଅ
ପଢୁଚି ବିଦେଶେ ପାଠ ||

ପାଇକ ପୁଅର ନାହିଁ ସେ ତାକତ
ଧରିବାକୁ କାନ୍ଧେ ବାଡ଼ି ,
ପରବରେ ଆଉ ଖେଳୁନାହିଁ ସିଏ
କଛା କୁ ଅଣ୍ଟାରେ ଭିଡ଼ି ||


ମାର୍ଗଶୀର ମାଶେ ମାଣବସା ପଡ଼େ
ଝୋଟି ପଡୁନାହିଁ ଦୁଆରେ ,
ବିଦେଶୀ ପଥରେ ଘର ଚକାଚକ
ଗୋବରକୁ କିଏ ପଚାରେ ||

ପଖାଳ ଦିବସେ ପଖାଳ ଖାଉଚେ
ଆଉ ସବୁଦିନ ପଢ଼ିଆ ,
ଛବି ଉଠାଇଣ ପ୍ରଚାର କରୁଚି
ଏଇ ସୋସିଆଲ୍ ମିଡିଆ ||

ଗାରିମା ମୟ ମୋ' ଜାତି ଇତିହାସ
ପ୍ରେମ ଭରା ଗୀତ ଥାଏ ,
ସଂସ୍କୃତି ମହାନ୍ ପରମ୍ପରା ମୋର
ଜୀବନର କଥା କହେ ||

ମହାନ୍ ମୋ ଭାଷା କଳା ସଂସ୍କୃତି
ବିଶ୍ୱ ଦରବାରେ ବଢିଆ ,
ସଙ୍କୋଚ ନ'କରି ଗର୍ବରେ କହ ତୁ'
ହଁ ରେ ଭାଇ ମୁଁ ଓଡିଆ ||





# ଫେରିଆସ ବାପା...




**ବିକାଶ ରଞ୍ଜନ ନାୟକ**
ଦୟାନିଧି ପୁର. ବାଲିମେଦ. ଭଦ୍ରକ.
(ସମ୍ପାଦକ : "ଆମରି କବିତା" ଇ-ପତ୍ରିକା)

କେଉଁଠି ଅଛ, କେମିତି ଅଛ
ଫେରିଆସ ବାପା ଫେରିଆସ.
ତୁମ କୁ ମୋ' ରାଣ ବାପା
କ୍ଷମା କରିଦିଅ ମୋର ଦୋଷ |
ମୋ ବାପା ପରି କେହିତ ନାହିଁ
ଭାଙ୍ଗି ଯାଇ ଥିଲେ ଗଢି ଦେବେ.
ମୋ ବାପା ବେଷ୍ଟ ବାପା
ହାତ ଧରି ମୋର ଚାଲି ଶିଖାଇବେ |
କେମିତି ବଞ୍ଚିବି  ବାପା.. ବାପା
ତୁମ ବିନା କିଛି ଭଲ ଲାଗୁନି.
କାହାକୁ ଡାକିବି ବାପା.. ବାପା
ମୋତେ ଅନାଥ କରି ରୁହନା |
କେତେ ହତଭାଗା ଟେ ମୁଁ ବାପା
ତୁମ ପାଖରେ ରହି ପାରିଲି ନାହିଁ.
ଭୁଲୁ ଥିଲେ କ୍ଷମା କରିବ ବାପା
ଆଉ କେବେ ଦୃଷ୍ଟ ହେବି ନାହିଁ |
ତୁମ ପରି ବାପା କିଏ ସେ ` ହେବ
କାନ୍ଧ ରେ ବସାଇ ସାହି ବୁଲେଇବ.
ଯାହା ମାଗିଲେ ଆଣି ସବୁ ଦେବ
ଅଭୁଝା ହେଲେ ବୁଝେଇ ଦେବ |



# ଦୁଃଖ, ସୁଖ...



ପାରଦ କୁମାର ପାଢୀ
(ଅବସରପ୍ରାପ୍ତ ଶିକ୍ଷକ)ରାଜା ସାହି, ହିଞ୍ଜିଳିକାଟୁ

ଜୀବନ ଗୋଟିଏ ଚାଦର ଭଳିଆ
ପୃଷ୍ଠେ ଅଙ୍କା ଥାଏ ନାନା ,
ଚିତ୍ରକର କଳ- ପନା ରୂପାୟିତ
ରଙ୍ଗ ବେରଙ୍ଗ ନମୁନା ||

ନାନା ରଙ୍ଗ,ତୁଳୀ,ମନ,ଧୈର୍ଯ୍ୟ ଆଉ
ସମୟ ବିନିମୟରେ ,
ନମୁନାଙ୍କ ପ୍ରତି- ଛବି ଅନୁଭବୀ
ହୃଦୟ ଭରେ ଖୁସିରେ ||

କମନୀୟତାକୁ ଝଲସାଉଥିବା
ବର୍ଣ୍ଣିଳ ନମୁନା-ଛବି ,
ଆମ ଜୀବନର ପ୍ରତି ଶ୍ୱାସ ବାୟୁ
ବୋଲି ମନେ କରେ କବି ||

ଶ୍ୱାସ ବାୟୁ ମାନେ ବିଭିନ୍ନ ଦ୍ରାବକ
ରଙ୍ଗର ଛବିଳ ସୁଖ ,
ପ୍ରସ୍ଫୁଟିତ ଫୁଲ ଗୁଚ୍ଛା ମାଳ ଭଳି
ମଣ୍ଡେ ଜୀବନର ବୁକ ||

ଆଉ ସେ ଚାଦର ପରେ ଯେଉଁ ଦାଗ
ସବୁ ରହେ ଦୁଃଖେ ମ୍ଳାନ ,
ଭଳି ମୁଣ୍ଡ ପୋତି ଢୁଳାଏ ସେ
ଶୋକ ଯୁକ୍ତାଶ୍ରୁ ନୟନ ||


ଚାଦରର ଆୟୁ ଶେଷେ ଜୀବନର
ଜରା ଆସଇ ଘନେଇ ,
ନମୁନା-ସୌନ୍ଦର୍ଯ୍ୟ ଅବସର ଚାହେଁ
ଧୀରେ ଝାପ୍ସା ହୋଇଯାଇ ||

ବର୍ଣ୍ଣମାନଙ୍କର ତେଜଯୁକ୍ତ ଛବି
କାଳ ବଳେ ଯେହ୍ନେ ଝାପ୍ସା ,
ହୁଅଇ ସେଭଳି ଜୀବନ ଅବସ୍ଥା
ସୁଖ ଦୁଃଖେ ହୁଏ ରସା ||

ସୁଖ ଦୁଖ ଦିହେଁ ଖୁବ୍ ଅନ୍ତ୍ୟାୟୁଷ
ସହ ଜୀବନେ ଚକର ,
ଭଳିଆ ଆସନ୍ତି ଯାଇଥାନ୍ତି ମଧ
କ୍ଷୋଭ ପ୍ରକାଶ ନ' କର ||

ଅନିଶ୍ଚିତାସ୍ଥିର ପଛରେ ହେ ବନ୍ଧୁ
ଗୋଡେଇ ମିଛରେ କାଳ ,
ସାରନି ଜୀବନ ତା ବାଟରେ ଯିବ
କରେନି କେବେ ବି ଛଳ ||

# ବୟସ୍କଙ୍କୁ ବୋଝ, କଦାପି ନ'ବୁଝ...



**ସୀମାଞ୍ଚଳ ପଣ୍ଡା**
ଡେଙ୍ଗାଡି, ଗଞ୍ଜାମ,

ସମୟର ସାଥେ ଜୀବନର ପଥେ
ବୟସ ଲେଖୁଛି ମଣିଷ କଥା,
ହଜିଲା ଦିନର ଭିଜା ଅବସର
ସଭ୍ୟତା ସଂସ୍କୃତି ଇତି ବାରତା ||

ଯଉବନକାଳେ ରକ୍ତମାଂସ ଭୋଳେ
ନର ଜରା କଥା ନ'ପାରେ ଜାଣି,
ଶିକ୍ଷଣ ସଦ୍ ଜ୍ଞାନ ବରିଷ୍ଠଙ୍କ ଦାନ
ଘେନି ପାରେପୁଣି ସଂସାରେ ଜିଣି ||

ଗୁରୁ, ଗୁରୁଜନ ଜ୍ଞାନ ଆହରଣ
ବାଧକ ନୁହେଁ ଏ ସାଧକ କଥା,
ସମୟର ପଥେ ମଣିଷର ସାଥେ
ବୟସ ଲେଖୁଛି ଜୀବନ କଥା ||

କଞ୍ଚା ବୟସର ସୁଢ଼ଳ ଶରୀର
ବୃଦ୍ଧଙ୍କୁ ଅଶ୍ରଦ୍ଧା ହୁଅନ୍ତି କ୍ରୁଦ୍ଧେ,
ପଡ଼େ ଦରକାର ଅଲୋଡ଼ା ଶରୀର
ସାଇତି ଥିଲା ଯା ଜୀବନ ଯୁଦ୍ଧେ ||

ବୟସକୁ ବୋଝ କଦାପି ନ'ବୁଝ
ବୃଦ୍ଧ ବୟସରେ ଯୋଦ୍ଧାଙ୍କୁ ଦେଖି,
ଜୀବନ ସମରେ ଅଭିଜ୍ଞତା ଧୀରେ
ଦୀକ୍ଷା କର ତା'ର ପାଖରୁ ଶିଖି ||

ଆପଣା ଜୀବନ ହୋଇଯିବ ଧନ୍ୟ
କାଳର ବକ୍ଷରେ ରହିବ କଥା,
ହଜିଲା ଦିନର ଭିଜା ଅବସର
ସଭ୍ୟତା ସଂସ୍କୃତି ଇତି ବାରତା ||

ବୟସ୍କଙ୍କ ବାଣୀ ସାଧୁ ଜ୍ଞାନ ମଣି
ଘେନା କର ମନା ନ କର କେବେ,
କାଲି କଥା ଛାଡ଼ି ଚଳେ ନାହିଁ ଗାଡ଼ି
ନ'ହୁଏ କଦାପି 'ଆଜି' ସ୍ୱଭାବେ ||

# ଲୁହର ସମୀକରଣ...



**ପ୍ରଶାନ୍ତ କୁମାର ଜେନା**
ସପ୍ତଶଯ୍ୟା ,ଢେଙ୍କାନାଳ

କିଛିଦିନ ତଳେ
ପୁରୁଣା ଗଣିତ ବହିର ,
ପୃଷ୍ଠା ଲେଉଟିଲା ପରେ !
ସେଦିନ ବି ଅନ୍ୟଦିନ ପରି
ଆଖିରୁ ଦି' ଟୋପା
ଲୁହ ନିଗିଡିବା ପରେ,
କବି କବିର ଦୁନିଆଁରେ ନଥିଲା
ଆଖି ସାମ୍ନାରେ
ମଶାଣି ସତେ କି ଜଡ !
କବିର ଛାତିତଳେ
ଅଦିନିଆ ଅଙ୍କର ଝଡ ,
ଠିକ୍ ଉଣେଇଶ ଅନେଶତ
ମହାବାତ୍ୟା ପରି ,
ଲୁହର ସମୀକରଣ
ଯେମିତି ଓଲଟି ପଡିଲା
ଅଭିଶପ୍ତ ଜୀବନର ଅଧ୍ୟାୟ ରଚି
*ଏଇ ତ ସମୟର ତୀବ୍ର ଧ୍ୱନି*

ହଁ ସେ ଚିତ୍ରଲେଖା ଆଦ୍ୟାଶା
କବି ପାଇଁ ସାଜିଛି ମୁନି
ଲୁହର ସମୀକରଣରେ
କବିର କବିତା ଦୁନିଆଁରେ !
ଆଜି ବି ଗଣିତ ବହିର
ପୃଷ୍ଠା ଲେଉଟେ ,
ଆଉ ଲୁହର ସମୀକରଣରେ
କବି ବି ଅଦିନିଆ ତୁଟେ
ଜୀବନ ଝଡରେ !

# ନ'ପାରିଲେ ଆବଶ୍ୟକତା ପୂର୍ଣ୍ଣ କରି...



**ଆଶିଷ କୁମାର ସାହୁ**
ଭେଜିପଦର, ଭବାନୀପାଟଣା,
କଳାହାଣ୍ଡି

ମଣିଷ ଋତୁ ନୁହେଁ
ପୁଣି କାହିଁ ବଦଳିଯାଏ,
ସେ ସମୟ ବି' ନୁହେଁ
କିନ୍ତୁ କାହିଁ ଚାଲିଯାଏ,

ସମ୍ପର୍କ ବି ଡୋରି ନୁହେଁ
କିନ୍ତୁ କାହିଁ ଛିଣ୍ଡି ଯାଏ,
ସମ୍ମାନ ମୋ' ଦ୍ରବ୍ୟ ନୁହେଁ
ପୁଣି କାହିଁ ନିଲାମ ହୁଏ,
ସମାଜରେ ଯୋଡ଼ିଛି ମୁଁ
କିଛି ସୁନ୍ଦର ସମ୍ପର୍କ,
ଭାବିଛି ମୁଁ ଜିଇଁଯିବି
ହସି ସାରା ଜୀବନ ଯାକ,
ପ୍ରେମ କରିକରି ଚାଲେ
ଶତ୍ରୁକୁ ବି ମୋର,
କିନ୍ତୁ ସବୁ କାଇଁ ଜଳିଯାଇ
ମିଳେ ବିଶ୍ୱାସଘାତର ଜ୍ୱଳନ,
ଋତୁ ବଦଳେ ଏହା
ବିଧିର ବିଧାନ,
କିନ୍ତୁ ମଣିଷ ବଦଳିବା
କଣ ଦୁଃଖ ବେଳର ନିୟମ ?

ସମୟ ବି ଚାଲିଥାଏ କିଛି
ନୂଆ ନୂଆ ଶିକ୍ଷା ଦେଇ,
କଣ ବନ୍ଧୁ ବି ଛାଡିଯାଏ
ଦୁଃଖ ଦେଖି ଦେଇ ?
ଦଉଡି ଛିଣ୍ଡି ଥାଏ
ଭାର ନ ପାରିଲେ ସମ୍ଭାଳି,
ସମ୍ପର୍କ କଣ ଚୁନା ହୁଏ
ନ'ପାରିଲେ ଆବଶ୍ୟକତା ପୂର୍ଣ୍ଣ କରି ?

# ତ୍ରିରଙ୍ଗା...





**ରଞ୍ଜନ ଗୌଡ଼**
ଅର୍ଜୁନପଲ୍ଲୀ, ଗଞ୍ଜାମ

ସବୁଠୁ ସୁନ୍ଦର ପତାକା ମୋର ,
ତ୍ରିରଙ୍ଗା ଅଟଇ ନାମଟି ତାର ||
ଲମ୍ବ ଓସାର ତା ତିନି କି ଦୁଇ ,
ତା' ଠାରୁ ସୁନ୍ଦର ଆଉ କେ ନାହିଁ ||
ତିନି ରଙ୍ଗେ ଗଢ଼ା ତନୁ ତାହାର,
ମଧ୍ୟେ ଚକ୍ର ଆହା କି ମନୋହର ||
ଉପରି ଭାଗରେ ରଙ୍ଗ କେଶରୀ ,
ବୀରତ୍ୱର ଗାଥା ରଖିଛି ଧରି ||
ମଧ୍ୟେ ଧଳା ରଙ୍ଗ ବିଶେଷ ଜାଣ ,
ପ୍ରତୀକ ସେ ସତ୍ୟ ଶାନ୍ତିର ପୁଣ ||
ସବୁଜ ପ୍ରଗତି ପ୍ରତୀକ ହୋଇ ,
ନିମ୍ନ ଅଂଶେ ଥାଏ ଶୋଭା ବଢ଼ାଇ ||
ଅଶୋକ ଚକ୍ରର ରଙ୍ଗଟି ନୀଳ ,
ସଭିଙ୍କ ମନେ ସେ ଦିଅଇ ବଳ ||
ତା' ମଧ୍ୟେ ରହିଛି ଚବିଶ ଅଖ,
ନ୍ୟାୟ, ଧର୍ମ, ଗତି ତାଠାରୁ ଶିଖ ||
ଶୁଣିଲ ତ' ତାର ଗଢ଼ଣ କଥା ,
ଏବେ ଶୁଣ ସେଇ ପତାକା ବ୍ୟଥା ||

ପରାଧୀନ ଥିଲା ଭାରତ ଯେବେ ,
ଆବିର୍ଭାବ ହେଲା ତାହାର ଭବେ ||
ଗର୍ବ ଗଉରବ ଜାତିର ହେଲା ,
ଭାରତ ବର୍ଷକୁ ଏକାଠି କଲା ||
ଲକ୍ଷେ ପ୍ରାଣେ ଦେଲା ସ୍ୱାଧୀନ ଚିନ୍ତା ,
ଗୋରା ବାବୁଙ୍କର ବଢିଲା ଚିନ୍ତା ||
କରିବାକୁ ତାର ସମ୍ମାନ ନଷ୍ଟ ,
ଅନେକ ଚକ୍ରାନ୍ତ ରଚିଲେ ଦୁଷ୍ଟ ||
ଭାରତ ମାଆର ସୁପୁତ୍ର ଗଣ ,
କେମିତି ରଖିଲେ ସମ୍ମାନ ଶୁଣ ||
ଗୋରା ବନ୍ଧୁକରୁ ବଞ୍ଚିବା ପାଇଁ ,
ପତାକା କୁ ତଳେ ଥୋଇଲେ ନାହିଁ ||

ବନ୍ଦେ ମାତରମ୍ ଗାନ କୁ ଗାଇ ,
ଗୁଳି ଆଗେ ଦେଲେ ଛାତି ମେଣ୍ଢେଇ ||
ପ୍ରାଣକୁ ଉତ୍ସର୍ଗ କରିଣ ସର୍ବେ ,
ତା'ପାଇଁ ଫାଶିରେ ଚଢିଲେ ଗର୍ବେ ||
ଭଗତ, ନେହୁର, ସୁବାଷ, ଗାନ୍ଧୀ ,
ତ୍ରିରଙ୍ଗା ସମ୍ମାନେ ହୋଇଲେ ବନ୍ଦୀ ||
ଏସବୁ ତ' ଥିଲା ନେତାଙ୍କ କଥା ,
ଏବେ ଶୁଣ ଟିକେ ଜନତା ବ୍ୟଥା ||
ଶୋଷିତ ବଞ୍ଚିତ ଲାଞ୍ଛିତ ଯେତେ ,
ତ୍ରିରଙ୍ଗା ପତାକା ଧରିଣ ହସ୍ତେ ||
ଗୋରା ବାବୁଙ୍କୁ ସେ ବିରୋଧ କଲେ ,
ଫଉଜ ଲାଠିରେ ଜିବନ ଦେଲେ ||
ବଳିଦାନ କେତେ ଦେଖିଛି ସିଏ ,
ଆଜିବି ସେ କଥା ଗର୍ବରେ କହେ ||
ପିଲା ଠାରୁ ବୁଢ଼ା ଏକାଠି ହୁଅ ,
ମୋ ସାଥିରେ ମିଶି ଶପଥ ନିଅ ||
ତ୍ରିରଙ୍ଗା ଅଟଇ ଆମ ସମ୍ମାନ ,
ଆଜିବନ ତାର ରଖିବା ମାନ ||



# ପୁଣ୍ୟତୋୟା ଋଷିକୂଲ୍ୟାର ଦେଶ...



**ଜିତେନ୍ଦ୍ର ସାହୁ**
ପାଇକ ଯମୁନା, ଗଞ୍ଜାମ

କଳିଙ୍ଗ-ଭାରତୀ-ଲଲାଟ-ତିଳକ,
ପୁଣ୍ୟତୋୟା ଋଷିକୂଲ୍ୟା ନିର ,
କାବ୍ୟ-କଳାର ଏ ମହାନ ସଂହିତା,
ଗଞ୍ଜାମର କମ୍ର କଳେବର ||
ଭଞ୍ଜୀୟ ରୀତିର ଶବ୍ଦ-ଝଙ୍କାରେ,
ମୁଖରିତ ଯାହାର ପ୍ରାନ୍ତର,
କବିସୂର୍ଯ୍ୟଙ୍କ ଚମ୍ପୂ-ମୂର୍ଚ୍ଛନାରେ,
ବିମୋହିତ ହୁଏ ଚରାଚର ||
ଅର୍ଦ୍ଧନାରୀଶ୍ୱର ଭାବେ ଦଣ୍ଡଧାରୀ,
କରନ୍ତି ଯେ ଦୁଷ୍କର ତପସ୍ୟା,
ଭକ୍ତିର ସେହି ଆଲୋକ-ବର୍ତ୍ତିକା,
ଦୂର କରେ ମନର ଅମାବାସ୍ୟା ||
ଶାର୍ଦ୍ଦୁଳ-ନୃତ୍ୟର ସେ ବୀରତ୍ୱ-ଗାଥା,
ପ୍ରହ୍ଲାଦ ନାଟର ସେ ଶୈଳୀ,
ଲୋକକଳାର ଏହି ରତ୍ନଭଣ୍ଡାର,
ବିଶ୍ୱ-ମାନସେ ଦିଏ ଜ୍ୟୋତି ଢାଳି ||
ବ୍ରହ୍ମପୁରୀ ପାଟର ସୂକ୍ଷ୍ମ ବୟନେ,
ସ୍ୱପ୍ନ ଆଙ୍କେ ତନ୍ତୀର ଅଙ୍ଗୁଳି,
ହସ୍ତଶିଳ୍ପର ପ୍ରତିଟି ପରଶେ,
ଜୀବନ୍ତ ହୁଏ ଯୁଗ ଯୁଗର ଧୂଳି ||
ବିବିଧ ବର୍ଣ୍ଣର ମୂର୍ତ୍ତି-କଳାରେ,
ଗଞ୍ଜାମର ମାଟି ଅଳଙ୍କୃତ,
କାରିଗରର ସେ ନିହାଣ ମୁନରେ,
ପାଷାଣ ବି ହୁଏ ପୁଲକିତ ||

କୁମାରୀ ପର୍ବତେ ଶକ୍ତି-ସ୍ୱରୂପିଣୀ,
ମାଆ ତାରାତାରିଣୀ ବିରାଜେ,
ସହସ୍ର ଶିଖର ମୁକୁଟ ପ୍ରାୟେ,
ଭକ୍ତିର ସିଂହାସନ ସାଜେ ||
ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା-ଉତ୍ସବ,
ଜନ-ମାନସର ମହାମେଳି,
ପ୍ରତି ମନ୍ଦିରର ଶିଳ୍ପ-ଚାତୁରୀ,
ଗର୍ବେ କହେ ଇତିହାସର ପାଳି ||
"ଯେଉଁଠି ପାଷାଣ କହଇ କାହାଣୀ,
ବାଘ ନାଚେ ମୁକ୍ତ ପ୍ରାଣେ,
ଭଞ୍ଜଙ୍କ କାବ୍ୟ ସୁରଭି ପସରେ,
ପ୍ରତିଟି ମଣିଷ ମନେ ||
ତାରାତାରିଣୀଙ୍କ ଆଶିଷ ଚୁମ୍ବିତ,
ସେ ପବିତ୍ର ଦେବଭୂମି,
କଳା ସଂସ୍କୃତିର ଗୌରବ ଗୀତିକା,
ଗଞ୍ଜାମ ତୁମକୁ ନମି ||

# ଅକୁହା ପ୍ରେମ...



**ଶୁଭଙ୍କର ସାହୁ**
ଛନୁଆ, ବାଲେଶ୍ୱର

ପ୍ରେମ ଲଫାପାର    ଦୁଇଟି ପାର୍ଶ୍ୱରେ
ଅଲଗା ହୋଇଛୁ ଆମେ
ଯେତେ ଭୁଲିବାକୁ    ଚାହୁଁଛି ତୁମକୁ
ପଡୁଛ ମନେ ଯେ ତୁମେ ॥

କଥା ଦେଇଥିଲ    ସାରାଜୀବନ ତୁମେ
ଚାଲିବ ମୋ ହାତ ଧରି
ଅଧା ବାଟରେ    ଛାଡି ଚାଲିଗଲ
ମରୁଛି ତୁମକୁ ଝୁରି ॥

ମନେ ରଖିଥିଲି    ଗଢି ତତେ ଲୋ ମୁଁ
ମୋ ସ୍ୱପ୍ନର ଘର
କାହିଁ କରିଲୁତୁ    ଏମିତି ମୋ ସାଥେ
କି ଭୁଲ୍ ଥିଲା ମୋର ॥

ଭଲ ପାଇବାରେ    ବିଷ ଦେଇ ତୁଲୋ
କି ଲାଭ ପାଇଲୁ
ମୋ ଜୀବନର    ପ୍ରାଣବିନ୍ଦୁ ଟିକୁ
ମୋ ଠୁ ଛଡେଇ ନେଲୁ ॥

କେଉଁ ଦିଗରେ ମୁଁ    ଯାଉଛି ହଜିରେ
ନିଜେ ବି ପାରୁନି ଜାଣି
କେତେ ଝୁରି ଝୁରି    ଲେଖୁଛି ମନରେ
ଅକୁହା ପ୍ରେମର କାହାଣୀ ॥



# ମୁଁ କବିତା କାହିଁକି ଲେଖେ ?



**ଦୁର୍ଗା ଚରଣ ମଲ୍ଲ**
ସମାଗୋଳ, କୁଜଙ୍ଗ,
ଜଗତସିଂହପୁର

ଯେବେ ମନର ଭାବନା ସବୁ
ଉଡି ବୁଲନ୍ତି ମୋ ଆଖି ପାଖେ
ସେବେ ଯାଇ କଲମର ସ୍ୟାହି ଦେଇ
ସାଦା କାଗଜରେ ମୁଁ କବିତା ଲେଖେ ||

ଦୂର ଆକାଶରେ ଯେବେ ଜହ୍ନ
ଝର୍କା ସେପାଖେ କଣେଇ ହସେ
ତାର ସେଇ ସଫା ହସ କୁ ଦେଖି
ମୁଁ କବିତା ଲେଖେ ||

ବର୍ଷା ର ଆଗମନ ରେ ଯେବେ
ସୂର୍ଯ୍ୟ ଝାପସା ଦିଶେ
ସୁନ୍ଦର ଧରଣୀ କୁ ଖୁସି ହେବାର ଦେଖି
ମୁଁ କବିତା ଲେଖେ ||

ଯେବେ ଦୁଃଖ ସବୁ ମୋ ମନ ଅଗଣା ଦେଇ
ଆସ୍ତେ ଆସ୍ତେ ମୋ ପାଖକୁ ଆସେ
ସୁଖ ସହ ସନ୍ଧି କରି ଯେବେ ଯନ୍ତ୍ରଣା ଦେଇ ବସେ
ସେବେ ଯାଇ ମୁଁ କବିତା ଲେଖେ ||

ରକ୍ତଜବା ଗୋଲାପ ଉପରେ ଆସି ଯେବେ
ସୁନ୍ଦର ଭ୍ରମର ଟିଏ ବସେ
ମଳିନ ମୁହଁରେ ହସ ଫୁଟିବା ପରି ଗୋଲାପ ହସେ
ସେବେ ଯାଇ ମୁଁ କଲମ ଧରି ବସେ
ଆଉ କବିତା ଲେଖେ ||

ଯେବେ ଏକ ସୁନ୍ଦରୀ ତରୁଣୀ
ମୋ ବାଟ ଦେଇ ଚାଲି ଆସେ
ବାଟ ସାରା ଖାଲି ଅତର ବାସ୍ନା ର ସୁଅ ଛୁଟେ
ସେବେ ଯାଇ ମୋ ଚଲା ବାଟ ମହକେ
ଆଉ ମୁଁ କବିତା ଲେଖେ ||

# ହାଟ...



**ଦେବବ୍ରତ ସ୍ୱାଇଁ**
କୋଚିଲା,ମହାକାଳପଡ଼ା,କେନ୍ଦ୍ରାପଡ଼ା

ଗାଁ ରୁ ସହର ସବୁଠି ବସେ ପାଳିହାଟ
ଜନ ଗହଳିରେ ପୂରିଯାଏ ବାଟଘାଟ ।
କାହିଁ କେଉଁଆଡୁ ବ୍ୟବସାୟୀ ଆସନ୍ତି
ହାଟ ଦଣ୍ଡିଆକୁ କହି ! ସ୍ଥାନ ନେଇ ବସନ୍ତି ।
ଯେ ଯାହାର ସାମଗ୍ରି କିଣାବିକା କରନ୍ତି
ବଦଳରେ ଟଙ୍କା ଦ୍ରବ୍ୟ ଆଦି ରଖନ୍ତି ।

ପନିପରିବା ଠାରୁ ଫଳମୂଳ
ପାନଗୁଆ ଠାରୁ ଚେରମୂଳ ।
ହାଣ୍ଡି,ଖଡ଼ିକା, ମିଠା,ଖଜା,ଲିଆଁ,
ଚାଉଳ,ଅଟା,ତେଲ,ଲୁଣ ।
ମାଛ,ଶୁଖୁଆ ନେବାକୁ
ମାଛି ପରି ଲୋକେ ଭଣଭଣ ।

ହାଟେ ହୁଏ ଏସବୁ କିଣାବିକା
ଚତୁର ହାଟୁଆ ଭଲ ଭଲ କହି,
ମାରୁଥାଏ ଗୋଟେ ଡକା ।
ଶସ୍ତା କିଣି ଲୋକେ ହୁଅନ୍ତି ବୋକା
ଏହିପରି ଚାଲେ କିଣାବିକା ।

ହାଟୁଆକୁ ଜାଣି-ସିଆଣିଆ
ମାଗୁଥାଏ ଟିକେ ବାକି ।
ହାଟୁଆ ବାଟୁଆ ମୂଲ୍ୟକୁ ନେଇ
କରୁଥାନ୍ତି ! କଟାକଟି ।
ଶୁଭଇଁ ଚହଳ ତର୍କ ଯୁକ୍ତି
ହାଟ-ଦଣ୍ଡିଆ ଭାଙ୍ଗଇ କେତେଗଣ୍ଡଗୋଳ,ଝଗଡ଼ା ଝାଟି ।

ହାଟ ଶେଷ କରି ହାଟୁଆମାନେ
ହାଟ-ଦଣ୍ଡିଆକୁ ଦ୍ୟନ୍ତି ବଟି ।
କେହି କେହି ହାଟୁଆ ହୁଅନ୍ତି,କାଣ୍ଡି କୁଣ୍ଟି ।
ବଡ ବିଚିତ୍ର ଏ ହାଟ ପାଳି,
ବାରେ ଆସୁଅଛି ବାରେ ଯାଉଅଛିବୋଲି
ଲାଗିଛି ଏତକ ମେଳି ।

ହାଟ-ଦଣ୍ଡିଆ ରେଣ୍ଟିଲେ
ବାରେ ବାରଦେଲେ,
ହାଟ କି ଆଉ ବସିବ ।
ହାଟୁଆ ବାଟୁଆ ମେଳ ନ ହୋଇଲେ
ଏ ହାଟକୁ କିଏ ପଚାରିବ ।

ହାଟେବସି ଦେଖେ ଏ ସ୍ୱଭାବ
ଚିତେ ଜାଗେ ମୋର ଏମନ୍ତ ଭାବ।
ପ୍ରକୃତରେ,
ଏହା ହିଁ ତ ଜୀବନର ବାସ୍ତବ ।

# ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ମହିଳା ମୁକ୍ତି...



**ଅସିତ ମହାନ୍ତି**
ସୁଜନପୁର, ଯାଜପୁର

"ମହିଳାମାନେ କେବଳ ଖାଦ୍ୟ ରାନ୍ଧିବା, ପିଲାମାନଙ୍କର ଯତ୍ନ ନେବା, ସ୍ୱାମୀଙ୍କ ସେବା କରିବା ଏବଂ ଏଗାର ବ୍ରତ ପାଳନ କରିବା ନୁହେଁ, ସେମାନଙ୍କ ଜୀବନ ଏଥିରୁ ବହୁତ ଅଧିକ। ସେମାନେ ପୁରୁଷର ସମସ୍ତ ସାମାଜିକ ଏବଂ ମାନସିକ ବ୍ୟାପାରରେ ସମାନ ଭାବରେ ଅଂଶଗ୍ରହଣ କରିବାର ଅଧିକାର ପାଆନ୍ତି। ସେମାନଙ୍କର ମଣିଷ ଭାବରେ ଅନନ୍ୟ ହେବାର ମଧ୍ୟ ଅଧିକାର ଅଛି।" - ମୁନସି ପ୍ରେମଚାନ୍ଦ

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ମହିଳା ଅଧିକାର ଏହାର ମୁଖ୍ୟ କେନ୍ଦ୍ରବିନ୍ଦୁ। ଆମେରିକାର ସମାଜବାଦୀ ପାର୍ଟି ୨୮ ଫେବୃଆରୀ ୧୯୦୯  ରେ ନ୍ୟୁୟର୍କ ସହରରେ ମହିଳା ଦିବସ ପାଳନ କରିବା ପରେ, ଜର୍ମାନ ପ୍ରତିନିଧିମାନେ, ବିଶେଷକରି କ୍ଲାରା ଜେଟକିନ୍, ୧୯୧୦ ଅନ୍ତର୍ଜାତୀୟ ସମାଜବାଦୀ ମହିଳା ସମ୍ମିଳନୀରେ ପ୍ରତିବର୍ଷ ଏକ ସ୍ୱତନ୍ତ୍ର ମହିଳା ଦିବସ ପ୍ରସ୍ତାବ ଦେଇଥିଲେ। ଏହି ଦିନଟି ପ୍ରାୟତଃ ସମାଜବାଦୀ ଆନ୍ଦୋଳନ ଏବଂ କମ୍ୟୁନିଷ୍ଟ ଦେଶଗୁଡ଼ିକ ଦ୍ୱାରା ପାଳନ କରାଯାଉଥିଲା ଯେପର୍ଯ୍ୟନ୍ତ ଏହାକୁ ୧୯୬୭ ରେ ନାରୀବାଦୀ ଆନ୍ଦୋଳନ ଦ୍ୱାରା ଗ୍ରହଣ କରାଯାଇନଥିଲା। ଅଗଷ୍ଟ ୧୯୧୦ ରେ, ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ପୂର୍ବରୁ ଡେନମାର୍କର କୋପେନହେଗନରେ ଏକ ଆନ୍ତର୍ଜାତୀୟ ସମାଜବାଦୀ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆମେରିକୀୟ ସମାଜବାଦୀମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ, ଜର୍ମାନ ପ୍ରତିନିଧି କ୍ଲାରା ଜେଟକିନ୍ ଏବଂ ଅନ୍ୟମାନେ ବାର୍ଷିକ "ମହିଳା ଦିବସ" ପ୍ରତିଷ୍ଠା ପ୍ରସ୍ତାବ ଦେଇଥିଲେ, ଯଦିଓ ସମ୍ମିଳନୀରେ କୌଣସି ତାରିଖ ନିର୍ଦ୍ଦିଷ୍ଟ କରାଯାଇ ନଥିଲା। ୧୭ଟି ଦେଶର ୧୦୧ ଜଣ ମହିଳା ପ୍ରତିନିଧି ଭୋଟ ସମେତ ମହିଳାଙ୍କ ପାଇଁ ସମାନ ଅଧିକାରକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୀତି ଭାବରେ ଏହି ଧାରଣାରେ ସହମତ ହୋଇଥିଲେ। ପରବର୍ଷ, ୧୯ ମାର୍ଚ୍ଚ, ୧୯୧୧ ରେ, ଅଷ୍ଟ୍ରିଆ, ଡେନମାର୍କ, ଜର୍ମାନୀ ଏବଂ ସ୍ୱିଜରଲ୍ୟାଣ୍ଡରେ ପ୍ରଥମ ଥର ପାଇଁ ଦଶ ଲକ୍ଷରୁ ଅଧିକ ଲୋକଙ୍କ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। କେବଳ ଅଷ୍ଟ୍ରିଆ-ହଙ୍ଗେରୀରେ ୩୦୦ ପ୍ରଦର୍ଶନ କରାଯାଇଥିଲା ଭିଏନାରେ, ପ୍ୟାରିସ୍ କମ୍ୟୁନର ଶହୀଦମାନଙ୍କୁ ସମ୍ମାନ

ଜଣାଇବା ପାଇଁ ମହିଳାମାନେ ରିଙ୍ଗଷ୍ଟ୍ରାସରେ ପରେଡ୍ କରିଥିଲେ। ସେମାନଙ୍କୁ ଭୋଟ ଦେବାର ଅଧିକାର ଦିଆଯିବା ଉଚିତ ଏବଂ ମହିଳାମାନେ ସରକାରୀ କାମ କରିବାକୁ ଦାବି କରିଥିଲେ। ସେମାନେ ନିଯୁକ୍ତି ଏବଂ ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ମଧ୍ୟ ପ୍ରତିବାଦ କରିଥିଲେ। ଜାତିସଂଘ ୧୯୭୫ ମସିହାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବା ଆରମ୍ଭ କରିଥିଲା। ୧୯୭୭ ମସିହାରେ, ଜାତିସଂଘ ସାଧାରଣ ସଭା ସଦସ୍ୟ ରାଷ୍ଟ୍ରମାନଙ୍କୁ ୮ ମାର୍ଚ୍ଚକୁ ମହିଳା ଅଧିକାର ଏବଂ ବିଶ୍ୱ ଶାନ୍ତି ପାଇଁ ମିଳିତ ଜାତିସଂଘ ଦିବସ ଭାବରେ ଘୋଷଣା କରିବାକୁ ଆମନ୍ତ୍ରଣ କରିଥିଲା। ଅନ୍ତର୍ଜାତୀୟ ମହିଳା ଦିବସର ଇତିହାସ ଅଧିକାର ପାଇଁ ସଂଘର୍ଷ। ମହିଳାମାନେ ସଂଘର୍ଷ ମାଧ୍ୟମରେ ସେମାନଙ୍କର ଅଧିକାର ପାଇଥିଲେ। ଆଜି ଭାରତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଛି, ଯେତେବେଳେ ମହିଳାମାନଙ୍କ ବିରୁଦ୍ଧରେ ହିଂସା ବୃଦ୍ଧି ପାଉଛି, ଯାହା ଅତୀତର ସମସ୍ତ ବର୍ବରତାକୁ ଅତିକ୍ରମ କରିଯାଉଛି। ଗର୍ଭଧାରଣ ସମୟରେ ଲିଙ୍ଗ ନିର୍ଣ୍ଣୟ ଏବଂ ମହିଳା ଯୌନାଙ୍ଗ କାଟିବା, ଡାହାଣ ପକ୍ଷ ସନ୍ଦେହରେ ହତ୍ୟା, ଯୌନ ଉତ୍ପୀଡ଼ନ ଏବଂ ହତ୍ୟା, ଏସିଡ୍ ଆକ୍ରମଣ, ଅଶ୍ଳୀଳ ଇଙ୍ଗିତ, ଅଶାଳୀନ ଆକ୍ରମଣ, ମହିଳା ଏବଂ ଶିଶୁ ଚାଲାଣ, ମହିଳା ଶରୀର ଚାଲାଣ, କର୍ମକ୍ଷେତ୍ରରେ ଉତ୍ପୀଡ଼ନ, ବଳାତ୍କାର ଏବଂ ହତ୍ୟା ସାମ୍ପ୍ରତିକ ବର୍ଷଗୁଡ଼ିକରେ ବୃଦ୍ଧି ପାଇଛି। ଏହି ସମସ୍ୟା ଏତେ ବ୍ୟାପକ ହୋଇଛି ଯେ ୬ ମାସର ଶିଶୁଠାରୁ ଆରମ୍ଭ କରି ମୃତ୍ୟୁମୁଖରେ ପଡ଼ିଥିବା ବୃଦ୍ଧ ପର୍ଯ୍ୟନ୍ତ କେହି ମଧ୍ୟ ଏଥିରୁ ବଞ୍ଚିତ ନୁହଁନ୍ତି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ସମସ୍ତ ସଚେତନ ବ୍ୟକ୍ତି ମହିଳାଙ୍କ ଜୀବନର ଯନ୍ତ୍ରଣାଦାୟକ ଅବସ୍ଥା ଦେଖି ବ୍ୟଥିତ। ନିର୍ଯାତିତ, ନିର୍ଯାତିତ ମହିଳା ଏବଂ ଶିଶୁଙ୍କ ଦୁର୍ଦ୍ଦଶା ନିଶ୍ଚିତ ଭାବରେ ସମସ୍ତଙ୍କୁ ବ୍ୟଥିତ କରୁଛି। ସବୁଠାରୁ ଦୁଃଖଦ କଥା ହେଉଛି ସମାଜରୁ ମାନବବାଦ ବହୁତ ଶୀଘ୍ର ମରିଯାଉଛି। ମହିଳାଙ୍କ ଉପରେ ଏସବୁ ଅତ୍ୟାଚାର କାହିଁକି? ଏହାର ଅର୍ଥ କେବେବି ଏହା ନୁହେଁ ଯେ ମହିଳାମାନେ ବିକଶିତ ହୋଇନାହାଁନ୍ତି। ଏହା କହିବା ଭୁଲ ହେବ ଯେ ଆର୍ଥିକ ବିକାଶ ଯୋଗୁଁ ମହିଳାମାନେ ମୁକ୍ତ ହୋଇଛନ୍ତି। ସମାନ ଅଧିକାର, ମହିଳାମାନେ ସମସ୍ତ ଦିଗରେ ପୁରୁଷଙ୍କଠାରୁ ନିମ୍ନମାନର, ଇତ୍ୟାଦି ପୁରୁଷଙ୍କ ମନରେ ଏବେ ପର୍ଯ୍ୟନ୍ତ ଜାରି ରହିଛି। ଏହି ମାନସିକତା ପ୍ରକୃତରେ ସାମାଜିକ ବ୍ୟବସ୍ଥା ସହିତ ଅବିଚ୍ଛେଦ୍ୟ ଭାବରେ ଜଡିତ। ସମ୍ପତ୍ତିର ମାଲିକାନା ହେଉଛି ଏହାର ଆଧାର। ଏହି ମାଲିକାନା ଭାବନା ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରେ। ଏହାର ଅର୍ଥ ହେଉଛି ଆଜି ମଧ୍ୟ ପୁରୁଷଙ୍କ ଭାବନା କ୍ଷେତ୍ରରେ ଦାସତ୍ୱର ଭାବନା ନିୟନ୍ତ୍ରିତ। ଏହି ଭାବନା ପ୍ରତ୍ୟେକ ଘରେ ଦେଖାଯାଏ। ପରିବାର ଉଚ୍ଚଶିକ୍ଷିତ କିନ୍ତୁ ଝିଅ ଅନ୍ୟ ଜାତିର ପୁଅ ସହିତ ବାହାରକୁ ଯାଇପାରିବ ନାହିଁ, ଯଦି ସେ ବାହାରକୁ ଯାଏ ତେବେ ସେ କାହା ସହିତ ଯିବ, କୌଣସି ବିଷୟରେ ନିଷ୍ପତ୍ତି ନେବାର ତାଙ୍କର କୌଣସି ଅଧିକାର ନାହିଁ ଏବଂ ଘରକାମ କରିବାର ମନୋଭାବ

ମହିଳାମାନଙ୍କର କାମ ଇତ୍ୟାଦି ପୁରୁଷଙ୍କ ମନରେ ଲୁଚି ରହିଛି। ମହିଳାମାନଙ୍କର ଏହି ସ୍ୱାଧୀନତା ଆଜି ମଧ ପଦଦଳିତ। ପୃଷ୍ଠା ଖୋଲିବାକୁ ପଡିବ। ଆମ ସମାଜରେ ମହିଳାମାନଙ୍କ ବିଷୟରେ ଅନେକ ପ୍ରବାଦ ଅଛି। ସମସ୍ତ ଧର୍ମ କୁହନ୍ତି ଯେ ମହିଳାମାନେ ଏପରି ଥିଲେ ଏବଂ ରହିବେ କାରଣ ପରମେଶ୍ୱର ସେମାନଙ୍କୁ ଏପରି ସୃଷ୍ଟି କରିଛନ୍ତି। ସମସ୍ତ ଧର୍ମ କୁହନ୍ତି "ନାରୀମାନେ ନର୍କର ଦ୍ୱାର"। ମନୁ କହିଥିଲେ, 'ପୁତ୍ର ପାଇଁ ସ୍ତ୍ରୀ କର' ଏହାର ଅର୍ଥ ପୁଅ ପାଇଁ ବିବାହ ଯିଏ ବିବାହିତ ସେ ଘରେ ରହିବ ଏବଂ ସ୍ୱାମୀର ସେବା କରିବ, ପୁଅର ମା ହେବ ଏବଂ ରୋଷେଇ କରିବ। ପୁରୁଷମାନେ ବାହାରକୁ ଯାଇ ମଜା କରିବ। ମହିଳା ହେଉଛନ୍ତି ପୁରୁଷର ସାଧାରଣ ସମ୍ପତ୍ତି। ଆମ ସମାଜରେ ଝିଅମାନେ ଅବାଞ୍ଛିତ, କେହି ସେମାନଙ୍କୁ ଚାହାଁନ୍ତି ନାହିଁ, ସେମାନେ ସମସ୍ତ ବିନାଶର କାରଣ। ସ୍ୱର୍ଲଙ୍କା ସେମାନଙ୍କ ପାଇଁ ପୋଡ଼ି ପାଉଁଶ ହୋଇଯାଇଥିଲା। ରାମାୟଣରେ - ଖରଗୋଶ ସୀତାଙ୍କୁ ଅପହରଣ କରିଥିଲା, ରାମଚନ୍ଦ୍ର ଖରଗୋଶକୁ ଫାଶରେ ପକାଇ ସୀତାଙ୍କୁ ଉଦ୍ଧାର କରିଥିଲେ ଏବଂ ଏଥିରେ ହଜାର ହଜାର ଲଙ୍କାଙ୍କୁ ହତ୍ୟା କରାଯାଇଥିଲା। ରାମଚନ୍ଦ୍ର ସୀତା ପାଇଁ ଏସବୁ କରିଥିଲେ କିନ୍ତୁ ପ୍ରକୃତ କାରଣ କ'ଣ? ତା'ପରେ ସୀତାଙ୍କୁ ଉଦ୍ଧାର କରିବା ପରେ, ତାଙ୍କୁ କାହିଁକି ସତୀ ତ୍ୱ  ପରୀକ୍ଷା ଦେବାକୁ ପଡିଲା? ସ୍ତ୍ରୀ ପ୍ରେମ ପ୍ରକୃତ ନୁହେଁ, ପ୍ରକୃତରେ ସୀତା ରାମଚନ୍ଦ୍ରଙ୍କ ବ୍ୟକ୍ତିଗତ ସମ୍ପତ୍ତି। ବିଭୀଷଣଙ୍କ ସାହାଯ୍ୟରେ ଠେକୁଆକୁ ରାମଚନ୍ଦ୍ର ଫସାଇଥିଲେ ଏବଂ ଏହି ସାହାଯ୍ୟ ପାଇଁ ରାମଚନ୍ଦ୍ର ବିଭୀଷଣଙ୍କୁ ଦୁଇଟି ଉପହାର ଦେଇଥିଲେ। ଗୋଟିଏ ଥିଲା ଲଙ୍କାର ରାଜ୍ୟ ଏବଂ ଅନ୍ୟଟି ଥିଲା ରାବଣଙ୍କ ସ୍ତ୍ରୀ ମନ୍ଦୋଦରୀ। ପରଶୁରାମ ତାଙ୍କ ପିତାଙ୍କ କଥା ମାନିଥିବା ତାଙ୍କ ମାତାଙ୍କୁ ହତ୍ୟା କରିଥିଲେ, ନିର୍ଦ୍ଦୋଷ ଅହଲ୍ୟାଙ୍କୁ ତାଙ୍କ ସ୍ୱାମୀ ଗୌତମ ମୁନିଙ୍କ ଅଭିଶାପରେ ପଥର ଫୋପାଡ଼ି ହତ୍ୟା କରାଯାଇଥିଲା। କିନ୍ତୁ ଆଜି ମଧ ଆମେ ସେହି ଗାତରୁ ବାହାରି ପାରିନାହୁଁ। ଏହା କାହିଁକି ଘଟିଲା? ହଠାତ୍ ଭଗବାନଙ୍କ ଇଚ୍ଛା କାହିଁକି ମହିଳାଙ୍କୁ ଏପରି କଲା ଏବଂ ପୁରୁଷ ତାଙ୍କ ମାଲିକ ଭାବରେ ଜନ୍ମ ନେଇଥିଲା, ନା ଏହା ପଛରେ କୌଣସି ସାମାଜିକ ନିୟମ କାମ କରୁଛି? ପ୍ରକୃତରେ, ସମାଜର ବିକାଶ ପ୍ରକ୍ରିୟାରେ, ଯେତେବେଳେ କୃଷି ଉନ୍ନତ ହୋଇଛି ଏବଂ ସମାଜ କୃଷିଭିତ୍ତିକ ହୋଇଛି, ସେତେବେଳେ ପୁରୁଷ ସମ୍ପୂର୍ଣ୍ଣ ଭାବରେ କୃଷି ଉପରେ ନିର୍ଭରଶୀଳ ହୋଇଛି। କୃଷି କ୍ଷେତ୍ରରେ ପୁରୁଷ ଏବଂ ମହିଳା ଉଭୟ ଏକାଠି କାମ କରୁଥିଲେ, ସେତେବେଳେ ସମାଜରେ ମହିଳାମାନଙ୍କୁ ଅତ୍ୟନ୍ତ ସମ୍ମାନ କରାଯାଉଥିଲା, କାରଣ ମହିଳାମାନଙ୍କର ମା ହେବାର କ୍ଷମତା ଥିଲା ଏବଂ ପ୍ରଜନନରେ ତାଙ୍କର ଏକ ଅନନ୍ୟ ଅବଦାନ ଥିଲା ଯାହା ସେତେବେଳେ ଆବଶ୍ୟକ ଥିଲା। ଆଦିବାସୀ ସମାଜ ଗଠନରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ଯେତେବେଳେ ମହିଳାମାନେ ସନ୍ତାନ ଜନ୍ମ କରିବାର ପର୍ଯ୍ୟାୟରେ ପହଞ୍ଚିଲେ, ସେତେବେଳେ ସେମାନେ

ପୁରୁଷମାନଙ୍କ ସହିତ ଏକାଠି କାମ କରିପାରିଲେ ନାହିଁ ଏବଂ ମହିଳାମାନେ ଉତ୍ପାଦନ କ୍ଷେତ୍ରରେ ପଛରେ ପଡ଼ିଗଲେ। ସମାଜରେ ପୁରୁଷ ପ୍ରାଧାନ୍ୟ ବୃଦ୍ଧି ପାଇବା ଆରମ୍ଭ ହେଲା। ଅନ୍ୟପକ୍ଷରେ, ଏହା ଦେଖାଯାଉଛି ଯେ କୃଷି ମାଧମରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହୋଇଥିଲା ଯାହା ପୂର୍ବରୁ ଅସ୍ତିତ୍ୱରେ ନଥିଲା। କିଛି ସୃଜନଶୀଳ ବ୍ୟକ୍ତି ସମ୍ପତ୍ତିକୁ ନିଜେ ଉପଭୋଗ କରିବା ପାଇଁ ସମ୍ପତ୍ତିର ବ୍ୟକ୍ତିଗତ ମାଲିକାନା ଜାହିର କରିଥିଲେ। ଏହି ପ୍ରକ୍ରିୟା ଏବେ ବି ଚାଲିଛି। ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବା ସହିତ, ସମାଜକୁ ଶ୍ରେଣୀରେ ବିଭକ୍ତ କରାଯାଇଥିଲା ଏବଂ ମହିଳା-ପ୍ରଧାନ ସମାଜ ଭାଙ୍ଗି ଯାଇଥିଲା ଏବଂ ପୁରୁଷ-ପ୍ରଧାନ ସମାଜ ସୃଷ୍ଟି ହୋଇଥିଲା, ଯାହା ଫଳରେ ମହିଳା ନିଜର ପ୍ରାଧାନ୍ୟ ହରାଇ ବସିଥିଲେ। ଗୋଟିଏ ଦିନ କୃଷି ଆବିଷ୍କାର କରିଥିବା ମହିଳା ଧୀରେ ଧୀରେ ଘର ଆଡକୁ ମୁହାଁଇଲେ ଏବଂ ପିଲା ପାଳନ ଏବଂ ଘରକାମ ସେମାନଙ୍କର ମୁଖ୍ୟ କର୍ତ୍ତବ୍ୟ ହୋଇଗଲା। ଏହି ସମୟରେ ପୁରୁଷ ମହିଳାକୁ ଦାସୀରେ ପରିଣତ କରିଥିଲେ କିନ୍ତୁ ମହିଳା ଏହାକୁ ଗ୍ରହଣ କଲେ ନାହିଁ ଏବଂ ସଂଘର୍ଷ କଲେ। ଏହି ସମସ୍ତ ସଂଘର୍ଷ ପୌରାଣିକ କାହାଣୀରେ କାଳୀଙ୍କ ବେକରେ ନର୍ମୁଣ୍ଡର ମାଳ, ଦୁର୍ଗାଙ୍କ ମହିଷାସୁର ଇତ୍ୟାଦି ବର୍ଣ୍ଣିତ ହୋଇଛି। ଏହାର ଅର୍ଥ ହେଉଛି ଯେ ମହିଳା ପୁରୁଷଙ୍କ ଅତ୍ୟାଚାର ଆଗରେ ସହଜରେ ଆତ୍ମସମର୍ପଣ କରିନଥିଲେ। କିନ୍ତୁ ଏହି ସଂଘର୍ଷରେ, ମହିଳାର ଅନ୍ତଃସ୍ୱାର୍ଥ ତାଙ୍କର ସ୍ୱାଧୀନତା ହରାଇଲା। ଏହାର ଏକ ମୁଖ୍ୟ କାରଣ ହେଉଛି ମହିଳାଙ୍କ ଶାରୀରିକ ଗଠନ ପୁରୁଷଙ୍କ ଅପେକ୍ଷା ଭିନ୍ନ, ଯାହା ଫଳରେ ମହିଳାମାନେ ଶାରୀରିକ ଶ୍ରମ କ୍ଷେତ୍ରରେ ପଛରେ ପଡ଼ିଯାଆନ୍ତି। ଏହାର ସୁଯୋଗ ନେଇ ପୁରୁଷ ମହିଳାମାନଙ୍କ ଉପରେ ନିଜର ପ୍ରାଧାନ୍ୟ ସ୍ଥାପନ କଲେ। ପ୍ରାଚୀନ ବାବିଲୋନ, ମିଶର, ଗ୍ରୀସ୍, ରୋମ୍, ଭାରତ, ଚୀନ୍ ଠାରୁ ଆରମ୍ଭ କରି ଆଧୁନିକ ସଭ୍ୟତାର ଦୀର୍ଘ ଇତିହାସ ହେଉଛି ଦାସମାନଙ୍କ ଉପରେ ଅତ୍ୟାଚାରର ଇତିହାସ, ମହିଳାମାନଙ୍କ ଉପରେ ଅତ୍ୟାଚାରର ଇତିହାସ। ଏହି ଇତିହାସ ଅତ୍ୟନ୍ତ ନିଷ୍ଠୁର। ଏବେ ପ୍ରଶ୍ନ ହେଉଛି ଆମେ ପୁଣି ଥରେ ମହିଳା ନେତୃତ୍ୱାଧୀନ ସମାଜ ପ୍ରତିଷ୍ଠା ପାଇଁ ସଂଘର୍ଷ କରିବୁ କି ନାହିଁ, ଆମେ ଏକ ମାନବ କେନ୍ଦ୍ରିତ ସମାଜ ଚାହୁଁଛୁ ଯେଉଁଠାରେ ମହିଳା ଏବଂ ପୁରୁଷ ସମାନ, ପୁରୁଷ ଏବଂ ମହିଳା ଉଭୟ କାନ୍ଧରେ କାନ୍ଧ ମିଶାଇ ପରିବାର, ସମାଜ, ରାଜ୍ୟ ଏବଂ ଦେଶକୁ ଆଗକୁ ନେବେ। ଏହି କାର୍ଯ୍ୟ ସେତେବେଳେ ସମ୍ଭବ ଯେତେବେଳେ ସାମାଜିକ ବ୍ୟବସ୍ଥାର ମୂଳଦୁଆ ବ୍ୟକ୍ତିଗତ ସମ୍ପତ୍ତିରୁ ମୁକ୍ତ ହେବ।

# ଗର୍ବ...



ରାଜେଶ କୁମାର ଗୁରୁ
ରାମଚନ୍ଦ୍ରପୁର, ଫତେଗଡ଼,
ନୟାଗଡ଼

ରକ୍ତ,ମାଂସ ମିଶି ଗଢା ଏ ମଣିଷ,
କାହା ପାଇଁ ଏତେ ଗର୍ବ ।।
ବାୟୁ ଦ୍ୱାରା ସଞ୍ଚାରିତ ଏ ମଣିଷ ଶରୀର,
ହୋଇଯିବ ଦିନେ ପଞ୍ଚଭୂତେ ସମୀପ ।।
ସଞ୍ଚିବୁ ଏବେତୁ ମୂଲ୍ୟ ବାନ ଧନ,
ନେଇକି ଜିବୁନି କେବେ ।।
ଆସିଛୁ ତୁ' ଲଙ୍ଗଳା ହୋଇ,
ଜିବୁତୁ  ସୁନ୍ୟ ହସ୍ତେ ତେବେ ।।
ଅଜସ୍ର ଧନସମ୍ପଦ ଦେଖି ଲୋଭ ବଢିଯିବ ଯେବେ,
ମଣିଷ କୁ ଘୃଣା କରିବୁ, ଚକାଆଖି ଦେଖୁଥାଇ ତେବେ ।।
ଗର୍ବ ଭଙ୍ଗିବନି ମଣିଷ ର ତେବେ,
ଯେବେ ହୋଇଯିବ ଲୋଭ ।।
ଅନ୍ୟାୟ ଅଧର୍ମ କରି,
ମଣିଷ କେତେବାଟ ଆଉ ଜିବ ।।
ଅନ୍ୟାୟ କରିବ ନର୍କେ ସେ ପଡ଼ିବ,
ସ୍ୱର୍ଗ ଦ୍ୱାର ଯାଇ କି ଲାଭପାଇବ ।।
ତ୍ରୁଟି ରହିଯାଏ ମୋର ଯଦି କିଛି,
କ୍ଷମା କରିଦେବ ଭାବର ମୂରତି,ହେ ଚକାଆଖି ।।

**ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...**

# ଶେଷ ସାହାରା...

ମୁଁ ଜିଇଁବାକୁ ପିଏ,
କାଲି ରାତିର ବାସି ପିଆଲାର ରାଣ;
ଦୁନିଆର ସବୁ ଦରଜା ବନ୍ଦ ହୋଇଗଲା ପରେ,
ଖାଲି ଯାହା ସେ ଅନ୍ଧାରରେ ବୁକୁ ବୁକୁ କରୁଥିବା ଦୂର ବତୀଘର
ମୋର ଶେଷ ସାହାରା ଥିଲା।
ଅମୃତ ପିଇଥିଲେ ଦେବତା ହୋଇଥାନ୍ତି ହୁଏତ,
ମୋର ଅମର ହେବାରେ ଆଗ୍ରହ ନାହିଁ;
ମୃତ୍ୟୁ ମଣିଷକୁ ମାରେନି ମ',
ମଣିଷକୁ ମଣିଷ ଜିଅନ୍ତା ମାରିଦିଏ।



**ଶ୍ରୀକ୍ଷେତ୍ର ସୁନ୍ଦର**
ମୋଡ଼ିପଡ଼ା, ସମ୍ବଲପୁର

**ମହ୍ଲାର ଇ-ପତ୍ରିକାର "ଅଭିନନ୍ଦନ" ପୃଷ୍ଠାକୁ ଆପଣଙ୍କୁ ସ୍ଵାଗତ.**
ଏହି ପୃଷ୍ଠାରେ ଆପଣ ଆପଣଙ୍କ ପ୍ରିୟଜନଙ୍କୁ ସେମାନଙ୍କର ବିବାହ ବାର୍ଷିକୀ, ଜନ୍ମଦିନ , ଶ୍ରଦ୍ଧାଞ୍ଜଳି ଓ ଅନ୍ୟାନ୍ୟ ଦିନ ମାନଙ୍କର ଶୁଭେଚ୍ଛା ଜଣାଇ ପାରିବେ .

**ନିୟମାବଳୀ :**
ଏଥି ନିମନ୍ତେ ଆପଣଙ୍କ ପ୍ରିୟଜନଙ୍କ ୩-୪ ଟି ରଙ୍ଗୀନ ଫୋଟୋ , ନାମ, ଅଭିନନ୍ଦନ ଜଣାଇବାର ତାରିଖ ଏବଂ ଆପଣଙ୍କର ନାମ ଆମକୁ ଆମ ଯୋଗାଯୋଗ ଠିକଣା ରେ ପଠେଇବାକୁ ଅନୁରୋଧ.

**ଯୋଗାଯୋଗ :**
ଫୋନ / ହ୍ଵାଟ୍ସଆପ୍ ନମ୍ବର : ୮୩୨୮୯୫୧୨୨୯
ଇ-ମେଲ : Malharmagazine@Gmail.Com

# ନିରବରେ...



**ତ୍ରିନାଥ ନନ୍ଦୀ**
ଦେଉଳିପଞ୍ଚୁଘଣ୍ଟା, ଜଳେଶ୍ୱର , ବାଲେଶ୍ୱର
(ମୁଖ୍ୟ - ସଂଯୋଜକ)

ନିରବରେ ..
ନିରବରେ ନିଦ ଭାଙ୍ଗିଗଲା ପରେ ,
ହଠାତ୍ ସବୁ ବିସ୍ମୟ ! ଚହଟି ଯାଏ ,
କେବେ ହସଖୁସି ତ ପୁଣି ଦୁଃଖ ଆଉ ଲୁହ ,
ହସଲୁହର ଲହଡ଼ି ତରଙ୍ଗ ସବୁ ଭାସିଯାଏ ।

କହିବ କାହାକୁ ଶୁଣିବ କିଏ ?
ପ୍ରମିକ ଟିଏ ତ ପ୍ରେମିକା କୁ କହିବ
ପ୍ରେମ ତ ଏଠି ମନର ଏକ ନିରବ ପ୍ରଶ୍ନ ?


ଭାବନାରେ ଅପରୂପ ପୁଲକ
ବାସ୍ତବତା ପାଣି ଫୋଟକା ଭଳି କ୍ଷୀଣ
ଏଠି ବାସ୍ତବତା ଖୋଜିଲେ ବନ୍ଧୁତା ଭୁଲେ ,
ଧୋକା ପାଇଲେ ନିରବରେ ଲୁହ ଗଣେ ।

କଅଁଳିଆ ଓଠବି ନିଦା ପଥର ହୁଏ ,
ଶକ୍ତ ପଥରଟାଏ ବି ଭସ୍ମ ହୋଇ ଉଡିଯାଏ ,
କଥା ସବୁ ସ୍ୱପ୍ନରେ ରହିଯାଏ ,
କଳ୍ପନା ସବୁ ସ୍ୱପ୍ନର ତରଙ୍ଗରେ ଭାସିଯାଏ ।

ବାସ୍ ! ତା ପରେ ...
ଉତ୍ତର ବି ପ୍ରଶ୍ନ ପାଲଟିଯାଏ !
ପୁଲକ ଟିଏ ନିଏ ବଜ୍ରାଘାତ ରୂପ ,
ନିରବରେ ନିଃସଙ୍ଗତା ବନ୍ଧ କରେ ହୃଦୟ !

ଚେଇଁ ଶୋଇବା ଭିତରେ ରାତିପାହିଯାଏ ,
ସଜଫୁଲ ସବୁ ଫିକା ହେଇଯାଏ ,
ଘଣ୍ଟାର ଟିକ ଟିକ ଶବ୍ଦ ସବୁ ,
ଅନ୍ଧାରର ଆତସବାଜି ପାଲଟିଯାଏ ।
ଯେଉଁଠି ପୁଲକ ବିସ୍ମୟ ହୁଏ
ସଭିଙ୍କ ମଧରେ ପୃଥିବିଟାବି ନିଷିଦ୍ଧ ମନେ ହୁଏ ||

# ପେନସନ...



**ମମତା ବଗର୍ତ୍ତୀ**
ରାଣୀକଟା, ବଲାଙ୍ଗୀର

ଚାକିରୀ ପାଇବା ଦିନଠୁ
ଅବସର ଗ୍ରହଣ ପର୍ଯ୍ୟନ୍ତ,
ଦୀର୍ଘ ଷାଠିଏ ବର୍ଷ ଯାଏଁ
ରହିଥାନ୍ତି ସେ କାର୍ଯ୍ୟରତ ।।
ସରକାରୀ ଚାକିରୀଆ
ସବୁ ସରକାରଙ୍କ ଚାକର,
ମାସ ପୁରିଲେ ପାଆନ୍ତି
ବେତନ ନିଜ ପରିଶ୍ରମର ।।
ନିଜ ଦରମା ପଇସାରୁ ହିଁ
ଧୀରେ ଧୀରେ ଜମା ହୋଇ,
ଅବସର ପରେ ସବୁଯାକ
ପେନସନ ରୂପରେ ମିଳଇ ।।
ପେନସନ ନୁହଁଇ କେବେ
ଅନ୍ୟ କାହାର ଅବଦାନ,
ନିଜ ଝାଳବୁହା ପରିଶ୍ରମରେ
ନିଜେ ଅର୍ଜି ଥିବା ଧନ ।।

ପୁଅ ବୋହୂ ନ ପଚାରିଲେ
ବୃଦ୍ଧ କାଳେ ହୁଅଇ ସାହା,
ସାଜିଥାଏ ବଡ ସହାୟତା
ଲୋକେ କରନ୍ତି ଯେବେ ଆହା ।।
ଅଦରକାରୀ ବୋଲି ଭାବନ୍ତି
ବାପା ମାଁଙ୍କୁ ବୃଦ୍ଧାବସ୍ଥାରେ,
ଭରଣ ପୋଷଣ କରନ୍ତି ବାପା ମାଁ
ନିଜର ପେନସନ ବଳରେ ।।
ପୁଅ ବୋହୂ କଳି ଗାଳି କରି
ବାପା ମାଁଙ୍କୁ ଦିଅନ୍ତି ଯେବେ ତଡି,
ସେଇ ସମୟରେ ପେନସନ ସାଜେ
ବାପା ମାଁଙ୍କର ଅନ୍ଧର ଲଉଡି ।।

# ଶିଖି ଶିଖାଇବା...



**ଆକୁଳାନନ୍ଦ ପୃଷ୍ଟି**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମହାଳପଡ଼ା, କଖଡି, କଟକ

ବିଦ୍ୟା ମହାଧନ କରିବା ଅର୍ଜନ
ହେଳା କରିବାନି ଜମା,
ସାନ ଠୁ' ଶିଖିବା ବଡ ଠୁ' ଶିଖିବା
ଶିଖିବାରେ ନାହିଁ ସୀମା ।

ଉଇ ଠୁ' ଶିଖିବା ଶ୍ରମର ମହତ୍ତ୍ୱ
ହେବା ନାହିଁ ଅଳସୁଆ ,
ଶୃଙ୍ଖଳା ନିୟମ ଶିଖାଏ ପିମ୍ପୁଡ଼ି
ଆମେ କିନ୍ତୁ ଅମାନିଆ ।

ମହୁମାଛି ଠାରୁ ସଂଗ୍ରହ ଶିଖିବା
ସଞ୍ଚୟ ମହତ ଗୁଣ ,
ଧୋଇ ଧାଇ ଜଳ ମଇଳା ଛଡ଼ାଏ
ପରିଷ୍କାର ପରିଛନ୍ନ ।

ଫୁଲ ବାଣ୍ଟିଥାଏ ଖୁସି ଓ ଆନନ୍ଦ
ଦିଏ ନି କାହାକୁ ଦୁଃଖ ,
ପର ଉପକାର ବିନୟ ସ୍ୱଭାବ
ବୃକ୍ଷ ଠୁ' ସମସ୍ତେ ଶିଖ ।

ସହନଶୀଳତା ମାଆର ସ୍ୱଭାବ
ମାଟି ମାଆ ସର୍ବସଂହା ,
ଶୀତଳତା ଭରେ ମାଟିରୁ ଆକାଶ
ନିଶୀଥିନୀରେ ଚନ୍ଦ୍ରମା ।

ସମୟର ମୂଲ୍ୟ ସମୟାନୁବର୍ତ୍ତିତା
ସୂର୍ଯ୍ୟ ଶିଖାନ୍ତି ଆମକୁ ,
ଶିଖି ଶିଖାଇବା ଭଲ ଗୁଣ ସବୁ
ଆମ ଭାଇ ଭଉଣୀଙ୍କୁ ।

# ହଜିଲା ଦିନର ଅଭୁଲା କଥା...



**ଅଭୟ କୁଣ୍ଡ**
ସହକାରୀ ଶିକ୍ଷକ, ପଞ୍ଚାୟତ
ସରକାରୀ ଉଚ୍ଚ ବିଦ୍ୟାଳୟ,
ପଡ଼ିଆଭଙ୍ଗା, ତାଳଚେର

୧୮୬୬ ମସିହା ଓଡ଼ିଶା ଇତିହାସରେ ସ୍ମରଣୀୟ ବର୍ଷ । ବର୍ଷାଭାବରୁ ଉତ୍କଟ ଜଳାଭାବ ଓ ମରୁଡି ପଡ଼ିଲା । ଗଜପତିଙ୍କ ନବମ ଅଙ୍କରେ ଏହା ଘଟିଥିଲା । ତେଣୁ ଏହା ନଅଙ୍କ ଦୁର୍ଭିକ୍ଷ ନାମରେ ଇତିହାସ ପୃଷ୍ଠା ମଣ୍ଡନ କରିଛି । ଏପରି ଉତ୍କଟ ଲୋମ ହର୍ଷଣକାରୀ ଦୁର୍ଭିକ୍ଷ ବୋଧ ହୁଏ ଭାରତରେ ଏଜାବତ ଘଟି ନାହିଁ । ତା'ରି ଆଧାରରେ ଏକ ଲୋକକଥା ଶୁଣାଯାଏ ।" ମାମୁଁ ପତର ମାଇଁ ନେବ , ଭଣଜା ଦାଣ୍ଡରେ ବସିବ " । ମାତ୍ର ନଅଙ୍କ ଦୁର୍ଭିକ୍ଷ ସମୟର ଚିତ୍ର ଆହୁରି ଭୟାନକ ଓ ହୃଦୟ ବିଦାରକ ଥିଲା । ମା' ତାର ଭୋକ ଜ୍ୱାଳାରେ ପୁଅକୁ ପର କରି ତା ମୁହଁରୁ ଆହାର ଛଡ଼ାଇ ନେଉଥିଲା । ଅଭାବ ସ୍ୱଭାବକୁ ନଷ୍ଟ କରେ । ତଥାପି ମାନବିକତା ବଞ୍ଚିଥିଲା ଓ ମାନବଜାତି ପାଇଁ ଏକ ଉଦାହରଣ ସୃଷ୍ଟି କଲା ଜଣେ ଅନାହାରକ୍ଲିଷ୍ଟ ଓଡ଼ିଆ ବ୍ରାହ୍ମଣ ବାଳକ ସନାତନ ।

ସନାତନର ଜନ୍ମ କେନ୍ଦ୍ରାପଡ଼ାର କୌଣସି ଏକ ଗ୍ରାମରେ । ତାର ପିତା ମାତା ଭାଇ ଭଉଣୀ ଥିଲେ । ସନାତନ ଜ୍ୟେଷ୍ଠ ସନ୍ତାନ । କ୍ରମାଗତ ଦୁଇ ବର୍ଷ ବର୍ଷା ଅଭାବରୁ ମରୁଡି ପଡ଼ିଲା । ଶସ୍ୟ ହାନି ହେତୁ ଲୋକେ ବହୁ କଷ୍ଟରେ ଯାହା ପାଖରେ ଯାହା ଥିଲା ବିକି ଭାଙ୍ଗି ଚଳିଲେ । କିନ୍ତୁ ସେ ସବୁ ଶୀଘ୍ର ଶେଷ ହେଲା । ଲୋକେ ଖାଦ୍ୟ ବିନା ଅଖାଦ୍ୟ ଖାଇ ରୋଗାକ୍ରାନ୍ତ ହୋଇ ରାସ୍ତା ଧାରାରେ ମରି ପଡ଼ିଲେ । ଜୀବନ ବଞ୍ଚାଇବା ପାଇଁ କିଏ କେଉଁଆଡେ ଗଲେ ଠିକଣା ରହିଲା ନାହିଁ । ଗଛରେ ପତ୍ର ମଧ ରହିଲା ନାହିଁ । କୂଅ ପୋଖରୀ ନାଳ ସବୁ ଶୁଖିଗଲା । ସନାତନ ପରିବାର ମଧ ସମଦଶା ଭୋଗିଲେ । କେତେ କାଳ ପେଟ ଜ୍ୱାଳା ସହିବେ । ସାନ ଭାଇ ଭଉଣୀ ଖାଦ୍ୟ ବିନା ଅସ୍ଥି କଙ୍କାଳ ସାର ହୋଇ କତରାରେ ପଡିଥା'ନ୍ତି । ମା'ଙ୍କ ଅବସ୍ଥା ତହୁଁ ବଳି । ନିଜ କୂଳ ବଂଶ ଜାତି ସ୍ୱାଭିମାନ ଛାଡ଼ି ସନାତନ ଓ ତାର ବାପା ଭିକ୍ଷା ବୃତ୍ତି କରି କିଛି ଦିନ କଷ୍ଟେ ମଷ୍ଟେ ଅନାହାର ଅର୍ଦ୍ଧହାରରେ ଚଳିଗଲେ । କିଛି ଦିନ ପରେ ଅନେକ ଗାଁ ଜନଶୂନ୍ୟ ହୋଇଗଲା । ବାପା ପୁଅ ଦିନ ଦିନ ବୁଲି ମୁଠାଏ ମଧ ଦାନା ପାଇଲେ ନାହିଁ । ଶେଷକୁ ବୃଦ୍ଧ ପିତା ଅଚଳ ହୋଇ ମୃତ୍ୟୁ

ଶଯ୍ୟାରେ ପଡ଼ିରହିଲେ । ମା' ଭାଇ ଭଉଣୀ ଭୋକରେ ଛଟପଟ ହେଉଥିବା କରୁଣ ଦୃଶ୍ୟ ଦେଖି ସନାତନ ବ୍ୟଥିତ ହେଲା ମାତ୍ର ଉପାୟ ଶୂନ୍ୟ ସେ । ସକାଳୁ ସନ୍ଧ୍ୟା ବୁଲି ବୁଲି ଯାହା କିଛି ଖୁଦ ମଲୁଖ ଆଣେ ତାକୁ ରାନ୍ଧି ସମସ୍ତଙ୍କୁ କିଛି କିଛି ଖୁଆଇ ନିଜେ ପେଜ ମୁନ୍ଦାଏ ପିଇ ଶୋଇଯାଏ ।


ସକାଳୁ ଉଠି ପୁଣି ଗାଁ ଗାଁ ବୁଲି ଭିକ୍ଷା ମାଗେ । ହେଲେ ହଜାର ହଜାର ଲୋକ ଭୋକବିକଳରେ କିଏ କୁଆଡେ ଚାଲିଯାଇଥା'ନ୍ତି । ଘର ମୁକୁଳା ପଡ଼ିଥାଏ । ଗାଁ କେ ଦୁଇ ଚାରି ଜଣ ଥାଆନ୍ତି । ମାତ୍ର ଏତେ ଭିକ୍ଷାର୍ଥୀଙ୍କୁ ଭଲା କିଏ ଭିକ୍ଷା ଦେବ ? ଦ୍ୱାରା ବନ୍ଦ କରିଦିଅନ୍ତି । ସନାତନକୁ ଦିନ ଦିନ ବୁଲିଲା ପରେ ମଧ ଭିକ୍ଷା ମୁଠିଏ ମିଳିଲା ନାହିଁ । ଲୋକେ ପେଟ ବିକଳରେ ବଣରୁ ପତ୍ର ମୂଳ ଖାଇଲେ ମାତ୍ର କେତେଦିନ ବଞ୍ଚିବେ । ପ୍ରଚଣ୍ଡ ଖରା । ଚାରିଆଡେ ଶ୍ମଶାନର ନିରବତା । ଅନ୍ୟ ଜୀବ ଜନ୍ତୁ ମାନେ ମୃତ୍ୟୁ ବରଣ କଲେ । ଲୋକ ସଂଖ୍ୟା ଠାରୁ କୁକୁର ବିଲୁଆ ସଂଖ୍ୟା ବେଶୀ ହେଲା ।ଦୁଇ ଦିନ ଚାରି ଦିନରେ ଥରେ ବି ବାସି ପେଜ କି ତୋରାଣି ମୁନ୍ଦାଏ ମିଳିଲା ନାହିଁ । ସନାତନର ଆଖି ଆଗରେ ତା'ର ବାପା ଚାଲିଗଲେ । ମା ଓ ସାନ ଭାଇ ଭଉଣୀ ମୃତବତ୍ ପଡିଆନ୍ତି । ନିଜର ମଧ ଚାଲିବାକୁ ଶକ୍ତି ନ ଥାଏ । କିନ୍ତୁ କଣ କରିବ ? ବାଡି ଖଣ୍ଡେ ସାହାଯ୍ୟରେ ଚାଲିଲା ଭିକ୍ଷା ମାଗିବା ପାଇଁ । ଅନାହାରକ୍ଲିଷ୍ଟ ଜୀର୍ଣ୍ଣ ଶୀର୍ଣ୍ଣ ଶରୀର ନେଇ ଗ୍ରାମ ପରେ ଗ୍ରାମ ଘୁରି ବୁଲିଲା ।ମାତ୍ର ସବୁ ବୃଥା । ଦିନ ଦ୍ୱି ପ୍ରହର ପ୍ରଚଣ୍ଡ ଖରାରେ ସେ ନିସ୍ତେଜ ହୋଇ ଜଣେ ଲୋକର ଦ୍ୱାରରେ ଆଘାତ କଲା ଓ କ୍ଷିଣ କଣ୍ଠରେ କିଛି ଖାଇବାକୁ ମାଗିଲା । ସେହି ମର୍ମ ଭେଦି ସ୍ୱର ଶୁଣି ଗୃହ ସ୍ୱାମୀ ଦ୍ୱାର ଖୋଲିଲେ । କଣ ଦେଖିଲେ । ଜଣେ ଜୀର୍ଣ୍ଣ ଶୀର୍ଣ୍ଣ ଜୀବନ୍ତ ପ୍ରେତ ପରି ବାଳକକୁ । ଚକ୍ଷୁ କୋଟରାଗତ , ପେଟ ବାହାରି ପଡ଼ିଛି କେବଳ ଚର୍ମ ଢ଼ଙ୍କା ଅସ୍ଥି କଙ୍କାଳ ଶ୍ୱାସକ୍ରିୟା ମାତ୍ର ଚାଲିଛି ।ଗୃହ ସ୍ୱାମୀ ବୁଝିଗଲେ ଯେ ପିଲାଟି ଅନେକ ଦିନ ହେବ କିଛି ଖାଇନାହିଁ । ସଙ୍ଗେ ସଙ୍ଗେ ଘରେ ଥିବା କିଛି ଭାତ ତରକାରୀ ଆଣି ପିଲାଟିକୁ ଖାଇବାକୁ ଦେଲେ ଓ ଖାଇବାକୁ ସ୍ନେହଭରା କଣ୍ଠରେ କହିଲେ । ମାତ୍ର ସନାତନ ଖାଦ୍ୟ ଛୁଇଁଲା ନାହିଁ । କାନିରେ ବାନ୍ଧିଲା ନେବା ପାଇଁ ।ଗୃହ ମାଲିକ କାରଣ ପଚାରନ୍ତେ ସନାତନ କହିଲା ତାର ମା ସାନ ଭାଇଭଉଣୀ ଅନାହାରରେ ଅଛନ୍ତି । ସେ କିପରି ଏକା ଖାଇବ ? ପ୍ରଥମେ ସେମାନଙ୍କୁ ଖୁଆଇବ ଯଦି ବଳିବ

ନିଜେ ଖାଇବ ନ ହେଲେ ନାହିଁ । ସନାତନର ତ୍ୟାଗ ,ଦୃଢ଼ତା ମାନବିକତା ଦେଖି ଗୃହ ସ୍ୱାମୀ ଆଉ କିଛି ଖାଦ୍ୟ ଦ୍ରବ୍ୟ ଆଣି ସନାତନ କାନିରେ ବାନ୍ଧି ଦେଇ ତାକୁ ବିଦାୟ ଦେଲେ ।

ସନାତନ ସନ୍ତୁଷ୍ଟ ହେଲା ଓ ଦ୍ୱି ପ୍ରହର ପ୍ରଚଣ୍ଡ ଖରାରେ ଗାଁ'କୁ ଫେରିଲା । ଟଳମଳ ପାଦ, ଖରାରେ ମୁଣ୍ଡ ଭୂମି ଯାଉଛି , ଅନ୍ଧାର ଦିଶୁଛି ଧୂ ଧୂ ଖରାରେ ସନାତନ ଆଗକୁ ଯାଇ ପାରିଲାନାହିଁ । ଗୋଟିଏ ଗଛ ମୂଳ ଆଂଶିକ ଛାଇରେ ବସି ପଡ଼ିଲା । ତା ଆଖିରେ ତା ମା ସାନ ଭାଇ ଭଉଣୀଙ୍କର ଚେହେରା ସ୍ୱପ୍ନ ପରି ଦିଶି ଯାଉଥିଲା । କ'ଣ କରିବ ? ହଠାତ୍ ତାକୁ ଅନ୍ଧାର ଦିଶିଲା । ଆଖି ସବୁଦିନ ପାଇଁ ମୁଦି ହୋଇଗଲା ସନାତନର ।

ଏହି ସ୍ୱାର୍ଥ ଜଡ଼ିତ ସଂସାରରେ ସନାତନର ତ୍ୟାଗ , ମାନବିକତା ବାସ୍ତବିକ ଏକ ବିସ୍ମୟକର ଇତିହାସ ନୁହେଁ କି ?

ଦିନ ଚାଲିଗଲା ମାତ୍ର କଥା ରହିଗଲା ଅଭୁଲା ହୋଇ ।



# ପୁସ୍ତକ ମୋ ପ୍ରେମ...





ରାଜଶ୍ରୀ ଓଝା
ମାଳଦା,ଭଦ୍ରକ

ପ୍ରେମ ରସ ବିନା ଜୀବନ ତ' ଶୂନ୍ୟ
ଲାଗେ ନାହିଁ ଜମା ଭଲ,
ପୁସ୍ତକ ପ୍ରେମରେ ଲିପ୍ତ ହୋଇ ଦେଖ
ଶାନ୍ତି ଲାଗେ କେତେ ମନ ||
ପାଠକ'ଟି ଯେବେ ବହି ଖଣ୍ଡେ କିଣେ
କେତେ ଖୁସି ନିଜେ ଜାଣେ,
ପେଟକୁ ନ' ଖାଇ ସଞ୍ଚୟ ସେ କରି
କିଣି ଆଣେ ବହି ନିଜେ ||
ପ୍ରେମର ଦିବସେ ଉପହାର ମିଳେ
କେତେ ନୂଆ ନୂଆ ଜିନିଷ,
ମୋ ପ୍ରେମ ମଝିରେ ବଳି ପଡ଼ି ଯାଏ
ମୟୂର ଚନ୍ଦ୍ରିକା ଯାହା ନାମ ||
ମୋ ପ୍ରେମ ପୁସ୍ତକକୁ ଉପହାର ଦିଏ
ରକ୍ତିମ ଗୋଲାପ ଟିଏ,
ପୁସ୍ତକ ମଝିରେ ରଖି ଦେଇଥିଲେ
ଭାରି ଶୋଭା ସିଏ ପାଏ ||
ଶୁଖା ଗୋଲାପ ହୋଇ ଯାଏ ସିନା
ହେଲେବି ସୁନ୍ଦର ଲାଗେ,
ପ୍ରେମର ପ୍ରେମିକ ପୁସ୍ତକ ମୋର ସେ
କବିତା ତା ପାଇଁ ମୁଁ ଲେଖେ ||
ପଢୁ ପଢୁ ବହି ଛାଡି ଯାଏ ଯେବେ
ଦାଗ ମାରି ଥାଏ ମୁହିଁ,
ଉପନ୍ୟାସ ମୋର ପ୍ରେମର ପ୍ରେମିକ



ମନେ ମନେ ମୁଁ ଭାବୁ ଥାଇ ||
ମନୁଷ୍ୟ ପ୍ରେମରେ ନାହିଁ ଜମା ସ୍ନେହ
ପରକୀୟା ପ୍ରୀତି ଦେଖନ୍ତି,
ପୁସ୍ତକ ପ୍ରେମରେ ପଡ଼ି ଗଲେ ଥରେ
ଚିରନ୍ତନ ହେଇ ଯାଆନ୍ତି ||
ମୋ ଜୀବନର ପ୍ରେମ ବହି ଗୁଡା ସବୁ
ମୁଣ୍ଡ ପାଖେ ମୋର ଥାଆନ୍ତି,
ମନ ଦୁଃଖ ଥିଲେ ଦେଖିଦେଲେ ତାଙ୍କୁ
ଖୁସି ପୁଣି ଫେରି ଆସନ୍ତି ||
ଉପନ୍ୟାସ ପଢି ମନେ ମନେ ହସେ
ମୋ ପ୍ରେମର ପ୍ରେମିକ ହୁଅନ୍ତି,
ନାୟିକା ବୋଲି ମୁଁ ଅଭିମାନ କରେ
ଜାଣି ଜାଣି ମୋତେ ବୁଝାନ୍ତି ||
ପୁସ୍ତକ ପ୍ରେମରେ ହଜି ଗଲେ ଥରେ
ଲାଗେ ନାହିଁ ନିଦ ଜମାରୁ,
ଦୁଃଖେ ସୁଖେ ସେ ପାଖେ ଥାଏ ପରା
ଦୂରେଇବନି ସେ ଆଦୌ।

# ଶ୍ୟାମା ଗୋରୀ ହେଲୁ ମନ ଛନ ଛନ...




ତାରାପ୍ରସାଦ ଜେନା
ରଣପୁର, ନୟାଗଡ଼

ଶ୍ୟାମା ଗୋରୀ ହେଲୁ ମନ ଛନ ଛନ
ବାସ ମଲ୍ଲୀ ମିଠା ପଣ
ତୋର ଓଠେ ଦେବି କଦମ୍ବର ଗେଲ
ଭାବି ହେଲି ଶତ ଗୁଣ
ଶ୍ୟାମା ଗୋରୀ ହେଲୁ ମନ ଛନ ଛନ.....! ୦ !

ତତେ ଆଖେଇଲି ଦିନ ରାତି ଯାଏଁ
ଦେଖା ଦେଲୁ ନାହିଁ ମୋତେ
ଚୁପ୍ କିନା ବସି ଲୁହ ଗୋଟେଇଲି
ହସ ବାଆଁରେଇ ସତେ,
କେମିତିକା ତୁଲୋ ମଣିଷଟେ ହେଲୁ
ପଥର କି ଲୁହା ଟାଣ
ଶ୍ୟାମା ଗୋରୀ ହେଲୁ ମନ ଛନ ଛନ.....! ୧ !

ନିଜ କଥା ଆଉ କାହା ଆଗରେ ଖୋଲି
ପାରିଲିନି ସଜେ ଧରି
ଭାଗ୍ୟ ଛଡ଼ା ବୋଲି ମନେ ଗାଳି ଖାଇ
ହୃଦୟକୁ ମାରେ ଛୁରୀ,
ଆଉ କାହାରବା ହେବି ନାହିଁ ପରା
ଖାଇଥିଲି ଶତ ରାଣ
ଶ୍ୟାମା ଗୋରୀ ହେଲୁ ମନ ଛନ ଛନ.....! ୨ !

# କାହାକୁ କହିବି'...



କାର୍ତ୍ତିକେଶ୍ୱର ନାୟକ
ବୌଦ୍ଧ

ତୁମ ନମ୍ବରଟା ମନେ ରଖିଥାନ୍ତି
ହୋଇ ଥିଲେ ଏ.ଟି.ଏମ ,
ଭୁଲିଗଲି ବୋଲି ଭାବି ନାହିଁ ମୁହିଁ
ସଜାଡି ବାନ୍ଧିଛି ଫ୍ରେମ ।

ଭେଟିଛି ତୁମକୁ,ମନ୍ଦିର ମସଜିଦ
ଗୁରୁଦ୍ୱାର ବା, ଗିର୍ଜା ଘର,
କିନ୍ତୁ ସତ୍ୟନୁହଁ, ପ୍ରତିମୂର୍ତ୍ତି ତୁମ
ମାଟି ସିମେଣ୍ଟ ବା ପଥର ।

ସଠିକ୍ ଠିକଣା ମିଳେନି ତୁମର
ଖୋଜୁ ଥାଏ ନିରନ୍ତର,
ଭେଟିଲେ ତୁମକୁ କେତେ କଥା ଅଛି
ବୁଝାଇ କହିବି ମୋର ।

ଏଜେଣ୍ଟ ରଖିଛ, ବାଛି ବାଛି କେତେ
ପେଟ ପୋଷିବା ଆଳରେ ,
ମିଛ ମାୟା ଦେଇ ଲୁଟୁ ଛନ୍ତି ସେହି
ନିରୀହଜନ ଭିତରେ ।

ଠକେଇ ଭଣ୍ଡାଇ,  ତୁମ ନାମ କହି
ଚାଲିଛି ବେପାର ଏଠି ,
କିଏ କହେ ଦେଖ ମାଡ଼ି ଆସିଲାଣି
କଲ୍କୀ ଅବତାର ନେଇ ।



# ପ୍ରଶ୍ନପତ୍ର ଲିକ୍...





**ତିରଣ ମଶ୍ରା**
କନକପୁର, ଜୁନାଗଡ଼, କଳାହାଣ୍ଡି

ସରକାରଙ୍କର ରାଜନୀତିରେ
ବଳି ପଡୁଛି ଛାତ୍ର ,
ବର୍ଷସାରା ଖାଲି ପରୀକ୍ଷା ପୂର୍ବରୁ
ଭାଇରଲ ପ୍ରଶ୍ନପତ୍ର ||
ଚାକିରି ଦେବାରେ ସରକାରଙ୍କର
ନାହିଁ ଆଉ ବୋଧେ କ୍ଷମତା ,
ସେଥିପାଇଁ ଆଜି ଭାରତରେ ଦେଖ
ଛାତ୍ରଛାତ୍ରୀଙ୍କର ଏ ଅବସ୍ଥା ||
ଜଣା ନାହିଁ ଯଦି ପରୀକ୍ଷା ପଦ୍ଧତି
କାହିଁ କରାଉଛ ପରୀକ୍ଷା ,
ପରୀକ୍ଷାରେ ଯଦି ସୃଙ୍ଖଳିତ ନାହିଁ
ଦେଶକୁ କି ଦେବ ସୁରକ୍ଷା ||
ପରୀକ୍ଷା ନାଆଁରେ ସରକାରଙ୍କର
ଚାଲିଛି ଗୋଟେ ବେପାର ,
ସେହି ବେପାରରେ ଗ୍ରାହକ ସାଜି
ଭବିଷ୍ୟ ହେଲା ଅନ୍ଧାର ||
ଛାତ୍ର ଛାତ୍ରୀଟିଏ ପରିଶ୍ରମ କରି
ଦେଇଥାଏ ତା'ର ପରୀକ୍ଷା ,
ପରୀକ୍ଷାରେ ତା'ର ଭଲ ହୋଇଥିବ
ମନରେ ରଖେ ଆକାଂକ୍ଷା ||
ପରୀକ୍ଷା ପରେ ଶୁଣିବାକୁ ପାଏ
ଲିକ୍ ହେଲା ପ୍ରଶ୍ନପତ୍ର ,
ସବୁ ପରିଶ୍ରମ ତା'ର ମାଟିରେ ମିଶି
ହୋଇଯାଏ ଛାରକାର ||
ପ୍ରଶ୍ନପତ୍ର ଲିକ୍ ହେବାର ଦେଖି
କବିତାରେ କହେ ତିରଣ ,
ବର୍ଷସାରା ଖାଲି ପରୀକ୍ଷା ଦେଇ ଦେଇ
କଟିଯାଏ ଛାତ୍ର ଜୀବନ ||

# ଦୁର୍ବାର ଲିପ୍ସା...



**ବେଣୁଧର ସୂତାର**
କେଶଦୁରାପାଳ, କେନ୍ଦୁଝର

ଉନ୍ନତ ଶିରେ ବକ୍ଷ ବିସ୍ତାରି
ବିପୁଳ ଏ ବିଶ୍ୱ ପରେ ,
ସ୍ୱର ସାମର୍ଥ୍ୟର ଆଗ୍ନେୟ ସ୍ପନ୍ଦନ
ବିଶ୍ୱାସ ଅମୃତ ଧାରେ ।।
ସମ୍ମୁଖେ ଶାୟୀତ ଲକ୍ଷ୍ୟପଥଦ୍ରୁମ

ଚେତନା ତାରୁଣ୍ୟ ତୀରେ ,
ସତ୍ୟ ନ୍ୟାୟ ଧର୍ମ ଭାବନାର ଶ୍ରେୟ
ପରିତୃପ୍ତ ସର୍ଜନାରେ ।।
ନୁହଁଇ ଜୀବନ ନିଃସ୍ୱତାର ସ୍ୱନ
ଭଗ୍ନ ସ୍ୱପ୍ନର କୋହ ,
ଶାନ୍ତି ବିନା ଏଠି ଆନନ୍ଦ ବନ୍ଧ୍ୟା
ତନ୍ଦ୍ରା ଆଚ୍ଛନ୍ନ ମୋହ ।।
ତରୁଣ ତନୁର ଉଦ୍ଦାମ ଅଟଳ
ପ୍ରଲମ୍ବିତ କର ଆଶା ,
ପ୍ରକମ୍ପିତ ହେଉ ଝଡର ଝଙ୍କାରେ
ବିଶ୍ୱାସର ପରିଭାଷା ।।
ନୁହଁଇ ଉଚିତ ଅପେକ୍ଷାର ମନ୍ତ୍ର
ଭୀଷ୍ମୀୟ ପ୍ରତିଜ୍ଞା ଘେନ ,
ଦୂରହେବ ମନୁ କଠୋର ନିରାଶା
ସଂଶୟର ଅବସାନ ।।
ନିରୂପଣ କର ଜୀବନର ମାର୍ଗ
ଦିବ୍ୟ କର୍ମ ସମ୍ପାଦନେ ,
ମନ ବିବେକର ଅବ୍ୟର୍ଥ ସାଧନ
ମହାନୁଭବତା ଜ୍ଞାନେ ।।
ମନବାଣୀ କର୍ମେ ମାନବୀୟ ଧର୍ମେ
ଜାଗୃତିର ମହା ଦୀକ୍ଷା ,
କର୍ମ କରିଯାଅ ସମାଜ ମଙ୍ଗଳେ
ନଲଙ୍ଘି ଲକ୍ଷ୍ମଣ ରେଖା ।।
ନୂତନ ସଂକଳ୍ପେ ନବ ମନୋରଥେ
ଜୀବନର ପ୍ରତିକ୍ଷଣେ ,
ସ୍ୱପ୍ନ ସାଥେ ମିତ ବିଚ୍ଛୁରିତ ଗୀତ
କର୍ତ୍ତବ୍ୟର ଉତ୍ତରଣେ ।।
ସୀମିତ ସମୟ ସୀମାରେଖା କୋଳେ
ସରିବ ବୟସ ବଳ ,
ଜାଗହେ ତରୁଣ ଜୀବନ ବୃତ୍ତାନ୍ତେ
ସଂକଳ୍ପରେ ଉର୍ଜସ୍ୱଳ ।।

# ରାସ୍ତା...



ବିଶ୍ୱନାଥ କର
ଦେଉଳ ସାହି ,ତୁଳସୀ ପୁର ,କଟକ

ବେଶ୍ ଟିକେ ଅଙ୍କା ବଙ୍କା ସରୁ ରାସ୍ତା
କେତେଦୂର ଲମ୍ବିଛି କେଜାଣି
ଚାଲିବାକୁ ତ ହେବ ଏକାକୀ ଏକାକୀ
ଚାଙ୍ଗୁଡାଏ ସ୍ୱପ୍ନକୁ ବୋହି ।
ଅନ୍ଧାର ଆଉ ନାହିଁ
ତୋଫା ଆଲୁଅରେ ଉଜ୍ଜ୍ୱଳମାନ ଆକାଶ
ଡେଙ୍ଗା ଡେଙ୍ଗା ଗଛ କିଛି ଆକାଶକୁ ଛୁଇଁବାକୁ ଉଦ୍ୟତ
ମୁଁ ଧରିଛି ସଜଫୁଟା ଫୁଲ ଚାଙ୍ଗୁଡାଏ
ଫୁଲ ନୁହେଁ ସେତ ନୂଆ ସ୍ୱପ୍ନର କଢି
କେତେ ଆଶା ଓ ବିଶ୍ୱାସର ରଙ୍ଗ ଝୁଡି ।

ମୁଁ ଜାଣେନା ଯାଇଛି କୁଆଡେ
କିଏ ବା ଅଦୃଶ୍ୟରେ ଡାକି ନେଉଛି ମୋତେ
କିଛି ପ୍ରେମ ପ୍ରେମ ଭାବନେଇ
ଏଇ ସ୍ୱପ୍ନର ରାସ୍ତାରେ
ମୋ ସ୍ୱପ୍ନ ସବୁ ଯାକି ଜୁକି ହୋଇ ଶୋଇଛନ୍ତି
ମୋ ଫୁଲ ଚାଙ୍ଗୁଡିରେ।

ମୁଁ ତ ନୀରବ ପ୍ରେମିକାଟିଏ
ଜାଣେ ନା ମୋର ପ୍ରେମିକର ନାଆଁ
ଜାଣେନା ବି ତା' ଠିକଣା
କେଉଁଠି ରହେ ସେ
କେଉଁ ପ୍ରେମର ସହରେ ଅବା ନିର୍ଜନ ବେଳାରେ
ଅବା ମୋ କୁଆଁରୀ ମନରେ ।

ଆକାଶରେ କିଛି ଭସା ମେଘ
ଧାଡି ଧାଡି ହୋଇ ପହଁରୁଛନ୍ତି ରଙ୍ଗ ବୋଳିହୋଇ
ବିଚିତ୍ରବର୍ଣ୍ଣା ସାଜି
ମୋତେ ଡାକୁଛନ୍ତି ନିରବ ଇଙ୍ଗିତେ
ମୁଁ ବୁଝି ପାରେନା କିଏ ସେ କେଉଁଠିକି ଡାକେ
କେଉଁ ସହରକୁ କେଉଁ ରାସ୍ତା ଦେଇ
ମୁଁ ତ ଭୁଲିଯାଇଛି ଅନେକ ରାସ୍ତାର ମାନଚିତ୍ର
ଏପରିକି ମୋ ପ୍ରେମିକର ଡାକ ।

# ନାରୀ କ'ଣ ସ୍ୱାଧୀନ ?...



ଆକାଶ ରଣା
ଯାଜପୁର ରୋଡ, ଯାଜପୁର

ନାରୀ କ'ଣ ସ୍ୱାଧୀନ ?
ନା' ସେ ଦୁଷ୍କର୍ମି ଙ୍କ ପାଖେ ପରାଧୀନ
ଏଠି ତ' ଦିନ ରେ ଯାଉଛି
ଧନ ମାନ ନାରୀ' ର ସମ୍ମାନ ..
କଣ ଆଜି ବି ନାରୀ ସ୍ୱାଧୀନ ?
କଣ ଗାନ୍ଧୀ ଦେଖିଥିଲେ ଏଇ ସ୍ୱାଧୀନତା ର ସପନ,
କାହିଁ ଦେଇଥିଲେ ଏ ଦେଶ ପାଇଁ ସେ ଜୀବନ
ସଂଗ୍ରାମୀ ହୋଇ ସଂଗ୍ରାମ କରି ସଂଘର୍ଷ କରିଥିଲେ ...
ଏ ମାସାଂସୀ , ଦେହ ଲୋଭୀ, ରାକ୍ଷସ
କଣ ତାହା ଟିକେ ବୁଝିଲେ ,
ଏଠି ସୁରକ୍ଷିତ ନାହିଁ ନାରୀ
ଏଠି ସ୍ୱାଧୀନ ରେ ନାହିଁ ନାରୀ
ବଞ୍ଚେ କେବଳ ଏ ସମାଜ ରେ
ସେ ନିତି ନିଜ କୁ ମାରି ...
କିଏ ବୁଝିବ ନାରୀ ର ଦୁଃଖ ?
ଏଠି ତ ସମସ୍ତେ ,
ଦେଖୁଥିବା ଶୁଣୁଥିବା କହୁଥିବା
ଅନ୍ଧ କାଲ ମୁକ ...
କଣ ଆଜି ବି ନାରୀ ସ୍ୱାଧୀନ ନା' ପରାଧୀନ ?




# ହେ ସରକାର...



ଦୀପକ କୁମାର ନାୟକ
ଗଣ୍ଡାନାଳୀ, ହିନ୍ଦୋଳ,ଢ଼େଙ୍କାନାଳ

ଖାଲଖମା ରାସ୍ତା ସଜାଡ ହୋ ଆଗ
ରାସ୍ତାରୁ ବୁଲା କୁକୁର
ତଡିବା ପାଇଁକି ନିଅ ପଦକ୍ଷେପ
ଆମର ହେ ସରକାର ।।
ଗାଇଗୋରୁ ଷଣ୍ଢ ରାସ୍ତାରୁ ହଟିବା
ପାଇଁକି ବ୍ୟବସ୍ଥା କର
ଯେମିତି ସେ କେବେ ଶୋଇବେ ନାହିଁଟି
ମାଡିକି ସଡ଼କ ଦ୍ୱାର ।।
ସଡକ ଉପରେ ବଡ଼ ଗାଡ଼ି ଠିଆ
ହୋଇବନି ଯେବେ କେବେ
ମଦ ବିକିରିକୁ ବନ୍ଦ୍ କରିବାକୁ
ପଦକ୍ଷେପ ନିଅ ଏବେ ।।
ରାସ୍ତାରେ ବିଜୁଳି ନଥିବା କାରଣେ
ହେଉଅଛି ଦୁର୍ଘଟଣା
ଏହା ସମାଧାନ କରିଲେ ନିଶ୍ଚୟ
ହେବା ନାହିଁ ବାଟବଣା ।।



ଏସବୁ ସଜାଡି ଫାଇନ୍ କରିବା
କାମେ ଲାଗିଯାଅ ତମେ
ତାପରେ ଏହାକୁ ପ୍ରତିବାଦ କେବେ
କରିବୁନି ଯମା ଆମେ ।।
ଫାଇନ୍ ନେବାର ପୁର୍ବରୁ ତ ଥରେ
ଏସବୁ ତନଖି କର
ତାପରେ ଫାଇନ୍ ନେବାକୁ ସରକାର
ହୁଏ ତମେ ତରତର
ହୁଏ ତମେ ତରତର ।।

# ସାଧୁତା...



**ମାନସୀ ପ୍ରିୟଦର୍ଶିନୀ ବେହେରା**
ବ୍ରହ୍ମଗିରି, ପୁରୀ

ଜୀବନର ସବୁକିଛି ଧନ ସମ୍ପତ୍ତି କିମ୍ବା ନିଜର ବଡାଇ ଦେବା ହୋଇନଥାଏ ବରଂ ସାଧୁତା ଏବଂ ଦୟାଳୁ ଭାବ ମଧ ହୋଇଥାଏ। ଏହିସବୁ ସ୍ୱଭାବ ଥିବା ଲୋକମାନେ ଜୀବନର ଉଚ୍ଚ ସୋପାନରେ ପଦାର୍ପଣ କରିଥାନ୍ତି ଏବଂ ଈଶ୍ୱରଙ୍କ ଭକ୍ତି ଏବଂ ଅସ୍ତିତ୍ୱ ରେ ମଧ ବିଶ୍ୱାସ ରଖିଥାନ୍ତି। କିନ୍ତୁ ଏହିଭଳି ଲୋକମାନଙ୍କୁ ଅନେକ ବାଧାବିଘ୍ନର ମଧ ସମ୍ମୁଖୀନ ହେବାକୁ ପଡିଥାଏ।

ଏକଦା ଜଣେ ଗରିବ ଘରର କନ୍ୟା ନିଜ ଜୀବନର କୈଶୋର ଅବସ୍ଥାରେ ଉପନୀତ ହେଲା। ଛୋଟ ବେଳରୁ ହିଁ ତା ପିତାମାତା ତାକୁ ଅଧିକ ଭଲ ପାଉଥିଲେ। ସେ ଗରିବ ହୋଇଥିଲେ ମଧ ଝିଅ ଚାହୁଁଥିବା ସମସ୍ତ ଜିନିଷ ଦେବାପାଇଁ ଚେଷ୍ଟା କରିଥାନ୍ତି। ତେଣୁ ଝିଅଟି ଅତ୍ୟନ୍ତ ଜିଦଖୋର ହୋଇଯାଇଥିଲା। ଏଭଳି ପରିସ୍ଥିତି ରେ ତା'ର ପିତାମାତା ତା'କୁ ଏକ ଶିକ୍ଷା ଦେବା ପାଇଁ ସ୍ଥିର କଲେ।

ସେ ଝିଅଟି ଦିନେ ସକାଳୁ ଉଠି ତା ମା'ଙ୍କୁ ଗଛରେ ବସିଥିବା ଏକ ଶୁଆ କୁ ଆଣିଦେବା ପାଇଁ କହିଲା। ଠିକ୍ ସେହି ସମୟରେ ତା'ର ବାପା ସେଠାରେ ପହଞ୍ଚି ସେହି ଶୁଆକୁ ଧରିବା ପାଇଁ ମନା କରିଥିଲେ। ଏହାପରେ ଝିଅଟି ନିଜ ଜିଦିଆପଣ ହେତୁ ସେଦିନ ଘର ଛାଡି ଚାଲିଯାଇଥିଲା, ଆଉ ଘରକୁ ଫେରିନଥିଲା। ତାପରେ ଝିଅଟି ଘର ଛାଡି ଜଙ୍ଗଲ ମଧରେ ପ୍ରବେଶ କରି ନିଜ ଜୀବନର ସାରତଥ୍ୟ ସଂଗ୍ରହ କରିବାରେ ଲାଗି ପଡିଲା। ସେ ଘୋର ତପସ୍ୟା କଲା। ଶୀତ, ଖରା, ଝଡି ତୋଫାନ ସେ ସବୁକୁ ଏଡେଇ ଦେଇ ତପସ୍ୟା ରେ ମଗ୍ନ ଥିଲା।

ଏହାର ପରବର୍ତ୍ତୀ ଅବସ୍ଥାରେ ଝିଅଟି ଏକ ବୁଦ୍ଧିମତୀ ତଥା ଉତ୍ତମ ଚରିତ୍ର ର ନାରୀଟିଏ ହୋଇଥିଲା। ସେବେଠାରୁ ତାର ସ୍ୱଭାବ ଅତ୍ୟନ୍ତ ନମ୍ର ଥିଲା। ସେ ସମସ୍ତଙ୍କ ସହିତ ଅତ୍ୟନ୍ତ ପ୍ରିୟ ବାକ୍ୟ ରେ କଥାବାର୍ତ୍ତା ହୋଇଥାଏ। ଅନ୍ୟମାନଙ୍କୁ ମଧ ସାହାଯ୍ୟ କରିଥାଏ, କେବେ କାହାର ଅନିଷ୍ଟ କରିବାକୁ ଚିନ୍ତା ମଧ କରିନଥାଏ। ସେ ସେହି ତପସ୍ୟା ର ବଳରେ ନିଜର ଜିଦଖୋର ସ୍ୱଭାବକୁ ଭୁଲିଯାଇଥିଲା।

ଏକଦା ଏକ ରାଜ୍ୟର ରାଜକୁମାର ଝିଅଟି ରହୁଥିବା ଆଶ୍ରମ ବାଟ ଦେଇ ଯାଉଥିଲେ। ସେଠାରେ ସେ ବାଟବଣା ହୋଇଯାଇଥିଲେ। କାହାରିକୁ ସେଠାରେ ନ'ପାଇ ସେ ସେହି ଝିଅଟିର ଆଶ୍ରମ ମଧରେ ପ୍ରବେଶ

କରିଥିଲେ। ସନ୍ଧ୍ୟା ହୋଇଯାଇଥିବା କାରଣରୁ ଝିଅଟି ସେହି ରାଜକୁମାରନଙ୍କୁ ସାହାଯ୍ୟ କରିବା ପାଇଁ ମନସ୍ଥ କରିଥିଲେ।

ଝିଅଟିର ସେହି ନିଃସ୍ୱାର୍ଥପର ସାହାଯ୍ୟ କରିବାର ଗୁଣ ଏବଂ ରାଜକୁମାରଙ୍କୁ ପ୍ରତି ତାର ସେବା ଶୁଶ୍ରୁଷା ରାଜକୁମାରଙ୍କୁ ତା' ପ୍ରତି ଆକୃଷ୍ଟ କରିଥିଲା। ତେଣୁ ସେ ସକାଳ ହେବା ମାତ୍ରକେ ଝିଅଟିକୁ ବିବାହର ପ୍ରସ୍ତାବ ଦେଇଥିଲେ। ଝିଅଟି ମଧ୍ୟ ରାଜକୁମାରଙ୍କ ପ୍ରତି ଥିବା ତାର ବିଶ୍ୱାସକୁ ଦୃଷ୍ଟିରେ ରଖି ତାଙ୍କୁ ବିବାହ କରିବା ପାଇଁ ରାଜି ହୋଇଥିଲେ।

କିନ୍ତୁ, ଅନ୍ୟପକ୍ଷରେ ଅନ୍ୟ ଏକ ରାଜ୍ୟର ରାଜକୁମାରୀ ମଧ୍ୟ ସେହି ରାଜକୁମାରଙ୍କୁ ଭଲ ପାଉଥିଲେ। ରାଜକୁମାରଙ୍କ ପିତା ସେହି ରାଜକୁମାରୀଙ୍କୁ ତାଙ୍କ ରାଜ୍ୟର ଭାବୀରାଣୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ, ରାଜକୁମାରଙ୍କ ମନରେ ସେହି ସରଳ ଝିଅଟି ପାଇଁ ପ୍ରେମ ଭରି ରହିଥିଲା।

ପରବର୍ତ୍ତୀ ସମୟରେ ରାଜକୁମାର ରାଜ୍ୟ କୁ ଫେରି ପିତାଙ୍କ ସହିତ ସେ ଝିଅଟି ବିଷୟରେ କଥାବାର୍ତ୍ତା ହୋଇଥିଲେ। କିନ୍ତୁ ପିତା ତାଙ୍କ ନିଷ୍ପତ୍ତିରେ ଅଟଳ ଥିଲେ। ତେଣୁ ସେ ସେହି ଝିଅଟିର ଯୋଗ୍ୟତା ମାପିବା ପାଇଁ ତାଙ୍କୁ ଦରବାର କୁ ଡକାଇଥିଲେ।

ଦରବାରରେ ସେହି ନିର୍ଦ୍ଦିଷ୍ଟ ଦିନ ଉପନୀତ ହେଲା, ଯେଉଁ ଦିନ ସେହି ଝିଅଟି ରାଜକୁମାରଙ୍କ ସହିତ ତାଙ୍କ ପିତାଙ୍କ ନିକଟକୁ ଯାଇଥିଲେ। ସେଠାରେ ଅନ୍ୟ ରାଜ୍ୟର ରାଜକୁମାରୀ ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ମନରେ ଭରି ରହିଥିଲା ଅସାର ଅହଂକାର। ସେ ନିଜକୁ ରାଜ୍ୟର ସବୁଠାରୁ ସୁନ୍ଦରୀ ଓ ଧନୀ ବୋଲି ମନେ କରୁଥିଲେ। କିନ୍ତୁ ସାଧୁ ଚରିତ୍ରର ଝିଅଟିର ରୂପ ଓ ସୌନ୍ଦର୍ଯ୍ୟତା ସେଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମୁଗ୍ଧ କରିଦେଉଥିଲା।

କିନ୍ତୁ ରାଜା ବକ୍ତବ୍ୟ ଦେଇଥିଲେ ଯେ' "ସୁନ୍ଦରତା ଜଣେ ବ୍ୟକ୍ତିର ସବୁକିଛି ହୋଇନଥାଏ। ତତ୍ ସହିତ ଉତ୍ତମ ଆଚାର, ବ୍ୟବହାର ଓ ମଯ୍ୟଦା ରହିବା ମଧ୍ୟ ଆବଶ୍ୟକ"। ତେଣୁ ତୁମର ଯୋଗ୍ୟତା ମାପିବା ପାଇଁ ତୁମକୁ ଏଠାକୁ ଡକାଯାଇଛି।

ଝିଅଟି ଜାଣିଥିଲା ଯେ ସେଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ତାକୁ ଏକ ଗରିବ କନ୍ୟା ବୋଲି ବିବେଚନା କରୁଛନ୍ତି ଏବଂ ତାକୁ ତୁଛ ବୋଲି ଭାବୁଛନ୍ତି। ତଥାପି ସେ ସାହସ ର ସହିତ ସେଠାରେ ନିଜ ଯୋଗ୍ୟତା କୁ ପ୍ରଦର୍ଶନ କରିବା ପାଇଁ ରହିଥିଲେ।

ରାଜା ନିଜ ପୁତ୍ର ପାଇଁ ଠିକ୍ କରିଥିବା ରାଜକୁମାରୀ ଓ ସେହି କନ୍ୟାର ବୁଦ୍ଧି କୁ ପରୀକ୍ଷା କରିବା ପାଇଁ ପ୍ରଶ୍ନ ପଚାରିଥିଲେ, ଯେଉଁଥିରେ ସାଧୁ କନ୍ୟାଟି ଉତୀର୍ଣ୍ଣ ହୋଇଥିଲା।

ଏହିପରି ଭାବରେ କନ୍ୟାଟି ରାଜା ରଖିଥିବା ସମସ୍ତ ପରୀକ୍ଷା ରେ ଉତୀର୍ଣ୍ଣ ହୋଇ ଚାଲିଲା। ଯାହାଫଳରେ ରାଜାଙ୍କ ମନରେ ସେହି ଝିଅଟି ପ୍ରତି ଥିବା ହୀନ ଧାରଣା ବଦଳି ଯାଇଥିଲା।

କିନ୍ତୁ, ଏକଦା ରାତ୍ରି ରେ ଅନ୍ୟ ରାଜ୍ୟର ରାଜକୁମାରୀ ସେହି ଝିଅଟିର କକ୍ଷରେ ନିଜର ଏକ ଦାମୀ ଅଳଙ୍କାର ରଖି ଦେଇଆସିଲେ। ଯାହାଫଳରେ ସେ ସେହି ଝିଅଟିକୁ ଚୋରଣୀ ବୋଲି ଦର୍ଶାଇ ତାକୁ କାରାଗାର ମଧ୍ୟରେ ବନ୍ଦୀ କରି ନିଜେ ରାଜକୁମାରଙ୍କ ସହିତ ବିବାହ କରିପାରିବେ। ଠିକ୍ ସେହିପରି ମଧ ହୋଇଥିଲା। ଝିଅଟିକୁ ଚୋରଣୀ ବୋଲି ବିବେଚନା କରାଯାଇ କାରାଗାରରେ ବନ୍ଦୀ କରି ଦିିଆଗଲା। ତା'ପରଦିନ ରାଜା ତାଙ୍କ ପୁତ୍ରଙ୍କ ସହିତ ଅନ୍ୟ ରାଜ୍ୟର ରାଜକୁମାରୀଙ୍କ ବିବାହ ସ୍ଥିର କରିଥିଲେ। ରାଜକୁମାରଙ୍କ ଇଚ୍ଛା ନ'ଥାଇ ମଧ ସେ ତାଙ୍କ ପିତାଙ୍କ ଇଚ୍ଛାରେ ସେହି ବିବାହ ପାଇଁ ରାଜି ହେଲେ। ସେଠାରେ ଝିଅଟି ବନ୍ଦୀ ହୋଇ ଅନେକ ଦୁଃଖରେ ନିଜର ସମସ୍ତ ସାଧୁତା ଅନ୍ୟାନ୍ୟ ସଦ୍ ବ୍ୟବହାରକୁ ନିନ୍ଦିବାକୁ ଆରମ୍ଭ କଲା ଆଉ କହିଲା,ଏ ସମସ୍ତ ଗୁଣର ଅଧିକାରୀ ହେଇ ମଧ ମୁଁ ମୋର ଭଲ ପାଇବାକୁ ପାଇପାରିଲି ନାହିଁ। ତ' ଏସବୁ ଗୁଣର ମାନେ କିଛି ବି ନାହିଁ।

ଏହାପରେ ସେ ଧ୍ୟାନମଗ୍ନ ହୋଇ ନିଜ ଇଷ୍ଟଙ୍କୁ ସ୍ମରଣ କରିଥିଲା। ତାର ସେହି ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଭଗବାନ ନିଜେ ହିଁ ଏକ ଦୂତ ରୂପେ ଆସି ଅନ୍ୟ ରାଜ୍ୟର ରାଜକୁମାରୀ କରିଥିବା ସମସ୍ତ ଚକ୍ରାନ୍ତର ସମାପ୍ତି କରିଥିଲେ।

ଏହାପରେ ରାଜା ସେହି ରାଜକୁମାରୀଙ୍କୁ ଉପଯୁକ୍ତ ଦଣ୍ଡ ଦେଇ ସେହି ସାଧୁ ଝିଅଟି ସହିତ ନିଜ ପୁତ୍ରର ବିବାହ କରାଇଥିଲେ। ଏହାପରେ ରାଜକୁମାର ଓ ସାଧୁ କନ୍ୟାଟି ସୁଖରେ ବୈବାହିକ ଜୀବନ ଅତିବାହିତ କରିଥିଲେ।

ତେଣୁ ଏଥିପାଇଁ ସମସ୍ତେ କୁହନ୍ତି କି,  "ଯଦି ପ୍ରାର୍ଥନା ଅନ୍ତରରୁ ହୋଇଥାଏ ତେବେ ଭଗବାନ ସ୍ୱୟଂ ଆସି ଭକ୍ତଙ୍କୁ ସହାୟତା କରିଥାନ୍ତି"।

ଭଗବାନଙ୍କୁ ନିଜର ଅହଂକାରରେ ନୁହେଁ ବରଂ ସାଧୁ ଆଚରଣରେ ସ୍ମରଣ କରିବା ଉଚିତ୍ ସେ ନିଶ୍ଚୟ ତୁମ କଷ୍ଟ ଦୁର କରିବେ।

# ଶୀତ ତୁଁ ଯାଆନା ଛାଡ଼ି...



ବୃନ୍ଦାବନ ପ୍ରଧାନ
ବାଉଲସିଂହା, ଭଟଲି, ବରଗଡ଼

ଆଉ ସେ' ଉଷୁମ କନ୍ଥା
ପାରିବିନି ଘୋଡେଇ ,
ପ୍ରିୟାକୁ ମୋହର ପାରିବିନି ଭିଡି
ଶୀତ ତୁ' ଯାଆନା ମୋତେ ଛାଡି।

କଅଁଳ କାକର ଟୋପା
ଶୁଭ ସକାଳର କୁହୁଡି ,
ସବୁତକ ଯାଉଛି ଉଡିଉଡି
ଶୀତ ତୁ' ଯାଆନା ମୋତେ ଛାଡି।



ସଞ୍ଜ ସକାଳେ ସାଙ୍ଗ ମେଳରେ
ପାରିବିନି ନିଆଁ ପୋଇଁ ,
ପୋଖରୀ ହୁଡାରେ ଲାଗିବନି ଧାଡି
ଶୀତ ତୁ' ମୋତେ ଯାଆନା ଛାଡି।

ତୋ' ପାଇଁ ଅଗାଧୁଆ
କେତେଥର ଯାଏଁ ପାଠ ପଢି ,
ସାଙ୍ଗ ସାଥି ନେଉଥିଲେ ମତେ ଭିଡି
ଶୀତ ତୁ' ମୋତେ ଯାଆନା ଛାଡି।

ପାଣି ଟୋପାଏ ଦେହେ ଗଲେ ପଡି
ରାଗରେ ଗରଗର ଛାଡେ ରଡି ,
ତଥାପି ଶୀତ ତୁ' ଭଲ, ଯାଆନା ଛାଡି
ଶୀତ ତୁ' ମୋତେ ଯାଆନା ।

# ବହୁରୂପୀ...




ଡ଼.ମନୋରଞ୍ଜନ ପ୍ରଧାନ
ସହକାରୀ ପ୍ରଫେସର, ବିକ୍ରମ ଦେବ
ବିଶ୍ବବିଦ୍ୟାଳୟ, ଜୟପୁର, କୋରାପୁଟ

ଭାବପ୍ରବଣତାର ଦୂର୍ଗ ଉପରେ
ଉବୁଟୁବୁ ହେଉଥିବା ବୁଦ୍ଧିମାନ ମଣିଷ
କ'ଣ ଭୁଲିଗଲାଣି ଭାବର ବନ୍ଧନ!
କେବଳ ସାମାନ୍ୟ ସ୍ୱାର୍ଥ ପାଇଁ
ପହଁଚି ଯାଉଛି ଯେକୌଣସି ସ୍ତରକୁ ମାନେ,
ମାନବରୁ ଦାନବ, ଆତତାୟୀ, ହତ୍ୟାକାରୀ,
ବ୍ୟଭିଚାରୀ, ଲୁଣ୍ଠନକାରୀ ଅବା
ଯାହାସବୁ ଅମଣିଷର ବିଶେଷଣ!
ସତରେ ବୁଝି ହେଉନି,
ମୁଁ ନିଜେ ଜଳକା ନା ତା'ର
ଅପକର୍ମଗୁଡିକୁ ଦେଖୁଥିବା ସଂପୂର୍ଣ୍ଣ ସମାଜ
କାମଳ ରୋଗରେ ଆକ୍ରାନ୍ତ!
କାରଣ ତା'ର ଭାଷଣ ଏତେ ଶ୍ରୁତି ମଧୁର ପୁଣି
ଭାବପ୍ରବଣତାର ଅମୋଘ ଦୂର୍ଗ ଯେ
ପ୍ରଜ୍ଞାବାନ୍ ମଧ ଶଲ୍ୟ ହୋଇ ହୁଡିଯିବ ବାଟ,
ଗୋଟାପଣେ ପାଲଟି ଯିବ ତା'ର ଅନ୍ଧ ଭକ୍ତଟିଏ!
ବହୁରୂପୀ ସରିସୃପ ଆଜି ହାରି ଯାଇଛି
ମଣିଷର ପ୍ରତିକ୍ଷଣ ରଙ୍ଗ ବଦଳା ଅବତାର ଦେଖି!
ବିନତୀ କରୁଛି ସେ ସୃଷ୍ଟିକର୍ତ୍ତାଙ୍କୁ,
ବହୁରୂପୀ ବିଶେଷଣ କାଢ଼ି ନେଇ
ସ-ସମ୍ମାନେ ଦେଇଦିଅ ତୁମ ସୃଷ୍ଟିର ଶ୍ରେଷ୍ଠ
ମଣିଷମାନଙ୍କୁ!
ମନେହୁଏ, ପରମାତ୍ମା ମଧ ନିରୂପାୟ
ମଣିଷର ପାଶବିକ ଲାଳସାକୁ ଦେଖି
ତଟସ୍ଥ ତା'ର ସ୍ୱାର୍ଥବାଦୀ ଯଜ୍ଞରେ ଅହରହ ଆହୁତିକୁ ଦେଖି!
ପୁନଃ ସର୍ଜନା କ'ଣ ପଡ଼ିପାରେ
ବିଜ୍ଞାନୀ ମଣିଷ ମନରେ ତତ୍ତ୍ୱ ଓ ତଥ୍ୟ ମଧରେ ଫରକ୍ ଜାଣି
ଦିବ୍ୟଜ୍ଞାନ ସହ କାଣ୍ଡ ଜ୍ଞାନର ପ୍ରାସଙ୍ଗିକତା ବୁଝେଇବାକୁ!

# ଅତୁଟ ବନ୍ଧନ...



ତୃପ୍ତିମୟୀ ବେହେରା
ଜଗତସିଂହପୁର

ଭାଇ ଭଉଣୀ ର ଅତୁଟ ବନ୍ଧନ
ହୋଇଚି ଆଜି ଯେ ଶ୍ରେଷ୍ଠ
ଭାଇ ଥିଲେ ପାଖେ ଭଉଣୀକୁ ପରା
ଲଗେନି ଜମାରୁ ଭୟ

ବାପା ମା' ପରେ ଭାଇଟିଏ ପରା
ଯତନ ଆଦର କରେ
ଯେତେ ସବୁ ଖାଦ୍ୟ ଦେଖିଥାଏ ସିଏ
ଭଉଣୀ ପାଇଁ ସେ ଆଣେ
ବାପାଙ୍କ ପରି ସେ ଆକଟ କରେ ଯେ
ଦୁଷ୍ଟ ଟିକିଏ ହେଲେ
ମା' ପରି ମଧ ସେନେହ ଦିଅ ସେ
ନାନା ଜିନିଷ ସେ ଆଣିଦିଏ
ମିଛି ମିଛିକା ଯେ ଲାଗେ ମୋ' ସାଥେ
ମତେ ଚିଡ଼େଇବା ପାଇଁ
ମୁଁ ଟିକେ ରାଗିଲେ ସେ ପରା ଜାଣିଚି
ମୁଁ ହୋଇବି କିପରି ଖୁସି
ସେଥିପାଇଁ ମତେ ଲାଞ୍ଚ ଦେଇଦେଇ
କରିଦେବ ମତେ ଖୁସି
ତା'କୁ କିଏ କେବେ କିଛି କହିଦେଲେ
ମତେ ତ' ବହୁତ୍ ବାଧେ

କାରଣ ଆମର ଶରୀର ଦୁଇଟା
କିନ୍ତୁ ଆତ୍ମ ପରା ଗୋଟାଏ
ମତେ ଯେବେ ଟିକେ କଷ୍ଟ ହୋଇଯାଏ
ତା' ମନରେ ହୁଏ କଷ୍ଟ
ସେଥିପାଇଁ ଏହି ଭାଇ ଭଉଣୀ ର
ସମ୍ପର୍କ ଯେ ମଜଭୁତ
କେବେ ସେ ଡୋରି ଛିଡ଼ିବନି ଜମା
ଆମ ଦୁହିଁଙ୍କ ର ଶକ୍ତ ଅତୁଟ ବନ୍ଧନ



# ବାପା'...



ସ୍ମୃତି ସଙ୍ଗୀତା
ଜଗତସିଂହପୁର

କେଉଁ ଶବ୍ଦ ଦେବି ତୁମକୁ ମୁଁ ବାପା, ଆଜି ମୁଁ ଶବ୍ଦ ହରା,
ଏତେ ଲେଖୁଥିଲି ଦିନ ରାତି ବସି ନ'ଥିଲା ଭୟ ପରା...
ଆଜି କାହିଁ ଯେବେ ତୁମ କଥା ଲେଖେ କମ୍ପେ ମୋ ହାତ ଭୟରେ '
ତୁମ ଅବଦାନ ମୁଁ କି ପାରିବି ଲେଖି କାଗଜ ପୃଷ୍ଠା ଛାତିରେ...
ଭଲ ପାଇବାର ପ୍ରତିମୂର୍ତ୍ତି ତୁମେସ୍ନେହ ଶ୍ରଦ୍ଧାରେ
କେବେ ନ' କରିଛ ଊଣା,
ଦୁଃଖର ପାହାଡ ମୁଣ୍ଡରେ ମୁଣ୍ଡାଇ
ଛାୟା ଦେଇଛ ମତେ ପରା...
ଜୀବନ ଜଞ୍ଜାଳ କେତେ କଷ୍ଟ ଦୁଃଖ
ନ' ପାରିଲି କେବେ ଜାଣି ,
ତୁମ ପରି ବାପା ପାଇଛି ମୁଁ ପରା
କେମିତି ପାରିବି ଜାଣି ...
କେତେ କଷ୍ଟ ଦୁଃଖ ସହିବ ଜୀବନେ ମୋ ଖୁସି ଟିକିଏପାଇଁ,
କେତେଦିନ ଆଉ ଭୋକରେ ରହିବ
ମୋ' ପେଟ ପୋଷିବାପାଇଁ...
ଭିନ୍ନ ଭିନ୍ନ ପୋଷାକ ମୋ' ପାଇଁ ଆଣିଛ
ନିଜକୁ ନ' ଦେଖକେବେ
ହୃଦୟ ତୁମର ଆକାଶ ଠୁ' ବଡ
ମନ ସୀମା ହୀନ ସମୁଦ୍ର ତେବେ
କି ଅବା ଲେଖିବି କେମିତି ଲେଖିବି
ଯେତେ ଲେଖିଲେବି ସରିବନି ତୁ'ମ କଥା
ଲେଖି ଲେଖି ପଛେ ଥକି ଯିବି ମୁଁ
ଥକି ବନି ତୁମେ ବାପା..



# ବୁଥ ସ୍ତରୀୟ ଅଧିକାରୀ ଓ ଗଣତନ୍ତ୍ର ...



ଅରୁଣ କୁମାର ଦାସ
ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର

ଭାରତରେ ନିର୍ବାଚନ ବ୍ୟବସ୍ଥାରେ ମୁଖ୍ୟ ଭୂମିକା ଗ୍ରହଣ କରିବାର ଦାୟିତ୍ୱ ଗ୍ରହଣ କରି ଆସୁଛନ୍ତି ବୁଥ ସ୍ତରୀୟ ଅଧିକାରୀ । ନିର୍ବାଚନ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା କରାଯିବା ପାଇଁ ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତ ବ୍ୟବସ୍ଥା ରହିଛି। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ନୂଆ ଭୋଟର ଯୋଗ, ଭୋଟର ତାଲିକା ସଂଶୋଧନ, ମୃତ ବା ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ୍ ଦେବା, ଘରକୁ ଘର ବୁଲି ସଚେତନ କରାଇବା, ସମରି ରିଭିଜନ, ଜାତୀୟ ଭୋଟର ଦିବସ ପାଳନ ଇତ୍ୟାଦି ବୁଥ୍ ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ।

ପ୍ରତ୍ୟେକ ବୁଥ୍ ଜଣେ ବୁଥ୍ ସ୍ତରୀୟ ଅଧିକାରୀ ନିଯୁକ୍ତ ହୋଇ ଥାଆନ୍ତି। ସେମାନଙ୍କୁ ସୁଚାରୁରୂପେ ତଦାରଖ ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ସୁପରଭାଇଜର ନିଯୁକ୍ତ କରାଯାଇ ଥାଏ। ଏହି ସମସ୍ତ ପ୍ରକାରର ପ୍ରକାରର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାଲାଗି ଅତିରିକ୍ତ ଭୋଟର ପଂଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଥାଆନ୍ତି ।

ପ୍ରାୟ ବର୍ଷ ସାରା ଏହି କାର୍ଯ୍ୟକ୍ରମ ଚାଲୁ ରହିଥାଏ।
ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ନିର୍ଧାରିତ ସମୟ ସୀମା ମଧରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଥାଏ। ଏଥି ପାଇଁ ବୁଥ୍ ସ୍ତରୀୟ ଅଧିକାରୀ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଏହି କାର୍ଯ୍ୟ ସମାପନ କରିବା ଉଚିତ୍।ସୁପର ଭାଇଜର ବୁଥ ସ୍ତରୀୟ ଅଧିକାରୀଙ୍କ ସହିତ ଉତ୍ତମ ବୁଝାମଣା ଭିତ୍ତିରେ ଏହି କାର୍ଯ୍ୟ ସମ୍ପାଦନ କରିବା ଉଚିତ୍।

ବୁଥ ସ୍ତରେ ଭୋଟର ସାକ୍ଷରତା କ୍ଲବ ଗଠନ ବୁଥ ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ। ଭୋଟ କେନ୍ଦ୍ରର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ, ୱାର୍ଡ ସଭ୍ୟ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଦୁଇ ଜଣ ନବାଗତ ଭୋଟର ଙ୍କୁ ନେଇ ଏହି କ୍ଲବ ଗଠନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ନିର୍ବାଚନରେ ସ୍ୱଚ୍ଛତା ଆଣିବା, ଭୋଟର ତାଲିକା ତ୍ରୁଟି ଶୂନ୍ୟ, ନୂଆ ଭୋଟର ତାଲିକାରେ ନୂଆ ଭୋଟର ଯୋଗ , ସଂଶୋଧନ, ମୃତ ବା ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ୍ ଦେବା ଇତ୍ୟାଦି ଏହି କ୍ଲବ ଗଠନର ଉଦ୍ଦେଶ୍ୟ ।

# ସମାଜ ପାଇଁ କାର୍ଯ୍ୟ କର ହେ'...



ଚିତ୍ତରଞ୍ଜନ ମେହେର
ଭବାନୀପାଟଣା , କଳାହାଣ୍ଡି

ପ୍ରଭାତ ର ସକାଳୁ ସକାଳୁ
କେହି ଜଣେ ନିତ୍ୟ ମୋତେ ଡାକୁଛି ,
ଉଠ' ଉଠ' ହେ' ନବ ଜାଗୃତି ବ୍ୟକ୍ତି
ସକାଳ ପାଇ ସାରିଛି .....!

ନୂତନ ସକାଳ ର ନୂତନ ସ୍ୱପ୍ନ ନେଇ ଉଠ' ହେ'
ଏ ସମାଜ ପାଇଁ କିଛି କାର୍ଯ୍ୟ କର ହେ'
ଦୁଃଖି ଦରିଦ୍ର ପାଇଁ ଆଗକୁ ଆସ ହେ'
ମନ୍ କୁ କରି ସ୍ୱଚ୍ଛ ଆଗକୁ ବଢ଼ ହେ '
ହେ ନବ ଜାଗୃତି ବ୍ୟକ୍ତି କିଛି ଏ ସମାଜ ପାଇଁ କର ହେ' ...!

ସାମାଜିକ ପ୍ରାଣୀ ହୋଇ
ଭୁଲି ଯାଉଛ ନିଜ କର୍ତ୍ତବ୍ୟ ପରାୟଣ କୁ ,
ପାରିବାରିକ ସମସ୍ୟା ଭିତରେ ରହି ...,
ସେ ସମସ୍ୟା କୁ କରି ତ୍ୟାଗ
ଆଗକୁ ଆସ ହେ' ....
ଏ ସମାଜ ପାଇଁ କିଛି କାର୍ଯ୍ୟ କର ହେ' ...!



ଚାଟଶାଳୀ ଠୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ
ନିଜ ଦେଶଠୁ ଆରମ୍ଭ କରି ବିଦେଶ ପର୍ଯ୍ୟନ୍ତ
ଅଗଣିତ କାର୍ଯ୍ୟ କର ହେ' .....
ବିଶ୍ୱ ଦରବାର ରେ ନାମ ରଖ ହେ'
ହେ ମଣିଷ ତୁମେ ଏ ସମାଜ ପାଇଁ କିଛି କାର୍ଯ୍ୟ କର ହେ' ...!

# ନୀରବତାର ସ୍ୱର ...




ଡ଼.ଶୁଭେନ୍ଦୁ ମେହେର
ଯାଲୋଏ, ସୁବର୍ଣ୍ଣପୁର

ନିଶ୍ଚଳ ନୀରବ ନଈଧାରେ ପରି  ନମ୍ରତାର ନିଧୂବାଳା ,
ନଈଁଯାଏ ସିଏ ନଭମଣ୍ଡଳେ ନୀଳ ନୀଳିମାର ଖେଳା ||
ନୀରବ ଓଠରେ ବାରିହୁଏ ତା'ର ସମ୍ଭାବନାର ସ୍ୱର ,
ଆଖି ଦୁଇରେ ସେ' ଇଙ୍ଗିତ ନ କରି ପିଆଏ ପ୍ରେମ ଜହର ||

ଅବ୍ୟକ୍ତ ଭାବକୁ ବୁଝାଇ ବୁଝେ ସେ' ହୃଦୟର ଇସ୍ତାହାର ,
ଆପଣାର ଠାରୁ ଅତି ଆପଣାର ମୁଗ୍ଧ ମଧୁର ସ୍ୱର  ||
ଭାବ ଭଉଁରୀରେ ଛନ୍ଦିଦେଇ ସେ' ବନ୍ଦୀ ହୁଏ ମୋ' ଦେଶେ ,
ପ୍ରେମ କାଉଁରୀର ସ୍ପର୍ଶ ଆଶାରେ ଆଶ୍ରିତ ମଧୁ ରାସେ ||



ପ୍ରୀତି ମେଖଳାରେ ନିତି ଶୃଙ୍ଖଳା ଥୋଇଦେଇ ଆସେ ଚାଲି ,
ଦେହରେ ଉତ୍ତାପ ଭରିଦିଏ ମୋ'ର କୋଟି ଲେଲିହାନ ଜାଳି ||
ଧିର ମନ୍ଥର ଗତିରେ ତାହାର ହୃଦ କନ୍ଦର ଭିଜେ ,
କହିବି କହିବି ହୋଇ ପୁଣି ସିଏ କହିତ ପାରେନି ଲାଜେ ||

କହିବା ଆଗରୁ ସବୁ ବୁଝିଯାଏ ଭାବନା ଭାବ ମଧୁର ,
ବୁଝିବା ଆଗରୁ ବୁଝାଇ ଦିଏ ସେ' ତା'ର ନୀରବତା ସ୍ୱର ||

# କଙ୍କାଳର ହସ...



ରାଜେଶ୍ ରାୟ
ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର ,
କୋରାପୁଟ

ପ୍ରଜ୍ଞାର ସ୍କୁଲ ଶିକ୍ଷୟତ୍ରୀ ଶ୍ରେଣୀ କକ୍ଷକୁ ମଣିଷର କଙ୍କାଳଟିଏ ଧରି ଆସିଲେ ପାଠ ପଢ଼ାଇବା ପାଇଁ । ମଣିଷ ଶରୀରରେ କେତେଖଣ୍ଡ ହାଡ଼ ଅଛି , କେଉଁ ହାଡ଼ କେଉଁଠି ଅଛି ? ଏହି ସବୁ ପ୍ରଶ୍ନର ଗୋଟି ଗୋଟି ଉତ୍ତର ସିଏ ପିଲାମାନଙ୍କୁ ବୁଝାଇଲେ । କ୍ଲାସ ଶେଷ ହେବାପରେ ପିଲାମାନଙ୍କର ଦ୍ୱନ୍ଦକୁ ଜାଣିବା ପାଇଁ ଶିକ୍ଷୟତ୍ରୀ ପ୍ରଶ୍ନ ପଚାରିବାକୁ କହିଲେ । କିଛି ପିଲା ନିଜର ପ୍ରଶ୍ନ ପଚାରି ଉତ୍ତର ପାଉଥାନ୍ତି ।

ପ୍ରଜ୍ଞା ର ପାଳି ଆସିବା ପରେ ସେ ଶିକ୍ଷୟିତ୍ରୀଙ୍କୁ ଅଜବ ପ୍ରଶ୍ନଟିଏ ପଚାରିଲା ? " ମିସ୍, ମତେ କୁହନ୍ତୁ ଏ କଙ୍କାଳଟି ସବୁବେଳେ କାହିଁକି ହସୁଛି ? ମୁଁ ଯେତେବେଳେ ଦେଖୁଛି ତା ମୁହଁଟି ମତେ ହସିଲା ପରି ଦିଶୁଛି ! ଶିକ୍ଷୟତ୍ରୀ ତାଜୁବ୍ ହୋଇଗଲେ । କିଛି ସମୟ ଚିନ୍ତାକରି ସବୁ ପିଲା ମାନଙ୍କୁ କହିଲେ " ପ୍ରଜ୍ଞା ଗୋଟିଏ ବହୁତ୍ ଭଲ ପ୍ରଶ୍ନ ପଚାରିଲା, ଏହି କଙ୍କାଳଟି କାହିଁକି ହସୁଛି ଜାଣିଛ ! କାରଣ ଏହା ଯେଉଁ ମଣିଷ ଦେହରେ ଥିଲା ସେହି ମଣିଷଟି ବଞ୍ଚିଥିବା ବେଳେ ବହୁତ୍ ଦୁଃଖ ପାଇଛି, କେବେବି ଭଲସେ ମନଖୋଲି ହସି ପାରିନି। ତେଣୁ ସେ ମରିଗଲା ପରେ ତାର କଙ୍କାଳ ଏବେ ହସୁଛି । ପ୍ରଜ୍ଞା ସଙ୍ଗେ ସଙ୍ଗେ ପଚାରିଲା " ଆଚ୍ଛା ମିସ୍, ମଣିଷ କଣ ସବୁବେଳେ କଷ୍ଟ ପାଏ , ସେ କଣ କେବେ ହସେନି ? ମୁଁ ବି ତ' ମଣିଷ ନା, ମୁଁ ତ' ହସୁଛି ।

ଶିକ୍ଷୟତ୍ରୀ ଉତ୍ତର ଦେଲେ , ତୁମେ ନୁହଁ ମ, ମୁଁ ସେଇ ମଣିଷଙ୍କ କଥା କହୁଛି ଯେଉଁମାନେ ଲୋଭ କରନ୍ତି , ଗର୍ବ ଓ ଅହଂକାରରେ ବୁଡ଼ି ରହି ଅନ୍ୟକୁ କଷ୍ଟ ଦିଅନ୍ତି । ମନେରଖ , ଯିଏ ଅନ୍ୟକୁ କଷ୍ଟ ଦିଏ ସିଏ ସବୁବେଳେ କଷ୍ଟ ପାଏ । ଆମ ଶରୀର ଆଉ କଣ କି ! ଏହି କଙ୍କାଳ ଉପରେ ରକ୍ତ ଓ ମାଂସ ଲଦିଦେଲେ ଆମ ଶରୀର ତିଆରି ହୋଇଯିବ । ମଣିଷ ସେଇ ଶରୀରକୁ ନେଇ ବେଳେବେଳେ ଅନ୍ଧ ହୋଇଯାଏ । ଟଙ୍କା ଓ ସମ୍ପତ୍ତି ଲୋଭରେ ସିଏ ଅନେକ ପାପ ଅର୍ଜନ କରେ ଯାହାଦ୍ୱାରା ତା ଜୀବନ ସୁଖରେ ବିତେ ନାହିଁ ଏବଂ ତାର ମୃତ୍ୟୁପରେ ସେ ଏମିତି କଙ୍କାଳ ହୋଇ ଗୋଟିଏ ଜାଗାରେ ଝୁଲି ରହେ ଆଉ ନିର୍ଜୀବ ପରି ହସେ

ଯାହାର କିଛିବି ମୂଲ୍ୟନାହିଁ । ତେଣୁ ଏହି କଙ୍କାଳ ଆମକୁ ବାର୍ତ୍ତା ଦେଉଛି ଯେ ଜୀବନରେ କେବେ ହସିବା ଭୁଲ ନାହିଁ । କିଏ ଜାଣେ ଜୀବନ କେତେବେଳେ ଶରୀରରୁ ଚାଲିଯିବ !

ପ୍ରଜ୍ଞା ଏଥର ସବୁକଥା ବୁଝି ପାରିଲା । ସ୍କୁଲ ଛୁଟି ହେବାପରେ ସିଏ ରାସ୍ତାଦେଇ ଘରକୁ ଆସୁଥିଲା , କିଛିବାଟ ଆସିବା ପରେ ହଠାତ୍ ତା' କାନରେ ଗଣ୍ଡଗୋଳର ଶବ୍ଦ ଆସି ବାଜିଲା । ସେ ଦୌଡ଼ି ଯାଇ ଦେଖେ ତ, ତା' ଗାଁର ଦୁଇ ଭାଇ ଜୋରରେ ପାଟିତୁଣ୍ଡ କରୁଛନ୍ତି । କାରଣ ହେଉଛି ଜାଗାବାଡ଼ି । ଜଣେ ଭାଇ କହୁଛି ମୁଁ ବଡ଼ , ଅଧିକ ଜାଗା ମୁଁ ନେବି । ଆଉ ଜଣେ ଭାଇ କହୁଛି ମୁଁ ଘରର ପୁଅ , ମତେ ବି ଅଧିକ ଜାଗା ଦରକାର । ଏହି କଥାରେ ଦୁହେଁ ଶାବଳରେ ପିଟାପିଟି ହୋଇ ରକ୍ତ ଜୁଡୁବୁଡୁ ହୋଇଯାଇଥାନ୍ତି । ପ୍ରଜ୍ଞା କିଛି ସମୟ ଦେଖିଲା ଏବଂ ପରେ ଜୋରରେ ପାଟିକରି କହିଲା ଆପଣମାନେ ଯେଉଁ ଲୋଭର ସହ ଏହି ଶରୀରକୁ ନେଇ ଏମିତି ଗଣ୍ଡଗୋଳ କରୁଛନ୍ତି , ଆପଣ ଜାଣିଛନ୍ତି ସେହି ଶରୀର ଆଉ କିଛିଦିନ ପରେ କଙ୍କାଳ ହୋଇଯିବ ! ଏହି ଜାଗା ବାଡ଼ି ଆମ ପାଖରେ ବେଶୀଦିନ ରହିବ ନାହିଁ ତେଣୁ ଏବେ ବଞ୍ଚି ଥାଉ ଥାଉ ହିଂସା ଛାଡ଼ି ହସିବା ଶିଖନ୍ତୁ , ନହେଲେ କଙ୍କାଳ ହେଲାପରେ ହସିଲେ ଆଉ ଲାଭ କଣ ?

ଦୁଇଭାଇ ପ୍ରଜ୍ଞାର କଥା କିଛି ବୁଝି ପାରିଲେ ନାହିଁ । ବହୁତ୍ ଚେଷ୍ଟା କରିବା ପରେ ନିରାଶ ହୋଇ ପ୍ରଜ୍ଞା ତା' ଘରକୁ ଚାଲିଗଲା। କିଛିଦିନ ବିତିଗଲା ପରେ ହଠାତ୍ ଦିନେ ପ୍ରଜ୍ଞା ଶୁଣିବାକୁ ପାଇଲା ଯେ ଝଗଡ଼ା କରୁଥିବା ଦୁଇ ଭାଇଙ୍କ ମଧ୍ୟରୁ ବଡ଼ ଭାଇ ଜଣକ ଗାଡ଼ି ଧକ୍କାରେ ମରି ଯାଇଛନ୍ତି । ଗାଁ ଦାଣ୍ଡ କାନ୍ଦ ବୋବାଳିରେ ଫାଟି ପଡୁଥାଏ । ସମସ୍ତେ ସେହି ଲୋକଟିକୁ ଦୁଃଖରେ ଝୁରି ହେଉଥାନ୍ତି। ପ୍ରଜ୍ଞା କିନ୍ତୁ ରାସ୍ତାର ଗୋଟିଏ କଡ଼ରେ ନୀରବ ହୋଇ ଛିଡ଼ା ହୋଇଥିଲା ଆଉ ମନେ ମନେ ଭାବୁଥିଲା " ଏମିତି କିଛି ହୁଅନ୍ତାନି, ହସୁଥିବା ସେହି କଙ୍କାଳଟା ସମସ୍ତଙ୍କ ସାମ୍ନାକୁ ଚାଲି ଆସନ୍ତା ଆଉ ଲୋଭକୁ ଦୂରେଇ ଦେଇ ସମସ୍ତଙ୍କୁ ହସିବା ଶିଖାନ୍ତା ! ଏମିତି ହେଲେ ହୁଏତ ଲୋକମାନେ ନିଜ ଜୀବନକୁ ବୁଝି ଯାଆନ୍ତେ ଆଉ ବଞ୍ଚିଥିବା ବେଳେ ମନ ଖୋଲି ହସନ୍ତେ। ଠିକ୍ ହସୁଥିବା ସେହି କଙ୍କାଳଟି ପରି ।

# ଉପହାର ...



ଜାଗୃତି ସାହୁ
ବୀରତୋଇ, ଗଡଖାରଦ, ପୁରୀ

ଦଇବ ଦେଇଛି ଉପହାର ମତେ।
ତୁମେ ସେ ଅମୂଲ୍ୟ ରତ୍ନ।।
ମା' ମୋ ଦେହର ହୃଦୟ ହୋଇଲେ ।
ତୁମେ ମୋ ହୃଦସ୍ପନ୍ଦନ।।

ତୁମରି ଇଙ୍ଗିତେ ଦୁନିଆ ଦେଖିଲି ।
ଦେଖିଲି ଆଲୋକ ପଥ।।
ତୁମରି ସ୍ନେହର ଶ୍ରଦ୍ଧାର ଆଲୋକ।
ବିକଶିତ ମତେ କଲ।।

ଏ ଦୁନିଆରେ ବାପା ତୁମେ ଅଛ ବୋଲି ।
ଅଛି ମୋର ସବୁ କିଛି ।।
ତୁମ ସ୍ନେହ ଆଗେ ଲାଗେ ସବୁ ତୁଚ୍ଛ।
କେମିତି କହିବି ଆଜି ।।

ଯେତେ ବି ବନ୍ଧୁଅଛନ୍ତି ମୋ ସାଥେ।
ତୁମେ ଅଟ ଅନ୍ୟତମ।।
ଲକ୍ଷେ ତାର ଥାଇ କି ଲାଭ ଆକାଶେ।
କେ' ହେବ ଚନ୍ଦ୍ରମା ସମ।।

କି' ପୁଣ୍ୟ ବଳରେ ତୁମକୁ ପାଇଲି
ଏମିତି ସମ୍ପର୍କ ନେଇ ।
ଏ ଜନମ ପାଇଁ ଯାହା ଲୋଡ଼ା ଥିଲା।।
ଦେଇଛନ୍ତି ମତେ ସାଇଁ।।

ମୋ ଜୀବନେ ବାପା ତୁମର ସଂସ୍କାର।
ପ୍ରଭାବ ପକେଇଥିଲ ।।
ତୁମେ ନଥିଲେ ମୋ ଜୀବନ ଜଡ଼ିତ।।
ସମାଜେ ମୁଁ ହୀନ ମାନ୍ୟ।।

ସିଖାଇଛ ମତେ ଧନ ଲୋଡ଼ା ନାହିଁ।
ଜ୍ଞାନ ଚିର ସ୍ଥାୟୀ ଅଟେ।।
ଆମ ଏ ଦେହ ଯେ ମାଟିରେ ମିଶିବ ।
ରହିଯିବ ଚିହ୍ନ ଯେତେ ।।

# ପ୍ରତୀକ୍ଷା...




**ଗୋଲୋକବିହାରୀ ବେହେରା**
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ,
ଢେଙ୍କାନାଳ

ଚାତକିନୀ ସମ ଚାହିଁ ରହିଅଛି
ତୁମ ଚିଠି ଖଣ୍ଡେ ପାଇବା ପାଇଁ,
ଅତର କାଗଜେ ପତର ଲେଖୁଛି
ଚିଠି ଚାରିପଟେ ରଙ୍ଗ ଲଗେଇ।

ଚିଠିରେ ଲେଖୁଛି ମନର ଖବର
ଦେହର ଅବସ୍ଥା ହୃଦୟ ବ୍ୟଥା,
ଦେଖି ଥିଲି କାଲି ରାତିରେ ସପନ
ପାଣି ନ ମିଳିଲେ ମାଛ ଅବସ୍ଥା।

ରୋମିଓ ଜୁଲିଏଟ ଗପ କହିବନି
ଲେଖିବନି ଫୁଲ ଭଅଁର କଥା,
ଭଲ ପାଇବାର ରାସ୍ତାଟା ଚିକ୍କଣ
ପାଦ ଖସିଗଲେ ହେବି ହୀନସ୍ଥା।

ଅଙ୍କକଷା ଭଳି ଚିଠି ଲେଖିବନି
ମାପି ଚୁପି ଶବ୍ଦ କୃପଣ ପରି,
ମୋ' ରାଣ ଆସିବ ତୁମକୁ ନ ଦେଖି
ଉପବାସେ ଦେବି ଜୀବନ ହାରି।



# ଧନ୍ୟ ତୋ'ର ଲୀଳା ଜଗା...




ପ୍ରିୟଙ୍କା ସାହୁ
ଅଁଳାବେରେଣୀ, ଢେଙ୍କାନାଳ



ଜଗା,
ରଖିଲେ ରଖିବୁ,
ମାରିଲେ ମାରିବୁ,
ଯାହା ତୋହରି ଇଛା ।।

ଜଗା,
ତୁ' ହେଉଛୁ ଆଶା ,
ତୋ' ଚକା ଆଖିରେ
ପ୍ରେମ ଆଉ ଆଲୋକ ର ଭାଷା।।
ଜଗା,
ଶ୍ରୀମନ୍ଦିରେ ଦେଖିନାହିଁ
ମୋ' ଚକ୍ଷୁରେ ତୋ ଆଖି,
ତୋ' ଡୋରି ଲଗେଇଦେ
ଏତିକି ମୋ ଗୁହାରି ।।
ଜଗା,
ସିଂହ ଦ୍ୱାରେ ଦର୍ଶନ ସାରି
ବାଇଶି ପାହାଚେ ଯମଶୀଳା
ସ୍ୱର୍ଶେ ପାପ ହୁଏ ନାଶ-
ଶୁଣିଛି ଏହି ଲୀଳା ।।
ତୁ' ଯେ ମୋ ହସ,
ତୁ' ଯେ ମୋ ଅଶ୍ରୁ,
ଧନ୍ୟ ତୋର ଲୀଳା ଜଗା ଧନ୍ୟ ତୋର ଲୀଳା।।
ଜଗା,
ଭାବର ଠାକୁର,
ଅନାଥ ର ନାଥ ,
ବିଚିତ୍ର ତୋର ମହିମା ,
ବିଚିତ୍ର ତୋର ରହସ୍ୟ ର ପଥ ।।
ଜଗା,
ଅଭାବ ନ ପଡ଼ଇ ମହାପ୍ରସାଦ ,
ବିପରୀତ ଦିଗେ ଉଡଇ ପତିତପାବନ ବାନା,
ସବୁଦିଗେ ସମାନ ଦିଶଇ ନୀଳଚକ୍ର,
ଧନ୍ୟ ତୋର ଲୀଳା ଜଗା ଧନ୍ୟ ତୋର ଲୀଳା ।।
ଜଗା,
ନିତ୍ୟ କେତେ ଯେ ଦୂରୁ ଟାଣି ଆସନ୍ତି ଭକ୍ତ ,
ଅପେକ୍ଷା ଥାଏ ରଥଯାତ୍ରାକୁ
ରଥେ ବସି ତୁ ଦର୍ଶନ ଦେଉ ।।
ଜଗା,
ଭାବର ଠାକୁର,ଅନାଥ ର ନାଥ, ପତିତପାବନ, ମଣିମା,
କାଳିଆ, ବ୍ରହ୍ମାଣ୍ଡ ର ଠାକୁର ,
ନାମ ଦେଇଛନ୍ତି ତୋତେ କେତେ ଯେ ଭକ୍ତ।
ଜଗା,
କେମିତି ବର୍ଣ୍ଣନା କରିବି ତୋହରି ମହିମା କବିତା ମାଧମେ
ଅସୀମ, ଅଗଣିତ -ତୋର ଲୀଳାର ସୀମା ।
ଧନ୍ୟ ତୋର ଲୀଳା ଜଗା ଧନ୍ୟ ତୋର ଲୀଳା ।
ଧନ୍ୟ ତୋର ଲୀଳା ଜଗା ଧନ୍ୟ ତୋର ଲୀଳା।।

# ସମୟ ଏକାକୀତ୍ୱର...



ମନ୍ଦାକିନୀ ପାଢ଼ୀ
ଅଧ୍ୟାପିକା, ପଦ୍ମପୁର, ବରଗଡ଼

ଏକାକୀତ୍ୱ ଭିତରେ କଳଙ୍କି ରଙ୍ଗର
ସନ୍ଧ୍ୟା ହଠାତ୍ ଘନୀଭୂତ ହୁଏ ,
ଦୁର୍ବାର ବେଳାରେ,
ଯେମିତି ମାଡ଼ି ଆସୁଛି ଝଡ଼...
ଦୀପଟିଏ ଜାଳି ଦେଇଛି
ଠାକୁରଙ୍କ ପାଖରେ ,
ତୁଳସୀ ମୂଳରେ ଆଉ ଏକ ଦୀପ
ଦୀପଶିଖା ଦୋହଲୁଛି , ଭୟ କାଳେ ଲିଭିଯିବ ।।
ମନେ ପକାଏ ଗୋଧୂଳିର ରଙ୍ଗକୁ
ରଙ୍ଗ କିନ୍ତୁ ଧୂସର ନୁହେଁ ,
ରଙ୍ଗ ଜାଣିପାରୁନି,
ଠିକ୍ ଯେମିତି ତୁମ ଆସିବା ସମୟ ନିର୍ଘଣ୍ଟ ଜଣାନାହିଁ
ତଥାପି କ'ଣ ଏ ପ୍ରତୀକ୍ଷାର
ଅନ୍ତ ହେବ ?
ଏ ରଙ୍ଗ ଗୋଧୂଳିର ଅନ୍ଧାକାର କୁଛୁଇଁବନି
ଏଇ ତ ତା'ର ଯନ୍ତ୍ରଣା ।।

ସମୟ ଚାଲିଯାଏ ତା' ବାଟରେ,
ମନକୁ କ'ଣ ସେ ପଢ଼ିବ
ମନର ବି ଗୋଟିଏ ଗଳି ଉପଗଳି ଅଛି
ମନ ହାଇଁ ପାଇଁ ହୁଏ
ଭାବେ ତୁମ କଥାର ଦମ୍ ନାହିଁ
ହୃଦୟରେ ଝଡ଼ ଉଠେ, ସବୁ ଭାଙ୍ଗି ରୁଜି ଯାଏ
ଦୀର୍ଘଶ୍ୱାସ ବାହାରି ଆସେ ।।
ସେଝଡ଼ର ପଦଧ୍ୱନି ସହ ହୃଦୟର ଝଡ଼ ମିଳାଇ
ଯାଏ
ଦୀପଟି ଏବେ ସ୍ଥିର ରହେ
ମୁଁ ସ୍ଥିରା ହୋଇ ପାରେନାହିଁ
ସେ ସିନା ଅନିର୍ବାଣ ଜଳିବ, ହୃଦୟ କିନ୍ତୁ ଏମିତି
ଜଳିଲେ
ଶରୀରର ଅସ୍ତିତ୍ୱ ରହିବ ନାହିଁ।।

# ପ୍ରେମର ଜ୍ୱାଳା...




ଶ୍ରଦ୍ଧାଞ୍ଜଳି ବେହେରା
ଗୁରୁଦାସପୁର, କମାଗଡ଼, ଯାଜପୁର

ଆହେ ହୃଦରଜା ତମେ କି' ଜାଣ ପ୍ରେମ କଥା,
କି' ଜାଣ ତମ ପ୍ରେମ ଦିଏ କି ବ୍ୟଥା ।
ଅକାରଣେ ଆଖିରୁ ଝରେ ଅଶ୍ରୁ
କି' କମ୍ପନ ହୁଏ ଛାତି ତଳୁ ।
ମନ ଯେ ଅଥୟ ସାଜି

ଦୁଃଖର ଗହନ ବନେ ଯାଏ ସେ ହଜି ।
ତମେ କି ଜାଣ ମୋ ନିରବତା
କି' ଜାଣ ତମ ପ୍ରେମ ଦିଏ କି' ବ୍ୟଥା।
ନ'ପାହୁଣୁ ରାତି ଅଥୟ କରେ ତମ ସ୍ମୃତି
ରଙ୍ଗହୀନ ଏ ଲୋତକ ପବିତ୍ର କରେ ମୋ ରାତି ।
ପବିତ୍ର ଏ ପୀରତି ଥିଲି ଶୁଣି
ବେଦନା ଥାଏ ପୀରତିରେ ନ'ଥିଲି ଜାଣି ।
ତମେ କି' ଜାଣ ମୋ ପ୍ରେମ ଗାଥା
କି' ଜାଣ ତମ ପ୍ରେମ ଦିଏ କି ବ୍ୟଥା।
ଦେବତା ତମେ ଏ ହୃଦୟର
ଜାଣି କି ପାରୁନ ବ୍ୟାକୁଳତା ଅନ୍ତର ।
ପ୍ରେମର ପ୍ରତାରଣା ଦିଏ କି ଯନ୍ତ୍ରଣା
ଗୋଟେ ରାତି ବସି କରିପାରିବ କି' ଗଣନା ।
ତମେ କି' ଜାଣ ଏ ମନ ଦୁଃଖ କଥା
କି' ଜାଣ ତମ ପ୍ରେମ ଦିଏ କି' ବ୍ୟଥା ।

ଆସିପାରିବ କି' ମୋ ଜୀବନେ ଶେଷ ରାତି ନେଇ
ପାରିବକି ତମ କୋଳେ ଶାନ୍ତିରେ ଶୁଆଇ ।
ପିନ୍ଧିବାକୁ ଇଚ୍ଛାଥିଲା ତମ ସିନ୍ଦୂର
ନାଲି ଅଭିରରେ ଭରିଦେବ ସିନ୍ଥି ମୋର ।
ତମେ କି ଜାଣିବ ମନର କଥା
କି' ଜାଣ ତମ ପ୍ରେମ ଦିଏ କି' ବ୍ୟଥା।

# ସେ ଲୁଚି ରହି ସ୍ବପ୍ନ ପୂରା କରେ...



**ସୁହାସିନି ପଟ୍ଟନାୟକ**
ବଡରମ୍ପାସ, ହାଟଡିହି,
କେନ୍ଦୁଝର

ଯେବେ ସେ କହେ ତୁ'ମ ମଥାକୁ ଏ କଳା ଟିକିଲି ଆଉ ଶୋଭା ପାଉନି,
ଯେବେ ସେ କହେ ଚୁଡ଼ିଦାର ନୁହେଁ ତୁମେ ଶାଢ଼ୀ ରେ ବେଶି ସୁନ୍ଦରୀ ଲାଗ,
ଯେବେ ସେ କହେ ତୁମ ଆଖି ରୂପାର ଫରୁଆ ପରି,
ଯେବେ ସେ କହେ ଏ ଜୀବନ ମୁଁ ତୁମକୁ ସମର୍ପି ଦେଲି,
ଯେବେ ସେ କହେ ମୁଁ ତୁମକୁ ମୋ' ଘରେ ନବବଧୂ ରେ ହିଁ କଳ୍ପନା
କରିପାରେ,
ଯେବେ ସେ କହେ ତୁମ ପାଉଁଜି ଶବ୍ଦ ମୁଁ ସ୍ୱପ୍ନ ରେ ବି ଶୁଣିପାରେ,
ଯେବେ ସେ କହେ ମୋ' ଜୀବନ ର ପ୍ରତିଟି ଉଚ୍ଚ ଖାଲ ରାସ୍ତା ତୁ'ମ ହାତ
ଧରି ଚାଲିବାକୁ ଚାହେଁ,
ଯେବେ ସେ କହେ ତୁ'ମ ରାଗ ତୁମ ଗାଳି ମତେ ଖୁବ୍ ମିଠା ଲାଗେ,
ଯେବେ ସେ କହେ ଯେତେ ଦୂରରେ ଥିଲେ ବି ମୁଁ ତୁମକୁ ଚିହ୍ନି ପାରେ,
ଯେବେ ସେ କହେ ମୋ ପ୍ରତି ମାନସିକ ରେ ତୁ'ମ ଶୁଭ ମନାସେ,
ଯେବେ ସେ କହେ ଶୁଣ ମୁଁ ବାସ୍ ତୁମକୁ ତୁମ ପରି ହିଁ ଚାହେଁ,
ସେବେ ସେବେ ମୁଁ ହାରିଯାଏ:-
ତା' ପ୍ରେମର ଭାଷା ରେ, ତା' ଅଡୁଆ ଛାନ୍ଦ ରେ,
ତା' କୁହୁକ କଥା ରେ, ତା' ମଜାଳିଆ ଗପ ରେ,
ତା' ଗୁଣୁଗୁଣୁ ଗୀତ ରେ, ତା' ଅନାବନା କଳ୍ପନା ରେ,
ତା' ଛୋଟ ଛୋଟ ମିଛ ରେ, ତା' ଅକୁହା ବାହାନା ରେ,
ତା' ମିଛିମିଚିକା ରାଗ ରେ,
ଧେତ୍ ମୁଁ ଆଉ ମୁଁ ହେଇ ରହେନି ସେ ସେଇଠି ତା'ର କରିଦିଏ।।
ଯେବେ ସେ କହେ ମୁଁ ତୁମକୁ କଳା ରଙ୍ଗର ଶାଢ଼ୀ କିଣିଦେବି,
ଯେବେ ସେ କହେ ମୁଁ ତୁମ କୁଞ୍ଚ ସଜାଡ଼ି ଦେବି,
ଯେବେ ସେ କହେ ମୁଁ ତୁମ କାନି ରେ ହାତ ପୋଛି ହେବି,
ଯେବେ ସେ କହେ ତୁ'ମ ଚୁଟି କୁ କାନ ପଛରେ ଖୋସି ଦେବି,

ଯେବେ ସେ କହେ ତୁ'ମକୁ ମୁଁ ପାଉଁଜି କିଣି ଦେବି,
ଯେବେ ସେ କହେ ତୁ'ମ ଆଖି କଜଳ କୁ ମୁଁ କଳା ଟୀକା କରି ତୁମକୁ ନାଇ ଦେବି,
ଯେବେ ସେ କହେ ଗଜରା ରେ ତୁ'ମ ଗଭା ବାନ୍ଧି ଦେବି,
ଯେବେ ସେ କହେ ମୁଁ ତୁମ ଚିତ୍ର ଆଙ୍କି ଦେବି,
ଯେବେ ସେ କହେ ମୁଁ ତୁମ ପାଇଁ ପଥରି ନାକ ଗୁଣା ଆଣି ଦେବି,
ଯେବେ ସେ କହେ ତୁ'ମ ପାଇଁ ପାଣି କାଚ କିଣି ଦେବି,
ସେବେ ସେବେ ମୁଁ ହାରେ ତା' ଶାନ୍ତ ଅସରନ୍ତି ପ୍ରଶ୍ନ ରେ।।

*ଆଖିରୁ ଝରୁଥିବା ଲୁହ ଓ ନୀରବତା ପଛରେ ଲୁଚିଥିବା ଦୁଃଖ ବୁଝିପାରୁଥିବା ଭଳି ମଣିଷଟିଏ ଯଦି ଆପଣଙ୍କ ପାଖରେ ଅଛି, ତ' ବୁଝି ନିଅନ୍ତୁ ଆପଣ ଦୁନିଆରେ ଜଣେ ଭାଗ୍ୟବାନ ମଣିଷ ...*



# ବିରହ'ର ବିଡମ୍ବନା...



ସୁନିଲ କୁମାର ନାୟକ
ସାନପଦର, ବୋଲଗଡ, ଖୋର୍ଦ୍ଧା

ବିରହ,ବିଚ୍ଛେଦ ଏବଂ ବିଦାୟ
ଯୁଗେ ଯୁଗେ ସୃଷ୍ଟି କରିଛି କଳଙ୍କିତ ଅଧ୍ୟାୟ ।
ହୁଏତ ଏ ତିନି ଯନ୍ତ୍ରଣା ଉଦ୍ରେକକାରୀ
ତଥାପି ସୃଷ୍ଟି ଚକ୍ରରେ ସୃଷ୍ଟି କରିଛି ଅପୂର୍ବ କ୍ରାନ୍ତିକାରୀ ।।୧।।
କେବେ କେବେ ବିରହୀନି ରାଧିକା
ଆଉ କେବେ ପୁଣି ଗୋପର ଗୋପୀକା ।
ସବୁ ଚାହିଁଥିଲେ ସେ ଅପୂର୍ବ ପ୍ରେମ
ସତେ କିବା ଆଉ ଶୁଭିବ ସେ ବେଣୁସ୍ୱନ ।।୨।।
ଶାସ୍ତ୍ରର ଏସବୁ ଅଭୁଲା ଦୃଷ୍ଟାନ୍ତ
ଦର୍ଶାଇଦିଏ ମନ କେବେ ନଯିବୁ ଏ ମୋହଜଗତ ।
ସେ ମୋହରେ ସେଦିନ ଅଯୋଧ୍ୟାବାସୀ
ଚାହିଁ ବସିଥିଲେ କେବେ ଫେରିବେ ସେ ବନବାସୀ ।।୩।।
ବନ୍ଧୁ ସଙ୍ଗେ ହୋଇଯାଏ ଯେବେ ଅତୁଟ ବନ୍ଧନ ।
ଲାଗେ ଯେପରି ଚନ୍ଦ୍ର ବିନୁ
ଅସମ୍ଭବ ପ୍ରାୟ କୁମୁଦବନ ।।୪।।
କେତେ ଅତୀତକୁ ସାଥିରେ ନେଇ ଆସିଛି ଏତେ ସୋପାନ।
ତୁମେ ଥିଲେ ବନ୍ଧୁ କିଛି
ନ ଲାଗଇ ବ୍ୟଥା ଏଇତ ଜୀବନ ।।୫।।
ସମୟ ସୋପାନ ରେ ଦିନେ
ହୋଇଥିଲା ଦୁଇଟି ସ୍ୱପ୍ନର ମିଳନ ।
ସେ ସ୍ୱପ୍ନର ବାସ୍ତବତା ପାଇଁ
ଦେବାକୁ ପଡିଲା ଆଜି ମିଳନରେ ବିସର୍ଜନ ।।୬।।
ତୁମେ ଥିଲ ପ୍ରେରଣାର ପର୍ବତ, ବିଶ୍ୱାସର ବିସ୍ମୟ

ଭାବନାର ଭାସ୍କର,ଜିଜ୍ଞାସାର ଜାହ୍ନବୀ ।
ତୁମ ସୁମଧୁର ବାଣୀ,ତୁମର ସାନିଧ ପ୍ରତିଟି ମୁହୂର୍ତ୍ତେ
ସୃଷ୍ଟି କରୁଥିଲା ମୋ ହୃଦେ ଏକ ଅଦ୍ଭୁତ ପ୍ରତିଛବି ।।୭।।
ତୁମେ ଥିଲ ବିହଙ୍ଗ ମୁକ୍ତ ଆକାଶର
ମୁଁ ଥିଲି ପ୍ରଜାପତିଟିଏ ମନ ବଗିଚାର ।
ଦୁହେଁ ଉଡୁଥିଲେ,ଦୁହେଁ ବୁଲୁଥିଲେ
ଖୋଜି ନିଜ ଖାଦ୍ୟ ଭବିଷ୍ୟତର ।।୮।।
ବାଣ୍ଟିଚାଲ ସୁଖ ନହୋଇ ବ୍ୟଥିତ
ଦେଇଅଛ ସର୍ବଦା ଏହି ମନ୍ତ୍ର ।
ସବୁରି ପାଇଁ ତୁମେ ବିପଦର ବନ୍ଧୁ
ଏଥିପାଇଁ ତୁମେ ସ୍ୱତନ୍ତ୍ର ଆଉ ସ୍ୱତନ୍ତ୍ର ।।୯।।
ସୀମିତ ସମୟ କିନ୍ତୁ
ଅସୀମ ସ୍ନେହ,ଶ୍ରଦ୍ଧା ଏବଂ ପ୍ରେମ ।
ଏଭଳି ବନ୍ଧନ ରଜ୍ଜୁରେ ବାନ୍ଧିଦେଲ ତୁମେ
ଯାହାକୁ ଫିଟାଇବା ପାଇଁ ମୁଁ ସମ୍ପୂର୍ଣ୍ଣ ଅକ୍ଷମ ।।୧୦।।
ଦିନେ ହୋଇଥିଲା ତୁମ ସହ ଦେଖା
ଆଜି ଯେ ବିଦାୟ ଲଗନ ।
କେତେ ଯୁଗ କେତେ ତପସ୍ୟା ବଳରେ
ହୋଇଥିଲା ତୁମ ସହ ଆମରି ବନ୍ଧନ ।।୧୧।।
ସେ ସବୁ ବନ୍ଧନ ହୋଇଯିବ
ମୋ ପାଇଁ କାଲିଠାରୁ ଚିର ସପନ ।
ଆଉ ଶୁଭିବନି ସେ କଣ୍ଠସ୍ୱର
ହୋଇଯିବ ଶୂନ୍ୟ ସେ ଶବ୍ଦ ଗୁଞ୍ଜରଣ ।।୧୨।।
ତଥାପି ଏତ ନିୟତିର ନୀତି
ଟାଳିବାକୁ ଅବା କାହାର ଅଛି ଶକତି ।

ସମ୍ପର୍କର ରଜ୍ଜୁ କାହିଁ ହେଲା ଏତେ ମଜବୁତ
ସେଥିପାଇଁ ଆଜି ବିଦାୟ ଗାଏ ତା'ର ସୁସଙ୍ଗୀତ ।।୧୩।।
ଧନ୍ୟ ତୁମ୍ଭେ ସଖା ଧନ୍ୟ ତୁମ୍ଭ ଚରିତେ
ଦେଲ ମୋତେ ବାନ୍ଧି ଏ ମାୟା ଜଗତେ
ଭୁଲିତ ହଉନି ଭୁଲିବି କେମିତି
ଏହା ଭାବି ଭାବି ଦିନ ଯାଏ ବିତି ।।୧୪।।
ଗାଉଥିଲେ ଗୁଣ କେବେ ନସରିବ ଗାଥା
ଏହାହିଁ ତୁମ୍ଭର ବ୍ୟକ୍ତିତ୍ୱ ।
ଈଶ୍ୱରଙ୍କ ନିକଟେ ଏତିକି ପ୍ରଣିପାତ
ପ୍ରାପ୍ତ ହୋଇଯାଉ ତୁମ୍ଭଙ୍କୁ ଜୀବନ ର ଦିବ୍ୟତ୍ୱ ।।୧୫।।

**ପବିତ୍ର ଉତ୍କଳ ଦିବସର ଅଭିନନ୍ଦନ...**






# ପ୍ରମାଣ...



ବିଶ୍ୱଜିତ ନାୟକ
ତୁଣ୍ଡପଡ଼ା, କେଦାରପୁର,
ସୋରୋ, ବାଲେଶ୍ୱର

ଯଦି ଦେଇହୁଅନ୍ତା
ପ୍ରମାଣ ଭଲ ପାଇବାର
କହି ହୁଅନ୍ତା
ଛାତି ଭିତରର,
ଅକୁହା କଥା ସବୁ
ଦେଖାଇ ହୁଅନ୍ତା
ହୃଦୟଟା ନିଜ ଛାତି ଚିରି,
ତୁମେ ଆଜି ଖୋଜିଥାଆନ୍ତ
ନିରୋଳା ମୁହୂର୍ତ୍ତ ଟେ
ଦୁଇପଦ କଥା ପାଇଁ
ଚେଷ୍ଟା କରନ୍ତ,
ଆଖିରେ ଆଖି ମିଶାଇ
ଆଖିର ଭାଷା ପଢ଼ିବାକୁ
ଜାହିର କରନ୍ତ
ନିଜର ଭଲ ପାଇବା
ମୋ' ଉପରେ !



ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...
ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ଚିନ୍ତାର ମଣିଷ...



**ମଦନ ହରିଜନ**
(ଅଧ୍ୟାପକ, ରାଜନୀତି ବିଜ୍ଞାନ,
ଏରୋନଟିକ୍ସ ମହାବିଦ୍ୟାଳୟ,ସୁନାବେଡ଼ା - ୨)
ସୁନାବେଡ଼ା, କୋରାପୁଟ

ଦୁଃଖରେ ପଡ଼ିଛି ମଣିଷ ଜୀବନ
କରୁଛି କେତେ ଯେ' ଚିନ୍ତା,
ଅଜଣା ପ୍ରଶ୍ନର ଭ୍ରମରେ ପଡ଼ି
ମନ ପାଏ ତା'ର ବ୍ୟଥା।

ବଡ଼ ଅଭିଶାପ ଚିନ୍ତାର ମଣିଷ
ଦୁର୍ବଳ ହୁଏ ମାନସିକ ସ୍ଥିତି,
ପାଉଛି କେତେ ଯାତନା ସିଏ
କରୁଣ ତାହାର ପରିଣତି।

କେବେ ସେ ହସୁଛି,କେବେ କାନ୍ଦୁଛି
ନାହିଁ ତା'ର ପରିଶେଷ,
ଗଭୀର ଚିନ୍ତାରେ ମନ ବୁଡ଼ିଛି
କେବଳ ଚାଲୁଛି ନିଃଶ୍ୱାସ।

ଜୀବନରେ ସିଏ ସନ୍ତୁଷ୍ଟ ନୁହଇ
ସବୁବେଳେ ଏକ ଚିନ୍ତା,
ପାଇଲି କଣ, ହରେଇଲି କଣ
କେବଳ ଗୋଟିଏ କଥା।



ପ୍ରତ୍ୟେକ ପ୍ରଶ୍ନର ରହିଛି ଉତ୍ତର
ସବୁ ଦୁଃଖ ପରେ ଅଛି ସୁଖ,
ଅନ୍ଧାର ଭିତରେ ଲୁଚିକି ରହିଛି
ନୂଆ ସମ୍ଭାବନାର ଆଲୋକ।

# ବ୍ରହ୍ମ ବସ୍ତୁ...



ବଦ୍ରୀ ମହାନ୍ତି
କେନ୍ଦ୍ରୀୟ ବିହାର, ତମାଣ୍ଡୋ,
ଭୁବନେଶ୍ୱର

ଅନୁସନ୍ଧାନ କରିବା, ସତ୍ୟ ଜାଣିବା ଏବଂ ତା ନିକଟତର ହେବାକୁ ସଦା ସର୍ବଦା ପ୍ରୟାସ କରି ଆସିଛି ମଣିଷ। ବହୁ ଅନାଲୋଚିତ ଅପ୍ରକାଶ୍ୟ ତଥ୍ୟ ଲୋକଲୋଚନକୁ ଆସିଛି,ସଂଶୟ ଦୂର ହୋଇଛି ତା ସହିତ ଅନେକ ପ୍ରଶ୍ନ ସେମିତି ଅସମାଧିତ ଅପହଞ୍ଚ ହୋଇ ରହି ଯାଇଛି। ଏକାଧିକ ତତ୍ତ୍ୱ ଓ ଦର୍ଶନ ଭିତରେ ବିଚଳିତ ନହୋଇ ମୌଳିକ ତତ୍ତ୍ୱକୁ ଗ୍ରହଣ କରିବାକୁ କୌଣସି କାଳେ କୁଣ୍ଠା ପ୍ରକାଶ କରି ନାହିଁ। ସେ ଦୃଷ୍ଟିରୁ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆବିର୍ଭାବ,ତତ୍ତ୍ୱ, ଦର୍ଶନ ଓ ଲୀଳା ଜାଣିବା ପାଇଁ ହଜାର ହଜାର ବର୍ଷ ବ୍ୟାପୀ ବିଭିନ୍ନ କାଳ ଖଣ୍ଡରେ ପ୍ରୟାସ କରାଯାଇଛି। ବେଦ ପୁରାଣ ଇତିହାସ ପନ୍ତତତ୍ତ୍ୱ ସାହିତ୍ୟ ବିଜ୍ଞାନ ସବୁଠି ତାଙ୍କୁ ଓ ତାଙ୍କର ଲୀଳାକୁ ଖୋଜା ଯାଇଛି। ମାତ୍ର କୌଣସି ଶ୍ରଦ୍ଧାଳୁ,ଗବେଷକ ବା ଅନୁସନ୍ଧିତ୍ସୁ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ପହଞ୍ଚି ପାରି ନାହାନ୍ତି। ସେଥିପାଇଁ କୁହାଯାଏ -

ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ
ଦେବା ନ ଜାଣନ୍ତି କୁତଃ ମନୁଷ୍ୟଃ।

ଦାରୁଦେବତାଙ୍କ ନୀତିକାନ୍ତି ଦେବନୀତି ନିତ୍ୟଲୀଳା ଯାତ୍ରା ଓ ମହୋତ୍ସବ ମଧ୍ୟରୁ ଅପୂର୍ବ ଅନୁପମ ଲୀଳା ନବକଳେବର  ଅବର୍ଣ୍ଣନୀୟ। ସମଗ୍ର ବିଶ୍ୱରେ ହିନ୍ଦୁ ଧର୍ମର ତେତ୍ରିଶ କୋଟି ଦେବାଦେବୀଙ୍କର ନବକଳେବର ବିଧି ସମ୍ପନ୍ନ ହେଉ ନଥିବା ବେଳେ ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ନବକଳେବର ଅଦ୍ଭୁତ ଓ ଅନନ୍ୟ। ପ୍ରାୟତଃ ବାର ବର୍ଷରୁ ଉଣେଇଶ ବର୍ଷ ମଧ୍ୟରେ ପଡୁଥିବା ଯୋଡ଼ା ଆଷାଢ଼ ମାସରେ ଅନୁଷ୍ଠିତ ହୁଏ ଚତୁର୍ଦ୍ଧା ମୂର୍ତ୍ତିଙ୍କର ନବକଳେବର। ଏହାର ଶୁଭାରମ୍ଭ ହୁଏ ଚୈତ୍ରମାସ ଦଶମୀ ଦିନ। ବନଯାଗ ଯାତ୍ରାରୁ ଆରମ୍ଭ ହେଉଥିବା କାର୍ଯ୍ୟକ୍ରମ ମଧ୍ୟରେ ଦାରୁ ଅନ୍ୱେଷଣ,ଚୟନ, ଦାରୁ ପୂଜନ,ଛେଦନ,ଶ୍ରୀକ୍ଷେତ୍ରକୁ ଶଗଡ଼ି ଦ୍ୱାରା ବହନ,ଉତ୍ତର ଦ୍ୱାରଦେଇ ଶ୍ରୀମନ୍ଦିର ପ୍ରବେଶ,ଦାରୁଶାଳାରେ ବିଗ୍ରହ ନିର୍ମାଣ ଓ ବିଗ୍ରହମାନଙ୍କ ମଧ୍ୟରେ ବ୍ରହ୍ମ ସଂସ୍ଥାପନ ତଥା ପୁରୁଣା ବିଗ୍ରହଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦେବା ଆଦି କାର୍ଯ୍ୟ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହୋଇଥାଏ।

ବ୍ରହ୍ମାଣ୍ଡର ସର୍ବବ୍ୟାପୀ ସର୍ବଶକ୍ତି ସ୍ରଷ୍ଟା ହିଁ ପରଂବ୍ରହ୍ମ। ତାଙ୍କୁ ପୂର୍ଣ୍ଣବ୍ରହ୍ମ, ଶବ୍ଦ ବ୍ରହ୍ମ, ନିରାକାର ବ୍ରହ୍ମ,ନାଦବ୍ରହ୍ମ,ପ୍ରଜ୍ଞାନବ୍ରହ୍ମ, ମାୟାବ୍ରହ୍ମ ରୂପେ ଶାସ୍ତ୍ର ବିଭିନ୍ନ ରୂପେ ପ୍ରକାଶ କରିଛି। ଆଚାର୍ଯ୍ୟ ଶଙ୍କର

'ବ୍ରହ୍ମସୂତ୍ର'ରେ 'ସର୍ବ ବ୍ରହ୍ମମୟଂ ଜଗତ' ରୂପେ ବ୍ରହ୍ମାଣ୍ଡକୁ ପ୍ରତିପାଦନ କରି ବ୍ରହ୍ମ ସର୍ବବ୍ୟାପୀ ବୋଲି ବର୍ଣ୍ଣନା କରିଛନ୍ତି। ଦାରୁ ଓ ବ୍ରହ୍ମଙ୍କ ସମନ୍ୱିତ ସ୍ୱରୂପ ଶ୍ରୀଜଗନ୍ନାଥ ହିଁ ଦାରୁବ୍ରହ୍ମ ଅପ୍ରକାଶ୍ୟ ଅଚିନ୍ତ୍ୟନୀୟ। ରତ୍ନସିଂହାସନରେ ବିରାଜିତ ଶ୍ରୀବିଗ୍ରହଙ୍କ ଆରାଧନା ହିଁ ଦାରୁବ୍ରହ୍ମ ଉପାସନା। ସେ ସତ୍ୟ,ସେ ହିଁ ନିତ୍ୟ ଓ ସମସ୍ତ ସଂସାରର ପାଳନକର୍ତ୍ତା। ତାଙ୍କ ଜନ୍ମାନ୍ତର କଳ୍ପନା ଅମୂଳକ। ସେ ଅବିନଶ୍ୱର ଏବଂ ଶାଶ୍ୱତ ସତ୍ତାର ଘଟ ପରିବର୍ତ୍ତନ ନବକଳେବର।

କୋଇଲି ବୈକୁଣ୍ଠରେ ଦାରୁ ବିଗ୍ରହ ନିର୍ମାଣ ସରିବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଗୋପନୀୟ କାର୍ଯ୍ୟ ହେଉଛି ଚତୁର୍ଦ୍ଧା ମୂର୍ତ୍ତିଙ୍କ ବ୍ରହ୍ମ ପରିବର୍ତ୍ତନ ବା ଘଟ ପରିବର୍ତ୍ତନ। ନୂତନ ବିଗ୍ରହଙ୍କର ପ୍ରତିଷ୍ଠା କର୍ମ ସହିତ ବିଗ୍ରହ ନିର୍ମାଣ ସରିବାପରେ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏହା ଅନୁଷ୍ଠିତ ହୁଏ। ଆଦ୍ୟ ବ୍ରହ୍ମ ସଂସ୍ଥାପକ ହେଉଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମା। ପରବର୍ତ୍ତୀ କାଳରେ ବ୍ରହ୍ମ ସଂସ୍ଥାପନ ଅନୁଷ୍ଠିତ ହୁଏ ନବକଳେବର ନୀତିରେ। ଏହି ଗୋପନୀୟ ସେବାରେ ମୁଷ୍ଟିମେୟ ସେବକଙ୍କର ସମ୍ପୃକ୍ତି ଥାଏ। ଏ ପବିତ୍ର ନୀତି ସଂପନ୍ନ କରିବା ପାଇଁ ଚାରିଜଣ ବରିଷ୍ଠ ଏବଂ ଅଭିଜ୍ଞ ଦଇତାପତି ମନୋନୀତ ହୋଇଥାନ୍ତି। ସେମାନେ ହେଉଛନ୍ତି ସ୍ୱାଇଁ ମହାପାତ୍ର,ଦୁଇ ଜଣ ଦାସ ମହାପାତ୍ର ଓ ପତି ମହାପାତ୍ର। ସେଦିନ ଶ୍ରୀମନ୍ଦିର ଚତୁର୍ଦ୍ଦିଗ ଓ ପରିସର ଭିତରେ ଥିବା ସମସ୍ତ ଆଲୋକ ଲିଭାଇ ଦିଆଯାଏ। କେବଳ ଦେଉଳ କରଣ ପାଟଖଣ୍ଡା ଧରି ଗୁମୁଟରେ ପତିତପାବନଙ୍କ ସମ୍ମୁଖ ବାରଣ୍ଡାରେ ବସି ରହିଥାନ୍ତି। ଶ୍ରୀମନ୍ଦିର ପରିସର ଜନଶୂନ୍ୟ ଥିବା ନିଶ୍ଚିତ କରିବାପରେ ପୂର୍ବରୁ ପୁରାତନ ବିଗ୍ରହଙ୍କ ନିକଟରେ  ବିଜେ କରା ଯାଇଥିବା ନୂତନ ବିଗ୍ରହମାନଙ୍କର ବ୍ରହ୍ମ ପରିବର୍ତ୍ତନ ହୋଇଥାଏ। ଉପରୋକ୍ତ ଚାରିଜଣ ସେବକଙ୍କ ଆଖି ଓ ହାତରେ ସାତପ୍ରସ୍ତ କନା ଗୁଡ଼େଇ ଦିଆଯାଏ,ଯେପରି ସେମାନେ କିଛି ଦେଖି ପାରିବେ ନାହିଁ ବା ସ୍ପର୍ଶ ଅନୁଭବ କରି ପାରିବେ ନାହିଁ। ଏହା ବ୍ରହ୍ମଙ୍କ ଇଚ୍ଛାକୃତ ହୋଇଥିବାରୁ ବ୍ରହ୍ମ ସଂସ୍ଥାପକ ଘଟ ପରିବର୍ତ୍ତନ ପରେ ବ୍ରହ୍ମ କେଉଁ ପ୍ରକାର ବସ୍ତୁ ଓ କଣ କରିଥାନ୍ତି ତାହା କହିବାକୁ ସକ୍ଷମ ହୁଅନ୍ତି ନାହିଁ। ଏହି ସମୟରେ ସେମାନଙ୍କ ବାହ୍ୟ ଜ୍ଞାନ ଲୋପ ପାଇଥିବାରୁ ସେମାନେ ସମସ୍ତ କର୍ମ କରି ଯାଇଥାନ୍ତି ଯନ୍ତ୍ରବତ୍ ଭାବରେ।

ଏ ଅଲୌକିକ ସେବା କରିବାର ସୁଯୋଗ ଲାଭ କରୁଥିବା ଚାରି ଜଣ ସେବକଙ୍କ ଜୀବନର ଏହା ଏକ ଅଲଭ୍ୟ ଅନୁଭବ। ସେଦିନ ବ୍ରାହ୍ମ ମୁହୂର୍ତ୍ତରେ ରାତ୍ର ତିନି ଘଣ୍ଟା ସମୟରେ ଅନ୍ୟ ଦଇତାପତି ମାନେ ଚାରି ସେବକଙ୍କ ବ୍ରହ୍ମ ପରିବର୍ତ୍ତନ ହେବାକୁ ଥିବା ନୂତନ ବିଗ୍ରହଙ୍କ ନିକଟରେ ଛାଡ଼ି ଦେବା ପରେ ସେମାନେ ଅଣ୍ଡାଳି ଅଣ୍ଡାଳି ପୁରାତନ ବିଗ୍ରହଙ୍କ ବ୍ରହ୍ମକବାଟି ଖୋଲି ତା ମଧ୍ୟରୁ ବ୍ରହ୍ମପୋଟଳିକୁ ବାହାର କରି ଛୋଟ ଖଟୁଲି ଉପରେ ଥିବା ରୂପାବଟା ଉପରେ ରଖନ୍ତି। ବ୍ରହ୍ମ ପୋଟଳିରେ ପୂର୍ବ ନବକଳେବରରେ ଲାଗି

ହୋଇଥିବା ତୁଳସୀ ଓ ଚନ୍ଦନ ଇତ୍ୟାଦି ବାହାର କରି ପଞ୍ଚାମୃତ ସ୍ନାନ ଓ ପନ୍ତୀ ଭୋଗ ହୁଏ। ତା ସହିତ ସଂସ୍ଥାପନ ସମୟରେ କେତେକ ଗୁପ୍ତ ନୀତି ସମ୍ପନ୍ନ ହେବା ପରେ ସେବକ ଅଣ୍ଟାରେ ଥିବା ଘଣ୍ଟି ବଜାଇ ସମାପ୍ତ ହେବାର ସୂଚନା ଦିଅନ୍ତି। ସେମାନଙ୍କୁ ଅନ୍ୟ ଦଇତାପତିମାନେ ଅଣସର ଘରୁ ଆଣିବାପରେ ପ୍ରକୃତିସ୍ଥ ହୁଅନ୍ତି ବ୍ରହ୍ମ ସଂସ୍ଥାପନକାରୀ।

ନୂତନ ବିଗ୍ରହଙ୍କର ନାଭିଚକ୍ରରେ ଦ୍ଵାଦଶ ଯବଘନ ପରିମିତ ନିର୍ମିତ ହୋଇଥିବା ବ୍ରହ୍ମସ୍ଥଳୀରେ କୌଷେୟ ରଙ୍ଗର ପାଟକନା ଓ ଚନ୍ଦନ ତୁଳସୀ ଦିଆଯାଇ ତା ଉପରେ ବ୍ରହ୍ମ ସଂସ୍ଥାପନ କରାଯାଇଥାଏ। ବ୍ରହ୍ମସ୍ଥଳୀକୁ ନ୍ୟାସଦାରୁ ଦ୍ଵାରା ଆବୃତ୍ତ କରି ବଜ୍ର କାଛେଣୀ ବନ୍ଧାଯାଇ ଏହା ଉପରେ ଆବରଣ ଦିଆଯାଇଥିବାରୁ ବ୍ରହ୍ମସ୍ଥଳୀ ସଂକ୍ରାନ୍ତରେ ଜାଣିବାର ଅବକାଶ ନଥାଏ। ନବ ନିର୍ମିତ ବିଗ୍ରହରେ ବ୍ରହ୍ମ ସଂସ୍ଥାପନ ପରେ ଶ୍ରୀବିଗ୍ରହ ଦାରୁବ୍ରହ୍ମ ରୂପେ ବିବେଚିତ ହୁଅନ୍ତି। ବିଶ୍ଵ ବ୍ରହ୍ମାଣ୍ଡରେ ସମସ୍ତ ବସ୍ତୁ ପରିବର୍ତ୍ତନଶୀଳ କେବଳ ବ୍ରହ୍ମାଙ୍କୁ ବାଦ ଦେଇ। ଚତୁର୍ଦ୍ଧା ମୂର୍ତ୍ତିଙ୍କ ନବକଳେବର ଲୀଳାରେ ଅନୁଷ୍ଠିତ ହେଉଥିବା ସତ୍ୟଭୂତ ଅପରିବର୍ତ୍ତନୀୟ ତତ୍ତ୍ଵ ବ୍ରହ୍ମ ସଂସ୍ଥାପନ ଅଲୌକିକ।

'ବ୍ରହ୍ମ' ବସ୍ତୁର ସ୍ଵରୂପ ଯଥାର୍ଥରେ କଣ ଓ କିପରି ତାହା ଏବେ ସୁଦ୍ଧା ରହସ୍ୟାବୃତ। କିମ୍ବଦନ୍ତୀ, ଇତିହାସ ଓ ପ୍ରଚଳିତ ବିଶ୍ଵାସକୁ ପାଥେୟ କରି ଅଦ୍ୟାବଧି କୌଣସି ଆଲୋଚକ ବା ଗବେଷକ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚି ନପାରିବାରୁ ବ୍ରହ୍ମ ବସ୍ତୁର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇ ପାରିନାହିଁ। ଅନେକ ଏହା ଶ୍ରୀକୃଷ୍ଣଙ୍କର ଅଦଗ୍ଧ ପିଣ୍ଡ ରୂପେ ବର୍ଣ୍ଣନା କରୁଥିବା ବେଳେ କତିପୟ ଐତିହାସିକ ବୁଦ୍ଧଙ୍କ ଦାନ୍ତ ବୋଲି ଅଭିହିତ କରନ୍ତି। ଜୀବନ୍ତ ଶିଳାଗ୍ରାମ,ଇନ୍ଦ୍ରନୀଳମଣି, ସ୍ପର୍ଶମଣି,ଜୀବନ୍ତ ତୁଳସୀ,ତାନ୍ତ୍ରିକ ଯନ୍ତ୍ର ବା ଉପଳଖଣ୍ଡ ଏବଂ ସ୍ଵର୍ଣ୍ଣମୂର୍ତ୍ତି ବା କୋମଳଜୀବ ବୋଲି ବ୍ରହ୍ମ ବସ୍ତୁକୁ କଳ୍ପନା କରାଯାଉଛି।

ଆଚାର୍ଯ୍ୟ ଶଙ୍କରଙ୍କ ମତାନୁସାରେ ଦାରୁବ୍ରହ୍ମ ହେଉଛନ୍ତି ହିରଣ୍ୟଗର୍ଭ,ଯାହାର ଅର୍ଥ ଶାଳଗ୍ରାମ ଏବଂ ମହାପ୍ରଭୁଙ୍କ ନାଭିକମଳରେ ସ୍ଥାପିତ ଦିବ୍ୟଶକ୍ତି ହିଁ ବିଷ୍ଣୁଶିଳାଗ୍ରାମ। ବୈଦିକ ଆର୍ଯ୍ୟ ଚିନ୍ତନରେ ଶାଳଗ୍ରାମ ଉପାସନା ଅତୀବ ପ୍ରାଚୀନ। ଶଙ୍କରଙ୍କ ଉକ୍ତି ଅନୁସାରେ ମହାସତୀ ତୁଳସୀଙ୍କ ଠାରୁ ଅଭିଶାପ ପାଇ ଶ୍ରୀବିଷ୍ଣୁ ବଜ୍ରକୀଟ ହୋଇ ଶାଳଗ୍ରାମ ମଧ୍ୟରେ ବିଷ୍ଣୁଶିଳା ହୋଇଛନ୍ତି। ଶ୍ରୀ ଶଙ୍କରଙ୍କ ତତ୍ତ୍ଵ ହେଉଛି ବ୍ରହ୍ମ ଅଟନ୍ତି ନିର୍ଗୁଣ। ସଗୁଣ ବ୍ରହ୍ମଙ୍କୁ ସେ ପ୍ରତ୍ୟାଖ୍ୟାନ କରି କହନ୍ତି,"ନିର୍ଗୁଣ ବିଭବ ସ୍ଥୂଳ ନୁହନ୍ତି ବା ସୂକ୍ଷ୍ମ ନୁହନ୍ତି, ହ୍ରସ୍ଵ ନୁହନ୍ତି ବା ଦୀର୍ଘ ନୁହନ୍ତି,ତାଙ୍କର କାରଣ,ଚକ୍ଷୁ,ଇନ୍ଦ୍ରିୟ ନାହିଁ,ତାଙ୍କର ରୂପ ନାହିଁ, ଶବ୍ଦ ସ୍ପର୍ଶ ସୁଦ୍ଧା ନାହିଁ,ବୃଦ୍ଧି ନାହିଁ କିମ୍ବା କ୍ଷୟ ନାହିଁ। ସେ ଅଦୃଶ୍ୟ ଓ ଅଗୋଚର,ମାତ୍ର ସେ ଶାନ୍ତ,ସିଦ୍ଧ,ଶିବ ଏବଂ ଅଦ୍ଵୈତ। ଅତଏବ ଶ୍ରୀବିଗ୍ରହଙ୍କ

ମଧରେ ସଂସ୍ଥାପିତ ବସ୍ତୁ ଶାଳଗ୍ରାମଙ୍କର ତତ୍ତ୍ୱ ବିଜ୍ଞାନ ସମ୍ମତ ଓ ସର୍ବଜନଗ୍ରାହ୍ୟ ବୋଲି ବିବେଚନା କରାଯାଇ ପାରେ।

ମାଦଳାପାଞ୍ଜି ଅନୁସାରେ ବିଷ୍ଣୁଙ୍କ ପ୍ରତୀକ ବିଗ୍ରହ ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ଯଯାତ କେଶରୀ ପ୍ରତିଷ୍ଠା କରିଥିଲେ। ଏଥିରେ ବ୍ରହ୍ମ ବସ୍ତୁ ଥିବାରୁ ଅଗଣିତ ଶ୍ରଦ୍ଧାଳୁ ଆକୃଷ୍ଟ ହୋଇ ଦର୍ଶନ କରି କୃପାଲାଭ କରୁଥିଲେ। ପରମ ଶୈବ ଶଙ୍କରାଚାର୍ଯ୍ୟଙ୍କ ଅନୁରୋଧ କ୍ରମେ ରାଜା ପ୍ରତିଷ୍ଠା କରିଥିଲେ ଶିବସ୍ୱରୂପ ବଳଭଦ୍ର ଓ ଶାନ୍ତି ସ୍ୱରୂପା ସୁଭଦ୍ରାଙ୍କ ମୂର୍ତ୍ତି। ଏଥିରେ ବ୍ରହ୍ମ ପଦାର୍ଥ ସ୍ଥାପନ ପାଇଁ ଭାରତୀ ଆଚାର୍ଯ୍ୟଙ୍କୁ ଶଙ୍କରାଚାର୍ଯ୍ୟ ନେପାଳର ରାଜା ଶଙ୍କରଦେବଙ୍କ ପାଖକୁ ପଠାଇଥିଲେ ଜୀବନ୍ତ ବ୍ରହ୍ମ ଶିଳା ବା ଶାଳଗ୍ରାମ ଆଣିବାକୁ। ଆଚାର୍ଯ୍ୟ ଶଙ୍କରଙ୍କ ପରେ ମାଦଳା ପାଞ୍ଜିରେ ବର୍ଣ୍ଣିତ ବିଶର ମହାନ୍ତିଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ବ୍ରହ୍ମବସ୍ତୁ ସଂକ୍ରାନ୍ତରେ ପ୍ରତକ୍ଷ ଧାରଣା ଓ ଅନୁଭବକୁ ଅନେକ ଗ୍ରହଣ କରି ନେଇଛନ୍ତି। କଳା ପାହାଡ଼ ଦ୍ୱାରା ଅର୍ଦ୍ଧଦଗ୍ଧ ବିଗ୍ରହ ମଧ୍ୟରୁ ଯେଉଁ ବ୍ରହ୍ମ ବସ୍ତୁ ଉଦ୍ଧାର କରି କୁଜଙ୍ଗଠାରେ ପୂଜାର୍ଚ୍ଚନା କରୁଥିଲେ ତାହା ଭୋଇ ବଂଶର ସର୍ବପ୍ରଥମ ରାଜା ରାମଚନ୍ଦ୍ର ଦେବ ପଣ୍ଡିତମାନଙ୍କ ପରାମର୍ଶ କ୍ରମେ କୁଜଂଗରୁ ବ୍ରହ୍ମ ବସ୍ତୁ ଅଣାଇ ନାଭି କମଳରେ ଗୋପନରେ ସ୍ଥାପନ କରି ନବକଳେବର ବିଧି ସମ୍ପନ୍ନ କରିଥିଲେ।

କିମ୍ବଦନ୍ତୀ ବ୍ୟାଖ୍ୟାନ ଅନୁସାରେ ଶ୍ରୀବିଗ୍ରହଙ୍କ ମଧରେ ଅଜ୍ଞାତରେ ଥିବା ବସ୍ତୁଟି ଶ୍ରୀକୃଷ୍ଣଙ୍କ ବିଗ୍ରହର ନାଭିପଦ୍ମ। ଦ୍ୱାରକାରେ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ତାଙ୍କ ନଶ୍ୱର ଶରୀରକୁ ଦାହ କଲାବେଳେ ନାଭିମଣ୍ଡଳ ଦଗ୍ଧ ନହେବାରୁ ତାଙ୍କୁ ସମୁଦ୍ରରେ ଭସାଇ ଦିଆଯାଏ। ଏହି ନାଭିକେନ୍ଦ୍ର ଭାସି ଭାସି ଆସି ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହୋଦଧିରେ ଲାଗେ,ଯାହାକୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ସ୍ଥାପନ କରାଯାଇଛି। ଶ୍ରୀମଦ୍ ଭାଗବତ ମହାପୁରାଣରେ ଏହାର ବର୍ଣ୍ଣନା ନଥିବା ପରେ ସୁଦ୍ଧା ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତରେ ଏ ପ୍ରସଙ୍ଗ ଅସ୍ପଷ୍ଟ ମନେହୁଏ। କାରଣ ଭାଗବତ ମହା ପୁରାଣ ପ୍ରକାଶ କରନ୍ତି, "ଆଜୋଜାତ ଭଗବାନ ଯଥାଗ୍ନିଃ";ଅର୍ଥାତ୍ ଅଗ୍ନିର ଯେପରି ଜନ୍ମନାହିଁ,ଭଗବାନ ଶ୍ରୀକଷ୍ଣଙ୍କର ସେପରି ଜନ୍ମ ନାହିଁ। ସେହିପରି ଭୂତଳ ପରିତ୍ୟାଗ କରି ଗଲାବେଳେ ଦେବତା ବା ମନୁଷ୍ୟ କେହି ଦେଖି ପାରନ୍ତି ନାହିଁ। ଡକ୍ଟର ହରେକୃଷ୍ଣ ମହତାବଙ୍କ ଓଡ଼ିଶା ଇତିହାସରେ ଏ ପ୍ରସଙ୍ଗ ସାମାନ୍ୟ ଭିନ୍ନ ରୂପେ ପ୍ରକାଶ ପାଇଛି। ଶ୍ରୀକୃଷ୍ଣଙ୍କ ଶରୀର ଦାହ କରିବା ପରେ ଛାତିର ଖଣ୍ଡିଏ ଅସ୍ଥି ଅଦାହ୍ୟ ରହିବାରୁ ତାକୁ ଗୋଟିଏ ବଟବୃକ୍ଷ ଡାଳରେ ବାନ୍ଧି ଦ୍ୱାରକା ନିକଟସ୍ଥ ସମୁଦ୍ରରେ ଭସାଇ ଦିଆଗଲା,ଯାହା ଭାସି ଭାସି ଆସି ଲାଗିଲା ମହୋଦଧି କୂଳରେ। ତପସ୍ୟାରତ ରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଙ୍କ ଆଦେଶ କ୍ରମେ ଦାରୁ ବିଗ୍ରହରେ ସ୍ଥାପନ କରି ପୂଜାର୍ଚ୍ଚନା କଲେ ଏବଂ ତାହା ହିଁ ଦାରୁବ୍ରହ୍ମ

ଶ୍ରୀଜଗନ୍ନାଥ। ଏହି ତତ୍ତ୍ୱକୁ ଅନେକ ଅଗ୍ରାହ୍ୟ କରନ୍ତି। କାରଣ କୌଣସି ଦେହାବଶେଷ ହଜାର ହଜାର ବର୍ଷ ବ୍ୟାପୀ ରହିବା ଅସମ୍ଭବ ଏବଂ ଦେହାବଶେଷ ପୂଜା ସନାତନ ହିନ୍ଦୁ ଧର୍ମଧାରା ପରିପନ୍ଥୀ।

ଦରୁଦେବତାଙ୍କ ବ୍ରହ୍ମସ୍ଥଳରେ 'ସ୍ପର୍ଶମଣି' ନାମକ ଗୋଟିଏ ମୂଲ୍ୟବାନ ପ୍ରସ୍ତରଖଣ୍ଡ ଲୁକକାୟିତ ଭାବେ ରଖା ଯାଇଥିବାର ଅନେକ ବିଶ୍ୱାସ କରନ୍ତି। ସ୍ପର୍ଶମଣିରେ ଅନ୍ୟ ଧାତୁ ସ୍ପର୍ଶ କଲେ ତାହା ସୁନାରେ ପରିଣତ ହୋଇଯାଏ। ବୁଦ୍ଧଦେବଙ୍କ ଏକ ଦନ୍ତଧାତୁ ପାରଦ ପେଟିକା ମଧ୍ୟରେ ସଂରକ୍ଷିତ କରାଯାଇ ତାହାକୁ ବ୍ରହ୍ମପଦାର୍ଥ ରୂପେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ସ୍ଥାପିତ ହୋଇଥିବା କେତେକ ଗବେଷକ ଦୃଢ଼ ଯୁକ୍ତି ଉପସ୍ଥାପନ କରନ୍ତି। ମାତ୍ର କୁଶୀନଗରସ୍ଥିତ ବୁଦ୍ଧଦେବଙ୍କ ଚିତାସ୍ଥଳରୁ ସଂଗୃହୀତ ବୁଦ୍ଧଦନ୍ତ ଯେ ପ୍ରଭୁଙ୍କ ନାଭିପଦ୍ମ ଏଥିରେ ଯଥାର୍ଥତା ଥିବାର ମନେ ହୁଏନା। କାରଣ ଏ ବୁଦ୍ଧଦନ୍ତ ଖୀ: ପୂ:୩୦୨ ରେ ସ୍ଥାନାନ୍ତର ହୋଇ ସିଂହଳର ଅନୁରାଧପୁରରେ ଏ ପର୍ଯ୍ୟନ୍ତ ପୂଜା ପାଇ ଆସୁଛନ୍ତି। ତାଛଡା ବୁଦ୍ଧଦେବଙ୍କ କୌଣସି ଶରୀରାବଶେଷକୁ ଗୋପନରେ ବିଗ୍ରହ ମଧ୍ୟରେ ସ୍ଥାପନ କରି ପୂଜା କରିବା ବୌଦ୍ଧ ପରମ୍ପରାର ପରିପନ୍ଥୀ ବୋଲି ବିଚାର କରାଯାଏ। ବୁଦ୍ଧଦେବଙ୍କ ଜନ୍ମର ବହୁ ପୂର୍ବରୁ ଦାରୁବ୍ରହ୍ମ ଉପାସିତ ହେଉଥିବା କାରଣରୁ ବ୍ରହ୍ମଙ୍କୁ ବୁଦ୍ଧଦନ୍ତ ମନେ କରିବା ଭ୍ରମାତ୍ମକ। ଏହା ବ୍ୟତୀତ ଶ୍ରୀମନ୍ଦିରରେ କୌଣସି ବୌଦ୍ଧ ପରମ୍ପରା ନାହିଁ ଅଥବା କୌଣସି ବୌଦ୍ଧ ଧର୍ମାବଲମ୍ବୀ ଶ୍ରୀମନ୍ଦିର ଦର୍ଶନ କରିବାକୁ ଆସନ୍ତି ନାହିଁ। ତଥ୍ୟ ନଥାଇ କିଛି ଗବେଷକ ବ୍ରହ୍ମ ପଦାର୍ଥ ଗୋଟିଏ କୋମଳ ଜୀବ ରୂପେ ବର୍ଣ୍ଣନା କରିଥାନ୍ତି। ମାତ୍ର କୌଣସି ଜୀବ ଏତେକାଳ ବଞ୍ଚିବା ଅସମ୍ଭବ ପ୍ରତୀୟ ହେଉଥିବାରୁ ଏହା ଗ୍ରହଣ ଯୋଗ୍ୟ ନୁହେଁ। କେହି କେହି ଏହାକୁ ସୁନାର ଶୟନ ଠାକୁର ଆକର୍ଷଣୀୟ ମନିଖଣ୍ଡ ତନ୍ତ୍ରପ୍ରଭାବିତ ଅଷ୍ଟଧାତୁ ପଦାର୍ଥ ପତ୍ରରେ ଖୋଦିତ ଯନ୍ତ୍ର,ପାରଦଯୁକ୍ତ ଛୋଟ ବାକ୍ସ ବୋଲି ଅଭିହିତ କରନ୍ତି। ଏହା ବ୍ୟତୀତ ଅନ୍ୟକେତେକ ବିବେଚନା କରନ୍ତି ବ୍ରହ୍ମବସ୍ତୁ ଏକ ଜୀବନ୍ତ ଶାଳଗ୍ରାମ।

ସତ୍ୟ ଏବେ ସୁଦ୍ଧା ଅଜ୍ଞାତ। ପୁରାଣ,ଇତିହାସ,କାହାଣୀ,କିମ୍ବଦନ୍ତୀ,ଲୋକକଥା ଇତ୍ୟାଦି ଯେତେ ବିଶ୍ଳେଷଣ କଲେ ମଧ୍ୟ ଅଦ୍ୟାବଧି କୌଣସି ଏକ ସ୍ପଷ୍ଟ ନିଷ୍କର୍ଷରେ ଉପନୀତ ହୋଇ ପାରିନାହୁଁ। ଏହାକୁ ଜାଣିବା ପାଇଁ ଅତୀତରେ ଅନେକ ନିଷ୍ଫଳ ଅପଚେଷ୍ଟା କରାଯାଇଛି। ୧୭୪୯ ମସିହା ନବକଳେବର ସମୟରେ ଲକ୍ଷ୍ମୀଭଦ୍ରଗିରି ନାମକ ଜନୈକ ତାନ୍ତ୍ରିକ ଅତ୍ୟନ୍ତ ସତର୍କତାର ସହ ତନ୍ତ୍ର ପ୍ରୟୋଗ କରି ଅଣସର ଟାଟି ମଧ୍ୟରେ କାୟା ପ୍ରବେଶ କରାଇ ଶ୍ରୀବିଗ୍ରହଙ୍କ ମଧ୍ୟସ୍ଥିତ ବ୍ରହ୍ମବସ୍ତୁ ଜାଣିବାକୁ ଚେଷ୍ଟା କରିଥିଲେ। ସେ ଟାଟି ମଧ୍ୟରେ ପ୍ରବେଶ କରି ବିଗ୍ରହଙ୍କୁ ତ ପାଇଲେ ନାହିଁ,ପାଇଲେ ଜଣେ ତେଜୋମୟ ବ୍ରହ୍ମଙ୍କୁ,ଯାହାଙ୍କ ସେବାରେ ଅଷ୍ଟକୁମାରୀ ନିମଜ୍ଜିତ ଥିଲେ। ଅନୁପମ ତେଜ ଏବଂ ସୁଗନ୍ଧରେ ପରିପୂର୍ଣ୍ଣ ପରିସରକୁ ଦେଖି

ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମ ଭାବରେ ସ୍ୱୀକାର କରିଗଲେ(ପଣ୍ଡିତ ସଦାଶିବ ରଥଶର୍ମା,ନବକଳେବର ଟିପ୍ପଣୀ)। ପୁନଶ୍ଚ ୧୮୧୭ ମସିହା ନବକଳେବରରେ ବାଳମୁକୁନ୍ଦ ଘଣ୍ଟୁ ନାମକ ମହାରାଷ୍ଟ୍ରର କାର୍ପଟଦାର ପତି ମହାପାତ୍ର,ସେବକଙ୍କୁ ଲକ୍ଷେ ଅସ୍ରପି (ସ୍ୱର୍ଣ୍ଣମୁଦ୍ରା) ଉତ୍କୋଚ ଦେଇ ବ୍ରହ୍ମ ପଦାର୍ଥ ସଂକ୍ରାନ୍ତରେ ଜାଣିବା ପାଇଁ ସମର୍ଥ ହୋଇ ନଥିଲେ। ୧୮୯୩ ମସିହାରେ ନବକଳେବର ସମୟରେ ଜନାର୍ଦ୍ଦନ ପତି ବ୍ରହ୍ମପଦାର୍ଥକୁ ଲୁଚାଇ ନେଇଯିବା ପାଇଁ ଉଦ୍ୟମ କରୁ କରୁ ଧୁକୁଡ଼ି ଦ୍ୱାର ପାଖରେ ଗଡ଼ିପଡ଼ି ହରି ଛାଡ଼ିଲେ(ଡ ବଂଶୀଧର ମହାନ୍ତି,ଶ୍ରୀଜଗନ୍ନାଥ)। ଏହା ବ୍ୟତୀତ ବିଭିନ୍ନ ସମୟରେ ଅସାଧୁ ଉପାୟ ଅବଲମ୍ବନ କରି ଅଜ୍ଞାତ ବ୍ରହ୍ମବସ୍ତୁଙ୍କୁ ଜାଣିବାର ପ୍ରୟାସ ହୋଇଥିବାର ଜଣାଯାଏ। ମାତ୍ର କେହି ହେଲେ ଏଥିରେ ସଫଳ ହୋଇନାହାନ୍ତି।

ରହସ୍ୟମୟ ବ୍ରହ୍ମ ପଦାର୍ଥ ହେଉଛନ୍ତି ଦାରୁ ବିଗ୍ରହଙ୍କର ପରମାତ୍ମା।ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆମ ଚୈତ୍ତିକ ସ୍ଥିତିର କେନ୍ଦ୍ରବିନ୍ଦୁ। ସେ ହିଁ ପରାତ୍ପର ବ୍ରହ୍ମ,ପ୍ରାଣୀ ଜଗତକୁ ଭୌତିକ ଜୀବନ ଯାତ୍ରାର କଦର୍ମାକ୍ତ ପରିବେଶରୁ ଉଦ୍ଧାର କରନ୍ତି। ଆଲୋକ,ମୁକ୍ତି,ପ୍ରଶାନ୍ତି ପ୍ରାପ୍ତି ନିମନ୍ତେ ଦାରୁରୂପୀ ଶ୍ରୀଜଗନ୍ନାଥ ପରଂବ୍ରହ୍ମ ମାର୍ଗ ଦର୍ଶକ ଭାବରେ ଦିବ୍ୟ ଜୀବନର ଆଶ୍ୱାସନା ଦିଅନ୍ତି। ଯାହା ଅଜ୍ଞାତ ତାହା ଅଜ୍ଞାତ ହୋଇ ରହିଥାଉ,ରହସ୍ୟ ସମୁଦ୍ରରେ ବିଚରଣ କରି ଯୁଗ ପରେ ଯୁଗ ମହାପ୍ରଭୁ ମଣିଷକୁ ଅନ୍ଧାରରୁ ଆଲୋକ ଆଡ଼କୁ ନେଇ ଯାଆନ୍ତୁ। ତାଙ୍କର ଦିବ୍ୟ ଦର୍ଶନ ଦ୍ୱାରା ସମଗ୍ର ବିଶ୍ୱର କଲ୍ୟାଣ ସାଧିତ ହେଉଥାଉ।

ଓଡ଼ିଆ ନବ ବର୍ଷ ଏବଂ
ମହାବିଷୁବ ସଂକ୍ରାନ୍ତିର
ଶୁଭକାମନା...

# ସଭ୍ୟତାର ପ୍ରହସନ...



ଗୁରୁ ଚରଣ ମହାକୁଡ଼
ଟିକରପଡା, କେନ୍ଦୁଝର

ମୋବାଇଲ ଧରି ଉଜାଗର ରହି
ହେଲାଣି ସିଏ ତ' ବାଇ,
ଲୋକ ଦେଖାଣିଆ ପୁଣ୍ୟ କରିବାକୁ
ଫୋଟୋ ଉଠାଏ ଯେ ଯାଇ ।

ଶୃଙ୍ଖଳା ମୁହଁରେ ଛଳନା ଭରି ଯେ
ପରକୁ ସିଏ ସଜାଏ,
ଆପଣା ସ୍ୱାର୍ଥର ଅନ୍ଧ ଗଳି ପଥେ
ନିତିଦିନ ଦୌଡୁଥାଏ ।

ଭାଷଣେ ଝରଇ ଅମୃତ ସମାନ
ମୁଖେ ତାର ମିଠା ଭାଷ,
ତଳେ ତଳେ ସିଏ ଶୋଷୁଅଛି ପରା
ନିରୀହ ଜନର ଶ୍ୱାସ ।

ନେତା ଓ ଜନତା ସର୍ବେ ମାତିଛନ୍ତି
ମିଛ ମାୟାର ଖେଳରେ,
ସତ୍ୟ ନ୍ୟାୟ ନୀତି ବଳି ପଡୁଅଛି
ଆଜି କୁଟିଳ ଜାଲରେ ।

ବୃଦ୍ଧ ପିତା ମାତା ଅନାଥ ଆଶ୍ରମେ
ବସି କାନ୍ଦନ୍ତି ନିରନ୍ତେ,
ପୁଅ ବୋହୂ ପାଶେ ବୋଝ ପରି ସେ ତ
ହେଲେଣି ପରା ନିଶ୍ଚିନ୍ତେ ।

ରକତ ସମ୍ପର୍କ ତୁଟିଯାଏ ଆଜି
ସୁନା ରୁପାର ଲୋଭରେ,
ମଣିଷ ପଣିଆ ନିଲାମ ହୁଅଇ
ସ୍ୱାର୍ଥର ଏଇ ହାଟରେ ।

ଶିକ୍ଷା ବିକା ହୁଏ ବାଣିଜ୍ୟ ମନ୍ଦିରେ
ଗଢ଼େ ସିଏ ମିଛ ଗଡ଼,
ସନନ୍ଦ ଧରି ଯେ ବେକାର ଯୁବକ
ଖୋଜେ ଆଜି କର୍ମ ମୋଡ଼ ।

ଭାଷା ପ୍ରୀତି କଥା କହୁଥାଏ ସିଏ
ଖାଲି ସଭାର ମଞ୍ଚରେ,
ନିଜ ସନ୍ତାନକୁ ଇଂରାଜୀ ପଢ଼ାଇ
ଗର୍ବ କରେ ନିଜ ଘରେ ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ନ୍ୟାୟର ଦେଉଳେ ଅନ୍ୟାୟର ଖେଳ
ନିତି ପରା ହେଉଅଛି,
ସତ୍ୟ ବଳି ପଡ଼େ ମିଥ୍ୟାର ଜାଲରେ
ନୀରିହ ଖାଲି କାନ୍ଦୁଛି ।

ଧନୀ ପାଇଁ ଏଠି ଆଇନ କୋହଳ
ଗରିବ ଖଟେ ଜେଲରେ,
ବିକା ହୁଏ ନ୍ୟାୟ ମୁଦ୍ରା ଚମକରେ
ସଭ୍ୟତାର ଏ କାଳରେ ।

ସୁନ୍ଦର ବନକୁ କାଟିଣ ମଣିଷ
ଗଢୁଅଛି ଅଟ୍ଟାଳିକା,
ବିକୃତ ଆଲୋକେ ମେଲିଛି ସିଏ ତ
ନିଜ ପାପର କଳିକା ।

କବି ଯେ କହଇ ଜାଗ ହେ ମଣିଷ
ଭୁଲି ଏ ମିଥ୍ୟା ସଂସାର,
ମଣିଷ ପଣିଆ ହେଉ ତୁମ ସାଥି
ଏତିକି ମୋର ବିଚାର ।

# ମାୟାଜାଲ...



ସୁବ୍ରତ କୁମାର ଦାସ
ରାଜେନ୍ଦ୍ରପୁର, ଭଦ୍ରକ

ଗାଁ'ର ଝାଟିମାଟି ଘରର ଚାରିକାନ୍ଥ ଭିତରେ ବସି ବିବେକ ଯେତେବେଳେ ପାଠ ପଢୁଥିଲା, ସେତେବେଳେ ସେ ଜାଣିନଥିଲା, ସବୁ ପୁସ୍ତକରେ ଲେଖା ହୋଇଥିବା ବିଷୟ ସ୍ୱପ୍ନ ଠାରୁ ବଡ଼ ହୋଇଥାଏ । ଏହାହିଁ ସମାଜର ନିର୍ମମ ସତ୍ୟ। ଗରିବ ବାପା ଟିର ଝାଳବୁହା ଧନ ଓ ମା'ର ନୀରବ ଆଶୀର୍ବାଦ ଉପରେ ଭରସା କରି ସେ ସହରକୁ ଯାଇଥିଲା ଉଚ୍ଚ ଶିକ୍ଷା ପାଇଁ। ସେ ଚାହୁଁଥିଲା ନିଜ ପାଦରେ ଠିଆ ହେବ, ପରିବାରର ମାନ,ମହତ ବଜାୟ ରଖିବ। ସମାଜରେ ମୁଣ୍ଡ ଉଠାଇ ଚାଲିବ। ସେଦିନ ଗ୍ରାମ ଦେବତୀ ଙ୍କୁ ମୁଣ୍ଡିଆ ମାରି ଚାଲି ଯାଇଥିଲା ସହରକୁ ପାଠ ପଢିବା ପାଇଁ। ସେହି ସହରରେ ପାଠ ପଢିବା ସମୟରେ ପରିଚିତ ହୋଇଥିଲା ସହରର ବିଶିଷ୍ଟ ସୁନା ବ୍ୟବସାୟୀ ସଦାନନ୍ଦ ଙ୍କ ଏକମାତ୍ର ଝିଅ ମଧୁ ସହିତ। ଉଚ୍ଚବର୍ଗୀୟ, ଆତ୍ମବିଶ୍ୱାସୀ, ଆଧୁନିକ ଚିନ୍ତାଧାରାର ଝିଅ ଥିଲା ମଧୁ। ବିବେକର ସରଳତା ଓ ସଂଘର୍ଷ ମଧୁ କୁ ଆକର୍ଷିତ କରିଥିଲା। ଆଉ ମଧୁର ମିଠା କଥା ବିବେକର ଜୀବନ ପରିଧି କୁ କେତେବେଳେ ରଙ୍ଗିନ କରିଦେଇଥିଲା,ସେକଥା ବିବେକ ଜାଣି ପାରିନଥିଲା। ଯୌବନ ର ପ୍ରଥମ ସ୍ନିଗ୍ଧ ଶୀତଳ ସ୍ପର୍ଶ,ହୃଦୟର ଆକର୍ଷଣ ସବୁ ସୀମା କୁ ପାର କରିଦେଇ ପାରେ।ବିବେକ ଖୁବ୍ ଯତ୍ନଶୀଳ ଓ ଦୁରଦୃଷ୍ଟି ସମ୍ପନ୍ନ ଥିଲେ ବି ମଧୁ ର ସେହି ସ୍ନେହ,ପ୍ରେମ ଭରା ଆଖି ଆଗରେ ନିଜକୁ ଦୂରେଇ ରଖି ପାରିନଥିଲା। ଦୁହିଁ ଙ୍କ ମଧରେ ବନ୍ଧୁତା,ତାପରେ ପ୍ରେମ ସଂପର୍କ ସ୍ଥାପନ ହେଲା।ସେହି ପ୍ରେମ ହେଲା ଯେଉଁଥିରେ ନା ଥିଲା କୌଣସି ଦାବି, ନା ଥିଲା ପ୍ରତିବାଦ ,ନା କୌଣସି ଚକ୍ରାନ୍ତ ଥିଲା। କିନ୍ତୁ ପ୍ରେମ ଯେତେବେଳେ ଶ୍ରେଣୀ ଭେଦ ର ସୀମା ସରହଦ ସହ ଟକ୍କର ମାରେ,ସେତେବେଳେ ସେ ଅପରାଧ ହୋଇଯାଏ।ପଇସା ର ଲୋଭ, ଉଚ୍ଚ ସମ୍ଭ୍ରାନ୍ତ ଚାଲି,ଚଳଣି,ମଉଜ,ମଜଲିସ୍, କ୍ଲବ,ପାର୍ଟି,ବିଳମ୍ବ ରାତ୍ର ଯାଏ ପର ପୁରୁଷ ସହ ମିଶି ଘୁରି ବୁଲିବା,ବିବେକ କୁ ଖୁବ୍ ଅସହ୍ୟ ବୋଧ ହେଉଥିଲା।ମାତ୍ର,ମଧୁର ପରିବାର ପାଇଁ ବିବେକ ଥିଲା ଏକ ଭୁଲ, ଏକ ଲଜ୍ଜା, ଏକ ଧକ୍କା।ସେମାନେ ସିଧା ସଳଖ ଭାବେ ବିବେକ କୁ ଅପମାନିତ କରିଥିଲେ ହୁଏତ ପ୍ରତିଷ୍ଠିତ ସମାଜ ରେ ସେମାନଙ୍କର ଭାବମୂର୍ତ୍ତି ନଷ୍ଟ ହୋଇ ଯାଇଥାନ୍ତା।କିନ୍ତୁ ପରୋକ୍ଷରେ ସିଧା ନ କହି ଅନ୍ୟର ଜୀବନକୁ ଭାଙ୍ଗିଦେଇ ନିଜ ଶକ୍ତି ପ୍ରମାଣ କରନ୍ତି।ବିବେକ ଛନ୍ଦି ହୋଇଗଲା—ମିଥ୍ୟା ଅଭିଯୋଗ, ଚରିତ୍ରହାନି, ମାନସିକ ନିର୍ଯ୍ୟାତନା।ଏମିତି ମାୟାଜାଲ ରଚାଗଲା ଯେ, ବିବେକ ନିଜକୁ ଯେତେ ସ୍ୱଚ୍ଛ ବୋଲି ଚିତ୍କାର କରୁଥିଲା, କିନ୍ତୁ କେହି ଶୁଣୁ ନଥିଲେ। ସମାଜ ପଚାରିଲା ନାହିଁ—ସେ ନିର୍ଦୋଷ କି? ସମାଜ କେବଳ ଦେଖିଲା, ସେ ଗରିବ।ନିଜକୁ ପୁରୁଷ ଭାବେ ବିବେକ ଲଜ୍ଜା

ଅନୁଭବ କଲା। ଧୀକାର କଲା ନିଜକୁ,ନିଜର ପୁରୁଷ ପଣିଆ କୁ ..।କାରଣ ପୁରୁଷ ହେବା ମାନେ ସବୁବେଳେ ଶକ୍ତିଶାଳୀ ନୁହେଁ—କେତେବେଳେ ସେ ମଧ ଅସହାୟ ହୋଇପଡେ।ଗାଁରେ ମା' ପ୍ରତିଦିନ ଘର ର ଦାଣ୍ଡ ଦ୍ୱାର କୁ ଚାହିଁ ରହୁଥିଲା,କେତେବେଳେ ବିବେକ ଫେରି ଆସିବ ! ବାପା ଚୁପ୍ ଚାପ ଆଖି ଲୁହ ପିଇ ଯାଉଥିଲା। ସମାଜ ସେମାନଙ୍କୁ କହୁଥିଲା,ପୁଅ ଭୁଲ କରିଛି।ବଡ଼ ଘର ର ଝିଅ କୁ ବାହା ହୋଇ ଅୟସ ଆରାମ ରେ ସହରରେ ଦିନ କାଟୁଛି ।ସେପଟେ ବିବେକ ଆଉ ମଧୁ ମଧରେ ତିକ୍ତତା ଆରମ୍ଭ ହୋଇଗଲା।ଘରର ଚାରିକାନ୍ଥ ଭିତର ର ଅସହ୍ୟ ବେଦନା କୁ କାହା ପାଖରେ ପ୍ରକାଶ କରିବ ! ଶେଷରେ ନିଷ୍ପତି ନେଲା ବିବେକ ସେ ଆଉ ଗାଁ କୁ ଫେରିବନି ।ଯେଉଁ ସଭ୍ୟତା,ସମ୍ଭ୍ରାନ୍ତ ପଣିଆ ତାକୁ ଅଣ ନିଃଶ୍ୱାସ କରିଦେଇଛି,ସମାଜ ର ଧୂଳି ଧୂସର ଭିତରେ ତାକୁ ବୋଳି ଦେଇଛି,ତାକୁ ସେ ଉଚିତ୍ ଜଓ୍ବାବ ଦେବ ।ସେତେବେଳେ ତାର ଜଣେ ବନ୍ଧୁ ସତ୍ୟଦେବ ର ସାହାରା ନେଲା । ଅଦାଲତର ଦ୍ୱାରସ୍ଥ ହେଲା । ସଂସାର ର ମିଛ କାଳିମା କୁ ସତ୍ୟଦେବ ଧୀରେ ଧୀରେ ଆଲୋକ ଦେଖାଇଲା। ଶେଷରେ ଅଦାଲତ ରାୟ ଦେଲା;ବିବେକ ନିର୍ଦୋଷ।ବାପା–ମା' ପୁଅକୁ ଫେରି ପାଇଲେ।କିନ୍ତୁ ଯେଉଁ ସମାଜ ଦିନେ ତା'କୁ ଚୂର୍ଣ୍ଣ କରି ଦେଇଥିଲା,ସେ ସମାଜ କେବେ କ୍ଷମା ମାଗିଲା ନାହିଁ। ବିବେକ ମଧୁକୁ ଗ୍ରହଣ କଲା ନାହିଁ।ଏହା ପ୍ରତିଶୋଧ ନୁହେଁ ;ଏହା ଥିଲା ଆତ୍ମସମ୍ମାନ।ଏପଟେ ମଧୁ—ଲଜ୍ଜା, ଅପମାନ ଓ ପଶ୍ଚାତାପ ରେ ଭାଙ୍ଗି ପଡ଼ିଲା। ଯେଉଁ ପରିବାରରେ ରହି ଉଚ୍ଚ ସମ୍ଭ୍ରାନ୍ତ ର ବଡପଣିଆ ଦେଖି ଗର୍ବ, କରୁଥିଲା ତାହା ଆଜି ଧୂଳିସାତ୍ ହୋଇଯାଇଛି। ସମାଜ ଆଗରେ ତାଙ୍କର ସେ ସରଳ ଭାବମୂର୍ତ୍ତି ନଷ୍ଟ ହୋଇଯାଇଛି। ସମୟ ଅସହାୟ ପରିସ୍ଥିତି, ନିଃସଙ୍ଗ ମୁହୂର୍ତ୍ତ ଜୀବନ କୁ ଅନେକ ସମୟରେ ଅସ୍ତବ୍ୟସ୍ତ କରିଦେଇଥାଏ। ଆଉ ସେତେବେଳେ ଜୀବନ ନିର୍ବିସହ ହୋଇପଡେ ।ମଧୁ ସେମିତି ଏକ ଭୁଲ କରିବାକୁ ଯାଉଥିଲା। ନିଜ ଜୀବନ ହାରିବାକୁ ଯାଉଥିବା ବେଳେ ଜଣେ ବାନ୍ଧବୀ ଋତୁ ସହ ସାକ୍ଷାତ ହେଲା।ଋତୁ ବୁଝାଇ କହିଲା;ଭୁଲ ସ୍ୱୀକାର କରିବା ସାହସ ହିଁ ପ୍ରଥମ ପ୍ରାୟଶ୍ଚିତ୍ତ।ସେହି କଥା ହିଁ ମଧୁର ଭାବନା ବଦଳାଇଥିଲା ।ମଧୁ ବଦଳିଲା। ସେବାର ପଥ ଧରିଲା।ଦରିଦ୍ର,ନିଷ୍ପେସିତ,ମହିଳା,ଶିଶୁ,ବୃଦ୍ଧ,ବୃଦ୍ଧା ଙ୍କ ସେବା କରି ଜୀବନ ଅତିବାହିତ କରିବା ପାଇଁ ନିଷ୍ପତି ନେଲା। ସହର ର ବିଶିଷ୍ଟ ଶିଳ୍ପପତି ସଦାନନ୍ଦ ଙ୍କ କନ୍ୟା ର ପରିଚୟ ନୁହେଁ ବରଂ ସେବିକା ମଧୁମତି ର ପରିଚୟ ରେ ନୂଆ ଜୀବନ ଆରମ୍ଭ କଲା ।କିନ୍ତୁ ପ୍ରେମ ଫେରିଲା ନାହିଁ।କାରଣ,ସମାଜ ଯେତେବେଳେ ପ୍ରେମକୁ ହତିଆର କରେ,ସେତେବେଳେ ଦୁଇଟି ଜୀବନ ଭାଙ୍ଗିଯାଏ । ଗୋଟିଏ ନିର୍ଦୋଷ ଓ ଗୋଟିଏ ଦୋଷୀ। ନ୍ୟାୟ ଅଦାଲତରେ ମିଳିପାରେ,କିନ୍ତୁ ସମାଜର ରାୟ, ଆଜିବି ଅନେକ ବିବେକଙ୍କୁ ଜୀବନରୁ ହରାଇ ଦେଉଛି। ଠିକ୍ ମାୟାଜାଲରେ ଛନ୍ଦି ହୋଇପଡିଥିବା ବିବେକ ପରି ।ଜୀବନ ଦୁଇ ଛକିରେ ବାନ୍ଧି ହୋଇଗଲା, କିଛିଟା ଭୁଲ ବୁଝାବଣା ଆଉ କିଛି ଅନ୍ୟର ପ୍ରରୋଚନା ର ଶିକାର।ସେମିତି ବିବେକ ଓ ମଧୁ ଆଜି ଜୀବନ ନୌକାର ମଝି ଦରିଆରେ ଭାସି ଚାଲିଛନ୍ତି, କେବେ କୂଳ ର ଲାଗିବ,ତାହା କେବଳ ସମୟ ହିଁ କହିବ.....

# ଜୀବନ ବିନିମୟରେ...



**ସିଦ୍ଧେଶ୍ୱର ପଣ୍ଡା**
(ଇଂରାଜୀ ଅଧ୍ୟାପକ)
ଶୂଳିଆପଦା, ମୟୂରଭଞ୍ଜ

ଯଦି ସାରା ଜୀବନ ବିନିମୟରେ
ମୁଁ ପାହାଚଟିଏ ହୋଇଥାଆନ୍ତି ,
ତେ'ବେ ତଳେ ରହିଥିବା ଲୋକମାନେ
ଉପରକୁ ଯାଇପାରିଥାନ୍ତେ ସୁରୁଖୁରରେ |
କେବଳ ଯଦି ବାଡ଼ିଟିଏ ହୋଇଥାନ୍ତି ,

କେ'ହି ନା' କେ'ହି ଯାଇପାରନ୍ତା
ସାହା ପାଇପାରନ୍ତା ଦୁଃଖ ବେଳେ |
ଦୀର୍ଘ ଏତେ ବର୍ଷ ଧରି
କ'ଣ ମିଳିଲା କବିତା ଲେଖାରୁ ?
ଖାଲି ଯଦି କିଛି ଚାରା ରୋପଣ
କରିଥା'ନ୍ତି ମାଟିରେ,
ଏବେ ଗଛର ଛାଇରେ ବସି
ସ୍ୱପ୍ନ ଦେଖୁଥାନ୍ତି,
ମୁଁ ନିଜେ ଓ ଚଢେଇ ମାନଙ୍କର
କିଚିରି ମିଚିରି ଶବ୍ଦରେ
ଜୀବନର ଗୀତକୁ ଶୁଣୁଥା'ନ୍ତି |
କିନ୍ତୁ ହାୟ, !
ମୋ' ଜୀବନ ବଦଳରେ
କିଛି ବି ହେଇପାରିଲିନି
ନା' ହେଇପାରିଲି ମାଟିର , ମଣିଷର ନା' ନିଜର ।



# ଝୁମା ଝୁମା ଏଇ ଗୋଲାପୀ ବେଳାରେ...

## (ରାଗ : ଆଶାବରୀ)



ଜାନକୀ ମହାନ୍ତ
ବେଙ୍ଗାଲୁରୁ ( ରାଜ୍ୟ ଉପ ସଭାପତି,
ଓଡ଼ିଶା ସାହିତ୍ୟିକ ସଂଗଠନ,
ଭୁବନେଶ୍ୱର, ଓଡ଼ିଶା )

ଝୁମା ଝୁମା ସାଥି ଏଇ ଗୋଲାପୀ ବେଳାରେ ,
ଆସିଛି ମାହେନ୍ଦ୍ର ଲଗ୍ନ ବାସନ୍ତୀ ସଞ୍ଜରେ । ।

ମହୁଲ ଫୁଲର ମିଠା ମହୁଆ ବାସ୍ନାରେ ,
ବସନ୍ତ ମଳୟ ଆସି ଛୁଇଁ ଯାଏ ଧୀରେ । ।

କୋକିଳ ର କୁହୁ ଶୁଭେ ଆମ୍ର କାନନରେ ,
ଆମ୍ବ ବଉଳ ଚାମର ବିଞ୍ଚେ ଗଗନରେ । ।

ଆସୁଅଛି ପ୍ରିୟ ବୋଲି ମେଘ ସବାରୀରେ ,
ତନୁମନ ଉଲ୍ଲସିତ ଭିଜେ ପ୍ରୀତି ନୀରେ । ।

ପାଦଥାପି ଆସି କେହି ଖୋସିଦେଲା ଧୀରେ ,
ନାଲି ଗୋଲାପଟି ମୋର ଭିଜା କବରୀରେ । ।


ଶୁଭେ ଓମ୍ କାର ନାଦ ମନ ପ୍ରାଙ୍ଗଣରେ ,
ଆତ୍ମା ନାଚି ଗାଇଯାଏ ମଧୁ ମନ୍ଦ୍ର ସ୍ୱରେ । ।

ଆତ୍ମା ପରମାତ୍ମା ହୁଏ ଯେହ୍ନେ ଏକାକାର ,
ବଢ଼େ ହୃଦୟ ସ୍ପନ୍ଦନ ସ୍ୱଚ୍ଛ ପ୍ରଣୟର । ।

ବାହୁ ବନ୍ଧନରେ ଯେବେ କରେ ଆଲିଙ୍ଗନ ,
ଲାଜେ ଲୁଚିଗଲେ ଦେଖି ଜହ୍ନ ତାରାଗଣ । ।



# ବୁଲେଇବି ଫଗୁଣରେ...



ତୁଷାରକାନ୍ତ ବଳବନ୍ତରାୟ
ପାଇକବାରବାଟି , ନରସିଂହପୁର ,
କଟକ

ଫଗୁଣ ଆସିଛି ମଳୟ ବହୁଛି
ଖୋଜୁଛି ତୁମକୁ ମନ ,
ଖୋଜେ ମୁଁ ରାସ୍ତାରେ ଖୋଜେ ମୁଁ ବାଟରେ
ଖୋଜୁଛି ମୁଁ ସବୁ ଦିନ ||
ଚାଲିଗଲ କାହିଁ ହୃଦୟରେ ରହି

ପାରେନା ତୁମକୁ ଭୁଲି ,
ସଞ୍ଜ ସକାଳେ ପ୍ରତି ମୁହୂର୍ତ୍ତରେ
ତୁମ ଛବି ଆସେ ଚାଲି ||
ସତରେ ତୁମର ମନେକି ପଡେନି
ପଡେନି କି' ମୋ କଥା ,
ତୁମ ବିରହରେ ମୋ ହୃଦୟରେ
ଆସେ ବିରହ କବିତା ||
ମୁଁ ସଚ୍ଚା ପ୍ରେମିକଟିଏ...
ମୁଁ ସଚ୍ଚା ପ୍ରେମିକଟିଏ...

ବିଦଗ୍ଧ ପ୍ରେମିକ ସଜେଇଲ ତୁମେ
ମୋତେ ଏଇ ସମାଜରେ ,
ଥରେ ଚାଲିଆସ ସ୍ୱପ୍ନ ରେ ମୋର
ବୁଲେଇବି ଫଗୁଣରେ ||
ଫଗୁଣ ହସିବ ବସନ୍ତ ଗାଇବ
ଆମ ପ୍ରେମରି କବିତା ,
ପ୍ରତି ହୃଦୟରେ ଭରିଦେବ ଇଏ
ପ୍ରେମ ମଧୁ ମାଦକତା ||
ଆଉ ନ'କହିବେ କେହି ମୁହିଁ ଗୋଟେ
ବିରହ ପ୍ରେମିକଟିଏ ,
ଦୁନିଆଁ କହିବ ଆମ ପ୍ରେମ କଥା

# ଜରି ଗୋଟାଳି...



କୁଞ୍ଜବିହାରୀ ରାଉତ
ହମିରପୁର, ରାଉରକେଲା

ଦୁନିଆରେ ମୁଁ ଅବହେଳିତ ସୃଷ୍ଟିଟିଏ
କେଉଁଠି କେମିତି କିଏ ଆହାପଦେ କହିଲେ
ପୁଣି ଆଉ ଥୋକେ ଯାଆନ୍ତି ଦୂରେଇ
ନାକରେ ରୁମାଲ ଚାପି,
ସତରେ ମୁଁ ଅବହେଳିତ ଏ ସମାଜରେ
ଜରିଗୋଟାଳି ହିଁ ପରିଚୟ ମୋର
ଆପଣଙ୍କ ଏ ସଭ୍ୟସମାଜରେ.......
ସକାଳୁ ଉଠି ଜରି ବ୍ୟାଗଟିଏ ଧରି
ଜୀବନ ଖୋଜୁଥାଏ ଅଳିଆ ଗଦାରେ
ସେଇଠୁ ମିଳେ ମୋ ଖୋରାକ ଦିନକର
ତିରସ୍କାର ସବୁ ହେଲେଣି ଦେହସୁହା
ହସତ ଲିଭିଗଲାଣି କାହିଁ କେତେଦିନୁ
ରୋଗଣା ମା'ଟି କନ୍ଥାରେ ଶୋଇଛି
ମୋ ଝାଟିମାଟି ଘରେ........
ପାଦ ନ' ବଢିଲେ କିଏବା ଦେବ ପଥିଟିଏ
ଯିଏ ଜନମ ଦେଇଛି ମୋତେ
କେଉଁ ଏକ ଅଶୁଭ ଲଗ୍ନରେ
ପିତା ମୋର କିଏ,ଜାଣେ ନାହିଁ
ମା' ବି କହିପାରେନି
ଅନ୍ଧାରର ଭିତରେ ସେ ସବୁ ହରାଇ
ପାଇଛି ମୋତେ......?
ହେତୁ ହେବାପରେ କେମିତିବା ମୁଁ ଛାଡିବି
ଯିଏ ମୋତେ ହାତଧରି ଦେଖାଇଛି ରାହା
ସେବେଠୁ ଖୋଜୁଛି ବଞ୍ଚିବାର ସାହା
ଏବେ ଯିବାକୁ ହେବ
କେଉଁଠି ଛଣ୍ଡା ଅଖାଟିଏ ମିଳିଗଲେ
ବା କିଛି ପ୍ଲାଷ୍ଟିକ ଭିତରୁ ବଳକା ଅଇଁଠାଖାଦ୍ୟ
ସେତକ ତ ପ୍ରାପ୍ୟ ମୋର
ମୋର ବା ଆଉ କଣ ଦରକାର.......
ହେ' ସଭ୍ୟ ସମାଜ
ମୁଁ ତ' ଚୋରି କରୁନି କି ହାତ ପତାଉନି
ତୁମେ ଏତେ ସୁଖସ୍ୱଚ୍ଛନ୍ଦରେ ରହି
କାମରେ ଚୋରି,ଲାଞ୍ଚ,ପରଶ୍ରୀକାତରତା
ସ୍ୱାର୍ଥପରତା ଭିତରେ ରହି
ଭୁଲିଗଲଣି ମାନବିକତା.......
ଥରେ ନିଜକୁ ପଚାର,
ଆଉ ଉତ୍ତର ନପାଇଲେ...ଅନୁଶୀଳନ କର
ମୋତେ ଦେଖ,ଦେଖିବ
ତୁମେ ପାଇଯିବ ତୁମର ଉତ୍ତର...
ଦୁନିଆ ଆଖିରେ ବିବେକି,ବୁଦ୍ଧିମାନ,ଧର୍ମପରାୟଣତା
ଯାହାବି ପରିଚୟ ତୁମର
ତା'ଠାରୁ ବଳି ମୁଁ କମନୁହେଁ କୌଣସିଥିରେ
ତଥାପି ଜରିଗୋଟାଳି ପରିଚୟ ମୋର..

# ବିଜ୍ଞାନ'ର ଆଲୋକ...



**ପୁଷ୍ପାଞ୍ଜଳୀ ସ୍ୱାଇଁ**
କଉଡିଆବରାଇ ,ମଣିଜଙ୍ଗା,
ତିର୍ତୋଲ ,ଜଗତସିଂହପୁର

ବିଜ୍ଞାନ'ର ଆଲୋକ
Gravity ର ସେଇ ଅଦୃଶ୍ୟ ଶକ୍ତି,
ବିଶ୍ୱର ସିଏ ତ' ବିଧାତା।
Space-Time ର ସେଇ ବକ୍ର ପଥରେ,

ସମୟ ଯାଏ ତ' ଘୁଞ୍ଚି,
କଳ୍ପନା ଆଉ ବିଜ୍ଞାନ ମଝିରେ
ଜୀବନ ଯାଉଛି ବଞ୍ଚି।
କେତେ Black Hole ର' ଗହ୍ୱର ଭିତରେ,
ହଜିଯାଏ ସବୁ ଆଶା ,
ତରଙ୍ଗ ସେ କିବା କଣିକାଟିଏ
ରହସ୍ୟ ପାରେନି ସରି।
Refraction ର ସେଇ ବଙ୍କା ପଥେ,
ଜୀବନର ଶିକ୍ଷା ମିଳେ ,
ପ୍ରତିବନ୍ଧକରେ ନ' ନଇଁ ଯିଏ,
ସିଏ ହିଁ' ଆଗକୁ ଚାଲେ।
Prism ପରି ଏଇ ସମାଜ,
ରଙ୍ଗ ବଦଳାଇ ଦିଏ ,
ନିଜ ଭିତରର ସତ୍ୟ ଆଲୋକ
ସବୁବେଳେ ଜୟୀ ହୁଏ।
Vector ପରି ଲକ୍ଷ୍ୟ ତୁମର
ଦିଗ ହେଉ ତାର ସଠିକ୍ ,
ସଫଳତା ତୁମ Magnitude ହେବ

ଦୁଃଖ ଗୁଡ଼ାକ Inertia ପରି
ଲାଗି ରହିବାକୁ ଚାହେଁ ,
କିନ୍ତୁ ପରିଶ୍ରମର Force ଲଗାଇଲେ
ସବୁ ବଦଳି ଯାଏ।
ଅନ୍ଧାର ମନରେ ଜ୍ଞାନର ଦୀପ
ଜାଳିଦିଏ ଏ ବିଜ୍ଞାନ ,
ଯୁକ୍ତି ଆଉ ପରୀକ୍ଷା କଷଟିରେ
ଦିଏ ସତ୍ୟର ସନ୍ଧାନ।
ପୃଥିବୀରୁ ଚନ୍ଦ୍ର, ଚନ୍ଦ୍ରରୁ ମଙ୍ଗଳ
ମଣିଷର ଆଜି ଜୟଯାତ୍ରା ,
ପଦାର୍ଥର ପ୍ରତି ଅଣୁ ପରମାଣୁରେ
ଲୁଚିଛି ରହସ୍ୟର ମାତ୍ରା।
ଭୟ ନୁହେଁ କେବେ ବିଶ୍ୱାସ ଆଜି
ବିଜ୍ଞାନ ଦିଏ ସାହସ ...

ବାକି ସବୁ ଯେ ଆପେକ୍ଷିକ।

## ଜଞ୍ଜାଳ...



ଜ୍ଞାନ ରଞ୍ଜନ ବାରିକ
ଭୁବନେଶ୍ୱର

ଆଃ !, ହଠାତ ଚିତ୍କାର କରି ଆଙ୍ଗୁଠି ଟିକୁ ଓଠ ମଝିରେ କାମୁଡି ଧରେ ରମା, ଲେମ୍ବୁ ସର୍ବତ କରିବାକୁ ଯାଇ ଲେମ୍ବୁ କାଟୁ କାଟୁ ଅନ୍ୟମନସ୍କ ରେ ଆଙ୍ଗୁଠି ଟି ଆଘାତ ପାଇଛି, ଧାର ଧାର ରକ୍ତ ବୋହି ପାଟି ଭିତର ଟା ରକ୍ତର ଲୁହାଲିଆ ସ୍ୱାଦ ପାଉଛି। ଆର ପଟ ରୁମ୍ ରୁ ଚିତ୍କାର ଉଡ଼ି ଆସେ - " ଆରେ ସର୍ବତ କଣ କାଲି ଦବ ନା କଣ ?, ଜଲଦି ଆଣ " । ସ୍ୱାମୀ ଙ୍କ ଅଫିସ ରୁ ଉଚ୍ଚ ଅଧିକାରୀ ଆସିଥିବାରୁ ତାଙ୍କ ପାଇଁ ସର୍ବତ ର ଅର୍ଡର । ଆଉ ଦି ଜଣ ଙ୍କ ପାଇଁ ଥଣ୍ଡା ବରଫ ପାଣି, ମଦ ପିଇବା ପାଇଁ । ମଦ ର ଭିବତ୍ସ ଗନ୍ଧ ଘର ସାରା ଖେଳି ଅଣନିଶ୍ୱାସି କରି ଦେଉଥାଏ ।

୩ ବର୍ଷ ର ଛୁଆଟି ତଳେ ଛିଡା ହୋଇ ଶାଢ଼ୀ ଟାଣି କ୍ଷୀର ଖାଇବ ବୋଲି ଅଳୀ କରୁଛି । ରମା ଦୀର୍ଘ ନିଃଶ୍ୱାସ ମାରି ଭାବେ - " ବାପା ତାର ନିଜ ବାପ - ଅଜା ଭିଟା ମାଟିର ଏକମାତ୍ର ଡିହ ଜମି ବିକି ଯୌତୁକ ପଇସା ଯୋଗାଡ଼ି ସରକାରୀ ଚାକିରିଆ ଦେଖି ବାହା ଦେଇଥିଲେ ! ସୁନା ଚେନ ଟେ ପାଇଁ ବାକି ଥିବା ୨ ଖଣ୍ଡ ଗାଇ କୁ ବିକି ଦେଇ ଥିଲେ, ରହିମ୍ ଚାଚା ଙ୍କୁ । ବ୍ରାହ୍ମଣ ଘର ପୁରୋହିତ ପ୍ରସ୍ତାବ ଟେ ଦେଇଥିଲେ ବୋଲି, ଭଲ ରେ ରହିବି ବୋଲି , ବଡ଼ ଘରେ ବିଭା ଦେଇଥିଲେ ।ମୁଁ ଭଲ ଘରେ ରହିବା ର ଆଶା ରେ ସର୍ବସାନ୍ତ ହେବା ଆବଶ୍ୟକ ନଥିଲା, ହେଲେ କେଉଁ ବାପା ବା ନ ଚାହେଁ ତା ଝିଅ ଭଲ ଘରେ ରହୁ ବୋଲି ।

" ପ୍ରେମ କରୁଥିବା ଅଜୟ ଦେଇଯାଇଥିଲା ୪୭୫୦୦ ଟଙ୍କା ସହ ଅନେକ ବିରହ ବିଛେଦ ର ଯନ୍ତ୍ରଣା , ନିରବତା, ସ୍ମୃତି, ଲୁହ, କୋହ, ଅଭିଶାପ , ଆଶୀର୍ବାଦ, ପ୍ରେମର ଜଳାଞ୍ଜଳି ସ୍ୱରୂପ ତାର ଶେଷ ଉପହାର ଗୁଡ଼ିକୁ । ସାନ ଭାଇ ର କଲେଜ ଆଡ଼ମିଶନ ପଇସା ମଧ ବାପା ସେ ବର୍ଷ କାଢି ରଖିଥିଲେ।
ଗରିବ ହେବାର ସମସ୍ତ ଶେଷ ସୀମା ଟପି ଯାଇଥିଲେ ବାପା । ବିବାହ ପରେ ପିପାସୁ ସ୍ୱାମୀଙ୍କର ଦେହ ସୁଖ ଲିଭିବା ଯାଏଁ ସବୁ କିଛି ଦେଇ ଚାଲିଥାଏ ରମା, ଧୀରେ ଧୀରେ ଆଉ ନା ଅଛି ବାପା ଙ୍କ ସ୍ନେହ ନା ଅଛି ସାନ ଭାଇ ସହ ମଜା ଥଟା, ନା ଅଛି ସାଙ୍ଗ ସାଥି ସହ ହସ ଗପ, ସବୁ କିଛି ହରେଇ ସୁନା ପଞ୍ଜୁରୀ ରେ

ଆବଧିତ ସେ ଆଜି । ତେବେ ଯାହା ଦରକାର ହୁଏ ସବୁ କିଛି ପାଇ ଯାଏ ରମା, ଶାଢ଼ୀ, ଚୁଡ଼ି, ଅଳଙ୍କାର, ସାଜା ସଜ୍ଜା ସାମଗ୍ରୀ ଆଦି , ହେଲେ ସବୁ ପାଇ ମଧ୍ୟ ଯାହା ସେ ହରେଇଛି, ତାହା ଅମୂଲ୍ୟ । ଅସହ୍ୟ ଗ୍ରୀଷ୍ମ ତାପ ରହିତ ଅସରା ମରୁଭୂମି ରେ ସେ ଏକା, !!

ଏଇ କଣ ତାର ଭାଗ୍ୟ, ତା ପିଲା ବେଳର କୁଆଁରୀ ସ୍ୱପ୍ନର ଦୁନିଆ ?

ହଠାତ୍ ପ୍ରେସର୍ କୁକର ର ହ୍ୱିଶିଲ ବାଜି ଉଠେ, ମଟନ୍ କସା ହେଉ ଥାଏ ଅତିଥି ମାନଙ୍କ ପାଇଁ, ସ୍ୱପ୍ନ ଦେଶରୁ ଫେରି ଆସେ ରମା, ଆଖି ତାର ଅଜାଣତେ ଲୁହ ଝରେଇ ଓଦା ହେଇ ସାରିଥାଏ, ଛୁଆଟି ଅଳୀ କରି ଅଧା ଲଙ୍ଗଳା କରି ସାରିଲାଣି ତାକୁ ।

" ଆରେ କଣ କୁଆଡେ ପଳେଇଲ ନା କଣ ? ସର୍ବତ ଆଣ !"
ସ୍ୱାମୀଙ୍କ ଚିତ୍କାର ରେ ଲୁହ ପୋଛି ସର୍ବତ ଗ୍ଲାସ୍ ସଜାଡି ରମା ଚାଲିଯାଏ ସେପାଖ କୋଠରୀ କୁ.....

ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...
ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ନାରୀ ସ୍ୱାଧିନତା ଚାହେଁ ...



ଜୟଶ୍ରୀ କ୍ରାନ୍ତିପୂରଭି
କୁଆଖିଆ, ଯାଜପୁର

ମୁଁ ଝଞ୍ଜିର ରେ ବନ୍ଧା ବନ୍ଦିନୀ ଟେ
ହଁ ମୁଁ ନାରୀଟେ
ମୁଁ ଟିକେ ସ୍ୱାଧୀନତା ଚାହେଁ....

ମୋ ଓଠର ନୀରବତା ପ୍ରଚେଷ୍ଟା କାହଁ ଯେ
ସଂସ୍କାରର ଆଢୁଆଳରେ,
ମୁଁ ବି ଏକପାର୍ଶ୍ୱିକ ସମାଜ ନୀତିରେ
ତର୍କ ବିତର୍କ କରିବାକୁ ଚାହେଁ....
ମୁଁ ବି ସ୍ୱାଧୀନତା ଚାହେଁ....


ମୋ ବାଲ୍ୟକାଳ କାହିଁ ଏତେ
ଅଣଓସାରିଆ ଯେ,
ମୁଁ ବି ବୈଶାଖ ଝାଞ୍ଜିରେ
ଆମ୍ବ ତୋଳିବାକୁ ଚାହେଁ....
ମୁଁ ବି ମୋ ଭବିଷ୍ୟତ ଆକାଶେ
ସ୍ୱାଧୀନ ପକ୍ଷୀ ପରି ଉଡ଼ିବାକୁ ଚାହେଁ....
ମୁଁ ଟିକେ ସ୍ୱାଧୀନତା ଚାହେଁ....

ମୋ ଚରିତ୍ର କାହିଁ ଧଳା ଶାଢ଼ୀ ଯେ,
କଳଙ୍କିତ ହେବା ସହଜ ହୁଏ....
ମୁଁ ବି ମୋ ସ୍ୱପ୍ନରେ ଧଳା ଶାଢ଼ୀ କୁ
ରଙ୍ଗିନ କରିବାକୁ ଚାହେଁ....
ମୋ ପାଉଁଜି ବନ୍ଦିନୀ ନୁହଁ
ନୃତ୍ୟର ଶବ୍ଦ ହେବାକୁ ଚାହେଁ....
ମୋ ଚୁଡ଼ି ଶିକୁଳି ନୁହଁ
ଲେଖନୀର ସ୍ୱର ହେବାକୁ ଚାହେଁ....
ମୁଁ ଟିକେ ସ୍ୱାଧୀନତା ଚାହେଁ....

ମୋ ସଫଳତା କାହଁ
ସମାଜର ଛାୟା ଶତ୍ରୁ ଯେ,
ମୋ କ୍ରୀଡା ଚରିତ୍ରହୀନା କାହିଁ ଯେ
ମୁଁ ବି ଡ଼େଇଁ ଦୌଡ଼ି ଶ୍ରେଷ୍ଠତାର
ପୁରସ୍କାର କୁ ଚାହେଁ....
ମୁଁ ବି ବିଶ୍ୱରେ ସଂଘର୍ଷର ଛାଳରେ
ଉଦାହରଣ ହେବାକୁ ଚାହେଁ....
ମୁଁ ବି ଗାୟିକା, ଲେଖିକା,ରାଜନେତା, ଅଧାପିକା
ଏମିତି ଅନେକ ହେବାକୁ ଚାହେଁ....

ମୋତେ ଝଞ୍ଜିରରେ ବନ୍ଦିନୀ କରନି
ମୁଁ ବନ୍ଧନ ମୁକ୍ତ ହେବାକୁ ଚାହେଁ....
ହଁ ମୁଁ ଟିକେ ସ୍ୱାଧୀନତା ଚାହେଁ....

# ସ୍ୱପ୍ନଟିଏ ଥିଲା ମୋର...



ଅନିତା ପାତ୍ର
ପଦ୍ମପୁର, ବରଗଡ଼

ସ୍ୱପ୍ନଟିଏ ଥିଲା ମୋର
ଘରଟିଏ ତୋଳିବାର,
ଅଧା ତମ ପସନ୍ଦ
ଆଉ ଅଧା ମୋ ପସନ୍ଦର....
ଉଭୟଙ୍କ ପରିଶ୍ରମେ ତିଆରି
ସେ ସଦନ ପ୍ରତିଦିନ,
ଶୀତୁଆ ସକାଳର ଶିଶିର ଭିଜା
ସଦ୍ୟ ପ୍ରସ୍ଫୁଟିତ
ଗୋଲାପଟେ ପରି ବାସୁଥିବ....
ଆଉ ସେ ମହକରେ
ଖେଳି ଯାଉଥିବ ଦେହସାରା ଶିହରଣ ।
ସ୍ୱପ୍ନଟିଏ ଥିଲା ମୋର
ଘରଟିଏ ତୋଳିବାର,
ଅଧା ତମ ପସନ୍ଦ
ଆଉ ଅଧା ମୋ ପସନ୍ଦର...
ଯେଉଁଠି ଥିବ ଅସିମୀତ ଭଲପାଇବା,
ଯାହାର କୋଣ ଅନୁକୋଣ
ସଜ୍ଜିତ ହୋଇଥିବ
ଟିକିଟିକି ଆଶାର କିରଣରେ..
ଆଉ ଗୃହସାରା କେବଳ
ତୁମର ସ୍ମିତ ଥିବ,
ଯେଉଁଠି ବିଶ୍ୱାସ ସମୟ ସହିତ
ଆହୁରି ମଜବୁତ ହେଉଥିବ ।

ସ୍ୱପ୍ନଟିଏ ଥିଲା ମୋର
ଘରଟିଏ ତୋଳିବାର,
ଅଧା ତମ ପସନ୍ଦ
ଆଉ ଅଧା ମୋ ପସନ୍ଦର...
ଯେଉଁଠି ନିଶି ଶେଷେ
ସୁରୁଜର ସ୍ୱାଗତ ପାଇଁକି ନିଇତି
ସୁମଧୁର ତାନେ କୋକିଳ ଗାଉଥିବ,
ମୁଁ ଗାଧେଇ ସାରି
ଓଦା ସରସର
ଅଧା ଛଡା ଅଧା ସାଉଁଟା କେଶକୁ କନାରେ ବାନ୍ଧି
ଭକ୍ତିଭରେ ପ୍ରଭୁଙ୍କ ପାଇଁ
ମୁରୁଜ ଲେଖୁଥିବି ଅଗଣାରେ
ଆଉ ତମେ ଆସି ବାରମ୍ବାର ଖୋଲି  ଦେଉଥିବ
ଖୋସାକୁ ମୋର....।

ସ୍ୱପ୍ନଟିଏ ଥିଲା ମୋର
ଘରଟିଏ ତୋଳିବାର,
ଅଧା ତମ ପସନ୍ଦ
ଆଉ ଅଧା ମୋ ପସନ୍ଦର...
ଯେଉଁଠି ଖୁସି ସହ
ଦୁଃଖର ବି ଯିବା ଆସିବା ହେଉଥିବ,
ଜୀବନରେ ଯେତେ ଝଡ ଝଞ୍ଜା ଆସୁ
ମିଳିମିଶି ତା'ର ସାମ୍ନାକରି ନେଉଥିବା...
ଆଜି ବି ଆଖିରେ ସେଇ ସ୍ୱପ୍ନ
ଆଉ ମୁଁ ମଧ୍ୟ ସେଇଠି
କିନ୍ତୁ ତୁମେ ମୋ ପାଖରେ ନାହଁ..
ଆଉ ନାଁ
ସେ ସ୍ୱପ୍ନ ସାକାର ହେବାର ଭରଷା,
ଏଇ ସଂପର୍କର ସତ୍ୟତା
ବିବେକକୁ ଜଣା
ହେଲେ କ'ଣ କରିବି ଏ ହୃଦୟର
ହଉ ଚାଲ, ତୁମ ଖୁସିପାଇଁ
ନିଶ୍ଚୟ ଚେଷ୍ଟା କରିବି
ତୁମଠୁ ଦୂରେଇ ଯିବାକୁ...





ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ଦୁଷ୍ଟରୁ ଶିଷ୍ଟ...



ଅଭିଷିକ୍ତା ପୃଷ୍ଟି
ଆଠଗଡ଼, କଟକ

ଗ୍ରୀଷ୍ମ ଦିନର ଅସହ୍ୟ ତାତି, ଆଉ ସେଥିରେ ପୁଣି ଝାଞ୍ଜି ପବନ।ସତେ ଯେପରି ସୂର୍ଯ୍ୟ ଦୁଇଟି ଗ୍ରହକୁ ଅତିକ୍ରମ କରି  ପୃଥିବୀ ନିକଟକୁ ଚାଲି ଆସିଛନ୍ତି।

ଦିନକର କଥା। ମଧୁପୁର ଗାଁରେ ଗୋପାଳ ନାମରେ ଜଣେ ବାଳକ ରହୁଥିଲା। ସେ ଅତ୍ୟନ୍ତ ଦୁଷ୍ଟ। ଘରେ ବାପା, ମାଆ, ଜେଜେବାପା, ଜେଜେମା ସେ ସମସ୍ତଙ୍କର ଏକୋଇରବଳା ବିଶିକେଶନ। ଗୋଟିକିଆ ପୁଅ ହେତୁ, ତା'ର ଦୁଷ୍ଟାମୀ ପାଇଁ କେହି କେବେହେଲେ ତା'କୁ ଗାଳି କରନ୍ତି ନାହିଁ। ଏଥିପାଇଁ ତା'ର ଦୁଷ୍ଟାମୀ ଦିନକୁ ଦିନ ବଢୁଛି ସିନା କମିବାର ନାଁ ଧରୁନି।

ଦିନେ ଉଦୁଉଦିଆ ତତଲା ଦି ପହରଟାରେ ଗୋପାଳ ଘରେ କାହାକୁ କିଛି ନ କହି କିଛିଟା ଗାଁ ଛୁଆଙ୍କ ସହ ମିଶି ଗାଁ ମୁଣ୍ଡରେ ଥିବା ସେ ଝଙ୍କାଳିଆ ବରଗଛ ପାଖରେ ଯାଇ ଖେଳୁଛନ୍ତି। କିଏ ସେହି ବରଗଛ ଓହଳରେ ଦୋଳି ଖେଳିଲାଣି ତ କିଏ ବରଗଛରେ  ଚଢିଲାଣି। ଗୋପାଳ ତ ଦୁଷ୍ଟାମୀରେ ମାହିର। ତେଣୁ ସେ ଯାଇକି ଗଛରେ ଚଢୁଥିବା ପିଲାର ଗୋଡ଼ ଭିଡିଲାଣି। ଅନୋଉ ଅନୋଉ ସେ ପିଲାଟି ଗଛରୁ ପଡି ଖଣ୍ଡିଆଖାବରା ହୋଇ କାନ୍ଦିଲାଣି।ସବୁ ପିଲା ଗୋପାଳକୁ ଗାଳି କଲେ ଏବଂ ସବୁ କଥା ଯାଇ ତାଙ୍କ ଘରେ କହି ଦେବାକୁ କଥା ହେଲେ।

ଗୋପାଳ ଦେହରେ ସେତେବେଳକୁ ଆଉ ଜୀବନ ନଥାଏ। ସେ ଗୋଟା ଥରୁଥାଏ। ଗୋଡ଼ ସିନା ଭିଡି ଦେଇଛି, ହେଲେ ସେ ପିଲାଟି ଏଭଳି ପଡି ଖଣ୍ଡିଆଖାବରା ହୋଇଯିବ ବୋଲି ସେ ସଂପୂର୍ଣ୍ଣ ଅଜ୍ଞ ଥିଲା। ଚାହୁଁ ଚାହୁଁ ଏତେବଡ଼ କାଣ୍ଡ ହୋଇଗଲା, ଗୋପାଳ ଏହି କଥାକୁ ଆଦୌ ବିଶ୍ୱାସ କରି ପାରୁ ନଥାଏ। ହଁ, ସେ ଏଭଳି ଛୋଟ ଛୋଟ ଭୁଲ୍ କେତେ କରିଛି, କାହା ବାଡି ରୁ ପିଜୁଳି ଚୋରି ତ କାହାର କାକୁଡ଼ି ଚୋରି କରିଛି, ହେଲେ କେବେ ଧରା ପଡିନି କି କେବେ କାହାର କ୍ଷତି କରି ନାହିଁ। ତା' ଜୀବନରେ ପ୍ରଥମ ଥର ସେ କାହାକୁ

ଏମିତି ତଳେ ପକାଇ ଖଣ୍ଡିଆଖାବରା କରିଛି। ଆଉ ତା' ଉପରେ ପୁଣି ତା' ସାଙ୍ଗମାନଙ୍କର ଘରକୁ ଯାଇ ଅଭିଯୋଗ କରିବା କଥା। ଏସବୁ ତା'ର କଳ୍ପନା ବାହାରେ।।

ଗୋପାଳ ଘରେ କାହାକୁ ଡରୁ କି ନ ଡରୁ, କିନ୍ତୁ ତା'ର ବାପାଙ୍କୁ ତା'ର ପ୍ରଚଣ୍ଡ ଭୟ। ସବୁ ପିଲା ଯାଇ ଗୋପାଳ ଘରେ ପହଞ୍ଚିଲେ, ତା'ର ବାପାଙ୍କୁ ସବୁ କଥା କହିଲେ ଏବଂ ସେଠାରୁ ଚାଲିଗଲେ। ସବୁ କଥା ଶୁଣିସାରି ଗୋପାଳର ବାପା ତାକୁ ପାଖକୁ ଡାକିଲେ...।। ଗୋପାଳ ଭୟରେ ଥରୁଥାଏ, ଆଜି ତା' ଜୀବନର ଶେଷ ଦିନ ବୋଲି ଭାବୁଥାଏ। ସେହି ଭୟ ଓ ଆଶଙ୍କା ଭିତରେ ସେ ଡରି ଡରି ତା' ବାପାଙ୍କ ପାଖକୁ ଗଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଏଇଆ କି, ତା'ର ବାପା ତାକୁ ମାଡ଼ ମାରିବା ପରିବର୍ତ୍ତେ ତାକୁ ବୁଝାଇ କହିଲେ ଯେ- "ସମସ୍ତଙ୍କ ଭିତରେ ଭଗବାନ ବାସ କରନ୍ତି, କୌଣସି ପିଲାକୁ ଆଘାତ କରିବାର ମାନେ ଭଗବାନଙ୍କୁ ଆଘାତ କରିବା। ତୁ କ'ଣ ଭଗବାନଙ୍କୁ କଷ୍ଟ ଦେବାକୁ ଚାହୁଁଛୁ କି ? ଆମେ ସମସ୍ତେ ହେଉଛେ ସେହି ଭଗବାନଙ୍କ ସନ୍ତାନ, ତେଣୁ ଆଜିଠାରୁ ତୁ କାହାରି ମନରେ କେବେ ହେଲେ କଷ୍ଟ ଦେବୁ ନାହିଁ। "

ଗୋପାଳ ବାପାଙ୍କ ଠାରୁ ଏଭଳି କଥା ଶୁଣି ଅନେକ ମନ ଦୁଃଖ କଲା, ଏବଂ ମନରେ ସ୍ଥିର କଲା ଯେ - ଜୀବନରେ କେବେହେଲେ ମଧ୍ୟ କାହା ମନରେ କଷ୍ଟ ଯନ୍ତ୍ରଣା ଦେବ ନାହିଁ ବରଂ ଅନ୍ୟ ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହୋଇ ଚଳିବ। ସେହିଦିନ ଠାରୁ ଗୋପାଳକୁ ଦୁଷ୍ଟ ହେବାର କେହି ଦେଖି ନାହାଁନ୍ତି। ସେ ସର୍ବଦା ଦୀନ ଦୁଃଖୀଙ୍କୁ ସାହଯ୍ୟ କରେ ଏବଂ ନିଜ ପରିବାରର କଥା ମାନି ଚଳେ।

ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...
ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ପୁଣ୍ୟତୋୟା ଉତ୍କଳ...



ମୋନାଲିସା ସାମଲ
ସାବରଙ୍ଗ, ଭଦ୍ରକ

କଳା ପାହାଡ଼ର କାହାଣୀ ନୁହେଁ, ଏ ମାଟି କଳାର ଦେଶ,
କୋଣାର୍କ ଚକେ ହସୁଥାଏ ସଦା, ଭାସ୍କର୍ଯ୍ୟର ପରିବେଶ ।
ନୀଳ ସିନ୍ଧୁର ଢେଉ ନାଚିଯାଏ, ପୁରୀ ମନ୍ଦିରର ପାଦେ,
ଜଗା ଦର୍ଶନେ ମନ ପୂରିଯାଏ, ଭକ୍ତିର ଅମୃତ ସ୍ୱାଦେ ।
ଚିଲିକା କୋଳରେ ପକ୍ଷୀଙ୍କ କାକଳି, ଶାଳ ବଣେ ବାଜେ ବଂଶୀ,
ସମ୍ବଲପୁରୀ ପାଟର ଝଲକ, ମନ ନିଏ ସଦା କିଣି ।
ଓଡ଼ିଶୀ ନୃତ୍ୟର ନୂପୁର ଝଙ୍କାର, ବିଶ୍ୱକୁ କରେ ମୋହିତ,
ଭାତ ହାଣ୍ଡି ମୋର ପବିତ୍ର ଏ ମାଟି, ସ୍ନେହରେ ପୂର୍ଣ୍ଣ ଜୀବିତ ।
ବୀର ପ୍ରସବିନୀ ଉତ୍କଳ ଜନନୀ, ଗର୍ବ ଆମର ଏଇ ଭାଷା,
ଶାନ୍ତି ଓ ମୈତ୍ରୀର ପବିତ୍ର ସଙ୍ଗମ, ଆମରି ପ୍ରିୟ ଓଡ଼ିଶା ।
ନୀଳାଦ୍ରି ବିଳାସୀ ପ୍ରଭୁ ଜଗନ୍ନାଥ, ପୁଣ୍ୟତୋୟା ଏହି ମାଟି
ତ୍ରିଂଶ ବିଭୂତିରେ ମଣ୍ଡିତା, ଅପୂର୍ବ ତାର ପାଟି।

ପୁରୀ: ନୀଳାଦ୍ରି ବିହାରୀ ଜଗତର ନାଥ,
ଶ୍ରୀକ୍ଷେତ୍ରେ ମୁକତିର ପଥ ।
ଖୋର୍ଦ୍ଧା: ଗଜପତି ବୀର୍ଯ୍ୟ, ବାରୁଣେଇ ଶିଖ,
ପାଇକ ବିଦ୍ରୋହର ମୁଖ ।
କଟକ: ହଜାର ବରଷର ପ୍ରାଚୀନ ଗୌରବ,
ରୂପା ତାରକସିର ସୌରଭ ।
ଗଞ୍ଜାମ: ଋଷିକୁଲ୍ୟା ତଟେ ତାରାତାରିଣୀ,
ସଂସ୍କୃତିର ପୁଣ୍ୟ ପ୍ରସ୍ରବିଣୀ ।
ଜଗତସିଂହପୁର: ନୌବାଣିଜ୍ୟ ଶିଳ୍ପ ପାରାଦ୍ୱୀପ ଗତି,
ସାରଳାଙ୍କ ପୀଠ ପରମ ସନ୍ତତି।
କେନ୍ଦ୍ରାପଡ଼ା: ତୁଳସୀ କ୍ଷେତ୍ର ଓ ଭିତରକନିକା,
ପ୍ରକୃତିର ଅପୂର୍ବ ବର୍ଣ୍ଣିକା ।

ଯାଜପୁର: ବୈତରଣୀ କୂଳେ ବିରଜା ମନ୍ଦିର,
ଜ୍ଞାନ-ଯଜ୍ଞର ସ୍ଥଳୀ ଗଭୀର ।
ଭଦ୍ରକ: ରକ୍ତତୀର୍ଥ ଇରମ, ସନ୍ଥ ସାଳନ୍ଦୀ,
ଆଖଣ୍ଡଳମଣି ଭକ୍ତି ଭାବନାର ସୁବନ୍ଦୀ।
ବାଲେଶ୍ୱର: କ୍ଷେପଣାସ୍ତ୍ର ଘାଟି ଚାନ୍ଦିପୁର ବେଳା,
ଫକୀରମୋହନଙ୍କ କାବ୍ୟ କଳା ।
ନୟାଗଡ଼: କଣ୍ଟିଲୋ ନୀଳମାଧବଙ୍କ ମହିମା,
ଶୈଳ ଶିଖରେ ଅପୂର୍ବ ସୁଷମା ।
ସୁବର୍ଣ୍ଣପୁର: ପାଟଶାଢ଼ୀ ଶିଳ୍ପ, ତେଲ ନଦୀ ତଟ,
ସୁବର୍ଣ୍ଣ ମେରୁର ପ୍ରକଟ ।
ସମ୍ବଲପୁର: ସମଲେଇ ପୀଠ, ହୀରାକୁଦ ବନ୍ଧ,
ବନ୍ଧକଳା,ସମ୍ବଲପୁରୀ ବସ୍ତ୍ରର ଗନ୍ଧ ।
ବରଗଡ଼: ବିଶ୍ୱର ବୃହତ୍ତମ ମୁକ୍ତାକାଶ ରଙ୍ଗଭୂମି,
ଧନୁଯାତ୍ରା ପ୍ରେମ ପ୍ରସଙ୍ଗ ଧ୍ୱନି।
ଝାରସୁଗୁଡ଼ା: ଶିଳ୍ପର ନଗରୀ, ପ୍ରଗତିର ଧାରା,
କୋଇଲା ଖଣି,ସମୃଦ୍ଧିର ସ୍ୱର୍ଣ୍ଣିମ କାରା ।
ଦେବଗଡ଼: ପ୍ରଧାନପାଟର ଜଳପ୍ରପାତର ଧାରା,
ପ୍ରକୃତିର ସ୍ୱଚ୍ଛ ସୁପାତ,ସୁନେଲି ଖରା ।
ସୁନ୍ଦରଗଡ଼: କ୍ରୀଡ଼ାର ବାସଭୂମି, ଶିଳ୍ପର ପ୍ରାଙ୍ଗଣ,
ରାଉରକେଲା ଶାଣିତ ଅଙ୍ଗନ ।
କେନ୍ଦୁଝର: ଘଟଗାଁ ତାରିଣୀ, ଖଣିଜ ସମ୍ପଦ,
ଗୋନାସିକାରୁ ଗଙ୍ଗା ଶାନ୍ତି ପ୍ରପଦ ।
ମୟୂରଭଞ୍ଜ: ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ,
ଛଉ ନୃତ୍ୟର ବିଶ୍ୱ ଗଠନ ।
ଅନୁଗୋଳ: ଶିଳ୍ପ ଓ ଶକ୍ତିର ପ୍ରକାଣ୍ଡ କେନ୍ଦ୍ର,
ମା' ହିଙ୍ଗୁଳାଙ୍କ ପବିତ୍ର ଯନ୍ତ୍ର ।
ଢେଙ୍କାନାଳ: ମହିମା ଗାଦିର ଅଖଣ୍ଡ ଜ୍ୟୋତି,ଶୂନ୍ୟ ଭଜନ,

କପିଳାସ ଶିଖରେ ବାବା ଚନ୍ଦ୍ରଶେଖରଙ୍କ ଦର୍ଶନ।
କୋରାପୁଟ: ଶାବର ଶ୍ରୀକ୍ଷେତ୍ର, ଦେଓମାଳୀ ଶୃଙ୍ଗ,
ପ୍ରକୃତିର କୋଳେ ଅନୁପମ ଅନୁସଙ୍ଗ ।
ରାୟଗଡ଼: ମା' ମଝିଘରିଆଣୀ ଶକ୍ତି ପୀଠ,
ପାହାଡ଼ ଘେରା ନିରଳା ବାଟ ।
ମାଲକାନଗିରି: ସ୍ୱାଭିମାନ ଅଞ୍ଚଳ, ବାଲିମେଳା ଜଳ,
ବଣ୍ଡା ଜନଜାତିର ସଂସ୍କୃତି ଅତଳ ।
ନବରଙ୍ଗପୁର: ସବୁଜ ଶ୍ୟାମଳ କୃଷିର ଆଧାର,
ସୁଦୃଶ୍ୟ ଶାନ୍ତି ସୁଷମାର ଭଣ୍ଡାର ।
ଗଜପତି: ପାରଳାଖେମୁଣ୍ଡିର କଳା ବିଭବ,
ମହେନ୍ଦ୍ରଗିରିର ଶାନ୍ତ୍ୱ ସୁଲଭ ।
କନ୍ଧମାଳ: ଓଡ଼ିଶାର କାଶ୍ମୀର ଦାରିଙ୍ଗିବାଡ଼ି,
କଫି ବଗିଚା,ହରିଦ୍ରା ଧାଡିକୁ ଧାଡ଼ି।
କଳାହାଣ୍ଡି: ଇନ୍ଦ୍ରାବତୀ ନଦୀ, ମା' ମାଣିକେଶ୍ୱରୀ,
ଫୁଲଝରଣ କାବ୍ୟକଳା ସାହିତ୍ୟ ସୁନ୍ଦରୀ।
ନୂଆପଡ଼ା: ପାତାଳଗଙ୍ଗା ଓ ଯୋଗୀମଠ ଚିତ୍ର,
ପବିତ୍ର ଭୂଇଁ ଏ ଅତି ବିଚିତ୍ର ।
ବଲାଙ୍ଗୀର: ପାଟଣାଗଡ଼ର ଐତିହ୍ୟ ଗୌରବ ଗାଥା,
ହରିଶଙ୍କର ଜଳପ୍ରପାତ ଶୈଳ ମଥା ।
ବୌଦ୍ଧ: ବୌଦ୍ଧିକ ଚେତନା, ସ୍ତମ୍ଭେଶ୍ୱରୀ ସେବା,
ବୌଦ୍ଧ କୀର୍ତ୍ତିରାଜି ଐତିହ୍ୟର ଶାନ୍ତ ବିଭା



ଏହି ତିରିଶି ପାଖୁଡ଼ାରେ ଗଢ଼ା ଉତ୍କଳ କମଳ,
ବିଶ୍ୱ ବନ୍ଦିତ ମୋ ମାତୃଭୂମି ଶୁଦ୍ଧ ସୁନିର୍ମଳ ।

# ଭଲପାଇବା ଟା ସରିଗଲା କି' ...



**ଆଲୋକ କୁମାର ମୁଦୁଲି**
କେଶରପୂର୍, ଦାନପୂର୍,
କେନ୍ଦ୍ରାପଡ଼ା

ଭଲପାଅ ବୋଲି କହୁଥିଲ ତମେ, ଭଲପାଇବା ଟା ସରିଗଲା କି ?
ସାଜି ଥିଲି ତମ ମନର ମଣିଷ କଣ ମନଟା ତମର ଭରିଗଲା କି ?
ଭଲପାଅ ବୋଲି କହୁଥିଲ ତମେ, ଭଲପାଇବା ଟା ସରିଗଲା କି ?
କଳଙ୍କିତ ଏହି ନାୟକ ଟି ଆଜି ତମ ପ୍ରେମର ସ୍ପର୍ଶପାଇ ।
କଳଙ୍କିତ ଏହି ନାୟକ ଟି ଆଜି ତମ ପ୍ରେମର ସ୍ପର୍ଶପାଇ ।
ବଜାରରେ ତ ଥିଲା ରଙ୍ଗର ଆସର ! କଳା ରଙ୍ଗ ଖାଲି ଆଣିଥିଲ କି ?
ଭଲପାଅ ବୋଲି କହୁଥିଲ ତମେ, ଭଲପାଇବା ଟା ସରିଗଲା କି ?
ଦୁନିଆକୁ ତମ ନଥିଲା ନଜର, ତୁମେ କାଳେ ଥିଲ ଏକା ମୋ ନିଜର ।
କହୁ ଅଛ ଏବେ ଭୁଲିଯାଅ ବୋଲି, ପ୍ରଣୟକୁ ସ୍ୱପ୍ନ ଟିଏ ଭାବି ।
ମଧୁର ବଚନ ଓଠେ ଧରି ପ୍ରିୟା, ମିଛ ପ୍ରତିଶ୍ରୁତି ଦେଇଥିଲ କି ?
ଭଲପାଅ ବୋଲି କହୁଥିଲ ତମେ, ଭଲପାଇବା ଟା ସରିଗଲା କି ?
ସ୍ୱଷ୍ଟ ଶୁଭ୍ର ଥିଲା ପ୍ରେମ ଯେ ଆମର, ହାତେ ହାତ ରଖି ଥିଲା ଚାଲିବାର।
କହୁଅଛ ଏବେ ଚିଡ଼ିଗଲ ବୋଲି ! କହୁଅଛ ଏବେ ଚିଡ଼ିଗଲ ବୋଲି !
ଆଉ କିଏ ସାଥୀ ମିଳିଗଲା କି ?
ଭଲପାଅ ବୋଲି କହୁଥିଲ ତମେ, ଭଲପାଇବା ଟା ସରିଗଲା କି ?
ନିଶାର୍ଦ୍ଧ ରୁ ସୂର୍ଯ୍ୟ ଉଇଁବା ପରେ, ସମ୍ପର୍କରେ ବାଡ଼ ଦେଇଁବା ପରେ
ପଚାରୁଛ ମୋର ପରିଚୟ କଣ ?
ଏକାନ୍ତ ପ୍ରେମର ସ୍ମୃତି ସବୁ ପ୍ରିୟା ଛଳନା ନିଆଁ ରେ ଜାଳିଦେଲ କି ?
ଭଲପାଅ ବୋଲି କହୁଥିଲ ତମେ, ଭଲପାଇବା ଟା ସରିଗଲା କି ?
ପ୍ରଥମାର୍ଦ୍ଧ ଥିଲା ପ୍ରଣୟର ଭାଷା, ଦୃତିୟେ ଦୁହିଁଙ୍କ ମିଳନର ନିଶା ।
କହୁଅଛ ବାଟ ଚାଲିବନି ବୋଲି ! କହୁଅଛ ବାଟ ଚାଲିବନି ବୋଲି !
ଅଭିନୟ କରି ଥକ୍କିଗଲକି ?
ଭଲପାଅ ବୋଲି କହୁଥିଲ ତମେ, ଭଲପାଇବା ଟା ସରିଗଲା କି ?

# ପ୍ରିୟତମା...



**ଶାଶ୍ୱତୀ ହୋତା**
ସାଗୁନଭାଡ଼ି,ନୂଆପଡ଼ା,ଓଡ଼ିଶା

ମୁକ୍ତ ଆକାଶରେ ଉଡ଼ିବୁଲୁଥିବା
ମୋ ଇଚ୍ଛା ମାନେ
ବନ୍ଦୀ ହେବାକୁ ଚାହାନ୍ତି
ତୁମ ପ୍ରଣୟ ଆଳୟରେ ।।
ଇତସ୍ତତଃ ଘୁରି ବୁଲୁଥିବା
ମୋ ଆଖି ଯୁଗଳ
ଛନ୍ଦି ହୋଇ ଯିବାକୁ ଚାହାନ୍ତି
ତୁମ ନଜର ଫାଶରେ ।।

ବେପରୁଆ ଭାବନାରୁ ଦୂରେଇ
ମୁଁ ଦାୟିତ୍ୱବାନ ହେବାକୁ ଚାହେଁ
ତୁମେ କହିବା ପୂର୍ବରୁ
ତୁମ ଆବେଗ ତକକୁ ବୁଝିନେବା ପାଇଁ...।।
ଛୋଟରୁ ବଡ଼ ତୁମ ସବୁ ଦାବିକୁ
ସଦା ପୁରଣ କରୁଥିବାକୁ ଚାହେଁ
ତୁମ ଭିତରେ ଥିବା ପିଲାଳିଆମିକୁ
ବଞ୍ଚେଇ ରଖିବା ପାଇଁ ।।

ତୁମ ସଂସ୍ପର୍ଶରେ ବସି ରହିବାର
ଇଏ କି ଉତ୍କଣ୍ଠା ପ୍ରିୟତମା ...!!
ଗୋଟିଏ ଜୀବନ ବି କମ ଲାଗେ
ତୁମ କଥା ସବୁ ଜାଣିବାପାଇଁ ....।।

ଦୁନିଆ ଭିଡ଼ରେ
ବ୍ୟାକୁଳ ଏ ମନ ଖୋଜିବୁଲେ
ତୁମକୁ ଥରୁଟିଏ ଖାଲି ଦେଖିନେବା ପାଇଁ....।।
ଏମିତି ତୁମ ହାତରେ ହାତ ଧରି
ଅନବରତ ଶୁଣୁଥିବାକୁ ଚାହେଁ
ମୁଁ ତୁମକୁ ଯୁଗ ଯୁଗାନ୍ତର ପାଇଁ
ଯୁଗ ଯୁଗାନ୍ତର ପାଇଁ ।।

# ଘର ନା' ଗୋଟିଏ ପ୍ରଶ୍ନବାଚୀ ?...



ଅର୍ପିତା ଜେନା
ଗୋଳିହା, ଖଇରା, ବାଲେଶ୍ୱର

ଏଇଟା କ'ଣ ସେଇ ଘର?
ଯେଉଁଠି କାନ୍ଥଗୁଡ଼ିକ କଥା କହୁଥିଲେ,
ଆଉ ଚାଳର ସେଇ ଫାଙ୍କା ଦେଇ
ଜହ୍ନଟା ବି ମା'ର କାହାଣୀ ଶୁଣୁଥିଲା?

କାହିଁକି ଆଜି ଏ ମୁଖ୍ୟ ଦ୍ୱାରର ତାଲା
ଏତେ ଓଜନିଆ ଆଉ ନିର୍ଦ୍ଦୟ ଲାଗୁଛି?
ସିମେଣ୍ଟର ସେଇ ଚିକ୍କଣ ପ୍ରଲେପ ତଳେ
ସମ୍ପର୍କର ସ୍ପନ୍ଦନ କୁଆଡ଼େ ହଜିଯାଉଛି?

ରୋଷେଇ ଘରର ସେଇ ହସ-କାନ୍ଦର ସ୍ୱର,
କାହିଁକି ଆଜି ମାଇକ୍ରୋୱେଭ୍‌ର ଶବ୍ଦରେ ନିରବ?
କାହିଁକି ଗୋଟିଏ ଡାଇନିଂ ଟେବୁଲ୍‌ରେ ବସି ବି
ପ୍ରତିଟି ମଣିଷ ନିଜ ନିଜ ଭିତରେ
ଏକାକୀ ଆଉ ନିଃସ୍ୱ ?
ଠାକୁର ଘରର ଚନ୍ଦନ ବାସ୍ନା ଅପେକ୍ଷା
ଡ୍ରଇଙ୍ଗ୍ ରୁମ୍‌ର ରୁମ୍-ଫ୍ରେସନର
କ'ଣ ବେଶି ମୂଲ୍ୟବାନ ?

କାନ୍ଥରେ ଟଙ୍ଗା ହୋଇଥିବା
ସେଇ ପୁରୁଣା ଫଟୋଗୁଡ଼ିକ
କ'ଣ ଆଜି କେବଳ ଧୂଳି ଜମିଥିବା
କିଛି ଶୁଷ୍କ ପ୍ରମାଣ ?
ବାପାଙ୍କ ଖଟ ପାଖରେ କାହିଁକି ବଢୁଛି ଦୂରତା?

ଘରର ସୌନ୍ଦର୍ଯ୍ୟ ତ
ସୋସିଆଲ୍ ମିଡିଆରେ ବାଃ-ବାଃ ପାଉଛି,
ହେଲେ ଭିତରର ଶୂନ୍ୟତା
କାହିଁକି ଉପହାସ କରୁଛି ?

ପଚାରି ପାରିବ କି କେହି -
କାହାକୁ ଆମେ ଘର କହିବା?
ଚାରି କାନ୍ଥର ଏଇ ସୁସଜ୍ଜିତ ପ୍ରାସାଦକୁ,
ନା ପରସ୍ପରକୁ ବୁଝୁଥିବା ସେଇ ଛୋଟ
ନିଛକ ସଂସାରକୁ ?

ଘର ତ ବହୁତ ବଢ଼ିଗଲା,
ହେଲେ ସେଥିରେ 'ଘରପଣ' କାହିଁ?
ମଣିଷ ତ ସବୁ ଅଛନ୍ତି,
ହେଲେ ସେ ମଣିଷପଣିଆ ଆଜି କେଉଁଠି?

ମା'ର ଆଖିର ପ୍ରଶ୍ନକୁ କିଏ ବା ଏବେ ବୁଝୁଛି?

# ବୀର ମାରେ ଅବା ମରେ କରି ରଣ...



ଡ଼ଃ ଅନୁପମା ବିଶ୍ୱାଳ
ସମ୍ବଲପୁର

ବାସ୍ତବରେ ବୀର ଅଟେ ଯେଉଁ ନର
ସାହସ ତା ଅଳଙ୍କାର ,
ନଚାହେଁ ପଛକୁ ଗତି ତା ଆଗକୁ
ରଣେ ଦିଶଇ ସୁନ୍ଦର ।

ଜାତିର ମାନଟି ତା ହାତେ ଥାଏଟି
ସେ ପରା ପ୍ରାଣ ରକ୍ଷକ ,
ଭୟଭାବ ହରି ହୁଏ ଆଗଭରି
ରଖିବାକୁ ଜାତି ଟେକ ।

ଶତ୍ରୁ ସହ ଲଢ଼ି ଯାଉଥାଏ ମାଡି
ରଖି ଦୃଢ଼ ଲକ୍ଷ୍ୟ ମନେ ,
ନିଜ ଜୀବନକୁ ବାଜି ଲଗାଇ ସେ
ମାତି ଉଠିଥାଏ ରଣେ ।

କ୍ଷତ୍ରିୟ ଧରମ ବିହିତ ଚରମ
ସିଂହ ବଳ ହୃଦେ  ବହି ,
ଶାରୀରିକ କ୍ଷତେ ନହୋଇ ଆହତେ
ରଣକ୍ଷେତ୍ରେ ଯାଏ ସହି ।

ହରାଇ ଶତ୍ରୁକୁ ତୋଷିବ ନିଜକୁ
ସେଥିପାଇଁ ଦୃଢ଼ ଚିତ୍ତ ,
ବିଜୟର ମାଳା ଶୋଭିବ ତା ଗଳା
ଭାବନା କରେ ମୋହିତ ।

ଜୟ ପରାଜୟେ ମଧ୍ୟରେ ଗୋଟିଏ
ହୋଇବ ପ୍ରାପ୍ତ ନିଶ୍ଚୟ ,
ମାଟିର ସନ୍ତାନ ରଚେ ଇତିହାସ
ଦେଇ ଯୁଦ୍ଧ କ୍ଷେତ୍ରେ ଲୟ ।

ସମ୍ମୁଖ ଯୁଦ୍ଧରେ ବୀରତ୍ୱ ଭାବରେ
ଲଢ଼ିଥାଏ ପ୍ରାଣ ଦେଇ ,
ଲୁଚିଯାଏ ନାହିଁ ମୁଖ ଚାହେଁ ନାହିଁ
ଶତ୍ରୁତାର ଭାବ ନେଇ ।

ବିନା ଅସ୍ତ୍ରେ ଥାଇ ବିପଦ ଆସଇ
ଯୁଦ୍ଧ କୌଶଳରେ ଜ୍ଞାନ ,
ଶତ୍ରୁକୁ ହରାଏ ଅବା ହାରିଯାଏ
ଭେଦ ଜ୍ଞାନେ ରଚି ରଣ ।

# କବି ଗଙ୍ଗାଧର ସ୍ମରଣେ...





ଆକାଂକ୍ଷାମୟୀ ଦାଶ
ବଲାଙ୍ଗୀର


ଆହେ କବିତୁମେ ବିଶ୍ୱ ବନ୍ଦନୀୟ
ସାହିତ୍ୟ ଆକାଶ ଜ୍ୟୋତି ,
ତୁମରି କୃତିର ସ୍ୱର୍ଣ୍ଣିମ ସ୍ମୃତିର
ଅମର ଗୌରବ ଖ୍ୟାତି ।।
ତୁମେ ଫୁଟାଇଛ ତମସା ତିମିରେ
ଆବେଗର ଜହ୍ନ ରାତି ,
ତୁମ ଲେଖନୀର ବିମୁଗ୍ଧ ସ୍ୱାକ୍ଷର
ଚାରୁ କାବ୍ୟ "ଇନ୍ଦୁମତୀ " ।।
ଭାବ ମଧୁବୋଳା ଶବ୍ଦମଧୁ ମାଳା
ତନ୍ମୟ ବୀଣାର ଛନ୍ଦ ,
ପ୍ରୀତି ମାଧୁରୀର "ପ୍ରଣୟ ବଲ୍ଲରୀ"
ପ୍ରେମମୟ ଅନୁବନ୍ଧ ।।
"କିଚକ ବଧର" କାବ୍ୟ ଇସ୍ତାହାର
ବିସ୍ତାରିତ ସୁଧା ରସ ,
କାବ୍ୟିକ ପ୍ରାଣର ମୁଗ୍ଧ ସମର୍ପଣ
ରସମୟ ଅଭିଳାଷ ।।
ପ୍ରଣୟ ପୃଷ୍ଠାରେ ରୂପ ଚିତ୍ର ତୁମ
ଦିବ୍ୟକାନ୍ତି ମନୋହର ,
ଆବେଗର ତୁମେ ମୃତ୍ୟୁଞ୍ଜୟ ସୁର
ରଙ୍ଗାଜୀବ ଗଙ୍ଗାଧର ।।
ପ୍ରକୃତିର ତୁମେ ଚାରୁ ରୂପ କାର
ଉପମା ଅବର୍ଣ୍ଣନୀୟ ,
ତୁମେଗାଇଥିଲ ଲେଖନୀର ସୁରେ
ବିଶ୍ୱଦେଖ ମଧୁମୟ ।।

ମାତୃଭୂମି ମାତୃ ଭାଷାର ମମତା
ମାତୃ ଭାଷାର ପ୍ରୀତି ,
ସଦାକାଳେ ତୋଳେ କ୍ରାନ୍ତିର ସୁର
ଚିରନ୍ତନୀ ଜୟ ଗୀତି ।।
ମର୍ମଭେଦୀ ତୁମ ଶବ୍ଦର ମାଧୁରୀ
ଭାସ୍ୱର ଅନୁପମ ,
ଅମୃତମୟ ସେ ଲେଖନୀରୁ ଝରେ
ନିଖିଳ ବିଶ୍ୱ ପ୍ରେମ ।।
ଯା,ଲେଖନୀକଳା, ପ୍ରଜ୍ଞା ମୋତିମାଳା
ଭାଷା ରତ୍ନ ବିଭୂଷଣ ,
ଭାବ ଉଦଧିର ପୀୟୂଷ ପ୍ଲାବନେ
ପାଷାଣେ ଭରିଛି ପ୍ରାଣ ।।
ମହା ଚେତନାରେ ଲେଖନୀତୁମର
ବାଣୀର ବନ୍ଦନା ଗାଏ ,
ଶବ୍ଦର ମାୟାରେ କରିଛ ମୋହିତ
ଭୂମି ଠାରୁ ଭୂମା ଯାଏ ।।


ତୁମ ତପସ୍ୟାର ସିଦ୍ଧି ସାଧନାର
ଶବ୍ଦ ବ୍ରହ୍ମ ପ୍ରତିଧ୍ୱନୀ ,
ଭାଷା ସଂପ୍ରୀତିର ଚମକ ତୃପ୍ତିର
ମହାକାବ୍ୟ "ତପସ୍ୱିନୀ" ।।
ଜାତି ଅସ୍ମିତାର ତୁମେ ଅନ୍ତଃସ୍ୱର
ମହକିତ ମଧୁ ବାସ ,
ମାଆ ମାତୃଭାଷା ମଧୁ ଅଗଣାର
ଶତାବ୍ଦୀର ଇତିହାସ ।।

ତୁମ ଲେଖନୀର ଅଲିଭା ସ୍ୱାକ୍ଷର
ଅବିସ୍ମରଣୀୟ ସ୍ମୃତି ,
ଚିର ଉଜ୍ଜୀବିତ ରସମୟ ସ୍ରୋତ
ମାତୃଭୂମି ପ୍ରେମ ପ୍ରୀତି ।।
ଏ ପୁଣ୍ୟ ମାଟିର ପ୍ରତିଟି ରେଣୁରେ
ଉପଲବ୍ଧ ତୁମ ସତ୍ତା ,
ବାଣୀ ବିପଣିର ନିଃସ୍ୱାର୍ଥ ସେବକ
ଅସ୍ମିତାର ଉଦ୍ ଗାତା ।।








# ଦୁଃଖିନୀର ଆଖିଲୁହ...



ପ୍ରଶାନ୍ତ କୁମାର ଦାଶ
କୁଞ୍ଜର ସଙ୍ଗଲାଇ, ପିପିଲି, ପୁରୀ

ଦୁଃଖିନୀର ଲୁହଝରେ
ଶ୍ରାବଣର ବର୍ଷାଧାରା ପରି ,
ଜଳେ ସେ ଜୁଇରେ ଶେଷେ
ଦୁଃଖ ଲୁହ କୋହକୁ ଜାବୁଡ଼ି ଧରି ||
କୋଉ' ଦୋଷେ ଏ ସମାଜ
ଦେଖେ ତାକୁ ଲୋଲୁପ ଦୃଷ୍ଟିରେ ,
ନାରୀ ସେତ ଲାସ୍ୟମୟୀ
ବିଶ୍ୱପ୍ରାଣ ବିଭୁଙ୍କ ସୃଷ୍ଟିରେ ||
ସେତ ହୁଏ ଭଗ୍ନୀ ଜାୟା
ଅଭାବୀର ପରିବାରେ ପୁଣି ,
ଚିରକାଳ ଏ ସମାଜ
ନାରୀ ପାଶେ ହୋଇ ରୁହେ ରୁଣୀ ||
ପେଟ ପାଇଁ ଖଟେ ପୁଣି
ଦିନରାତି ଭୁଲି ତାର ଦୁଃଖ ,
ଭୋକର ଭୁଖଣ୍ଡେ ଦିଶେ
ଅମାନିଆ ହସହସ ମୁଖ ||
ଦୁଃଖକୁ ନିଅଣ୍ଟ ତାର
ଫୁଲ ସମ ଜୀବନ ଓ ଦେହ ,
ଯାତନା ଜହର ପିଇ
ଢାଳୁଥାଏ ସମାଜକୁ
ଅମାପ ତା ସ୍ନେହ ||

ଲଳିତ ସଂଗୀତ ଗାଇ
ହେଉ ନାରୀ ଚିର ହସହସ ,
ପଣତ ଘୋଡାଇ ରଖୁ
ଦେବୀ ପରି ସଦା ସିଏ
ଢାଳି ତାର ଅମୃତର ରସ ||
ତା'ରକତ ପାଣି କରି
ଗଢିଚି ସେ ଜିଅନ୍ତା
ଜିଅନ୍ତା କଣ୍ଢେଇ କେତେ,
ଖସିପଡୁ ସରଗର ସୁଖ
ଲକ୍ଷ୍ମୀ ସୀତା ଦୁର୍ଗା ସମ
କାମିନୀର ହାତେ ||

# ପ୍ରିୟା ପାଇଁ କିଛି କବିତା...



ଦୀପାଳି ବେହେରା
ମୟୂରଭଞ୍ଜ

ଆକାଶରେ ଅନେକ ତାରା ଅଛି
କିନ୍ତୁ ଗୋଟେ ହିଁ ଚାନ୍ଦ ଥାଏ ,
ଠିକ୍ ସେହିଭଳି ତମେ
ହଜାରେ କବିତା ଭିତରେ.....
ଖଣ୍ଡେ ସୁନ୍ଦର ଉପନ୍ୟାସ ।

କି ଉପମା ଦେବି କୁହ ତ
କିଏ କହେ ତମେ ପରା
ଗୋଲାପ ପରି ସୁନ୍ଦର,
କିନ୍ତୁ ମୋ ଆଖିରେ ତମେ
ସ୍ୱର୍ଗରୁ ଆସିଥିବା ଦେବୀ ।

ବଜାରରେ ଉଣା ନାହିଁ କନ୍ୟା
କିନ୍ତୁ ତମେ ଏମିତି ସୁକନ୍ୟା ,
ଯାହା ହୃଦୟ ନଦୀ ପରି ନିର୍ମଳ
ଗୀତା ପରି ତମେ ଅଟ ପବିତ୍ର
ସୀତାଙ୍କ ଭଳି ସତୀ ନାରୀ |

ସଭିଙ୍କୁ ନିଜର କରି ନେଇ
ସାହାଯ୍ୟ କରି ଆଖି ପୋଛୁଥିବା
ସୁନ୍ଦର ମନ ଅଛି ପ୍ରିୟା ପାଖେ,
ତା' ଆଦର୍ଶରେ ମୁଁ ସିନା ଫିକା
କିନ୍ତୁ ସେ ଆସିଲେ ଭରିବ ଫଗୁଣ ।

ପର୍ବତ ପରି ଉଚ୍ଚ ତମ ଭାବନା
ସେ ମନଟା ତମର ସବୁବେଳେ
ଘର ଯୋଡ଼ି ଦିଏ ଭାଙ୍ଗେ ନାହିଁ ,
ସବୁ ଅପମାନ ସହି ଲୁହ ପିଇ
ନିଜେ ହସି ଅନ୍ୟକୁ ହସାଇ ଦିଏ ।

ହାତେ ଦିଏ ମୋ ପ୍ରିୟା ଓଢ଼ଣୀ
ଲାଗେ ସିଏ ଓଡ଼ିଆ ଘରଣୀ ,
ହାତରନ୍ଧା ତା'ର ଭାରି ସୁଆଦ
ଲାଗେ ଯେମିତି ରାନ୍ଧିଛନ୍ତି
ମାଆ ଲକ୍ଷ୍ମୀ ଠାକୁରାଣୀ |

ପୁଣି ଲେଖା ହେବ ଆମ ସପନ
ସିଏ ହେବ ନାୟିକା ଆଉ....
ମୁଁ ହେବି ସେ ନାଟକର ନାୟକ

# ଆସ ପ୍ରିୟତମ...



ପୁଷ୍ପାଞ୍ଜଳି ପଣ୍ଡା
ଇଶ୍ୱର ପୁର, କେନ୍ଦ୍ରାପଡ଼ା

ଆସ ପ୍ରିୟତମ ମନର ମନ୍ଦିରେ
ଜାଳୁଛି ସଞ୍ଜ ସଳିତା
ସ୍ନେହ ସୋହାଗ ରେ ସଜାଇ ରଖିଛି
ପ୍ରେମର ଗଜ ମୁକୁତା ।।

ବଦଳି ଯାଉଛି ସମୟର ସୀମା
ବଦଳେ ସମ୍ପର୍କ ରଙ୍ଗ
ତୁମେ ବଦଳିଲେ ମୁହଁ ଫେରାଇଲେ
ଜୀବନ ହେବ ନିଃସଙ୍ଗ।।

ପ୍ରତି ପଲକରେ ପ୍ରତି ପୁଲକରେ
ତୁମେ ଅଛ ମନ କୁହେ
ଆଖି ବୁଜିଲେ ବି ଗହଳ ଅନ୍ଧାରେ
ତୁମ ବାସ୍ନା ମତେ ଛୁଏଁ।।

ନିଦାଘ ର ନିଆଁ ବରଷା ର ଧାର
ସଞ୍ଜୁଆ ଶୀତୁଆ ରାତି
ତୁମେ ଆସ ବୋଲି ଆକାଶ ବଦଳେ
ଫୁଲ ଫଗୁଣ ପାହାନ୍ତି।।

ସମୟକୁ କିଏ ବାନ୍ଧି ଯେ ପାରିଛି
ପାରିଛି କେ ଅଟକାଇ
ପ୍ରିୟତମ ପ୍ରେମ ଘୁଙ୍ଗୁର ର ସମ
ନାଚେ ଛନ୍ଦ ତାଳ ଦେଇ।।

ନିଃଶ୍ୱାସ ବିଶ୍ୱାସ ସବୁ ବଢିଯାଏ
ବଢେ ପ୍ରେମୀ ହେବା ନିଶା
ପ୍ରେମ ଛାଡ଼ିଦେଲେ ମଣିଷ ବଞ୍ଚିବା
ସତେ ଏକ  ମହାଦଶା ।।

ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...
ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ଅଧିକାର...



ଚନ୍ଦନ କୁମାର ବେହେରା
କେନ୍ଦୁପାଳ, ଦେବଗଡ଼

ଅଧିକାର ମାଗେ ସେଇ ଭାଇ ଆଜି
ଯିଏ ଦିନେ କଥା ହେଇନି ,
ଅଧିକାର ମାଗେ ସେଇ ଭଉଣୀ ବି'
ଯିଏ ସୁଖ ଦୁଃଖ କେବେ ବୁଝିନି ||

ଅଧିକାର ମାଗେ ସେଇ ସାଙ୍ଗ ଆଜି
ଯିଏ ବିପଦ ରେ ଦିଏ ମୁହଁ ଫେରେଇ ,
ଅଧିକାର ମାଗେ ସେଇ ସାଥୀ ଆଜି
ଯିଏ ଦୁଃଖ ଆଣି ଦିଏ କୋଳେଇ ||

ଅଧିକାର ମାଗେ ସେଇ ପୁଅ ଆଜି
ଯିଏ ପରିବାର ଦୁଃଖ ବୁଝେନା ,
ଅଧିକାର ମାଗେ ସେଇ ଝିଅ ଆଜି
ଯିଏ ଯନ୍ତ୍ରଣାର ମୂଲ୍ୟ ବୁଝେନା ||

ଅଧିକାର ମାଗେ ସେଇ ପତ୍ନୀ ଆଜି
ଯିଏ ପତି କୁ ଇଶ୍ୱର ମାନେନା ,
ଅଧିକାର ମାଗେ ସେଇ ପତି ଆଜି
ଯିଏ ପତ୍ନୀ ର ବେଦନା ବୁଝେନା ||

ଅଧିକାର ମାଗେ ସେଇ ପ୍ରେମିକା ଯେ
ଯିଏ ପ୍ରେମିକ ର ପୀଡା ଜାଣେନା ,
ଅଧିକାର ମାଗେ ସେଇ ପ୍ରେମିକ ବି
ଯିଏ ପ୍ରେମିକା ର ଲୁହ ବୁଝେନା ||

ଅଧିକାର ମାଗେ ସେଇ ସମୟ ବି
ଯିଏ ଯାଇଅଛି କେବେ ଚାଲି ,
ଅଧିକାର ମାଗେ ସେଇ ସ୍ମୃତି ଆଜି
ଯିଏ ବିତି ଯାଇଅଛି କାଲି ||

କାହାକୁ ମିଳିବ ଅଧିକାର ଏଠି
ସ୍ୱାର୍ଥ ସବୁ ଅଧିକାରରେ ,
ବିନା ସ୍ୱାର୍ଥେ ଯେବେ ଅଧିକାର ମିଳେ
ସ୍ୱର୍ଗ ମିଳେ ମର୍ତ୍ତ୍ୟ ଧାମରେ ||

# ସମୟ'ର ଦାସ ...



ସୋନାଲୀ ସ୍ୱାଇଁ
ଆଇ.ପି.ଏସ ବାଣପୁର ରୋଡ,
ସାକ୍ଷୀଗୋପାଳ, ପୁରୀ

ସମୟ ଟା ଗୋଟେ ବତି ଘର ଟିଏ
ଲିଭିଗଲେ ଲିଭିଯିବ ,
ଲିଭିବା ଆଗରୁ ସେ ଘର ବତିକୁ
ସମ୍ଭାଳି ନେବାକୁ ହେବ ।।

ମନର ଆବେଗେ ଭାବନା ମଧ୍ୟରେ
ଚାଲିଆସେ ଏକ ଜୁଆର ,
ଜୁଆର କୁ ଶାନ୍ତ କରିବା ଲାଗି
ଦୁରୁହୁଁ ଭଙ୍ଗା ର ଅଛି ଯେ ଅନ୍ତର ।।

ଭାବନାର ସେଇ ଗଳ୍ପ କୁଡ଼ିଆଟି
ଭାଙ୍ଗିଯିବ ଗୋଟେ ଦିନ ,
ସ୍ୱପ୍ନ ସବୁ ଯେତେ ସଜେଇ ରହିଛି
ପଥ ସାଜିବ ତାର ଶ୍ମଶାନ ।।

ପରିକଳ୍ପନା ର ଉହାଡ ଭିତରୁ
ଡାକ ଦେବ ଏକ ଅଜଣା ଝଡ଼ ,
ସେଇ ଝଡ଼ ଆସି ରଚି ଦେଇଯିବ
ମହାପ୍ରଳୟ ର ବାଡ ।।

ଗଗନ ବନାସ୍ତି ସାଜିବେ ସବୁ
ବିଧବାର ସାଜ ସଜ୍ୟ ,
ଆକୁଳ ଅନ୍ତର ସହି ନ ପାରିବ
ଅସ୍ଥିର ହୋଇବ ଦେଖି ତା ଦୃଶ୍ୟ ।।

ମନ ଆସି ଯେବେ ଦରଜା ଖୋଲିବ
ହୃଦୟର ଉଜାଗର ପାଇଁ ,
ହୃଦୟ ଯେ ଏଠି କଣ କହିବ
ବସିବ ନୀରବ ହୋଇ ।।

ନୀରବତା ଭାଙ୍ଗି ନ ଆସିବ ଯେବେ
ସେ ମୋ ବାଟକୁ ଚାହିଁ ,
ସ୍ୱପ୍ନ ସବୁ ସତେ ବୃଥା ଆସ୍ଫାଳନ ପରି
ପଡ଼ିବ କଚାଡି ହୋଇ ।।

ଚିଲିକା ହ୍ରଦରେ ନୌକାରେ ବସି
ଦର୍ଶକଟି ଖୁସି ହୁଏ,
ଜୀବନ ନୌକାରେ ପାଦ ଦେଇ କାହିଁ
ଅଜାଣତେ କଷ୍ଟ ପାଏ ।।

ମରୀଚିକା ପଛେ ଗୋଡେଇ ଗୋଡେଇ
ଅଧାବାଟେ ଥକି ପଡେ,
ଥକାମାରି ଏଠି ଶୋଷ ମେଣ୍ଟି ଯାଏ
ଅଶ୍ରୁର ଟୋପା ଜଳେ।।

ସଂସାର ଚକ୍ରରେ ସମୟ ରଥରୁ
କି ଅବା ପାଇଛି ମୁକ୍ତି,
ପାଳଦୌଡ଼ିଟି ପରି ବ୍ୟବହୃତ ହୁଏ
ଶେଷରେ ଭୂମିରେ ହୋଇବା ବୁଜି।।

ସମୟ ରଥରୁ ବାହାରିବା ଲାଗି
କର ଯେତେ ପରିଶ୍ରମ,
ମୂଲ୍ୟହୀନ ଚେଷ୍ଟା ବିଲେଇ ଘଣ୍ଟି
ତା ପାଖେ କି ଅବା ସମାନ।।

ସମୟ ସହ ଲୋକଙ୍କର ତାଳ୍ପା
ତା ସରି କି ଅବା ହୁଏ,
ପ୍ରେମର ଯନ୍ତ୍ରଣା ଛାର ଲାଗେ ଏଠି
ଦୁଃଖକୁ ସାଉଁଟି ନିଏ।।


ସବୁ ସମୟର ଖେଳ
ନିଜ ପେଟ ପାଇଁ ଶରଣ ଯେ ପଶେ
ଦିନେ ହୁଏ ଛାର ଖାର
ଦିନେ ହୁଏ ଛାର ଖାର ...।।

# ଅଧା ଆଖିର ସୌନ୍ଦର୍ଯ୍ୟ...



ସ୍ମୃତି ବନାନୀ ପଟନାୟକ
ବଡ଼ରମ୍ପାସ, କେଉଁଝର

ହଠାତ୍ ଦେଖା ରାସ୍ତାରେ ତୁମ ସହ
ତୁମର ସେ ଅଧା ମୁଁହ ର ଆଖିରେ ଲାଜ ଲାଜ ହସ ।
ସତେ ଯେମିତି ଗୋଲାପର କଢ଼,
ଅଧା ମୁଁହ ରେ ମାସ୍କ ଆଉ ସେ ଅଧା ଆଖି ର ସ୍ୱନ୍ଦର୍ଯ୍ୟ ।
ଅଧା ଲାଜ ଆଉ ଅଧା ଖୁସି ଭାରା ହସ,
ସତେ ଯେମିତି ମୋ ଆଖି ତମ ଠୁ ଉଠୁ ନଥିଲା ।
ସବୁ ତମ କୁ ଚାହିଁ ରହି ଥିଲେ, ମନ କିନ୍ତୁ କହୁଥିଲା,
ଆଖି ସମସ୍ତଙ୍କର ବନ୍ଦ ହେଇଯାଉ ।
ଆଉ ମୁଁ ତମକୁ ଶାନ୍ତି ମନରେ ସମିତି ଚାହିଁ ରହି ଯାଏ ।
କିନ୍ତୁ ସେ ସବୁ ଦିନର ଦିବା ଆଲୋକ ସ୍ୱପ୍ନ ଥିଲା,
ଟ୍ରାଫିକର ଲାଇଟ୍ ରେ ତମେ ଚାଲିଗଲ କୁଆଡେ ? ଆଉ ମୁ



ମାସ୍କ ତଳର ସୁନ୍ଦର ମୁଁହ ଟା ଦେଖି ପାରିଲିନି ସିନା,
ଅଧା ଆଖିର ସେ ସୁନ୍ଦର ହସ ରେ ମୋ ଆଖି ରହି ଯାଇଥିଲା |
ଆଜି ଦୁଇ ବର୍ଷ ବିତିଗଲା,
ସେ ରାସ୍ତା ରେ ସବୁ ଦିନ ସେ ସମୟରେ ଗଲେ ବି'
ସେ ହସ କୁ ମୁ ଖୋଜି ପାଉନି ...
ସତେ ଯେମିତି ମୋ ଆଖି ପାଳକ ରେ ଲୁଚି ରହିଛି,
ଯେମିତି ମତେ  ଲାଜ କରି ଆଉ ସାମ୍ନା କୁ ଆସୁନି ।
ଅପେକ୍ଷା ଆଜି ବି କରିଛି,
କେବେ ଫେରିବ ମୋ ଅଧା ଆଖିର ସୌନ୍ଦର୍ଯ୍ୟ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ଶୀତ ମିଆଦ...



ଲିପିକା ବେହେରା
ନରସିଂହପୁର, ଯାଜପୁର

ଶୀତ ସକାଳର ରବିର ତେଜ
ଦେହକୁ ଆରାମ ଲାଗୁଛି
ଘାସ ଉପରେ ତ କାକର ବିଛଣା
ମୁକ୍ତ ପରି ସତେ ଝଲସୁଛି
ରଙ୍ଗ ବେରଙ୍ଗର ଶୀତ ପୋଷାକ
ସଭିଙ୍କ ଦେହେ ଭରିଛି
ବୁଢ଼ା ବୁଢୀ ସବୁ ଗାଁ ଦାଣ୍ଡେ ବସି
ଉହ୍ମେଇ ଜାଳି ନିଆଁ ପୁଅଁନ୍ତି
ନାଲି ଗୁରୁ ଗୁରୁ ପାଚିଲା ଶସ୍ୟରେ
ପୂରିଛି ଆମ କେଦାର
ଚାଷୀ ଭାଇ ମନ ଆନନ୍ଦେ ଉଛୁଳେ
ଯେବେ ଦେଖେ ଶସ୍ୟ ସୁବର୍ଣ୍ଣର
ଶୀତ ସକାଳର ଗରମ ମୁଢ଼ି
ପାଟିକୁ ଲାଗଇ ସୁଆଦ
ଶୀତ ଆସି ପୁଣି ଚାଲିଯାଏ
ଯେବେ ପୁରିଯାଏ ଶୀତ ମିଆଦ ।



# ନାରୀ ତୁ' ମହାନ୍...



ସୀମାଲତା ସାହୁ
ଯାଜପୁର

ଜନନୀ ଭଗିନୀ ପୁଣି ଦୁହିତା ସେ
ସଭିଙ୍କୁ ନିଜର ଭାବିଥାଏ
ଆଜୀବନ ତ୍ୟାଗପୂର୍ଣ୍ଣ ହୋଇଯାଏ
ନାରୀ ଟିଏ ସିଏ ନାରୀ ଟିଏ ।

ବାରମାସେ ତେର ପରବ ରେ
ପୁରାଣ ବେଦ ଅବା ଗୀତା ରେ
ମା' ରୂପେ ସତେ ପୂଜା ପାଏ
ନାରୀ ଟିଏ ସିଏ ନାରୀ ଟିଏ ।

କେବେ ସମର୍ପିତା ସତୀ ହୁଏ
ଗର୍ବୀ ପୁରୁଷ ପ୍ରଧାନ ସମାଜରେ
ନୀରବ ହୋଇ ସବୁ ସହିଯାଏ
ନାରୀ ଟିଏ ସିଏ ନାରୀ ଟିଏ ।

କାହିଁ ତା'ର ପରିଭାଷା ଏବେ
ନାରୀ ଶବଦେ ନିଶ୍ଚଳ ମଉନେ
ଅବ୍ୟକ୍ତ ସେ ଦୁଃଖ ଅନ୍ତର ଦହନେ
ନାରୀ ଟିଏ ସିଏ ନାରୀ ଟିଏ ।

ସବୁଠି ନାରୀ ଧର୍ମ ପାଳନ ରେ
ସେ ଲାଞ୍ଛିତା ଅପମାନିତା ହୁଏ
ସ୍ୱାମୀ ପରିତ୍ୟକ୍ତା ଭାରି କ୍ଲେଶ ପାଏ
ନାରୀ ଟିଏ ସିଏ ନାରୀ ଟିଏ ।

ସବୁ କଷ୍ଟ ସହି ଓଠେ ହସ ଝରୁଥାଏ
ତଥାପି ସେ ଜୀବନ ସଂଗ୍ରାମେ
ବାସ୍ତବ କାହାଣୀ ର ଗାଥା ବହେ
ନାରୀ ଟିଏ ସିଏ ନାରୀ ଟିଏ ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/


# କେତେ ଦୁଃଖ ଆଉ ଦେବ...



ସୁନିତା ଦାଶ
ଭୁବନେଶ୍ୱର

କେତେ ଦୁଃଖ ଆଉ
ଦେବ ମହାବାହୁ
ଦିନୁଦିନ ବଢେ ଜାତନା
ଅନ୍ତର କାନ୍ଦଇ
ପାରୁନାହିଁ ସହି
ଆସେ ମନେ ନାନା ଭାବନା
ଜନମ ଦେଇଛ ବୋଲି
ଦଉଛ ଯାତନା
ସହିବାକୁ ଦିଅ ଶକ୍ତି
ଏତିକି ଯଦି ପାରିବନିକରି
ଜୀବନରୁ ଦିଅ ମାରି

ଲୋଡା ନାହିଁ ମୋର ଏ
ଅଲୋଡା ଜୀବନ
ମୂଲ୍ୟ ହିନ ମୋର ବଞ୍ଚିବା
ଯାହାକୁ ଭାବିଲି ନିଜର
ବଦଳରେ ଖାଲି
ହେଲି ବଡ ମାନ ହୀନ



ଆଖିର ଲୁହ କୁ ଓଠରେ ପିଉଛି
ଆଖି ବଦଳରେ ଆତ୍ମା ମୋ କାନ୍ଦୁଛି
କା ଆଗେ କହିବି କହ
ତୁ ଯଦି ଦୁଃ ଖ ନବୁଝିବୁ କାଳିଆ
ଆଉ କେ ବୁଝିବ କହ ।।

# ଉଦୟ ରାଗ...



**ସୁଜିତ୍ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

ରାତି ପାହି ପାହି ଆସୁଛି ଭାସି ଆସୁଥିବା
ଉଦୟରାଗର ସୁଗମ ସଙ୍ଗୀତରେ ,
ଦୁସ୍ୱପ୍ନ  ଉଭାନ୍,
ଦୁଇ ଆଖି ପତାରେ ମୋ

ଦିବ୍ୟ ଅଞ୍ଜନ,
ଚାରିପଟେ କରୁଣାର କିରଣ ,
ସୁନେଲି ସକାଳ,
ସାତ୍ତ୍ୱିକ କାକରରେ ଧୌତ କଲି ମୁହଁ,
ଉଠେଇଲି ମୋ ଜଡ ପ୍ରାୟ ଅବଶ ଶରୀରକୁ,
ଆବିଷ୍କାର କଲି ମୋ ଚିରା ଫଟା ଚର୍ମ ଉପରେ
ଏକ କୋମଳ ଅନୁରାଗର ଆବରଣ,
ମେଦ ବହୁଳ ଶରୀରକୁ ମାତ ଦେଇ
ମୁଁ ଅନୁଭବୁଥିଲି ଗଡ ଜିଣିବାର ଅପୂର୍ବ ଶିହରଣ ।

ବାଳ ସୂର୍ଯ୍ୟଙ୍କ ଆଖିଠାରରେ
ମୁଁ ହେଉଥିଲି ବଳବାନ,
ବେଦ ଧ୍ୱନିରେ ଅଭିମନ୍ତ୍ରିତ,
ପକ୍ଷୀଙ୍କ କାକଳିରେ ମୁଁ ସଙ୍ଗୀତ ମୟ,
ସୁନେଲି କିରଣର ସିଞ୍ଚନରେ ପୁଳା ପୁଳା ସ୍ୱପ୍ନ,
ମୋ ଭିତରେ ମୁଁ ଅଥୟ,
ଶବରୁ ଶିବ ଆଡକୁ ଧାଉଁଛି ମୋ ପରିଚୟ ।

ମୁଁ ଏବେ ନୀଳ ଆକାଶର ଛାତି
ସମୁଦ୍ରର ଲହରୀ,
ମାଟିର ବାସ୍ନା,
ଫଗୁର ଶାଶ୍ୱତ ରଙ୍ଗ,,,
ମୁଁ ଏବେ ଅଙ୍ଗେ ଅଙ୍ଗେ ଅପୂର୍ବ ଶୃଙ୍ଗାର,
ଆଲୋକିତ ମୋ ଆଭ୍ୟନ୍ତର ।

ରୂପସୀ ରାତିର ମୋହରୁ ମୁଁ ଏବେ ରୂପାନ୍ତର,
ମୋ ଆଖି ଏବେ ଆକାଶର ପକ୍ଷୀ,
ଉଦାସରୁ ଉଲ୍ଲସିତ,
ପଙ୍କକୁ ଆଡେଇ ପଙ୍କଜକୁ ସ୍ପର୍ଶ କରିବାର ଆଃ କି
ମଧୁକ୍ଷରା ମୂହୁର୍ତ୍ତ !

ମୁଁ ଏବେ ଦହନରୁ ମୋହନ
ଅଭାବରୁ ଅଭ୍ୟୁଦୟ
ମୁଁ ମୋ ଭିତରେ, ସଚରାଚରଙ୍କ ମଧରେ
କେବଳ ଭାବାବେଗମୟ ।

# ଆମେ ମୟୂରଭଞ୍ଜିଆ...



ସଂଯୁକ୍ତା ପୃଷ୍ଟି
ବଡ଼ଚାତ୍ର, ମୟୁରଭଞ୍ଜ

ଓଡିଶା ର ତିରିଶି ଜିଲ୍ଲା ମଧ୍ୟେ
ମୟୂରଭଞ୍ଜ ଆମର ପ୍ରଧାନ,
ଏହି ମାଟି ରେ ବଢି ଆମେ
ରଖିବୁ ତାହାର ମାନ ।।
ପଖାଳ ସାଥି ରେ ଆଳୁପୋଡା ସହ
ବଡିଚୁରା ,ଶାଗଭଜା,
ବାଇଗଣ ପୋଡା କାଇ ଚୋଟଣୀ

ମୟୂରଭଞ୍ଜିଆ ଙ୍କ ନୀତି ଖୋଜା ।।
ମୟୂରଭଞ୍ଜ ର କୋଣ ଅନୁକୋଣେ
ମୁଢି ହେଉଛି ରଜା,
ମୁଢି ସାଥିରେ ମାଂସ ପୁଣି
ପିଆଜ ଟିକେ ଖାଇବାକୁ ଲାଗେ ମଜା ।।
ବୁଢାବଳଙ୍ଗ ,ସୁବର୍ଣ୍ଣରେଖା ନଦୀଦ୍ୱୟ
ଯାଉଛନ୍ତି ତହିଁ ବହି ,
ଏହି ନଦୀ ର ମନହୋର ହେଲା
ଆକାର ଆଉ ତାର ଭୂଇଁ ।।
ପୂଜା ପାଉଛନ୍ତି ପାହାଡ଼ ଉପରେ
ପାହାଡ଼ ରାଣୀ ଦେବୀ ଦୁଆରଶୁଣୀ,
ବରେହି ଆକାରେ ଖସୁଛି ପାଣି
ପ୍ରଖ୍ୟାତ ସେହି ଆମ ବରେହିପାଣି ।।
ବଣ ଜଙ୍ଗଲ ଭରା ଆମ ମୟୂରଭଞ୍ଜ
ଶୋଭା ଅଟେ ତାର ଶିମିଳିପାଳ,
ଓଡିଶା ବିଖ୍ୟାତ ଖିଚିଂ ମନ୍ଦିର
ପୂଜା ପାନ୍ତି ମା' କିଚକେଶ୍ୱରୀ କାଳକୁ କାଳ ।।

ରାମତୀର୍ଥ ର ସେ ଅପୂର୍ବ କାହାଣୀ
ଯେଉଁଠି ରହିଛି ଶ୍ରୀରାମ ଙ୍କ ପାଦ ଚିହ୍ନ ,
ଅଜ୍ଞାତବାସ ସମୟେ ଭୀମଙ୍କ ସ୍ନାନ ସ୍ଥାନ
ଯାହାର ନାମ ହେଉଛି ଭୀମକୁଣ୍ଡ ।।
'ଛଉ' ହେଉଛି ଆମ ନୃତ୍ୟ ର ନାମ
ଅଟଇ ଭାରତ ପ୍ରସିଦ୍ଧ,
ଆମେ ଖାଣ୍ଟି ମୟୂରଭଞ୍ଜିଆ
ଆମ ଭାଷା,ଆମ ପରିଚୟ ଆମର ଗର୍ବ ।।
ମୁଖ୍ୟ ଆମର ମକର ପରବ, ଟୁସୁ ମେଳା
ମନଭରି ଖାଉ ଆରିଷା,କାକରା,ମଣ୍ଡା ,
ସେଦିନ ଜାଳୁ ଆମେ ମକର କୁମ୍ଭା
ଆମେ ପରା ଖାଣ୍ଟି ମୟୂରଭଞ୍ଜିଆ ।।

# ସତୀ କିଏ ?...



ଲୋପାମୁଦ୍ରା ମହାପାତ୍ର
ଗଣ୍ଡପଡା, ଗୁଆମାଳ , ଭଦ୍ରକ

ସତୀ କିଏ?
— ସେ ନାରୀ ନୁହେଁ,
ନୀତିର ନାମରେ ନୀରବତାର ଚାରିତ୍ରିକ ଆଇନା..!

ଖବରକାଗଜର ପୃଷ୍ଠାରେ 'ସତୀ' ଶବ୍ଦଟି ଆଜି ନୂଆ ପ୍ରଶ୍ନ ଉଠାଏ। ଏହା କୌଣସି ଧାର୍ମିକ ଚିହ୍ନ କିମ୍ବା ପରମ୍ପରାର ଆଡ଼ମ୍ବର ନୁହେଁ; ସତୀର ମୂଳ ଅର୍ଥ ହେଉଛି ସତ୍ୟ, ନିଷ୍ଠା ଓ ନୈତିକ ସାହସ—ଯାହା ସମୟ ଓ ସମାଜକୁ ଅତିକ୍ରମ କରେ।

ଯେତେବେଳେ କେହି ନାରୀ ନିଜ ସ୍ୱାମୀଙ୍କୁ ଧୋକା ଦେଇ ପର ପୁରୁଷଙ୍କ ସହ ସମ୍ପର୍କ ଗଢ଼ନ୍ତି, ସେଠାରେ ପ୍ରଶ୍ନଟି କେବଳ ସମ୍ପର୍କର ନୁହେଁ—ନୀତିର ମଧ୍ୟ। ଧୋକା ଯେକୌଣସି ସମ୍ପର୍କକୁ ଅନ୍ତଃସାରଶୂନ୍ୟ କରିଦିଏ। ନା'ରେ ସତୀ ଥିଲେ ମଧ୍ୟ, କାର୍ଯ୍ୟରେ ଯଦି ସତ୍ୟତା ନାହିଁ, ତେବେ ସେଇ ଶବ୍ଦ ନିଜେ ଅର୍ଥ ହରାଇଥାଏ।

ତଥାପି ଏହି ନୀତିକୁ କେବଳ ନାରୀଙ୍କ ଉପରେ ଲାଗୁ କରିବା ମଧ୍ୟ ଏକ ବଡ଼ ଅନ୍ୟାୟ। ପୁରୁଷ ଯଦି ସେଇପରି ଧୋକା ଦିଏ, ସେ ମଧ୍ୟ ସମାନ ଭାବେ ନୈତିକ ଦୋଷୀ। ଧୋକାର କୌଣସି ଲିଙ୍ଗ ନାହିଁ; ଏହା ଚରିତ୍ରର ପ୍ରଶ୍ନ। ନୀତି ଲିଙ୍ଗଭିତ୍ତିକ ନୁହେଁ, ମନୁଷ୍ୟଭିତ୍ତିକ।

ବିବାହ ହେଉଛି ଦୁଇଜଣଙ୍କ ମଧ୍ୟରେ ସମ୍ମତି, ସମ୍ମାନ ଓ ସତ୍ୟର ଏକ ସାମାଜିକ ଚୁକ୍ତି। ଯଦି ପ୍ରେମ ଶେଷ ହୋଇଯାଏ, ତେବେ ଧୋକା ନୁହେଁ—ସ୍ପଷ୍ଟ କଥା, ସାହସିକ ସିଦ୍ଧାନ୍ତ ଓ ଦାୟିତ୍ୱବୋଧ ହିଁ ସଠିକ୍ ପଥ। ମୌନ ରହି ଅନ୍ୟାୟ କରିବା କେବେ ମଧ୍ୟ ନୀତି ହୋଇପାରେ ନାହିଁ।
ସେହିପରି, ସତୀ ହେବାର ଅର୍ଥ କେବଳ ଏକ ସାମାଜିକ ଟ୍ୟାଗ ବହନ କରିବା ନୁହେଁ, ବରଂ ନିଜ ଆତ୍ମା ସହ ନିରନ୍ତର ସାକ୍ଷାତକାର କରିବା। ଯେଉଁଠି ସତ୍ୟ ଅସୁବିଧାଜନକ ହୁଏ, ସେଠି ଧୋକା ସହଜ ଲାଗେ; କିନ୍ତୁ ସହଜ ପଥ ସବୁବେଳେ ନୀତିର ପଥ ନୁହେଁ।

ଧୋକା ମଣିଷକୁ ମୁକ୍ତ କରେ ନାହିଁ—ଏହା କେବଳ ଆତ୍ମାକୁ ଧୀରେଧୀରେ ଶୂନ୍ୟ କରେ। ସତ୍ୟ ଯଦିଓ କଠୋର, ତଥାପି ସେଇ ସତ୍ୟ ମାତ୍ର ମଣିଷକୁ ଆତ୍ମସମ୍ମାନ ଦେଇପାରେ। ଏହି ଦୃଷ୍ଟିରୁ 'ସତୀ' କୌଣସି ଲିଙ୍ଗ-ନିର୍ଦ୍ଧାରିତ

ପରିଭାଷା ନୁହେଁ, ଏହା ଏକ ନୈତିକ ଅବସ୍ଥା—ଯେଉଁଠି ମଣିଷ ଧୋକା ଅପେକ୍ଷା ସତ୍ୟକୁ ବାଛେ, ଭୟ ଅପେକ୍ଷା ସାହସକୁ ବରଣ କରେ।

ସମାଜ ଯେତେବେଳେ ସତୀକୁ କେବଳ ନାରୀର ଦାୟିତ୍ୱ କରିଦିଏ, ସେତେବେଳେ ନୀତି ଧର୍ମ ନୁହେଁ—ଦ୍ୱମୁହାଁ ହୋଇଯାଏ। ଇସଲ ସତୀତ୍ୱ ହେଉଛି—ନିଜ ଇଚ୍ଛା, ନିଜ ସମ୍ପର୍କ ଓ ନିଜ ସିଦ୍ଧାନ୍ତ ପ୍ରତି ସମ୍ପୂର୍ଣ୍ଣ ଦାୟିତ୍ୱ ନେବା। ସେଇ ଦାୟିତ୍ୱବୋଧ ଯେଉଁଠି ଅଛି, ସେଠି ମାତ୍ର ନୀତି ଜୀବନ୍ତ ରହେ—ନହେଲେ 'ସତୀ' ଶବ୍ଦଟି ମଧ୍ୟ ଗୋଟିଏ ଖାଲି ଆଡ଼ମ୍ବର ହୋଇ ରହିଯାଏ।

ଅନ୍ତତଃ ପ୍ରଶ୍ନଟି 'ସତୀ କିଏ?'
ନୁହେଁ—ପ୍ରଶ୍ନଟି ହେଉଛି, ଆମେ କେତେ ସତ୍ୟବାଦୀ ମଣିଷ। ସମ୍ପର୍କ ଯେତେବେଳେ ଦମ୍ଭ, ଭୟ ଓ ଲୋକଲଜ୍ଜାର ଭାର ବୋହେ, ସେତେବେଳେ ନୀତି ଶବ୍ଦକୋଷରେ ରହିଯାଏ, ଜୀବନରେ ନୁହେଁ।

ଧର୍ମ, ପରମ୍ପରା ଓ ସମାଜ—ତିନିଟି ଯଦି ମଣିଷକୁ ସତ୍ୟ କହିବାର ସାହସ ଦେଇପାରୁନାହିଁ, ତେବେ ସେମାନେ ନୀତିର ପାଳକ ନୁହେଁ, ନୀରବ ସହଭାଗୀ। ଏବଂ ସେଇ ନୀରବତା ହିଁ ଧୋକାକୁ ସାଧାରଣ କରେ, ପାପକୁ ପ୍ରଥା କରେ।

ସତୀତ୍ୱ କୌଣସି ମୂର୍ତ୍ତି ନୁହେଁ ଯାହାକୁ ପୂଜା କରାଯାଏ, ଏହା ଗୋଟିଏ ଜୀବନ-ଦୃଷ୍ଟି—ଯେଉଁଠି ମଣିଷ ନିଜ ଇଚ୍ଛାକୁ ସ୍ୱୀକାର କରେ, କିନ୍ତୁ ଧୋକାକୁ ଅସ୍ୱୀକାର କରେ। ସତ୍ୟକୁ ବାଛିବାର ମୂଲ୍ୟ ଦେବାକୁ ଯେଉଁମାନେ ପ୍ରସ୍ତୁତ, ସେମାନେ ମାତ୍ର ନୀତିର ଉତ୍ତରାଧିକାରୀ।

ସମାଜ ଯେତେଦିନ 'ନାମ'କୁ 'ନୀତିପେକ୍ଷ' ଭାରୀ କରି ରଖିବ, ସେତେଦିନ ସତୀ ଶବ୍ଦଟି ଆଡ଼ମ୍ବର ହୋଇ ରହିବ। ଯେଦିନ ଆମେ ସମ୍ପର୍କରେ ସତ୍ୟକୁ ପ୍ରଥମ ସ୍ଥାନ ଦେବୁ, ସେଦିନ ସତୀତ୍ୱ ଶବ୍ଦ ନୁହେଁ—ଚରିତ୍ର ହେବ।

ମହ୍ଲାର' ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ଜୀବନ ରେଖା...



ଗୋବର୍ଦ୍ଧନ ସେନାପତି
ନୂଆଦିଲ୍ଲୀ

ମୁଁ ପଥିକଟିଏ,
ଚାଲିଛି, ଚାଲିବି
ପଥ କେତେଦୂର ।
ଭେଟିଛି, ଭେଟିବି
କେତେ ଶିଳାଖଣ୍ଡ

ନିସ୍ତବ୍ଧ ରାସ୍ତାର ।।
ଏକୁଡିଶାଳରୁ
ଜୀବନରେଖା ଆରମ୍ଭ
ଶେଷ ହେବ ଶ୍ମଶାନ ପାଖରେ ।
କେତେ ଝରକା,
କେତେ ଭିନ୍ନ ଦୁଆର
କେତେ ପାହାଚ ଚଢିବାକୁ ପଡିବ ବାଟରେ ।।
ଏଇଠି ଅସୁମାରି ଆଶା
ଅସୀମ ସ୍ୱପ୍ନ
ବୟସର ସଂକ୍ଷିପ୍ତକରଣରେ ।
କେବେ ଅଳ୍ପ ବିରାମ,
କେବେ ପୂର୍ଣ୍ଣ ବିରାମ,
ଶୃଙ୍ଖଳିତ ଜୀବନ ବିତାଇବାରେ ।।

କେତେ ଝଡ଼ଝଞ୍ଜା
କେତେ ଝାଞ୍ଜି ପବନ
ତଥାପି ରହେ ନବପ୍ରଭାର ସ୍ୱପ୍ନ ।
ବେସାହାରା କୁ ସାହାରା
ଜୀବନପଥ ଯାଯାବର

ହେଲେ ଜୀବନରେଖାର ରହେ ସମୟଚିହ୍ନ ।।
ସେହି ସମୟଚିହ୍ନରେ
ହୃଦୟେ ବାନ୍ଧେ ଆପଣାର
ପ୍ରେମର ପ୍ରତୀକ ଆଲୋଡନ ।
ଏହି ଜୀବନରେଖା
ମନରେ ଭରସା ଭରେ
ଗ୍ରୀଷ୍ମ,ବର୍ଷା, ଶୀତ ସାଥେ ବସନ୍ତର ମଳୟ ପବନ ।।

# ଫରକ...



ସୁବ୍ରତ କୁମାର ଜେନା
ଶୂରଡିହ,ନନ୍ଦିପୁର,ଯାଜପୁର

ବାସ୍ ଫରକ ଏତିକି
ମତେ ଅହରହ ବ୍ୟତିବ୍ୟସ୍ତ କରୁଥିବା
ଶବ୍ଦଗୁଡ଼ାକର ଜନନୀ ତୁ
ସର ସର କରି ଅନବରତ

କଲମର ସ୍ୟାହି ଭଳି ଯା'ର ଗାରେଇବାର ଅଭ୍ୟାସ
ଆଉ ମୁଁ
ସବୁକୁ ସହିବାର କ୍ଷମତା ଓ ମାନସିକତା ରଖୁଥିବା
ବିଚରା ମାଟିଖଣ୍ଡ ପରି ପୁରୁଷଟେ,
ତେଣିକି କହିପାରୁ ମତେ ଯେତେ ମୂର୍ଖ !

ମନ ହେଲେ ଉଜାଡ଼ି ଦେଉଥିବା
ଅଚନାକ୍ ସବୁକୁ ଗୋଟେ ଜାଗାରେ ବାନ୍ଧି
କିଛି ସମୟ ମଉଜ କରିବାରେ ଅଭ୍ୟସ୍ତ
ତୁ ଗୋଟେ ଆଦିନିଆ ଚଲା ମେଘ
ଆଉ ମୁଁ
ଗ୍ରୀଷ୍ମରେ ତାପିତ ବକ୍ଷରେ
ତୋ ସବୁ ବାଦ- ଅପବାଦ,ପ୍ରଶଂସା-ନିନ୍ଦାକୁ
ଆପଣେଇ ନେଇ
ତୋ ପହିଲି ଛିଟାରେ ପ୍ରତି ମୁହୂର୍ତ୍ତ ବତୁରି
ଭିଜା ମାଟିର ବାସ୍ନାରେ
ସଭିଙ୍କୁ ଆହ୍ଲାଦିତ କରିବାର ଛୋଟିଆ ପ୍ରୟାସଟିଏ ମାତ୍ର ।

ତୁ ଇଚ୍ଛା ହେଲେ
ମତେ ମହାନ କର ଅବା
ରସାତଳ କର ତୋରି ଖୁସିରେ
ମୁଁ କିନ୍ତୁ ସବୁ ସହିଯିବି
ତୋ ଚିତ୍ର ଚରିତ୍ରର ବାସ୍ତବତାର
ସେପାଖେ
ହୁଏତ ପାଦ ଚଲା ବାଟରେ ଧୂଳିଟିଏ
ହେଇ
ଅବା ସୁଗନ୍ଧିତ ଫୁଲର ବାସ୍ନାଭରା
ମନଟେ ହେଇ
ରହିଥିବି ତୋ ଅନ୍ତରର ମୋ
ମହଲାରେ ।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ଅଭିନନ୍ଦନ


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଲକ୍ଷ୍ମୀଧର ଚାନ୍ଦ
MAR - 03
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଭବରଞ୍ଜନ ସାମଲ
MAR - 04
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ପ୍ରତିମା ପାତ୍ର
MAR - 05
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ସବିତା କବି
MAR - 05
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/

# ଅଭିନନ୍ଦନ


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଶିଳ୍ପାଲିପି ବେହେରା
MAR - 07
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଳାପଥ କୁସୁମିତ କରନ୍ତୁ...
malhar magazine/



MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ସୁଭଦ୍ରା ସାହୁ
MAR - 11
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଳାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ସସ୍ମିତା ପଣ୍ଡା
MAR - 13
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଳାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଅଶୋକ କୁମାର ବାରିକ
MAR - 16
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଳାପଥ କୁସୁମିତ କରନ୍ତୁ...
malhar magazine/

# ଅଭିନନ୍ଦନ


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ରାଜେଶ କୁମାର ଗୁରୁ
MAR - 16
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଶରତ ଚନ୍ଦ୍ର ବାଗ
MAR - 20
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଅଭିପ୍ସା ଧଳ
MAR - 21
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ମଦନ ହରିଜନ
March - 21
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/

# ଅଭିନନ୍ଦନ



MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ପ୍ରଶାନ୍ତ କୁମାର ଜେନା
March - 22
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ପ୍ରଣତି ସେଠୀ
March - 27
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ହିମାଞ୍ଚଳ ନାଗ
March - 28
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ସ୍ୱାତିଶ୍ରୀ ପରିଜା
March - 30
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/

# ଅଭିନନ୍ଦନ


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଜିତେନ୍ଦ୍ର ସାହୁ
APRIL - 03
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଧୃରୋଜ କୁମାର ପାତ୍ର
APRIL - 10
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ସୁକନ୍ୟା ବରାଳ
APRIL - 14
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ତ୍ରିନାଥ ନନ୍ଦୀ
APRIL - 15
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/

# ଅଭିନନ୍ଦନ


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଜ୍ୟୋତିରଞ୍ଜନ ତ୍ରିପାଠୀ
APRIL - 20
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar_magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ସରସ୍ୱତୀ ମେହେର
APRIL - 20
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar_magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ସତ୍ୟବ୍ରତ ବେହେରା
APRIL - 21
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar_magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ମମତା ବଗର୍ତ୍ତୀ
APRIL - 27
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar_magazine/

# ଅଭିନନ୍ଦନ


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଦିବ୍ୟଦର୍ଶନ ବିଶ୍ୱାଳ
MAY - 04
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଲୀଳାବତୀ ପାଢ଼ୀ
MAY - 04
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଶକ୍ତି ଆଶିଷ ମହାପାତ୍ର
MAY - 07
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଦେବବ୍ରତ ସ୍ୱାଇଁ
MAY - 10
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...
malhar magazine/

# ଅଭିନନ୍ଦନ


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଆଲୋକ କୁମାର ମୁଦୁଲି
MAY - 17
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ରଞ୍ଜନ ଗୌଡ଼
MAY - 22
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଅଜିତ୍ କୁମାର ମୁଖି
MAY - 23
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/


MALHARODIA.COM
ଜନ୍ମଦିନର ଅଭିନନ୍ଦନ...
ଚନ୍ଦନ କୁମାର ବେହେରା
MAY - 28
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ-ଜନ୍ମଦିନର
ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା...
ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର
ଚଲାପଥ କୁସୁମିତ କରନ୍ତୁ...
malhar magazine/

ମହ୍ଲାର ପତ୍ରିକାର ଆଗାମୀ ୧ ୪ ତମ ସଂସ୍କରଣରେ ନିଜର ଲେଖା ଦେବାକୁ ଚାହୁଁଥିଲେ ଯୋଗାଯୋଗ କରନ୍ତୁ...

ଯୋଗାଯୋଗ  କରିବା  ନିମିତ୍ତ

ହ୍ୱାଟ୍ସଆପ : ୮୩୨୮୯୫୧୨୨୯

ଇ-ମେଲ : Malharmagazine@Gmail.Com

ୱେବସାଇଟ : WWW.MALHARODIA .COM

ମହ୍ଲାର ଇ-ପତ୍ରିକାର ୧ ୪ତମ ମାର୍ଚ୍ଚ ସଂସ୍କରଣ  " ନବପ୍ରଭା" ଆପଣଙ୍କୁ କେମିତି ଲାଗିଲା, ଆପଣଙ୍କ ମୂଲ୍ୟବାନ ମତାମତ ନିଶ୍ଚିତ ଦେବାକୁ ଅନୁରୋଧ ...



MSME
ତ୍ରୈ-ମାସିକ ଇ-ପତ୍ରିକା
ନବପ୍ରଭା